ଭକ୍ତକୁଳ ଗୌରବ

କର୍ମଯୋଗୀ

ସ୍ୱଶୀଳଚନ୍ଦ୍ର

ହେଲେ ତୁମେ ଇଷ୍ଟପ୍ରାଣ
ହେବହିଁ ଧନ୍ୟ ଜ୍ୟୋତିଷ୍ମାନ୍
– ଶ୍ରୀଶ୍ରୀ ଠାକୁର

Scanned by CamScanner

ଉତ୍କଳକୁଳ ଗୌରବ କର୍ମଯୋଗୀ

ସୁଶୀଳ ଚନ୍ଦ୍ର

ସଂଗ୍ରାହକ ଓ ଅନୁବାଦକ :

ଯାଜକ **ଶଶୀକାନ୍ତ ପ୍ରଧାନ**

ବି. ଏସ୍. ସି. (ଡର୍ଷ୍ଟଙ୍କସନ) ବିଂ ଇଡ.

ପ୍ରହ୍ଲକାରୀ ବିଜ୍ଞାନ ଶିକ୍ଷକ

ନିଗମାନନ୍ଦ ଉଚ୍ଚ ଇଂରଜୀ ବିଦ୍ୟାଳୟ, ସମ୍ଭତିଆ, ନାମ୍ପୋ,

ଜଳେଶ୍ୱର, ବାଲେଶ୍ୱର ।

Scanned by CamScanner

"ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତିରେହିଁ
ଜୀବନର ସୌନ୍ଦର୍ଯ୍ୟ ଓ ସାର୍ଥକତା"

Scanned by CamScanner

ଉତ୍ସର୍ଗ

ଯେଉଁ ଅଦୃଶ୍ୟ ଶକ୍ତିର ଇଙ୍ଗିତ ତଥା ନିର୍ଦ୍ଦେଶ ବଳରେ ଆଜି ତାଙ୍କର
ପ୍ରିୟଭକ୍ତ ସୁଶୀଲ ଚନ୍ଦ୍ର ବସୁଙ୍କ ଜୀବନୀ **"ଭକ୍ତକୁଳ ଗୌରବ
କର୍ମଯୋଗୀ ସୁଶୀଲଚନ୍ଦ୍ର"** ନୂତନ ରୂପ ନେଇ ପାରିଛି
ସେହି ସଚ୍ଚିଦାନନ୍ଦ ପରମ ପୁରୁଷ ପୁରୁଷୋତ୍ତମ ଶ୍ରୀ ଶ୍ରୀ
ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶ୍ରୀ ପାଦ ପଦ୍ମରେ
ଉତ୍ସର୍ଗ କରି ତାଙ୍କରି କୃପା ଭିକ୍ଷା କରୁଛି ।

ଦୀନ ସେବକ
'ଶଶୀକାନ୍ତ'

Scanned by CamScanner

ସଂଗ୍ରାହକଙ୍କ ଅଭିବ୍ୟକ୍ତି

ଆଜକୁ କୋଡ଼ଏ ବର୍ଷ ତଳେ ଅର୍ଥାତ ୧୯୭୬ ମସିହା ନଭେମ୍ବର ୭ ତାରିଖ ଦିନ ମୋର ଅସଜଡା ଜୀବନକୁ ସଜାଡ଼ିବା ପାଇଁ ଜେଉଁ ଏକ ଶୁଭ ମୁହୂର୍ତ୍ତରେ ପରମ ପ୍ରେମମୟ **ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କୁ** ମୋ ଜୀବନର କୀଳକେନ୍ଦ୍ର ତଥା ଜୀବନ୍ତ ଆଦର୍ଶ ରୂପେ ବରଣ କରି ନେଇଥିଲି ମୋର ପୂଜ୍ୟ ଋତ୍ୱିକ ଦେବ ପ୍ରାଧ୍ୟାପକ ଶ୍ରୀଯୁକ୍ତ ପୀତାମ୍ବର ମହାକୂଳଙ୍କ ମାଧ୍ୟମରେ । ଯିଏ କି ଅଧୁନା ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଦର୍ଶନ ବିଭଗର ମୁଖ୍ୟ ଭବରେ କାର୍ଯ୍ୟରତ ଅଛନ୍ତ । ତାଙ୍କରି ପାଖରୁ ସତ୍‌ମନ୍ତ୍ରରେ ଅଭିମନ୍ତ୍ରିତ ହେଲା ଦିନଠାରୁ ସେ ମୋର ପ୍ରତ୍ୟକ୍ଷ Guide (ଗ୍ଭଳକ)ରୂପେ ମୋ ପଛେ ପଛେ ରହି ମୋର ଅସଜଡା ଜୀବନକୁ ସଜାଡ଼ିବା ପାଇଁ ଏବଂ ପ୍ରବୃତ୍ତି ମୁଖୀ ଜୀବନକୁ ଇଷ୍ଟମୁଖୀ କରି ଧରି ରଖିବାକୁ ସର୍ବଦା ଚେଷ୍ଟା କରି ଆସୁଛନ୍ତ । ଶ୍ରୀ ଶ୍ରୀ ଠାକୁରଙ୍କୁ ଧରି ତାଙ୍କରି ନିର୍ଦ୍ଦେଶିତ ପଥରେ ଅଗେଇବାରେ ମୋର ଋତ୍ୱିକଦେବଙ୍କଠାରୁ ପାଇଛି ଅଜସ୍ର ପ୍ରେରଣା ଓ ଅସୀମ ଉତ୍ସାହ ।

ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁରଙ୍କ ଅନ୍ତରଙ୍ଗ ଭକ୍ତ ଅନନ୍ତ ମହାରଜଙ୍କ ଜୀବନୀ "ଭକ୍ତକୁଳ ତିଳକ ଅନନ୍ତ ମହାରଜ" ଲେଖିବାର ଗୁରୁଦାୟୀତ୍ୱ ତୁଲାଇବାକୁ ସଫଳ ହେବା ପରେ ପରେ ମୋ ଉପରେ ପୁଣି ଅନ୍ୟ ଏକ ଗୁରୁ ଦାୟୀତ୍ୱର ଭର ଅର୍ପଣ କରିଥିଲେ ମୋର ପୂଜ୍ୟ ଋର୍ତ୍ୱିକ ଦେବ ଅର୍ଥାତ ଶ୍ରୀ ଶ୍ରୀ ଠାକୁରଙ୍କ ଅନ୍ୟତମ ଅନ୍ତରଙ୍ଗ ଭକ୍ତ କର୍ମଯୋଗୀ ସୁଶୀଲ ଚନ୍ଦ୍ର ବସୁଙ୍କ ଜୀବନ କାହାଣୀ ଓ ସମସ୍ତ ଘଟଣାବଳୀକୁ ବିଭିନ୍ନ ପୁସ୍ତକ ପୁସ୍ତିକାରୁ ସଂଗ୍ରହ କରି ତାକୁ ଓଡ଼ିଆ ଭାଷାରେ ଭାଷାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜି ତାହା ବାସ୍ତବରୂପ ନେବାକୁ ଯାଉଛି । ତାହା ହେଉଛି **"ଭକ୍ତ କୁଳ ଗୌରବ କର୍ମଯୋଗୀ ସୁଶୀଲ ଚନ୍ଦ୍ର"** । ଏତେ ବଡ ଗୁରୁ ଦାୟୀତ୍ୱକୁ କାନ୍ଧରେ ବହନ କରିନେଇ ତାକୁ ବାସ୍ତବାୟିତ କରିପାରିବି ବୋଲି ସେତେ-ବେଳେ ମୁଁ ତାହା ଭାବି ପାରି ନଥିଲି । କିନ୍ତୁ ମୋ ଜୀବନରେ ଏକାନ୍ତ ଆଗ୍ରଧ୍ୟ

Scanned by CamScanner

ଦେବତା ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅପାର କରୁଣା ଓ ଆଶୀର୍ବାଦ, ତଥା ମୋର ଚିରପୂଜ୍ୟ ଋତ୍ୱିକ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ପ୍ରେରଣା ଓ ଆଶୀର୍ବାଦ ବଳରେ ଆଜି ତାଙ୍କର ସେହି ମହାନ ସଦିଚ୍ଛାକୁ ପୂରଣ କରିବାରେ ସମର୍ଥ ହୋଇ ପାରିଛି ।

ପ୍ରତ୍ୟେକ ଯୁଗରେ ଦେଖାଯାଇଛି ଯେ ଭକ୍ତହିଁ ଭଗବାନଙ୍କୁ ପ୍ରତିଷ୍ଠା କରି ଆସିଛନ୍ତି । ସେହିପରି ବର୍ତ୍ତମାନ ଯୁଗ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କୁ ଯେଉଁ ସବୁ ଭକ୍ତମାନେ ପ୍ରତିଷ୍ଠା କରିବାରେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି ସେମାନେ ହେଲେ— ମହାରାଜ ଅନନ୍ତ ନାଥ ରାୟ, ଭକ୍ତବୀର କିଶୋରୀ ମୋହନ ଦାସ, ଆଚାର୍ଯ୍ୟ ସତୀଶ ଚନ୍ଦ୍ର ଗୋସ୍ୱାମୀ, ଋତ୍ୱିଗାଚାର୍ଯ୍ୟ କୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ ଓ କର୍ମଯୋଗୀ ସୁଶୀଲ ଚନ୍ଦ୍ର ବସୁ । ଏହି ପାଞ୍ଚଜଣ ଭକ୍ତଙ୍କୁ ସତସଙ୍ଗର ପଞ୍ଚପୂରୀ ବୋଲି କୁହାଯାଏ । ଏମାନେ ତପଃ ସିଦ୍ଧ ଦେବତା ବିଶେଷ । ଏମାନଙ୍କୁ ବାଦ ଦେଇ ଶ୍ରୀ ଶ୍ରୀ ଠାକୁରଙ୍କୁ ବୁଝିବା ଓ ସତସଙ୍ଗ ସମ୍ବନ୍ଧରେ ସମ୍ୟକଜ୍ଞାନ ଲାଭ କରିବା ସମ୍ଭବ ବୋଲି ମନେ ହୁଏନା । ଏହି ଭକ୍ତମାନଙ୍କ ଜୀବନୀ ଓ ଠାକୁରଙ୍କ ସହିତ ଏମାନଙ୍କର ସମ୍ପର୍କ ବିଷୟରେ ଜାଣିଲେ ଆମ୍ଭମାନଙ୍କ ଇଷ୍ଟପ୍ରାଣତା ଆହୁରି ବଢ଼ିପାରିବ ଏବଂ ଠାକୁରଙ୍କୁ ମଧ୍ୟ ଭଲ ଭାବରେ ବୁଝି ହେବ । ତେଣୁ ଏହି ଆଶା ନେଇ ସତ୍ସଙ୍ଗ ଆଶ୍ରମ ତରଫରୁ ଏହିଭଳି ଏକ ଦୃଢ଼ ପଦକ୍ଷେପ ନିଆଯାଉଛି । ଏମାନଙ୍କ ଜୀବନୀ ଗ୍ରନ୍ଥ ପ୍ରଣୟନ ଓ ସ୍ମୃତି ରକ୍ଷାର ଯଥାଯଥ ବ୍ୟବସ୍ଥା ଅଦ୍ୟପି ହୋଇ ପାରିନାହିଁ । ଏମାନଙ୍କ ମଧ୍ୟରୁ ଅନ୍ୟତମ ଭକ୍ତ ସର୍ବକାରଣ ଦୟାଳ ଠାକୁରଙ୍କ ପାର୍ଥ ସଖା— ସଂଗଠନ ପର୍ବର ସର୍ବଶ୍ରେଷ୍ଠ କର୍ମୀ- ନବ କୁରୁକ୍ଷେତ୍ରର ସମର ନାୟକ ଥିଲେ କର୍ମଯୋଗୀ ସୁଶୀଲ ଚନ୍ଦ୍ର ବସୁ । ନିଜ ଉପରେ ନିୟନ୍ତ୍ରଣ ରଖି ସ୍ୱୟଂ କଷ୍ଟ ଭୋଗକରି ସୁଦ୍ଧା ଅନ୍ୟକୁ ଆନନ୍ଦ ଦେବାରେ ସେ ସର୍ବଦା ନିଜ ଜୀବନକୁ ସାର୍ଥକ ମଣୁଥାଆନ୍ତ । ତେଣୁ ତାଙ୍କୁ କର୍ମଯୋଗୀ କହିବା ଯଥାର୍ଥ ।

ଶ୍ରୀ ଶ୍ରୀ ଠାକୁର ଯେତେବେଳେ ଯେଉଁଠାକୁ ଯାଉଥାଆନ୍ତ ସେ ସର୍ବଦା ସହଚର ରୂପେ ତାଙ୍କ ପାଖରେ ରହୁଥାଆନ୍ତ, ନାମ ଧ୍ୟାନରେ ପ୍ରାୟହିଁ ଡୁବି ରହୁଥାଆନ୍ତ—ଦର୍ଶନ ଅନୁଭୂତି ମଧ୍ୟ ତାଙ୍କର ଯଥେଷ୍ଟ ହୋଇଛି । ଶ୍ରୀ ଶ୍ରୀ

Scanned by CamScanner

ଠାକୁରଙ୍କ ପାଖକୁ ଆସିବା ଦିନ ପାଖରୁହିଁ ସେ ସ୍ୱପାକୀ ଏବଂ ବ୍ରହ୍ମଚର୍ଯ୍ୟ ପରାୟଣ। ତାଙ୍କର ଲୋକପ୍ରୀତି ଅସାଧାରଣ ଥିଲା। ଶ୍ରୀ ଶ୍ରୀ ଠାକୁରଙ୍କ ଲୀଳା ପାର୍ଷଦ ତିନିଜଣଙ୍କ ପରେହିଁ ସତ୍‌ସଙ୍ଗୀ ଜନଗଣଙ୍କ ନିକଟରେ ସେ ଥିଲେ ଭକ୍ତିର ଉଚ୍ଚ ଆସନରେ ସମାରୂଢ। ଅହମିକାର କୌଣସି ପ୍ରଶ୍ନ ମଧ୍ୟ ତାଙ୍କର ନଥିଲା। 'ବିଦ୍ୟା ଦଦାତି ବିନୟମ୍'— ଏହି ଉକ୍ତିହିଁ ଯେମିତି ତାଙ୍କ ବ୍ୟକ୍ତିତ୍ୱରେ ସାର୍ଥକ ହୋଇ ଉଠିଥିଲା।

ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଦେଶ କ୍ରମେ ସେ ଦୁଇଟି ବିଷୟରେ ଗବେଷଣା କରିଥିଲେ— ଜାତିସ୍ମରତା (ମନୁଷ୍ୟର ମୃତ୍ୟୁଭେଦୀ ସ୍ମରଣ ଶକ୍ତି) ଓ ଭୃଗୁ-ରଚିତ ଜୋତିଷ ଶାସ୍ତ୍ର। ତାଙ୍କ ଦ୍ୱାରା ରଚିତ 'ଜାତିସ୍ମର କଥା' ଓ 'ରଜସ୍ଥାନେର ପଥେ' ଏହି ଦୁଇଟି ପୁସ୍ତକରେ ତାହା ବର୍ଣ୍ଣିତ ହୋଇଛି। ଶ୍ରୀ ଶ୍ରୀ ଠାକୁରଙ୍କର 'କଥା ପ୍ରସଙ୍ଗେ' ବହିର ପ୍ରଶ୍ନକର୍ତ୍ତା ଓ ପାଦଟିକା ସଂଯୋଜକ ମଧ୍ୟ ଥିଲେ ସୁଶୀଲ ଚନ୍ଦ୍ର। ଜୀବନର ଶେଷ ପର୍ଯ୍ୟାୟରେ ସତ୍‌ସଙ୍ଗର ଅତୀତ ଇତିହାସକୁ ସେ 'ମାନସ ତୀର୍ଥ ପରିକ୍ରମା' ବହିରେ ପ୍ରକାଶ କରିଛନ୍ତି। ଏହିପରି ଭବରେ ଶ୍ରୀ ଶ୍ରୀ ଠାକୁରଙ୍କ ସେବାରେ ଓ ସାହଚର୍ଯ୍ୟରେ ସୁଶୀଲ ଚନ୍ଦ୍ର ଦୀର୍ଘ୍ୟ ପଚାଶରୁ ଉର୍ଦ୍ଧ୍ୱ ବର୍ଷ ପର୍ଯ୍ୟନ୍ତ ନିଜକୁ ନିୟୋଜିତ କରିଛନ୍ତି।

ତେଣୁ ଏହି ମହାନ ଭକ୍ତଙ୍କ ଜୀବନୀ ''ଭକ୍ତକୁଳ ଗୌରବ କର୍ମଯୋଗୀ ସୁଶୀଲ ଚନ୍ଦ୍ର'କୁ ଓଡିଆ ଭାଷାରେ ଭାଷାନ୍ତର କରିବାକୁ ପ୍ରୟାସ କରିଲି। ଏହାର ପାଣ୍ଡୁଲିପି ଲେଖିବା କାର୍ଯ୍ୟ ଶେଷ ହେବାର ଅବ୍ୟବହିତ ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୬୬ ତାରିଖରେ ମୋର ପିତୃ ବିୟୋଗ ହେଲା। ସେତିକି-ବେଳେ ପାଣ୍ଡୁଲିପିକୁ ନିରୀକ୍ଷଣ କରିବା ଓ Proof କପିକୁ ନିରୀକ୍ଷଣ କରିବାରେ ବହୁତ କଷ୍ଟ ସ୍ୱୀକାର କରି ଯେଉଁମାନେ ଏହାକୁ ଜୀବନ୍ତ ରୂପ ଦେବାରେ ସହାୟକ ହୋଇଛନ୍ତି ସେମାନେ ହେଲେ ମୋର ପୂଜ୍ୟ ଅଗ୍ରଜ ଅଧ୍ୟର୍ଯ୍ୟୁ ଶ୍ରୀଯୁକ୍ତ ରଧାକାନ୍ତ ପ୍ରଧାନ, ଅଗ୍ରଜ ପ୍ରତିମ ଗୁରୁଭ୍ରାତା ଯାଜକ ଶ୍ରୀଯୁକ୍ତ ଗଜକିଶୋର ସିଂହ ଯିଏକି ଦକ୍ଷିଣ-ପୂର୍ବ ରେଳବାଇ ବିଭାଗ ଜଳେଶ୍ୱର ଷ୍ଟେସନରେ ସୁଇଚ୍ ମ୍ୟାନ୍ ରୂପେ କାର୍ଯ୍ୟରତ, ମାଳିପାଳ ବ୍ରଜେଶ୍ୱରୀ ମଧ୍ୟ ଇଂରଜୀ ବିଦ୍ୟାଳୟର ସହକାରୀ ପ୍ରଧାନ ଶିକ୍ଷକ ଅଗ୍ରଜ ତୁଲ୍ୟ

Scanned by CamScanner

॥ ଋଣ ॥

ଗୁରୁଭ୍ରାତା ଶ୍ରୀଯୁକ୍ତ ଧନଞ୍ଜୟ ଦାସ୍, ବି. ଏ., ବି. ଇଡ୍. ଏବଂ ସାନ୍ଥୁପଡା ଚମ ନିକେତନ ମଧ୍ୟ ଇଂରଜୀ ବିଦ୍ୟାଳୟର ସହକାରୀ ପ୍ରଧାନ ଶିକ୍ଷକ ଇଷ୍ଟପ୍ରାଣ ଅଗ୍ରଜ ପ୍ରତିମ ଗୁରୁଭ୍ରାତା ଯାଜକ ରବୀନ୍ଦ୍ର ନାଥ ଦାସ, ଏମ୍. ଏ. (ଓଡିଆ) ଏତଦ୍ ବ୍ୟତୀତ 'ସ୍ୱର୍ଗ ଆଶ୍ରମ'ର ଅନୁଗାମୀ ଅଗଣିତ ଗୁରୁଭ୍ରାତା ଓ ମାଆ ମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରେରଣା, ସାହାଯ୍ୟ, ସହଯୋଗ ଅତୁଳନୀୟ । ଏହାଛଡା ଅକ୍ଲାନ୍ତ ପରିଶ୍ରମ କରି ସୀମିତ ସମୟ ମଧ୍ୟରେ ଉକ୍ତ ପୁସ୍ତକକୁ ମୁଦ୍ରଣ କରିପାରିଥିବାରୁ 'ଗୀତାଞ୍ଜଳି ପ୍ରିଣ୍ଟର୍ସ'ର ଶ୍ରୀଯୁକ୍ତ ପଦ୍ମଧର ଜେନା ଓ ତାଙ୍କର ଅନୁଜ ରତ୍ନାକର ଜେନା ତଥା ତାଙ୍କର ସହକର୍ମୀମାନଙ୍କ ପାଖରେ ମୁଁ କୃତଜ୍ଞ ।

ପରିଶେଷରେ ଗୁରୁଭ୍ରାତା, ମାଆ ତଥା ପାଠକ ପାଠିକା ମାନଙ୍କ ପାଖରେ ମୋର ନିବେଦନ ସେମାନେ ଯଦି ଏହି ଗ୍ରନ୍ଥଟିକୁ ପାଠ କରି ଏହି ଭକ୍ତଙ୍କ ଚରିତ୍ରକୁ ଅନୁସରଣ କରିବାରେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରତି ଭକ୍ତିଭାବ, ଟାଣ ଓ ଭଲପାଇବା ବଢାଇବାରେ କିଞ୍ଚିତ ପ୍ରେରଣା ପାଆନ୍ତ ତେବେ ମୋର ପ୍ରୟାସ ଓ ଶ୍ରମ ସାର୍ଥକ ହେବ । ଏତଦ୍‌ବ୍ୟତୀତ ବଙ୍ଗଳା ଭାଷାରୁ ଓଡିଆ ଭାଷାକୁ ଭାଷାନ୍ତର କରିବାରେ ତଥା ମୁଦ୍ରଣ ଜନୀତ କୌଣସି ଭୁଲ ତ୍ରୁଟି ରହିଯାଇଥିଲେ ନିଜ ଗୁଣରେ କ୍ଷମା ଦେଇ ଜଣାଇଲେ ମୁଁ ଆପଣମାନଙ୍କ ନିକଟରେ ଚିର କୃତଜ୍ଞ ହୋଇ ରହିବି ।

'ବନ୍ଦେ ପୁରୁଷୋତ୍ତମମ୍'
ବିନୀତ
ତାଙ୍କରି କୃପାକାଙ୍ଗାଳ
ଶଶୀକାନ୍ତ

'ସ୍ୱର୍ଗ ଆଶ୍ରମ', ଜଳେଶ୍ୱର
୧୦୯ତମ ଶୁଭ ଜନ୍ମତିଥି
ତାଳନବମୀ
ତା ୨୧-୯-୯୬ ରିଖ

Scanned by CamScanner

ମୁଖଶାଳା

ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶୁଭ ୧୦୯ତମ ଜନ୍ମତିଥିର ମନୋଜ୍ଞ ଲଗ୍ନ ପାଳନ ସମୟରେ "ଭକ୍ତକୁଳ ଗୌରବ କର୍ମଯୋଗୀ ସୁଶୀଲ ଚନ୍ଦ୍ର" (ପୁସ୍ତକ ଖଣ୍ଡିକ)ଙ୍କର କୁଆଁ କୁଆଁ ଜନ୍ମନ ଧ୍ୱନୀ ପ୍ରତ୍ୟେକ ସତ୍‌ସଙ୍ଗ ପ୍ରେମୀ ମାଆ ଓ ଭଇମାନଙ୍କ ମନରେ ଭରି ଦେଇଛି ନୂତନ ପ୍ରେରଣା, ନୂତନ ଉତ୍ସାହ ଓ ଉଦ୍ଦୀପନା ।

ଅନୁଜ ସ୍ନେହାସ୍ପଦ ଶ୍ରୀମାନ୍ ଶଶୀକାନ୍ତର ଅକ୍ଲାନ୍ତ ପରିଶ୍ରମ ଓ ନିଷ୍ଠା ବଳରେ ଆଜି ଅଗଣିତ ଓଡଆ ମାଆ, ଭଇମାନଙ୍କ ଆଗରେ ଉପସ୍ଥାପିତ ହୋଇ ପାରିଛି—ସତ୍‌ସଙ୍ଗ ଜଗତର ସଂଗଠନ ପର୍ବର ଅପ୍ରତିଦ୍ୱନ୍ଦୀ କର୍ମ-ଯୋଗୀ ସୁଶୀଲ ଚନ୍ଦ୍ର ବସୁଙ୍କର ଅସାଧାରଣ ଜୀବନ ବୃତାନ୍ତ ।

ସାଧୁଙ୍କ ମତରେ ଯଦି ଘଣ୍ଟାକ ପାଇଁ କୌଣସି ବ୍ୟକ୍ତିର ଅଭାବ ଦୂର କରଯାଇପାରେ ତେବେ ଅବଶ୍ୟ ତାର ଉପକାର କରହେଲ । ଯଦି ବର୍ଷକ ପାଇଁ ତାର ଅଭାବ ଦୂର କରଯାଇ ପାରେ ତେବେ ତାହା ଆହୁରି ଅଧିକ ଉପକାର । ଆଉ ଯଦି ଚିର କାଳ ପାଇଁ ଏହି ଅଭାବ ଦୂର କରଯାଇ ପାରେ ତେବେ ତାହାହିଁ ହେବ ମନୁଷ୍ୟର ଶ୍ରେଷ୍ଠ ଉପକାର ।

ଏକମାତ୍ର ଆଧ୍ୟାତ୍ମିକ ଜ୍ଞାନହିଁ ଆମ ସମସ୍ତଙ୍କ ମନରୁ ଚିରକାଳପାଇଁ ଦୁଃଖ ଦୂର କରିପାରେ । ଅତଏବ ଆଧ୍ୟାତ୍ମିକ ସାହାଯ୍ୟ ହିଁ ସର୍ବଶ୍ରେଷ୍ଠ ସାହାଯ୍ୟ ।

କର୍ମଯୋଗୀ ସୁଶୀଲ ଚନ୍ଦ୍ର ୧୮୯୦ ମସିହା ନଭେମ୍ବର ୬ ତାରିଖରେ ଜନ୍ମଗ୍ରହଣ କରି ୧୯୧୭ ମସିହା ନଭେମ୍ବର ୬ ତାରିଖରେ ଶ୍ରୀ ଶ୍ରୀ ଠାକୁରଙ୍କ ଚରଣରେ ଦୀକ୍ଷା ଗ୍ରହଣ କରି ୧୯୬୮ ମସିହା ମାର୍ଚ୍ଚ ତାରିଖରେ ଦେହତ୍ୟାଗ କଲେ । ଦୀର୍ଘ ପଚାଶରୁ ଉର୍ଦ୍ଧ୍ୱ ବର୍ଷ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁରଙ୍କ ସେବା ଓ ସାହଚର୍ଯ୍ୟରେ ନିଜକୁ ନିୟୋଜିତ କରି ତାଙ୍କରି ନିର୍ଦ୍ଦେଶ କ୍ରମେ ଯେଉଁ ସମସ୍ତ କର୍ମ ସମ୍ପାଦନ କରିଗଲେ ସେଥିପାଇଁ ସେ ଚିରକାଳ ସତ୍‌ସଙ୍ଗୀ ଜଗତର ଚିର ସ୍ମରଣୀୟ ହୋଇ ରହିବେ ।

Scanned by CamScanner

।। ଛଅ ।।

କଥାରେ ଅଛି "ମୁହୂର୍ତ୍ତଂ ଜଳିତଂ ଶ୍ରେୟଂ ନ ଚ ଚିର ଧୂମାୟିତଃ"। ଅର୍ଥାତ ଓଦାକାଠ ଭଳି ସବୁବେଳେ ଧୂଆଁ ହେବା ଅପେକ୍ଷା ମୁହୂର୍ତ୍ତ କାଳ ପାଇଁ ଜଳିବା ଉଚିତ ।

ସତ୍‌ସଙ୍ଗର ଭୂତପୂର୍ବ ସଭାପତି ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଅନ୍ୟତମ ଏକାନ୍ତ ଅନୁଗତ ଭକ୍ତ ତଥା ସାଧକ କର୍ମଯୋଗୀ ସୁଶୀଲ ଚନ୍ଦ୍ର ବସୁ କିଭଳି ଭବରେ ତାଙ୍କର ଗୁରୁଙ୍କ ପ୍ରତି ଗଭୀର ଟାଣ ଓ ଭଲ ପାଇବା ପ୍ରଦର୍ଶନ କରି ଏକନିଷ୍ଠ ଭକ୍ତ ଓ ପ୍ରାଣପ୍ରିୟ ଶିଷ୍ୟ ହୋଇ ପାରିଛନ୍ତି ତାହା ଉକ୍ତ ପୁସ୍ତକ ପାଠ କଲେ ବୁଝି ହେବ ।

ଭକ୍ତିର ଏକ ଲକ୍ଷଣ ନିର୍ବିଘ୍ନରତା, କିନ୍ତୁ ତା ସହିତ ବିଶ୍ଳେଷଣୀ ବୁଦ୍ଧିର ପରିଚୟ ଦେଖିବାକୁ ମିଳେ ସୁଶୀଲ ଚନ୍ଦ୍ରଙ୍କ ଚରିତ୍ରରେ ଶ୍ରୀ ଶ୍ରୀ ଠାକୁର ତାଙ୍କୁ ଯେତେବେଳେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ନିର୍ବିଘ୍ନରେ ପାଳନ କରିଲେ ମଧ୍ୟ, ସବୁ କ୍ଷେତ୍ରରେ କାର୍ଯ୍ୟ କାରଣର ସମାଧାନ ମଧ୍ୟ ପରେ ଜାଣି ନେଇଛନ୍ତି । ତାଙ୍କର ଲୋକପ୍ରିତୀ ଅସାଧାରଣ ଥିଲା । ତାଙ୍କୁ ସମସ୍ତେ ଯେମିତି ଭଲ ପାଉ ଥାଆନ୍ତି ସେମିତି ଭକ୍ତି ମଧ୍ୟ କରୁଥାଆନ୍ତି । ଶ୍ରୀ ଶ୍ରୀ ଠାକୁରଙ୍କ ଲୀଳାପାର୍ଷଦ ତିନିଜଣଙ୍କ ପରେହିଁ ସତସଙ୍ଗୀ ଜନଗଣଙ୍କ ନିକଟରେ ସେ ଥିଲେ ଭକ୍ତିର ଉଚ୍ଚ ଆସନରେ ସମାରୁଢ । ସେ କେବେହେଲେ କୌଣସି ଦିନ କାହାରିକୁ ଆଦେଶ କରୁ ନଥାଆନ୍ତି । ନିଜେ ନିଜେ କାମ ଆରମ୍ଭ କରୁଥାଆନ୍ତି । ତାପରେ ଅନ୍ୟମାନେ ଆପେ ଆପେ ଦୌଡ଼ ଆସି ତାଙ୍କ ହାତରୁ କାମ ଛଡାଇ ନେଇ ସୁସମ୍ପନ୍ନ କରୁ ଥାଆନ୍ତି । ସେହି ଦୃଷ୍ଟିରୁ ତାଙ୍କୁ ଜଣେ ନୀରବ କର୍ମଯୋଗୀ କୁହାଯାଇ ପାରେ । ଶ୍ରୀ ଶ୍ରୀ ଠାକୁର ଯେତେବେଳେ ଯେଉଁଠାକୁ ଯାଉଥାନ୍ତି ସେ ସର୍ବଦା ସହଚର ରୂପେ ରହୁ-ଥାଆନ୍ତି । ତେଣୁ ଥରେ ପ୍ରାର୍ଥନା ସଭାରେ ଶ୍ରୀ ଶ୍ରୀ ଠାକୁର କହିଥିଲେ "ସୁଶୀଲ ଦା ଏପରି ହୋଇଛନ୍ତି ଯେ ଆଜି ଯଦି ସେ ଗଭୀର ବଣ ମଧ୍ୟରେ ପାହାଡ ଗୁମ୍ଫା ବା ଗହ୍ୱର ମଧ୍ୟକୁ ଚାଲିଯାଆନ୍ତି— ତେବେ ମୋତେ ମଧ୍ୟ ସେହିଠାକୁ ଯାଇ ତାଙ୍କ ସହିତ ରହିବାକୁ ହେବ ।"

Scanned by CamScanner

ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ. ପରୀକ୍ଷାରେ କୃତୀତ୍ୱ ହାସଲ କରି ଡେପୁଟି ମାଜିଷ୍ଟ୍ରେଟ୍‌ର Appiontment Letter ପାଇ ମଧ୍ୟ ପାଇ ମଧ୍ୟ ତାକୁ ପ୍ରତ୍ୟାଖ୍ୟାନ କରି ୧୯୧୮ ମସିହାରେ ଶ୍ରୀ ଶ୍ରୀ ଠାକୁରଙ୍କ ପାଖକୁ ଚାଲିଆସିଥିଲେ ସବୁଦିନ ପାଇଁ । ସେହିଦିନ ଠାରୁ ସେ ସ୍ୱପାକୀ ଏବଂ ବିବାହିତ ହୋଇ ମଧ୍ୟ ବ୍ରହ୍ମଚର୍ଯ୍ୟ ପରାୟଣ ।

ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଦେଶ କ୍ରମେ 'ଜାତିସ୍ମରତା' ଓ 'ଭକ୍ତିସଂହିତା' ବିଷୟରେ ଗବେଷଣା କରିଥିଲେ । ସେବା ଓ ପ୍ରେମ ତାଙ୍କ ଚରିତ୍ରରେ ସ୍ୱତଃ ଉତ୍ସାରିତ ଥିଲା । ଶ୍ରୀ ଶ୍ରୀ ଠାକୁରଙ୍କ ଦକ୍ଷିଣ ହସ୍ତ ସ୍ୱରୂପ ସଂଗଠନ ପର୍ବର ସର୍ବଶ୍ରେଷ୍ଠ କର୍ମୀ ଥିଲେ କର୍ମଯୋଗୀ ସୁଶୀଲ ଚନ୍ଦ୍ର ।

ଆଜି ସେହି ତପଃପୂତ କର୍ମଯୋଗୀଙ୍କର ମହାନ୍ ଆତ୍ମଜୀବନୀର ମୁଖଶାଳା ଲେଖି ନିଜକୁ ଧନ୍ୟ ମନେ କରୁଛି । ଭଗବତର ଗୋଟିଏ ପଦ ମନେପଡେ—

"ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପଦୁ ଗଲୁଛି ମକରନ୍ଦ
ସେ ମକରନ୍ଦ ପାନ କରି, ହେଳେ ତରିଲେ ବ୍ରଜନାରୀ ।
ସେ ବ୍ରଜ ନାରୀଙ୍କ ପୟରେ, ମନ ମୋ ଥାଉ ନିରନ୍ତରେ
ମନ ମୋ ନିରନ୍ତରେ ଥାଉ, ହା କୃଷ୍ଣ ବୋଲି ଜୀବ ଯାଉ ।"

ଠିକ୍ ସେହିଭଳି ମହା ମହିମ ବ୍ରହ୍ମ ପୁରୁଷ ପରମ କାରୁଣିକ ପରମ ସତ୍ୟ ପୁରୁଷୋତ୍ତମଙ୍କୁ ବୁଝିବା ଆଦୌ ସହଜ ନୁହେଁ ବୋଲି ତାଙ୍କରି ପରମ ଭକ୍ତ ଏକନିଷ୍ଠ ସାଧକ କର୍ମଯୋଗୀ ସୁଶୀଲ ଚନ୍ଦ୍ରକୁ ବ୍ରଜନାରୀଙ୍କ ଭଳି ଜାଣିବା ଓ ଜଣାଇବା ପାଇଁ ଏ କ୍ଷୁଦ୍ର ପ୍ରୟାସ । ଆଶା ଓ ବିଶ୍ୱାସ ଏହି କ୍ଷୁଦ୍ର ଆଲେଖ୍ୟ ପ୍ରତ୍ୟେକ ସତ୍‌ସଙ୍ଗୀଙ୍କ ନିକଟରେ ଆନ୍ତରୀକତା ସହକାରେ ଆଦୃତ ହେବ । "ଜୟ ଗୁରୁ"

ସ୍ୱର୍ଗ ଆଶ୍ରମ, ଜଳେଶ୍ୱର
ତାଳନବମୀ, ତା ୨୧ । ୯ । ୯୬ରିଖ

ତାଙ୍କରି କୃପାଭିକ୍ଷୁ
ରାଧାକାନ୍ତ ପ୍ରଧାନ

Scanned by CamScanner

ଏଥିରେ ଅଛି :-

* କର୍ମଯୋଗୀ ସୁଶୀଲଚନ୍ଦ୍ର ବସୁଙ୍କ ଜନ୍ମଲୀଳା ବୃତ୍ତାନ୍ତ
* ଦୀକ୍ଷା ଲଭ
* କୀର୍ତ୍ତନ ଓ ଭବସମାଧି
* ଆଶ୍ରମରେ ଯୋଗଦାନ
* ପିତୃଦେବ
* ସୁଶୀଲ ଚନ୍ଦ୍ରଙ୍କ ପାରିବାରିକ ଜୀବନ
* ବହିର୍ବିଶ୍ୱେ ପ୍ରଚାର
* ହରିଣାକୁଣ୍ଡ ଗ୍ରାମରେ
* କର୍ମଯୋଗୀ ସୁଶୀଲ ଚନ୍ଦ୍ର
* ଆଶ୍ରମରେ କର୍ମ ପ୍ରବାହ
* ଗଣୀମା
* ପ୍ରତିକୂଳ ଅବସ୍ଥା ଓ ସଂଗଠନ
* ଅନ୍ୟାନ୍ୟ ପ୍ରଦେଶରେ ପ୍ରଚାର
* ବୈଦ୍ୟନାଥ ଧାମରେ
* ସୁଶୀଲ ଚନ୍ଦ୍ରଙ୍କ ଶେଷ ଜୀବନ
* ଜାତିସ୍ମର ଓ ଭୃଗୁ
* "ଜାତିସ୍ମର କଥା" ସମ୍ବନ୍ଧରେ
* ମାନସ ତୀର୍ଥ ପରିକ୍ରମା ସମ୍ବନ୍ଧରେ
* ଗଜସ୍ଥାନେର ପଥେ ଓ କଥା ପ୍ରସଙ୍ଗେ ପୁସ୍ତକ ସମ୍ବନ୍ଧରେ

Scanned by CamScanner

'ଭକ୍ତି ମାନେ ଭଜନ କିନ୍ତୁ
ଭଜନ ମାନେ ସେବା
ନିଷ୍ଠା ନିପୁଣ ଭଜନଇ ତାଇ
ଅନ୍ତରେରଇ ବିଭା" ।

"ଭକ୍ତି ମାନେଇ ଭଜନ ରଗ
ସେବା ଚର୍ଯ୍ୟୀ ବର୍ଦ୍ଧନା
ଅସତ୍ ନିରେଧ ତତ୍ପରତାୟ
ବଜ୍ର କଠୋର ଉର୍ଜ୍ଜନା" ।

" ଭକ୍ତିର ଗୋଡାଇ ନିଷ୍ଠା ଜାନିସ୍
ଆନୁଗତ୍ୟ-କୁଦି ସମ୍ବେଗ,
ନା ଥାକଲେ ଏଇ ସାର୍ଥକ ଧାର
ଥାକେନା କୋ ଭକ୍ତି-ଆବେଗ" ।

"କରବେ ଯେମନ ହ୍ରବେଓ ତେମନ
ପାବେଓ ତୁମି ତେମନି
ନିଷ୍ଠା ନିପୁଣ ଅନୁରଗେର
ବୋଧ ଓ ଆଛର ଯେମନି" ।

"ସତ୍ରେ ନିରବର୍ଚ୍ଛିନ୍ନ ସଂଲଗ୍ନ ରହିବାର
ଚେଷ୍ଟାକୁହଁ ଭକ୍ତି କହନ୍ତ" ।

"ଭକ୍ତି କଭୁ ଭୟ କି ମରଣ ?
ତରଣଇ ତା'ର ସ୍ୱଭବ-ଯାଗ,
ଅସତ୍-ନିରେଧ କରେ ଭକ୍ତି
ଦେୟ ଛାଡ଼ୟେ ପ୍ରୀତିର ରଗ" ।

" ଭକ୍ତହଁ ପ୍ରକୃତ ଜ୍ଞାନୀ,
ଭକ୍ତି ବିହୀନ ଜ୍ଞାନ ବାଚକ ଜ୍ଞାନ ମାତ୍ର" ।

— ଶ୍ରୀ ଶ୍ରୀ ଠାକୁର

Scanned by CamScanner

କର୍ମଯୋଗୀ ସୁଶୀଲ ଚନ୍ଦ୍ର ବସୁ

Scanned by CamScanner

କର୍ମଯୋଗୀ ସୁଶୀଲ ଚନ୍ଦ୍ର ବସୁଙ୍କ ଜନ୍ମଲୀଳା ବୃତ୍ତାନ୍ତ

ପ୍ରେମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର 'ସତ୍‌ସଙ୍ଗ' ପ୍ରତିଷ୍ଠାନର ପୂର୍ବତନ ସଭାପତି ସୁଶୀଲ ଚନ୍ଦ୍ର ବସୁ ଇଂରଜୀ ୧୮୯୦ ମସିହା ନଭେମ୍ବର ମାସ ୬ ତାରିଖରେ ଯଶୋହର ଜିଲ୍ଲାର ହରିଣାକୁଣ୍ଡ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ପ୍ରତାପ ଚନ୍ଦ୍ର ବସୁ। ଦର୍ଶନ ବିଭାଗର ଏମ୍. ଏ. ପଢୁଥିବା ସମୟରେ ୨୬ ବର୍ଷ ବୟସରେ ସୁଶୀଲ ଚନ୍ଦ୍ର ଶ୍ରୀ ଶ୍ରୀ ଠାକୁରଙ୍କ ଚରଣରେ ଦୀକ୍ଷା ଗ୍ରହଣ କରିଥିଲେ। ସେହି ଦିନରୁ ସେ ତାଙ୍କର ନିତ୍ୟ ସଙ୍ଗୀ ତଥା ଅନ୍ୟତମ ଅନ୍ତରଙ୍ଗ ପ୍ରଧାନ ପାର୍ଷଦ ରୂପେ ଇଷ୍ଟସେବା କାର୍ଯ୍ୟରେ ଆତ୍ମ ନିୟୋଗ କରିବାକୁ ବଦ୍ଧ ପରିକର ହୋଇଥିଲେ। ଶ୍ରୀ ଶ୍ରୀ ଠାକୁରଙ୍କର ଲୋକ କଲ୍ୟାଣକର ଆଦର୍ଶ ଓ ଜନ ଜାଗରଣୀ ସାର୍ଥକ ରୂପାୟନରେ ତାଙ୍କର ଆପ୍ରାଣ ଚେଷ୍ଟା ଓ ଅକ୍ଲାନ୍ତ ଶ୍ରମର ତୁଳନା କରାଯାଏ ନାହିଁ। ସୁଶୀଲ ଚନ୍ଦ୍ର ଜଣେ ସୁପଣ୍ଡିତ ଓ କୃତୀ ଲେଖକ ମଧ୍ୟ ଥିଲେ। ତାଙ୍କ ଦ୍ୱାରା ରଚିତ "ଜାତିସ୍ମର କଥା" ଓ "ଗଜସ୍ନାନେର ପଥେ" ଗ୍ରନ୍ଥ ଦୁଇଟି ପାଠକ ସମାଜରେ ବିଶେଷ ଆଦୃତ ଲାଭ କରିଛି। ମଧୁର ଅମାୟିକ ଚରିତ୍ର, ଅପୂର୍ବ ବୁଦ୍ଧିମତ୍ତା ଓ କର୍ମ କୁଶଳତା ଏବଂ ଅତୁଟ ଇଷ୍ଟନିଷ୍ଠା ପାଇଁ ସେ ସତ୍‌ସଙ୍ଗୀ ଜନସାଧାରଣଙ୍କର ପରମ ଶ୍ରଦ୍ଧାର ପାତ୍ର ହୋଇ ଉଠିଥିଲେ। ସେଥିପାଇଁ ତାଙ୍କୁ 'କର୍ମଯୋଗୀ' ଉପାଧିରେ ଭୂଷିତ କରାଯାଇଛି।

ଦୀକ୍ଷାଲାଭ

୧୯୧୬ ମସିହା ନଭେମ୍ବର ମାସ—କଲିକତା ବିଶ୍ୱ ବିଦ୍ୟାଳୟରେ ଏମ୍. ଏ. ଏବଂ ଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥାଆନ୍ତି ସୁଶୀଲ ଚନ୍ଦ୍ର। ନଭେମ୍ବର ୬ ତାରିଖରେ କୁଷ୍ଟିୟା ସହରକୁ ତାଙ୍କର ଭଉଣୀଙ୍କୁ ଦେଖିବା ପାଇଁ ଆସନ୍ତି ସେ। ତାଙ୍କର ଭିଣୋଇ ଅଶ୍ୱିନୀ କୁମାର ବିଶ୍ୱାସଙ୍କ ଘରେ

Scanned by CamScanner

ପ୍ରବେଶ କରୁ କରୁ ଦେଖିଲେ ବାହାର ଘରେ ଜଣେ ସୁଠାମ ସୁଦର୍ଶନ ବ୍ରାହ୍ମଣ ଯୁବକ ଉପବିଷ୍ଟ । ଖୋଲା ଦେହ, ବକ୍ଷରେ ଯଜ୍ଞୋପବୀତ ଲମ୍ବମାନ । ତାଙ୍କର ସ୍ନେହପୂର୍ଣ୍ଣ ତୀକ୍ଷ୍ଣ ଦୃଷ୍ଟି ଆକର୍ଷଣ କରିଲା ସୁଶୀଲ ଚନ୍ଦ୍ରଙ୍କୁ ।

ସୁଶୀଲ ଚନ୍ଦ୍ର ଘରେ ପ୍ରବେଶ କରୁଥିବାର ଦେଖି ଉକ୍ତ ବ୍ରାହ୍ମଣ ଯୁବକ ଅତି ଚିର ପରିଚିତ ଭଳି ତାଙ୍କୁ ଗାଢ଼ ଆଲିଙ୍ଗନରେ ଆବଦ୍ଧ କରିଲେ । କିଛି କ୍ଷଣ ତାଙ୍କର ସ୍ନେହାଲିଙ୍ଗନରେ ଆବଦ୍ଧ ରଖି ସେହି ଅବସ୍ଥାରେହିଁ ସୁଶୀଲ ଚନ୍ଦ୍ରଙ୍କୁ ପ୍ରଶ୍ନ କଲେ—ଭଇ ! ମୁଁ ଆପଣଙ୍କୁ କେମିତି ଲାଗୁଛି ?

ତାଙ୍କର ସେହି ଗଭୀର ଆଲିଙ୍ଗନରେ ଅଭିଭୂତ ହୋଇ ହେଉ ବା ଯେ କୌଣସି କାରଣରୁ ହେଉ ସୁଶୀଲ ଚନ୍ଦ୍ର କହି ପକାଇଲେ—'ଆପଣଙ୍କ ସହିତ ଯେ ମୋର ଏହି ପ୍ରଥମ ପରିଚୟ ତାହା ତ ମନେ ହେଉନାହିଁ, ମନେ ହେଉଛି ଆପଣ ଯେମିତି ମୋର ବହୁ ଦିନର ଅତି ପରିଚିତ ବନ୍ଧୁ ।'

ସେ କିଛି ସମୟ ପାଇଁ ନୀରବ ରହି ତାପରେ କହିଲେ,—'ପ୍ରଥମେ ଆପଣଙ୍କୁ ଅପରିଚିତ ଭଦ୍ରଲୋକ ବୋଲି ମନେ ହେଉଥିଲା, କିନ୍ତୁ ମନେ ହେଉଛି ଯେ ଆପଣ ମଧ୍ୟ ମୋର ବହୁଦିନର ଅତି ପରିଚିତ ବନ୍ଧୁ ।'

ସେତେବେଳ ପର୍ଯ୍ୟନ୍ତ ସୁଶୀଲ ଚନ୍ଦ୍ର ଜାଣି ନାହାଁନ୍ତି ଯେ ସେ କିଏ, ତାଙ୍କର ନାମ ବା କ'ଣ, କେଉଁଠାରୁ ଆସିଛନ୍ତି, କ'ଣ ବା କରନ୍ତି । କିଛି ସମୟ ପାଇଁ ତାଙ୍କ ପାଖରୁ ବିଦାୟ ନେଇ ହାତ ମୁହଁ ଧୋଇବା ପାଇଁ ଭିତରକୁ ଗଲେ ।

ସେଠାରେ ତାଙ୍କର ଭଗ୍ନିପତି ଅଶ୍ୱିନୀ କୁମାର ବସୁଙ୍କ ନିକଟରୁ ପ୍ରଥମେ ଜାଣିବାକୁ ପାଇଲେ ଯେ ତାଙ୍କ ନାମ ଶ୍ରୀ ଅନୁକୂଳ ଚନ୍ଦ୍ର ଚକ୍ରବର୍ତ୍ତୀ, ସେମାନେ ତାଙ୍କୁ 'ଶ୍ରୀ ଶ୍ରୀ ଠାକୁର' ବୋଲି ଡାକନ୍ତି । କୀର୍ତ୍ତନ କରୁ କରୁ ତାଙ୍କର ଘନ ସମାଧି ହୁଏ, ସେତେବେଳେ ବାହ୍ୟଜ୍ଞାନ ରହେ ନାହିଁ । ସେହି ଅବସ୍ଥାରେ ଥରେ କିଏ ଗୋଟିଏ ଛୁଞ୍ଚି ଦେହରେ ଫୋଡ଼ ଧରିଥିଲେ, ତାହା ସତ୍ତ୍ୱେ ମଧ୍ୟ ତାଙ୍କର ବାହ୍ୟଜ୍ଞାନ ଫେରି ଆସି ନଥିଲା । ଘନସମାଧି ଅବସ୍ଥାରେ ଅନେକ କଥା ମଧ୍ୟ କହିଛନ୍ତି ଯାହା ଲିଖିତ ଅଛି ।

Scanned by CamScanner

ହାତ ମୁହଁ ଧୋଇ କିଛି ଜଳଖିଆ ଖାଇ ପୁଣି ବାହାର ଘରକୁ ଆସି ତାଙ୍କ ନିକଟରେ ବସିଲେ। ସେଠାରେ ଏପରି କେତେଜଣ ଲୋକଙ୍କୁ ଦେଖିଲେ ଯେଉଁ ମାନଙ୍କର ନୈତିକ ଚରିତ୍ର ଅତି ନିକୃଷ୍ଟ ଧରଣର ବୋଲି ସେ ପର୍ବରୁ ଜାଣିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କୁ କହିଥିଲେ 'ଫୌଜଦାରୀ ଦଣ୍ଡବିଧିର ଏପରି କୌଣସି ଧାରା ନାହିଁ ଯେଉଁ ଅପରାଧ ମୁଁ ଜୀବନରେ କରିନାହିଁ।' ସେମାନଙ୍କୁ ଏପରି ସାଧୁ ପୁରୁଷଙ୍କ ସଂସ୍ପର୍ଶରେ ଆସିବାର ଦେଖି ସୁଶୀଲ ଚନ୍ଦ୍ର ବିସ୍ମିତ ହୋଇ ଯାଇଥିଲେ। ପରେ ପଚାରି ବୁଝିଥିଲେ—ଏହି ମହାପୁରୁଷଙ୍କ ସଂସ୍ପର୍ଶରେ ଆସି ସେମାନଙ୍କର ଚରିତ୍ରର ଆମୂଳ ପରିବର୍ତ୍ତନ ସାଧିତ ହୋଇଛି; ଅନେକାଂଶରେ ରୂପାନ୍ତରିତ ହୋଇଛି।

ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ନାନା ପ୍ରକାର କଥାବାର୍ତ୍ତା ଚାଲିଲା ତାଙ୍କର। ସନ୍ଧ୍ୟା ହୋଇ ଆସୁଥାଏ, ସେତିକିବେଳେ ସୁଶୀଲ ଚନ୍ଦ୍ର ଠାକୁରଙ୍କୁ କହିଲେ— 'ଆପଣଙ୍କ ସହିତ ନିରୋଲାରେ କିଛି ଆଳାପ ଆଲୋଚନା କରିବାକୁ ଚାହୁଁଛି।' ସେ ସଙ୍ଗେ ସଙ୍ଗେ କହିଲେ, 'ଆସନ୍ତୁ'। ଏହା କହି ବାହାର ଘରକୁ ଲାଗିଥିବା ଗୋଟିଏ ଛୋଟ ଘରକୁ ଉଠିଗଲେ। ସେଠାରେ ହିଁ ଶ୍ରୀ ଶ୍ରୀ ଠାକୁର ଶୋଉ ଥାଆନ୍ତି। ସୁଶୀଲ ଚନ୍ଦ୍ର ତାଙ୍କ ଶଯ୍ୟା ପାର୍ଶ୍ୱରେ ଉପବେଶନ କରିଲେ।

ଦୀପ ଜଳାଗଲା। ପ୍ରଶ୍ନପରେ ପ୍ରଶ୍ନ କରି ଚାଲିଲେ ସେ। ମୁହୂର୍ତ୍ତ ମାତ୍ର ଚିନ୍ତା ନକରି ସ୍ୱତଃସ୍ରୋତା ନଦୀ ପ୍ରବାହ ସଦୃଶ୍ୟ ଅନର୍ଗଳ ଭାବରେ ଉତ୍ତର ଦେଇ ଚାଲିଲେ। ଘଡି ଅଧିକ ହେବାରୁ ଯିବାର ଡାକ ପଡଲା। ଶ୍ରୀ ଶ୍ରୀ ଠାକୁର ଓ ସେ ଦୁହେଁ ଯାକ ଏକ ସଙ୍ଗରେ ଖାଇ ଆସି ପୁଣି ତାଙ୍କ ଶଯ୍ୟା ପାର୍ଶ୍ୱରେ ପୂର୍ବଭଳି ବସିଲେ।

ପୁଣି ପ୍ରଶ୍ନୋତ୍ତର ଚାଲିଲା; କଥାବାର୍ତ୍ତା ଆଳାପ ଆଲୋଚନାରେ ରାତ୍ରି ଯେ କିପରି ଅତିବାହିତ ହୋଇଗଲା ତାହା ସେ ଜାଣି ପାରିଲେ ନାହିଁ। ଭୋର୍ କାଉ ରବ ଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ, 'ଭୋର୍ ହୋଇ ଯାଇଛି, କାଉ ରବୁଛି।' ଝରକା ଖୋଲି ସୁଶୀଲ ଚନ୍ଦ୍ର ଦେଖନ୍ତି ପୂର୍ବାକାଶ କ୍ରମଶଃ ଲାଲ ହୋଇ ଆସୁଛି।

Scanned by CamScanner

ଦର୍ଶନ ଶାସ୍ତ୍ରର ଛାତ୍ର ହିସାବରେ ଏବଂ ନିଜ ଜୀବନରେ ସେ ପର୍ଯ୍ୟନ୍ତ ଯେତିକି ପ୍ରଶ୍ନ ଜମା ହୋଇ ରହିଥିଲା— ବ୍ୟକ୍ତିଗତ ଜୀବନ, ପାରିବାରିକ, ସାମାଜିକ ଓ ରାଷ୍ଟ୍ରିୟ ସମସ୍ୟା ସମୂହ ସମ୍ବନ୍ଧରେ ସମସ୍ତ ପ୍ରଶ୍ନ ବ୍ୟକ୍ତକରି ତାର ଯଥାର୍ଥ ସମାଧାନ ପାଇ ତୃପ୍ତ ହୋଇଥିଲେ ସେଦିନ ସୁଶୀଲଚନ୍ଦ୍ର । ଘରିଲେ ଜଣଙ୍କ ପକ୍ଷରେ ଏପରି ବହୁବିଧ ପ୍ରଶ୍ନଗଜିର ସମାଧାନ ଦେବା କିଭଳି ସମ୍ଭବ, ବିଶେଷତଃ କହିବାକୁ ଗଲେ ଯିଏ କି କୌଣସି ଉଚ୍ଚ ଶିକ୍ଷାର ଧାର ଧାରନ୍ତ ନାହିଁ । ତାହା ସତ୍ତ୍ୱେ, ଘଡି ତମାମ ଆଲୋଚନାରେ ତାଙ୍କ ମଧ୍ୟରେ ଏହି ଧାରଣା ଦୃଢଭୂତ ହେଲା ଯେ ସେ ସର୍ବବିଧ ଶିକ୍ଷାରେ ଶିକ୍ଷିତ । ଆହୁରି ମଧ୍ୟ ସେ ଅନୁଭବ କଲେ, ସବୁ ମଣିଷ ପ୍ରତି ତାଙ୍କର ପ୍ରାଣଭର ଦରଦ, ଯାହା ଜାତି ଧର୍ମ ବା ଦେଶ କାଳ ଦ୍ୱାରା ସୀମିତ ନୁହେଁ ।

ସକାଳ ହେବାରୁ ହାତ ମୁହଁ ଧୋଇ ଆସି ତାଙ୍କ ପାର୍ଶ୍ୱରେ ବସିଲେ ସୁଶୀଲ ଚନ୍ଦ୍ର । ଶ୍ରୀ ଶ୍ରୀ ଠାକୁର ପ୍ରୀତି ପ୍ରସନ୍ନ ଦୃଷ୍ଟିରେ ତାଙ୍କୁ ଆପାଦ-ମସ୍ତକ ନୀରିକ୍ଷଣ କରିବାକୁ ଲାଗିଲେ । ତାଙ୍କର ସେହି ଦୃଷ୍ଟିରେ ଯେ କି ଆକର୍ଷଣ ପୂରି ରହିଥିଲା ତାହା ସେ ଜାଣିପାରି ନଥିଲେ । ସୁଶୀଲ ଚନ୍ଦ୍ର ଆଗରୁ କେବେ ଶ୍ରୀ ଶ୍ରୀ ରାମକୃଷ୍ଣ ପରମହଂସ ଦେବଙ୍କୁ ଦେଖି ନାହାଁନ୍ତି କିମ୍ବା ତାଙ୍କର କଣ୍ଠସ୍ୱର ମଧ୍ୟ ଶୁଣି ନାହାଁନ୍ତି । ପ୍ରଥମେ ଯେଉଁଦିନ 'ରାମକୃଷ୍ଣ କଥାମୃତ' ପଢନ୍ତି ସେତେବେଳେ ସେ ସ୍କୁଲର ଛାତ୍ର ଥିଲେ, ଅପୂର୍ବ ଅନୁଭୂତି ମଧ୍ୟ ହୋଇଥିଲା ସେଦିନ ତାଙ୍କର । ପୁଣି ଆଜି ତାଙ୍କରି ଦୃଷ୍ଟି ମଧ୍ୟରେ ସ୍ପଷ୍ଟ ଉପଲବ୍ଧି କରି ପାରିଲେ ଯେପରି ତାଙ୍କରି ଆଡକୁ ଶ୍ରୀ ଶ୍ରୀ ଠାକୁର ରାମକୃଷ୍ଣ ପରମହଂସ ଦେବ ସ୍ନେହଳ ଦୃଷ୍ଟିରେ ଅନାଇ ରହିଛନ୍ତି । ସେ କହିଲେ ତାଙ୍କ ଆଡକୁ ଆଗେଇ ଯିବା ପାଇଁ । ମନେହେଲା ଯେମିତି ଶ୍ରୀ ଶ୍ରୀ ରାମ-କୃଷ୍ଣଙ୍କର କଣ୍ଠସ୍ୱର । କେଜାଣି କାହିଁକି ସେ ଅଭିଭୂତ ହୋଇ ପଡ଼ିଥିଲେ । ସଙ୍ଗେ ସଙ୍ଗେ ପାଖେଇ ଯାଇ ପ୍ରଣାମ ନିବେଦନ କରି କହିଲେ,— 'ମୋତେ ଦୀକ୍ଷା ଦିଅନ୍ତୁ, ରସ୍ତା ଦେଖାଇ ଦିଅନ୍ତୁ ' ।

ସେ ଦିନଟି ଥିଲା ୧୯୧୬ ମସିହା ନଭେମ୍ବର ୬ ତାରିଖ । ସେହିଦିନଠାରୁ ଶ୍ରୀ ଶ୍ରୀ ଠାକୁର ନିଜେ ତାଙ୍କୁ ଦୀକ୍ଷା ଦେଲେ । ତାଙ୍କର ଜନ୍ମ ହୋଇଥିଲା

Scanned by CamScanner

୧୯୮୦ ମସିହା ନଭେମ୍ବର ମାସ ୬ ତାରିଖ, ପୁଣି ଦ୍ୱିତୀୟ ଜନ୍ମ ମଧ୍ୟ ହେଲା ସେହି ତାରିଖରେ ।

କଲିକତାରେ ଯେତେବେଳେ ସୁଶୀଲ ଚନ୍ଦ୍ର ସ୍କୁଲରେ ପାଠ ପଢୁ-ଥାନ୍ତି, ସେତେବେଳେ ତାଙ୍କର "ରାମକୃଷ୍ଣ କଥାମୃତ" ପଢି ମନରେ ଯେଉଁ ଭବାନ୍ତର ସୃଷ୍ଟି ହୋଇଥିଲା ତାହା ଏଠାରେ ଉଲ୍ଲେଖ କରାଯାଉଛି । ଏହି ପ୍ରସଙ୍ଗରେ ଏହା ମଧ୍ୟ ଉଲ୍ଲେଖ ଯୋଗ୍ୟ ଯେ, ସେ ଯେତେବେଳେ କଲେଜକୁ ପାଠ ପଢିବାକୁ ଆସିଲେ ସେତେବେଳେ ଶ୍ରୀ ଶ୍ରୀ ମା ସାରଦା ଦେବୀ, ଶ୍ରୀ ଶ୍ରୀ ରାମକୃଷ୍ଣ ଦେବଙ୍କର ଭଇ ପୁଅ ରାମଲାଲ ଦାଦା ଓ ବେଲୁଡ ମଠର ତତ୍କାଳୀନ ପ୍ରେସିଡେଣ୍ଟ ରଖାଲ-ମହାରାଜଙ୍କ ସହିତ ବିଶେଷ ଭାବରେ ପରିଚିତ ହୋଇଥିଲେ । ରଖାଲ ମହାରାଜ ତାଙ୍କୁ ଖୁବ୍ ସ୍ନେହ କରୁଥାଆନ୍ତି ।

ଏହି ସମୟରେ ସୁଶୀଲ ଚନ୍ଦ୍ରଙ୍କର ଜଣେ ସହପାଠୀ ରଖାଲ ମହା-ରାଜଙ୍କ ନିକଟକୁ ଯାଉଥାଆନ୍ତି, ସେ ସେଠାରୁ ଦୀକ୍ଷା ନେଇ ସନ୍ନ୍ୟାସୀ ହୋଇ ଚାଲିଗଲେ । କିନ୍ତୁ ଘଟଣା ଚକ୍ରରେ କାହିଁକି ଯେ ସେ ଶ୍ରୀ ଶ୍ରୀ ମା ବା ରଖାଲ ମହାରାଜଙ୍କ ନିକଟରୁ ଦୀକ୍ଷା ନେଇ ପାରିଲେ ନାହିଁ ତାହା ନିଜେ ମଧ୍ୟ ସେ ଜାଣି ପାରିଲେ ନାହିଁ ।

ତାପରେ ପୁଣି ଶାରିରୀକ ଅସୁସ୍ଥତା ଯୋଗୁଁ ଯେତେବେଳେ ଭାଗଲପୁର କଲେଜରେ ବି. ଏ ପଢିବାକୁ ଯାଆନ୍ତି ସେତେବେଳେ ସେଠାରେ ମଧ୍ୟ ଜଣେ ସାଧୁଙ୍କ ସହିତ ତାଙ୍କର ସାକ୍ଷାତ ହୁଏ, ତାଙ୍କ ସହିତ ଆଲୋଚନା କରି ଜାଣିଲେ ଯେ ସେ କେଶବ ସେନ୍‌ଙ୍କର ମାମୁଁ ହୁଅନ୍ତି । ଶ୍ରୀ ଶ୍ରୀ ରାମକୃଷ୍ଣ ଦେବ ଯେତେବେଳେ ଯୋଗ ଆସନ କରି ଦକ୍ଷିଣେଶ୍ୱରରେ ବସିଲେ ସେତେବେଳେ ସେ ପଶ୍ଚିମାଞ୍ଚଳକୁ ସାଧନା କରିବାକୁ ଚାଲିଯାଆନ୍ତି । ଶ୍ରୀ ଶ୍ରୀ ରାମକୃଷ୍ଣ ଦେବଙ୍କ ସହିତ ତାଙ୍କର ଘନିଷ୍ଠ ପରିଚୟ ଥିଲା ।

ସୁଶୀଲ ଚନ୍ଦ୍ରଙ୍କର ଅନ୍ୟ ଜଣେ ସହପାଠୀ ତାଙ୍କଠୁ ଏହି ସାଧୁଙ୍କ କଥା ଶୁଣି ତାଙ୍କ ସହିତ ଦେଖା କରିବାକୁ ଆଗ୍ରହୀ ହୋଇ ଉଠନ୍ତି, ଛାତ୍ରବନ୍ଧୁ

Scanned by CamScanner

ଜଣଙ୍କୁ ସେ ସାଧୁଙ୍କ ନିକଟକୁ ନେଇ ଯାଆନ୍ତ । ଛାତ୍ର ବନ୍ଧୁଙ୍କୁ ସାଧୁଜୀ ଦେଖି କୁହନ୍ତ, 'ତୁମ ସମ୍ମୁଖରେ ଯେ ଘୋର ବିପଦ ଦେଖୁଛି ।' ଏହା କହି ସେ ତାଙ୍କୁ ଏକାକୀ ପାଖକୁ ଡାକି ନେଇ କ'ଣ ମନ୍ତ୍ର ଦିଅନ୍ତ ଏବଂ ଜପ କରିବାକୁ କୁହନ୍ତ । ସେ ଆହୁରି ମଧ୍ୟ କୁହନ୍ତ ଯେ ଏହି ମନ୍ତ୍ର ଜପ କରିବା ଦ୍ୱାରା ତାଙ୍କର ବିପଦ କଟିଯିବ ।

ସେତେବେଳେ ସୁଶୀଲ ଚନ୍ଦ୍ର ସାଧୁଜୀଙ୍କୁ କହିଲେ 'ବାଃ ବେଶ୍ ମଜାତ ! ମୁଁ ଯାହାକୁ ନେଇ ଆସିଲି ଆପଣ ତାକୁ ଦୀକ୍ଷା ଦେଲେ କିନ୍ତୁ ମୁଁ ଏତେଦିନ ଧରି ଆପଣଙ୍କ ନିକଟକୁ ଯିବା ଆସିବା ମିଳାମିଶା କରୁଛି, ତାହା ସତ୍ତ୍ୱେ ମଧ୍ୟ ଆପଣ ତ ମୋତେ କିଛି କହିଲେ ନାହିଁ ?'

ତାଙ୍କ ସହିତ ଆଳାପ ଆଲୋଚନା କରି ସୁଶୀଲ ଚନ୍ଦ୍ରଙ୍କର ଦୃଢ଼ ଧାରଣା ଜନ୍ମିଥିଲା ଯେ ସେ ଖୁବ୍ ଉଚ୍ଚ ସ୍ତରର ସାଧକ । ତାଙ୍କ ନିକଟରୁ ମନ୍ତ୍ର ନେବା କଥା କହିଲାରୁ ସେ ତାଙ୍କୁ କହିଲେ, 'ତୁମ ଗୁରୁ ଯିଏ ହେବେ, ତାଙ୍କ ସହିତ ଆଜିଠାରୁ ଛଅବର୍ଷ ପରେ ତୁମର ଦେଖା ହେବ ଏବଂ ସେ ତୁମକୁ ଦୀକ୍ଷା ଦେବେ ।'

ସେ ଦିନଟି ଥିଲା ୧୯୨୩ ମସିହା ନଭେମ୍ବର ମାସ ୬ ତାରିଖ । ସେ ସେତେବେଳେ ତାଙ୍କୁ କହିଥିଲେ—'ଆପଣଙ୍କର ଏକଥା ଗଳ୍ପ ଭଳି ଲାଗୁଛି ।'

ଉତ୍ତରରେ ସେ କହିଲେ, 'ବର୍ତ୍ତମାନ ଏ କଥା ତୁମକୁ ଗଳ୍ପ ଭଳି ଲଗିପାରେ, କିନ୍ତୁ ଛଅବର୍ଷ ଯେଉଁଦିନ ଅତୀତ ହେବ, ସେଦିନ ତୁମେ ଏ କଥାର ସତ୍ୟତା ବୁଝି ପାରିବ ।'

ସାଧୁଜୀଙ୍କର ସେଦିନର ସେହି କଥା ଅକ୍ଷରେ ଅକ୍ଷରେ ମିଶି ଯାଉଥିଲା ତାଙ୍କ ଜୀବନରେ । ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସି ଯେତେବେଳେ ସାଧୁଜୀଙ୍କର ସେହି କଥା ମନେ ପଡ଼ିଲା, ସେତେବେଳେ ସେ ଖୁବ୍ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ମଣିଷ ସଦ୍‌ଗୁରୁ ଗ୍ରହଣ ବିଷୟରେ destined (ନିୟତି ନିୟନ୍ତ୍ରିତ) କି ନୁହେଁ ତାହା ବା କିଏ ଜାଣେ । ତାହା ହୋଇ ନଥିଲେ

Scanned by CamScanner

ଶ୍ରୀ ଶ୍ରୀ ମା ସାରଦା ଦେବୀ, ରଖାଲ ମହାରଜ ବା ସାଧୁଜୀଙ୍କ ଠାରୁ ଦୀକ୍ଷା ଗ୍ରହଣ ନ କରି ଶ୍ରୀ ଶ୍ରୀ ଠାକୁରଙ୍କ ନିକଟକୁ ଆସି ଆତ୍ମସମର୍ପଣ ବା କଲେ କାହିଁକି ? ତାର ଉତ୍ତର ଯେ କ'ଣ ହେବ ତାହା ଜାଣି ହୁଏନି ।

କୀର୍ତ୍ତନ ଓ ଭାବସମାଧି

(୧୦ ନଭେମ୍ବର ୧୯୧୭)

ନଭେମ୍ବର ୭ ଓ ୮ ତାରିଖ ଦୁଇଦିନ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ବିତିଲା ସୁଶୀଲ ଚନ୍ଦ୍ରଙ୍କର । କେତେ ଲୋକ ଆସୁଥାଆନ୍ତି ବିଭିନ୍ନ ପ୍ରଶ୍ନ ଓ ସମସ୍ୟା ନେଇ । ଇତର, ଭଦ୍ର, ମୂର୍ଖ, ବିଦ୍ୱାନ୍, ଧନୀ, ଦରିଦ୍ର, ସମସ୍ତଙ୍କୁ ସ୍ନେହାଲିଙ୍ଗନରେ ଆବଦ୍ଧ କରି ସସ୍ନେହରେ ସେମାନଙ୍କର ପ୍ରଶ୍ନର ଉତ୍ତର ଦେଉ ଥାଆନ୍ତି । ତାଙ୍କର ଅସୀମ ଧୈର୍ଯ୍ୟର ପରୀକ୍ଷା ମଧ୍ୟ ହୋଇ ଯୁଲିଥାଏ । ସମସ୍ତଙ୍କ ପ୍ରତି ସମାନ ଭବରେ ଭଲ ପାଇବାରେ ମୁଗ୍ଧ ହୋଇଗଲେ ସେ । କିଭଳି ଯେ ସମୟ ଅତିବାହିତ ହୋଇଗଲା ତାହା ନିଜକୁ ନିଜେ ମଧ୍ୟ ବୁଝି ପାରିଲେ ନାହିଁ ।

ନଭେମ୍ବର ୯ ତାରିଖ ସକାଳେ ଶ୍ରୀ ଶ୍ରୀ ଠାକୁର କହିଲେ, 'ମୁଁ ଘତୁଳପଡାକୁ ଯିବି ।' (ଘତୁଳପଡା ବୋଧହୁଏ କୁର୍ଷିଆରୁ ଯୁରି ମାଇଲ ଦୂର ହେବ)

ସେ ସୁଶୀଲ ଚନ୍ଦ୍ରଙ୍କୁ ତାଙ୍କ ସହିତ ଯିବାର ଇଙ୍ଗିତ ଦେଉଛନ୍ତି ବୋଲି ବୁଝିପାରି ସେ କହିଲେ, 'ଆଜି କଲିକତା ଫେରି ଯିବାର କଥା ଅଛି ।'

ତୁଦୁତ୍ତରେ ସେ କହିଲେ, 'ତେବେ ଯାଆନ୍ତୁ ।' କିନ୍ତୁ ତାଙ୍କର ଯୁଲିଯିବା ପରେ ମନେ ମନେ ଭବିଲେ,—ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଯାଇଥିଲେ ତ ହେଇ ଥାଆନ୍ତା । ଏହି କେତେଦିନ ତାଙ୍କ ସାନ୍ନିଧ୍ୟରେ କଟାଇ ଆଜି

Scanned by CamScanner

ଏକାକୀ ହୋଇ ପଡ଼ିବାରୁ ତାଙ୍କର ଅନୁପସ୍ଥିତକୁ ବିଶେଷ ଭାବରେ ଅନୁଭବ କରିବାକୁ ଲାଗିଲେ ସେ । ମନରେ ସ୍ଥିର କଲେ ଯେ କଲିକତାକୁ ଗୋଟିଏ ଟେଲିଗ୍ରାମ୍ କରି ଜଣାଇ ଦେବେ ଯେ— ତାଙ୍କର ଯିବାକୁ ଡେରି ହେବ । କିନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟକୁ ବା ଯିବେ କିପରି ? ଗତୁଳ ପଡାକୁ ଘୟା ତ ତାଙ୍କୁ ଜଣାନାହିଁ । ଠିକ ସେହି ଦିନ ଉପରଓଳି ଜଣେ ଭଦ୍ରଲୋକ ଆସି କହିଲେ; "ଆଜି ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ମୁଁ ଗତୁଳପଡା ଯାଇ ପାରିଲି ନାହିଁ ବାଲି ସକାଳେ ଯିବି । ଆପଣ ଇଚ୍ଛାକଲେ ମୋ ସହିତ ଯାଇପାରନ୍ତି ।" ତାଙ୍କ ମୁହଁରୁ ସେହି କଥା ଶୁଣି ସଙ୍ଗେ ସଙ୍ଗେ ସୁଶୀଲ ଚନ୍ଦ୍ରଙ୍କ ମନେହେଲା— ଯେମିତି ତାଙ୍କର ଅଭୀଷ୍ଟ ପୂରଣର ଯୋଗାଯୋଗ ସେ ନିଜେହିଁ କରିଦେଲେ ।

ତହିଁ ପରଦିନ ନଭେମ୍ବର ୧୦ ତାରିଖ । ସେହି ଭଦ୍ରଲୋକଙ୍କ ସହିତ ଯାଇ ଅନୁମାନ ଦିବା ୯ ଘଟିକା ସମୟରେ ଗତୁଳପଡାରେ ପହଞ୍ଚିଲେ । ଶ୍ରୀ ଶ୍ରୀ ଠାକୁର ସେତେବେଳେ ଘର ଭିତରେ କିଛି ଲୋକଙ୍କ ସହିତ ଆଳାପ ଆଲୋଚନା କରୁଥାଆନ୍ତି । ଘର ପିଣ୍ଡାକୁ ଉଠି ସେ ଛିଡାହୋଇ ଶୁଣିଲେ କିଏ ଜଣେ ଶ୍ରୀ ଶ୍ରୀ ଠାକୁରଙ୍କୁ କହିଲେ—"ସୁଶୀଲଦା ଆସିଛନ୍ତି ।" ତାହା ଶୁଣିବା ମାତ୍ରେ, ସେ ଏକା ଡ଼ାଆଁକେ ବାହାରକୁ ଦୌଡ଼ ଆସି ସୁଶୀଲ ଚନ୍ଦ୍ରଙ୍କୁ ଗଭୀର ଆଲିଙ୍ଗନରେ ଆବଦ୍ଧ କରି କହିଲେ— "ଆପଣଙ୍କ କଥାହିଁ ଭାବୁଥିଲି । ଆପଣ ଆସିଲେ ମୋତେ ଭଲଲାଗେ, ତେଣୁ ପରମପିତା ଆପଣଙ୍କ ପହଞ୍ଚାଇ ଦେଲେ ।"

ସେ କହିଲେ— "ଆପଣ ଚାଲି ଆସିବା ପରେହିଁ ଆପଣଙ୍କୁ ଦେଖିବା ପାଇଁ ମନଟା କାହିଁକି ଜାଣେନା ଅତ୍ୟନ୍ତ ବ୍ୟଗ୍ର ହୋଇ ଉଠିଲା । ତେଣୁ ଏହି ଭଦ୍ରଲୋକଙ୍କୁ ସଙ୍ଗରେ ପାଇ ଚାଲି ଆସିଲି ।"

"ଖୁବ୍ ଭଲ ହୋଇଛି"— ଏହି କଥା କହି ସେ ତାଙ୍କୁ ଧରି ନେଇ ଘରକୁ ଆସିଲେ । ସେ ଆମି ପହଞ୍ଚି ପିବା ଯୋଗୁଁ ଶ୍ରୀ ଶ୍ରୀ ଠାକୁରଙ୍କର ଯେଉଁ ଭାବାବେଗ ଓ ଆନନ୍ଦୋଚ୍ଛ୍ୱାସ ଦେଖିଲେ, ସେଥିରେ ସେ ଚକିତ ହୋଇଗଲେ । ଭାବିଲେ ନିତ୍ୟାନ୍ତ ଆପଣା ଲୋକ ନହେଲେ କେହି କାହାରି ଦର୍ଶନରେ ଏତେ ଆନନ୍ଦିତ ହୁଏନାହିଁ । ଘର ଭିତରେ ଲୋକ ଭର୍ତ୍ତି ।

Scanned by CamScanner

ତାହାରି ଭିତରେ ସୁଶୀଲ ଚନ୍ଦ୍ରଙ୍କୁ ସ୍ନେହାଲିଙ୍ଗନରେ ଆବଦ୍ଧ କରି ସମସ୍ତଙ୍କୁ କହିବାକୁ ଲଗିଲେ—"ଆଜି ଭରି ଆନନ୍ଦ ଲାଗୁଛି ।" ତାଙ୍କର ଚକ୍ଷୁ ଓ ମୁହଁରେ ଅଭୂତପୂର୍ବ ଆନନ୍ଦୋଚ୍ଛ୍ୱାସ ଫୁଟିଉଠିଲା । ସୁଶୀଲ ଚନ୍ଦ୍ର ଭବି ଭବି ତାର କିଛି କୂଳ କିନାର ପାଇଲେ ନାହିଁ—କିପରି ଜଣେ ମଣିଷକୁ ଦେଖିବା ମାତ୍ରେ ଆଉ ଜଣଙ୍କର ଏଡ଼ିପରି ଆନନ୍ଦର ଅଭିବ୍ୟକ୍ତି ସୃଷ୍ଟି ହୁଏ । ତାଙ୍କର ସେହି ଭବନାଡୋହଁ ତାଙ୍କୁ ବିଶେଷ ଭବରେ ମୁଗ୍ଧ ଓ ଅଭିଭୂତ କରି ତୋଳିଲା ।

ଦ୍ୱିପ୍ରହର ପର୍ଯ୍ୟନ୍ତ ନାନା ପ୍ରକାର କଥାବାର୍ତ୍ତା ଚାଲିଲା । ଦ୍ୱିପ୍ରହରରେ ସ୍ନାନାହାର ଶେଷକରି କିଛି ସମୟ ବିଶ୍ରାମ ନେବାପରେ ପୁଣି ଆଲୋଚନା ଚାଲିବାକୁ ଲଗିଲା । ସନ୍ଧ୍ୟାବେଳକୁ ଘର ଅଗଣାରେ କୀର୍ତ୍ତନ ଆରମ୍ଭ ହେଲା । କୀର୍ତ୍ତନ କହିଲେ ସାଧାରଣତଃ ଯାହା ବୁଝାଯାଏ—ଖୋଳ; କରତାଳ ବଜାଇ କୀର୍ତ୍ତନ । ଏହା କିନ୍ତୁ ସେଭଳି କୀର୍ତ୍ତନ ନୁହେଁ । ଦୁଇ ତିନୋଟି ଡ୍ରାମ ବାଜି ଉଠିଲା, ଶଙ୍ଖ, ଘଣ୍ଟା, କରତାଳ ବାଜି ଉଠିଲା । ସମସ୍ତେ ମିଶି ତାଣ୍ଡବ ନୃତ୍ୟ ଓ କୀର୍ତ୍ତନ ଆରମ୍ଭ କଲେ ।

କୀର୍ତ୍ତନ ଆରମ୍ଭ ହେବାର କିଛି ସମୟ ପରେହିଁ ଶ୍ରୀ ଶ୍ରୀ ଠାକୁର ଘରୁ ଦୌଡ଼ି ଆସି ଦୁଇ ବାହୁ ଟେକି ନାଚି ନାଚି କୀର୍ତ୍ତନରେ ଯୋଗଦେଲେ । ସଙ୍ଗେ ସଙ୍ଗେ ଅଦ୍ଭୁତ ପରିବର୍ତ୍ତନ ହେଲା । ଏଭଳି ଉଦ୍ଦୀପନା ସୃଷ୍ଟି ହେଲା ଯେ ଉପସ୍ଥିତ ସମସ୍ତେ ଭବରେ ମତୁଆଲ ହୋଇ ଉଦଣ୍ଡ କୀର୍ତ୍ତନ ଆରମ୍ଭ କରିଦେଲେ ।

କୀର୍ତ୍ତନ ମଝିରେ ଶ୍ରୀ ଶ୍ରୀ ଠାକୁର ଦୁଇବାହୁ ତୋଳି ମୋହନ ଭଙ୍ଗୀରେ ପ୍ରାଣର ଉଚ୍ଛଳ ପ୍ରାଚୁର୍ଯ୍ୟରେ ନୃତ୍ୟରତ, ତାଙ୍କର ମୁଖମଣ୍ଡଳ ଅପୂର୍ବ ଜ୍ୟୋତିଃ ବିଭରେ ମଣ୍ଡିତ । ସେ ଅପୂର୍ବ ସୁଠାମ ମନୋହର ନୃତ୍ୟଭଙ୍ଗୀ ଯିଏ ଥରେ ନଦେଖିଛି ତାକୁ ଭଷାରେ ବୁଝାଇବା କଠିନ । ସେ କୀର୍ତ୍ତନରେ ଏପରି ମୋହନୀୟ ଆକର୍ଷଣୀ ଶକ୍ତି ଥିଲା ଯେ ଶତ ଶତ ଲୋକ ସେହି ଆକର୍ଷଣରେ ଆକୃଷ୍ଟ ହୋଇ କୀର୍ତ୍ତନରେ ଯୋଗଦେଲେ । ଯେଉଁ ସୁଶୀଲ ଚନ୍ଦ୍ର କୌଣସି ଜନ ଥରେ ହେଲେ ମଧ୍ୟ କୀର୍ତ୍ତନରେ ଯୋଗଦେଇ ନଥିଲେ, ସେହି

Scanned by CamScanner

ସୁଶୀଲ ଚନ୍ଦ୍ର ମଧ୍ୟ ନିଜେ ସ୍ଥିର ହୋଇ ରହି ପାରିଲେ ନାହିଁ । ଦୁଇବାହୁ ତୋଳି କୀର୍ତ୍ତନରେ ଝାମ୍ପି ପଡ଼ିଲେ ।

କୀର୍ତ୍ତନରେ ଏମିତି ଆଲୋଡନ ସୃଷ୍ଟି ହେଲା ଯେ— ଦେଖାଗଲା ତିନି ଚାରିଟି କୁକୁର ସେହି କୀର୍ତ୍ତନରେ ନାଚୁଛନ୍ତି । ମଣିଷତ ଛାର ! ଦୂରରେ ଗାଈମାନେ 'ହମ୍ବା' ହମ୍ବା' ରଡ ଛାଡବାକୁ ଲାଗିଲେ । ଏପରି ଅପୂର୍ବ କୀର୍ତ୍ତନ ସେ ପୂର୍ବରୁ କେବେ ଦେଖି ନଥିଲେ ବା ତାଙ୍କର କଳ୍ପନା ମଧ୍ୟରେ ମଧ୍ୟ ତାହା ନଥିଲା । ଶୁଣିଥିଲେ, ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ କୀର୍ତ୍ତନରେ ଏମିତି ମତୁଆଲ ହୋଇ ଯାଉଥାଆନ୍ତି । ମନେହଲା ଯେମିତି ସେ ଦିନର ସେହି କୀର୍ତ୍ତନ ଟୁଏତ ଏହିଭଳି ଭବରେ ହେଉଥିଲା ।

କୀର୍ତ୍ତନରେ ନାଚୁ ନାଚୁ ହଠାତ୍ ଶ୍ରୀ ଶ୍ରୀ ଠାକୁରଙ୍କର ଶରୀର ବାହ୍ୟ-ଜ୍ଞାନ ଶୂନ୍ୟ ଓ ବିବସ ହୋଇ ମାଟି ଉପରେ ଲୋଟି ପଡ଼ିଲା । ମନେହେଲା ଯେମିତି— ତାଙ୍କର ଦିବ୍ୟ ଦେହଟି ବାହ୍ୟ ଚୈତନ୍ୟ ହୀନ ହୋଇ ଶବ ଭଳି ପଡ଼ି ରହିଛି । ଦେହରେ ଯେଉଁ ଚୈତନ୍ୟ ଅଛି ତାହା ସେତିକି-ବେଳେ ହିଁ ସେ ବୁଝିପାରିଲେ ଯେତେବେଳେ ଦେଖିଲେ— ଶ୍ରୀ ଶ୍ରୀ ଠାକୁର-ଙ୍କର ଡାହାଣ ପାଦର ବୃଦ୍ଧାଙ୍ଗୁଷ୍ଠଟି ଥର ଥର ହୋଇ କମ୍ପୁଛି । ତାହା ଦେଖି ସୁଶୀଲ ଚନ୍ଦ୍ର ହତଚକିତ ହୋଇ ଯାଇଥିଲେ । ମନେକଲେ—କୀର୍ତ୍ତନ ମଝିରେ ଏ କି ଘଟଣା ଘଟିଲା । ପାର୍ଶ୍ୱବର୍ତ୍ତୀ ଜଣେ ଲୋକ ସେହି ଅବସ୍ଥା ଦେଖି ଶ୍ରୀ ଶ୍ରୀ ଠାକୁରଙ୍କର ବୃଦ୍ଧାଙ୍ଗୁଷ୍ଠ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଲେ । ଏମିତି ଅବସ୍ଥା ହେଲାବେଳେ କେହି ତାଙ୍କର ଶରୀରକୁ ସ୍ପର୍ଶ କରୁନଥାନ୍ତି, ସ୍ପର୍ଶ କରିଲେ ତାଙ୍କୁ ଖୁବ୍ କଷ୍ଟ ହେଉଥାଏ ନା କ'ଣ !

ସୁଶୀଲ ଚନ୍ଦ୍ର ଆଗେଇ ଆସି ତାଙ୍କ ମୁଣ୍ଡ ପାଖରେ ବସିଲେ । ଦେଖିଲେ ଚକ୍ଷୁ ପଲକହୀନ, ଚକ୍ଷୁ ତାରକା ସ୍ଥିର ଅଚଞ୍ଚଳ, କପାଳଟି ଯେମିତି ଚକ୍ ଚକ୍ କରୁଛି । କୌତୁହଳୀ ହୋଇ ଆସ୍ତେ ଆସ୍ତେ ତାଙ୍କ ଦେହରେ ହାତ ଦେଲେ, କେହି ତାଙ୍କୁ ବାରଣ କରିଲେ ନାହିଁ । ଦେହରେ ହାତ ଦେଇ ଦେଖିଲେ—ଶରୀରଟି ବରଫ ଭଳି ଶୀତଳ । ହୃତ୍‌ପିଣ୍ଡର କ୍ରିୟା

ଅନୁଭବ କରିବା ପାଇଁ ଛାତିରେ କ୍ରମେ ହାତଦେଲେ । ଏଭଳି ଉଦଣ୍ଡ କୀର୍ତ୍ତନ ପରେ ହୃତ୍‌ପିଣ୍ଡର କ୍ରିୟା ଦ୍ରୁତତର ହେବାହିଁ ସ୍ୱାଭାବିକ୍ । କନ୍ତୁ କି ଆଶ୍ଚର୍ଯ୍ୟ ! ହୃତ୍‌ପିଣ୍ଡ କ୍ରିୟାର କୌଣସି ଲକ୍ଷଣ ହିଁ ଅନୁଭବ କରିପାରିଲେ ନାହିଁ ସେ । ବିସ୍ମୟାବିଷ୍ଟ ଭଳି ତାଙ୍କର ଦେହକୁ ଘୋଟି ରହିଲେ ।

ଏହିଭଳି ଅବସ୍ଥାରେ ହଠାତ୍ ବିଦ୍ୟୁତ୍ ଝଙ୍କାର ଭଳି ତାଙ୍କ କଣ୍ଠରେ ଉଦ୍‌ଘୋଷିତ ହୋଇ ଉଠିଲ ଉଦାତ୍ତ ବାଣୀ— "ରକ୍ଷାକର, ରକ୍ଷାକର— କେବଳ ରକ୍ତ, ରକ୍ତଗଙ୍ଗା ବହିଗଲ, ବର୍ତ୍ତମାନ ମଧ୍ୟ ନୀରବ ନିସ୍ପନ୍ଦ ? ଏବେ ମଧ୍ୟ ଘାତକ ଭଳି ଭୁଲି ଯାଇଛ ? ତୁମେ ସବୁ ପ୍ରେମର ସନ୍ତାନ ! ଏହି ଦେଶର ମାଟିରେ ହୃଦୟ ଧରି, ହୃତପିଣ୍ଡ ଧରି କିଏ ପ୍ରେମ ଦେଇ ଯାଇଛିରେ ? ଓ ରେ, ସେ ଯେ ମୋହରିହିଁ .....ନିର୍ଦ୍ଦୟ ରୂପେ ଘେର ଭଳି କ୍ରୁଶବିଦ୍ଧ ହୋଇଥିଲ ! ଆଉ ତୁମେମାନେ ମଧ୍ୟ ନୀରବ-ନିସ୍ତବ୍ଧ ? ପଶୁ ଭଳି କାମାଶକ୍ତ ଆମୋଦପ୍ରିୟ ?"

ସେ ଦିନଟି ଥିଲ ୧୯୧୭ ମସିହା ନଭେମ୍ବର ୧୦ ତାରିଖ । ସେତେ-ବେଳେ ଇଉରୋପରେ ପ୍ରଥମ ବିଶ୍ୱଯୁଦ୍ଧ ଘଟିଛି । ସେହି ରକ୍ତାକ୍ଷୟୀ ମହା-ସଂଗ୍ରାମକୁ ଉପଲକ୍ଷ୍ୟ କରିହିଁ ଏହି ବାଣୀ ତାହା ବୁଝିବାରେ କଷ୍ଟ ହେଲ ନାହିଁ । ଉଦାତ୍ତ କଣ୍ଠରେ ଏହି ବାଣୀଟି ସୁଶୀଲ ଚନ୍ଦ୍ର ବସୁଙ୍କୁ ଓ ପାର୍ଶ୍ୱବର୍ତ୍ତୀ ସମସ୍ତଙ୍କୁ ଭବାବେଗରେ ଆପ୍ଲୁତ କରି ତୋଳିଲ । କାହିଁକି ଯେ ଏମିତି କରି ତୋଳିଲ ତାଙ୍କର ସେହି ବାଣୀର ଅପୂର୍ବ ସ୍ୱର ଲହରୀ ଯିଏ ନଶୁଣିଛି ତାକୁ ବୁଝାଇବା କଠିନ ।

ତାପରେ ହିଁ ପୁଣି ବାଣୀ ନିର୍ଗତ ହେବାକୁ ଲାଗିଲ —"ଯାହା କିଛି ହୋଇଛି ସବୁ ଶବ୍ଦ ତରଙ୍ଗରୁ, ଚୈତନ୍ୟ ତରଙ୍ଗହିଁ ବ୍ରହ୍ମ । ସହସ୍ର ଦଳରୁ ବାହାରର ଧାଗପିଣ୍ଡକୁ ଆସିଛି ।" ବୁଝାଗଲ ଯେ ସୃଜନ ପ୍ରଗତିକୁ ଲକ୍ଷ୍ୟ କରିହିଁ ଏକଥା କହୁଛନ୍ତି ।

ସେଦିନର ତାଙ୍କର ସେହି ଅବସ୍ଥା ପ୍ରାୟ ଘଣ୍ଟିଶ ମିନିଟ୍ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିଥିଲ । ବାହ୍ୟଜ୍ଞାନ ଫେରିଆସିବା ପୂର୍ବ ମୁହୂର୍ତ୍ତରେ ଯେ କହି

Scanned by CamScanner

ଉଠିଲେ—"ପାଣି ପିଇବିରେ ପାଣି ପିଇବି। ଅନନ୍ତ ମହାଗଡ ପାଖରେ ଥାଆନ୍ତ। ସେ ଗୋଟିଏ ପରିଷ୍କାର ତମ୍ବା ଲୋଟାରେ ପାଣିଆଣି ପିଇବାକୁ ଦେଲେ।

ଶ୍ରୀ ଶ୍ରୀ ରମକୃଷ୍ଣ ପରମହଂସ ଦେବଙ୍କର ଉବସମାଧି ହେବାକଥା ସେ ଆଗରୁ ଶୁଣିଥିଲେ। ସେ ସମାଧି ଅବସ୍ଥାରୁ ଫେରିବା ସମୟରେ ଗୋଟିଏ ପାର୍ଥିବ ଆକାଂକ୍ଷା ବିଷୟକୁ ଆଶ୍ରୟ କରି ସାଧାରଣ ଭୂମିକୁ ଓହ୍ଲାଇ ଆସୁ-ଥାଆନ୍ତ। ସେ ମଧ୍ୟ ସମାଧି ଭଙ୍ଗର ପୂର୍ବ ମୁହୂର୍ତ୍ତରୁ 'ପାଣି ପିଇବି' ବା 'ତମାଖୁ ସେବନ କରିବି'—ଏହିଭଳି କଥା କହି ସାଧାରଣ ଭୂମି ବା ସବିକଳ୍ପ ଅବସ୍ଥାକୁ ଫେରି ଆସୁଥାଆନ୍ତ। ଏହି ଦିଟରୁ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଶ୍ରୀ ଶ୍ରୀ ରମକୃଷ୍ଣ ଦେବଙ୍କର ଅପୂର୍ବ ସାମଞ୍ଜସ୍ୟ ଦେଖିବାକୁ ପାଇଲେ। କିନ୍ତୁ ଶ୍ରୀ ଶ୍ରୀ ରମକୃଷ୍ଣ ଦେବ ସମାଧି ଅବସ୍ଥାରେ କୌଣସି କଥା କହୁ ନଥାଆନ୍ତ।

କିନ୍ତୁ କାହିଁକି ? ଏହି ପ୍ରଶ୍ନଟି ତାଙ୍କ ମନରେ ଜାଗିଲା। ନିର୍ବିକଳ୍ପ ସମାଧିରେ ଯେଉଁଠି ଜ୍ଞାନ, ଜ୍ଞେୟ, ଜ୍ଞାତା ସବୁହିଁ ଲୟ ହୋଇଥାଏ, ନିଜର କୌଣସି ଅସ୍ତିତ୍ୱ ବୋଧ ଥାଏନା ବୋଲି ଶୁଣାଯାଏ, ଶ୍ରୀ ଶ୍ରୀ ରମକୃଷ୍ଣଙ୍କ ଭଷାରେ ଲବଣର ପିତୁଳା ସମୁଦ୍ରର ଗଭୀରତା ମାପିବାକୁ ଗଲେ ଯେଉଁ ଅବସ୍ଥା ହୁଏ, ସେ ଅବସ୍ଥାରେ କଥା କହିବା କ'ଣ କେବେ ସମ୍ଭବ ? ମନେ-ହେଲା ତାହା କେବଳ ସମ୍ଭବ ହୋଇପାରେ ଯଦି ଲବଣର ପିତୁଳା ନହୋଇ ପଥରର ପିତୁଳା ହୁଏ। ଶ୍ରୀ ଶ୍ରୀ ଠାକୁରଙ୍କ ସମାଧି ଅବସ୍ଥାରେ ଜଣେ ଦର୍ଶକଙ୍କ ମନରେ ଏଭଳି ପ୍ରଶ୍ନ ଜାଗିଥିଲା ସେତେବେଳେ ସମାଧି ଅବସ୍ଥାରେ ହିଁ ସେ କହିଥିଲେ, "ଭବର ଚରମରେ; 'ମୁଁ' କୁ ପୃଥକ୍ କରି ରଖିଲେ କଥା କୁହା-ଯାଇପାରେ।" କହିବା ବାହୁଲ୍ୟ ଯେ ସମାଧିସ୍ଥ ଅବସ୍ଥାରେ ତାଙ୍କର ଏହି ଉକ୍ତି ତାଙ୍କ ପ୍ରଶ୍ନର ବା ଚିନ୍ତାର ସମାନ ଅର୍ଥ ବୋଧକ।

ମହାଭରତର କଥା ମଧ୍ୟ ତାଙ୍କର ମନେ ପଡ଼ିଲା। ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ର ଯୁଦ୍ଧ ସମୟରେ ଯୋଗଯୁକ୍ତ ଅବସ୍ଥାରେ ଗୀତା କହିଥିଲେ। ଯୁଦ୍ଧର ଅବସାନ ହେଲା ପରେ ଅର୍ଜୁନ ଯେତେବେଳେ ଶ୍ରୀକୃଷ୍ଣଙ୍କୁ ପଚାରନ୍ତ ଯେ, 'ସେତେବେଳେ ଆପଣ ମୋତେ ଯେଉଁ 'ଗୀତା' ଉପଦେଶ ଦେଇଥିଲେ

Scanned by CamScanner

ତାହା ମୋର ବିଶେଷ କିଛି ମନେନାହିଁ । ବର୍ତ୍ତମାନ ଦୟାକରି ପୁଣିଥରେ ଗୀତାର ମହାନ ଉପଦେଶ କଥା ମୋତେ ବୁଝାଇ କୁହନ୍ତୁ ।'

ତାର ଉତ୍ତରରେ ଶ୍ରୀକୃଷ୍ଣ କହିଥିଲେ, 'ସେତେବେଳେ ମୁଁ ସମାଧି ଅବସ୍ଥାରେ ତୁମକୁ 'ଗୀତା' ଉପଦେଶ ଦେଇଥିଲି, ବର୍ତ୍ତମାନ ଆଉ ମୋର ସେ ଅବସ୍ଥା ନାହିଁ, ତେଣୁ ଆଉ ତୁମକୁ 'ଗୀତା' ଉପଦେଶ ଦେଇ ପାରିବି ନାହିଁ । ତେବେ ଗୀତାର ସାରମର୍ମ କ'ଣ ତାହା ତୁମକୁ କହୁଛି ।' ଏହା କହି ସେ ଅର୍ଜ୍ଜୁନକୁ ସେତେବେଳେ ଯାହା କହିଲେ ତାହା 'ଅନୁଗୀତା' ନାମରେ ପ୍ରସିଦ୍ଧ ।

ଶ୍ରୀ ଶ୍ରୀ ଠାକୁରଙ୍କର ସମାଧି ଭଙ୍ଗହେଲା । ସମାଧିସ୍ଥ ପରେ ତାଙ୍କୁ ଖୁବ୍ କ୍ଲାନ୍ତ ବୋଧ ହେଲା । ଯେମିତି ଗୋଟିଏ ପ୍ରଳୟର ଝଡ ତାଙ୍କ ଦେହ ଉପର ଦେଇ ବହି ଯାଉଛି । ଅନନ୍ତ ମହାରଜଙ୍କୁ ବେଷ୍ଟନ କରି ତାଙ୍କ ଗଳାରେ ହାତ ଦେଇ ସେ ଘର ଭିତରେ ଆସି ବସିଲେ । ସୁଶୀଲ ଚନ୍ଦ୍ର ମଧ୍ୟ ତାଙ୍କ ପାଖରେ ଆସି ବସିଲେ । କିନ୍ତୁ ସେତେବେଳେ ତାଙ୍କର ସେହି ଅପୂର୍ବ ଅବସ୍ଥା କଥା ସୁଶୀଲ ଚନ୍ଦ୍ରଙ୍କର ମନରେ ବାରମ୍ବାର ଉଙ୍କି ମାରିବାକୁ ଲଗିଲା ।

ତାଙ୍କର ଏହି ଉଚ୍ଚ ସମାଧି ସମ୍ବନ୍ଧରେ ମନରେ ଅନେକ ପ୍ରଶ୍ନ ଜାଗିଲା । କିନ୍ତୁ ସେତେବେଳେ ତାଙ୍କ ଶରୀରର ଅବସ୍ଥା କଥା ବିବେଚନା କରି କୌଣସି ପ୍ରଶ୍ନ କରି ନଥିଲେ । ବେଶ୍ କିଛି ସମୟ ପରେ ସେ ସୁସ୍ଥ ବୋଧ କରିବାରୁ ଆହାରର ଆୟୋଜନ କରି ତାଙ୍କୁ ଖାଇବାକୁ ଡକାଗଲା । ସେ ଖାଇବାକୁ ଗଲେ । ତାଙ୍କର ଆହାରଦି ଶେଷ ହେବାରୁ ସୁଶୀଲ ଚନ୍ଦ୍ରଙ୍କୁ ଖାଇବାକୁ ଡାକାଗଲା । ସେ ଖିଆପିଆ ଶେଷ କରି ଆସି ତାଙ୍କ ଶଯ୍ୟା ପାର୍ଶ୍ୱରେ ବସିଲେ । ସେତେବେଳେ ଦେଖିଲେ ଯେ ଶ୍ରୀ ଶ୍ରୀ ଠାକୁର ସ୍ୱାଭାବିକ ଭାବରେ କଥାବାର୍ତ୍ତା କରୁଛନ୍ତି ।

ସୁବିଧା ସୁଯୋଗ ଦେଖି—ଶ୍ରୀ ଶ୍ରୀ ଠାକୁରଙ୍କୁ ପ୍ରଶ୍ନ କରିଲେ—'ଆପଣଙ୍କର ଯେଉଁ ଅବସ୍ଥା କିଛି ସମୟ ପୂର୍ବରୁ ଦେଖିଲି, ତାହା କ'ଣ ? ତାହାକୁ କ'ଣ ସମାଧିସ୍ଥ ଅବସ୍ଥା କୁହାଯାଏ ? ସାଧନାର ଚରମରେ କ'ଣ ଏହି ଅବସ୍ଥା ହୁଏ ? '

Scanned by CamScanner

ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ—'ମୋର ଏହି ଅବସ୍ଥାର କଥା ଯଦି ପଚାରନ୍ତ ତେବେ ମୁଁ କିଛି କହି ପାରିବି ନାହିଁ । ମୁଁ ଅଚେତନ୍ୟ ଅବସ୍ଥାରେ ଯାହା କିଛି କୁହେଁ ସେ ସମ୍ବନ୍ଧରେ ମୋର କୌଣସି ଜ୍ଞାନ ନଥାଏ । ସେହିପରି ଅବସ୍ଥାରେ ଯେଉଁ ସବୁ କଥା କହେଁ ବା କହିଛି, ସେଥିପାଇଁ ମୁଁ ଦାୟୀତ୍ୱ ନେଇ ପାରେନା । ମୁଁ ସହଜ ବା ସ୍ୱାଭାବିକ ଅବସ୍ଥାରେ ଯାହା ଯାହା କୁହେଁ ସେ ସବୁର ଦାୟୀତ୍ୱ ମୋର । ମୋର ଯେତେବେଳେ କୌଣସି ଜ୍ଞାନ ବା ଚେତନ୍ୟ ନ ଥାଏ, ସେ ଅବସ୍ଥାରେ ମୁଁ ନିଜକୁ ଦାୟୀ କରି ପାରେକି ? ଏହା ଆପଣମାନେ ହିଁ ବିଚାର କରି ବୁଝିବେ ।'

ସୁଶୀଲ ଚନ୍ଦ୍ର କହିଲେ—'ଅବସ୍ଥାଟା ହୁଏ ଆପଣଙ୍କର । ଆପଣହିଁ ଯଦି ସେ ସମ୍ବନ୍ଧରେ କିଛି କହି ନପାରନ୍ତ ତେବେ ଆମ୍ଭେମାନେ ବିଚାର କରି କ'ଣ ବୁଝିବୁ ? ଏହା ଏକ rare phenomenon (ଦୁର୍ଲଭ ଘଟଣା), ବହୁ ଯୁଗ ପରେ କ୍ୱଚିତ୍ କେତେବେଳେ ସଂଘଟିତ ହୁଏ ଏବଂ ତାହା ଶ୍ରୀକୃଷ୍ଣ, ବୁଦ୍ଧ ଚୈତନ୍ୟ, ରାମକୃଷ୍ଣ ପ୍ରଭୃତି ଅବତାର ପୁରୁଷ ମଧ୍ୟରେହିଁ ସୀମାବଦ୍ଧ । କାର୍ଯ୍ୟତଃ ଏସବୁର ବ୍ୟାଖ୍ୟା ବୁଦ୍ଧି-ବିଚାର କରି ଠିକ୍ କରିବା, ସାଧାରଣ ମଣିଷର ସାଧ୍ୟାୟତ୍ତର ନୁହେଁ । ମୋର ତ ମନେ ହୁଏ, ଏକଥା କହିବାର ବା ବୁଝାଇ ଦେବାର ଯୋଗ୍ୟତା କେବଳ ଆପଣଙ୍କରହିଁ ଅଛି । ଅବଶ୍ୟ ଆପଣ ଯଦି ନ କୁହନ୍ତ, ତେବେ ସେ କଥା ସ୍ୱତନ୍ତ୍ର ।'

ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ—'ମୋର ଯାହା କିଛି କହିବାର ତାହା ଆଗରୁ କହିଛି ।'

ଏ ବିଷୟ ନେଇ ତାଙ୍କୁ ଆଉ କିଛି ନକହି ସୁଶୀଲ ଚନ୍ଦ୍ର ପଚାରିଲେ — 'ଆଚ୍ଛା ଆପଣ କ'ଣ ଏକାନ୍ତରେ ନିର୍ଜ୍ଜନରେ ବସି ସାଧନା କରିଛନ୍ତ ? '

ଉତ୍ତରରେ ଶ୍ରୀ ଶ୍ରୀ ଠାକୁର ଯାହା କହିଲେ ତାହା ଯେମିତି ଚମତ୍କାର ସେମିତି ଅନନ୍ୟ ସାଧାରଣ । କୌଣସି ମହାପୁରୁଷ ବା ଅବତାର ପୁରୁଷଙ୍କ ଜୀବନରେ ଏପରି ଘଟିଛି ବୋଲି ତାଙ୍କୁ ଜଣାନଥିଲା । ଶ୍ରୀ ଶ୍ରୀ ଠାକୁର କହିଲେ ଯେ, ଏକାନ୍ତରେ, ନିର୍ଜ୍ଜନରେ ବସି ସେ ସାଧନା କରି ନାହାନ୍ତ । ଜ୍ଞାନୋ-

Scanned by CamScanner

କ୍ଲେଷର ସଙ୍ଗେ ସଙ୍ଗେ ସ୍ୱତଃସ୍ଫୂର୍ତ୍ତ ଭବରେ ସତ୍‌ନାମର ପ୍ରକାଶହିଁ ତାଙ୍କ ମଧ୍ୟରେ ହୋଇଥିଲା ଏବଂ ସେ ଅହର୍ନିଶି ଏହି ନାମ ଜପ କରୁଥାଆନ୍ତ ଏବଂ ସେ ଭବୁ ଥାଆନ୍ତ ଯେ, ପତ୍ୟେକଙ୍କ ଭିତରେ ସତ୍‌ନାମ ଏହିପରି ସ୍ୱତଃସ୍ଫୂର୍ତ୍ତ ଭବରେହିଁ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକେ ବୋଧହୁଏ—ଏହି ନାମ ତାଙ୍କରି ନ୍ୟାୟରେ ଦିବାନିଶି ଜପ କରନ୍ତ । ବଡ ହେଲେ ତାଙ୍କରି ଏହି ଭ୍ରମ ଦୂର ହୁଏ ।

ସେ କହିଲେ ଯେ, ବାଲ୍ୟ କାଳରେ ଜଗନ୍ମାତା କାଳୀ, ଶ୍ରୀକୃଷ୍ଣ ଓ ଅନ୍ୟାନ୍ୟ ଦେବଦେବୀମାନେ ଦିବ୍ୟଜ୍ୟୋତିରେ ତାଙ୍କୁ ଦର୍ଶନ ଦେଉଥାଆନ୍ତ, ତାଙ୍କ ସହିତ କଥାବାର୍ତ୍ତା କରୁଥାଆନ୍ତ । କେବେ କେବେ ଜ୍ୟୋତିର ଅପରୂପ ପ୍ରକାଶ ଓ ଅନାହତ ନାଦ ଧ୍ୱନୀ ଶୁଣି ସେ ବହ୍ୟ ଜ୍ଞାନଶୂନ୍ୟ ହୋଇପଡୁ ଥାଆନ୍ତ । ନାମ ଜପ କରୁ କରୁ ଶରୀରର ତାପମାତ୍ରା ଏତେ ବଢି ଯାଉଥାଏ ଯେ, ଶରୀରରେ ଜଳବିନ୍ଦୁ ପଡିଲେ ତାହା ସଙ୍ଗେ ସଙ୍ଗେ ବାଷ୍ପ ହୋଇ ଉଡି ଯାଉଥାଏ । ଏହାହିଁ ତ ଯୋଗୀ ଜନଦୁର୍ଲଭ ସାଧନା । ଜୀବନରେ ଏହି ସବୁ ଅନୁଭୂତି ତାଙ୍କର ବାଲ୍ୟକାଳରେହିଁ ହୋଇଥିଲା । ଶ୍ରୀ ଶ୍ରୀ ଠାକୁରଙ୍କର ସେ ସମସ୍ତ ଅନୁଭୂତି ବର୍ଣ୍ଣନା କରିବାର କଥା ସ୍ମରଣ କରିଲେ ତାଙ୍କର ଶରୀର ରୋମାଞ୍ଚ ହୋଇଉଠେ ।

ଶ୍ରୀ ଶ୍ରୀ ଠାକୁରଙ୍କର ଏହି ସବୁ ବର୍ଣ୍ଣନା ଶୁଣି ସୁଶୀଲ ଚନ୍ଦ୍ର ସ୍ତମ୍ଭିତ ହୋଇ ଯାଇଥିଲେ । ମୁହଁରେ କୌଣସି ବାକ୍ ସ୍ଫୂର୍ତ୍ତି ହେଲା ନାହିଁ । କିଛି ସମୟ ଏହିପରି ଭବରେ ବସି ରହି ସେ ପୁଣି କହିଲେ— "ଆପଣଙ୍କ କଥା ଅବିଶ୍ୱାସ କରୁ ନାହିଁ, କିନ୍ତୁ ମନରେ ଗୋଟିଏ ସଂଶୟ ଜାଗୁଛି । ତାହା ଆପଣଙ୍କୁ ଖୋଲାଖୋଲି ଭବରେ ନକହି ରହିପାରୁ ନାହିଁ" ।

"ଶ୍ରୀ ଚୈତନ୍ୟ ଦେବଙ୍କ ଜୀବନୀ ପର୍ଯ୍ୟାଲୋଚନା କରିଲେ ଦେଖିବାକୁ ମିଳେ ଯେ ତାଙ୍କ ଜୀବନର ପ୍ରଥମ ଭଗରେ ତାଙ୍କର ପରବର୍ତ୍ତୀ ଦିବ୍ୟ-ଜୀବନର ସେପରି ଆଭସ ନାହିଁ, ଗୟାଧାମରେ ପିତୃ ପିଣ୍ଡଦାନ କାର୍ଯ୍ୟ ଶେଷକରି ଫେରିବା ପରଠାରୁ ହିଁ ତାଙ୍କ ଜୀବନର ବହିଃପ୍ରକାଶ ଏବଂ ସନ୍ନ୍ୟାସ ଜୀବନ ପରଠାରୁହିଁ ତାହା ପରିପୂର୍ଣ୍ଣ ରୂପେ ଆତ୍ମପ୍ରକାଶ କଲା । ଭଗବାନ ଶ୍ରୀ ଶ୍ରୀ

Scanned by CamScanner

ବୁଦ୍ଧଦେବଙ୍କ ଜୀବନରେ ମଧ୍ୟ ଦେଖିବାକୁ ମିଳେ ଯେ ୨୯ ବର୍ଷ ବୟସରେ ଗୃହ ତ୍ୟାଗ କରି କଠୋର ସାଧନାରେ ଅତିବାହିତ କରିବା ପରେ ତାଙ୍କର ଦିବ୍ୟ ଜୀବନର ପରିପ୍ରକାଶ ହୁଏ । ଭଗବାନ ଯୀଶୁଙ୍କ ଜୀବନର ୧୨ରୁ ୩୦ ବର୍ଷ ପର୍ଯ୍ୟନ୍ତ ଇତିହାସ ଅଜ୍ଞାତ । ଅନେକେ କୁହନ୍ତି, ସେହି ସମୟରେ ସେ ଯୋଗ ଶିକ୍ଷା କରିବା ପାଇଁ ଭରତକୁ ଆସି କଠୋର ସାଧନା କରିଥିଲେ । ଏହି କଠୋର ସାଧନାର ଫଳ ସ୍ୱରୂପ ୩୦ ବର୍ଷ ବୟସରେ ତାଙ୍କର ଦିବ୍ୟ ଜୀବନର ଆରମ୍ଭ ହୁଏ । ହଜରତ୍ ରସୁଲଙ୍କ ପ୍ରଥମ ଜୀବନରେ ମଧ୍ୟ ଆମେ ତାଙ୍କର ପରବର୍ତ୍ତୀ ଦିବ୍ୟ ଜୀବନର କୌଣସି ଇଙ୍ଗିତ ପାଉନାହୁଁ । ଆଧୁନିକ ଯୁଗରେ ଶ୍ରୀ ରାମକୃଷ୍ଣଙ୍କ ଜୀବନରେ ଦିବ୍ୟଜୀବନରେ ପ୍ରକାଶ ପ୍ରକୃତ ପକ୍ଷରେ ଆରମ୍ଭ ହୁଏ ଯେତେବେଳେ ସେ ଦକ୍ଷିଣେଶ୍ୱର କାଳୀମାତାଙ୍କ ପୂଜାରୀ ରୂପେ ନିଯୁକ୍ତି ହୁଅନ୍ତି । ଆଉ ଆପଣ କହୁଛନ୍ତି ଯେ ଜ୍ଞାନୋନ୍ମେଷ ହେବା ସଙ୍ଗେ ସଙ୍ଗେ ଆପଣ ନାମ କରୁଥାନ୍ତି; ଅନେକ ଜ୍ୟୋତିର୍ମୟ ଦେବଦେବୀଙ୍କ ଦର୍ଶନ ପାଉଥାଆନ୍ତି ଏବଂ ଆପଣଙ୍କ ସହିତ ସେମାନେ କଥା କହୁଥାଆନ୍ତି; ଜ୍ୟୋତିର ଅପୂର୍ବ ବିକାଶ ହେଉଥାଏ ଏବଂ ଅନାହତ ନାଦଧ୍ୱନୀ ଶୁଣି ସଙ୍ଗେ ସଙ୍ଗେ ଅଚେତନ୍ୟ ହୋଇ ପଡୁଥାଆନ୍ତି । କୌଣସି ପ୍ରକାର ସାଧନା ବ୍ୟତିରେକେ ସ୍ୱତଃସ୍ଫୂର୍ତ୍ତ ଭାବରେ ଦିବ୍ୟ ଜୀବନର ଏହିପରି ଅପୂର୍ବ ପରିପ୍ରକାଶ କେଉଁଠି ହେଲେ ଦେଖିବାକୁ ମିଳେ ନାହିଁ ବୋଲି ମନରେ ଏ ସଂଶୟ ” ।

ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ —‘ମୁଁ ନିଜକୁ କୌଣସି ଅବତାର ପୁରୁଷ ବା ମହାପୁରୁଷ ବୋଲି ଜାଣେନାହିଁ । ସେମାନଙ୍କ ସହିତ ମୋର ନ୍ୟାୟ, ମୂର୍ଖ ଏବଂ ନଗଣ୍ୟ ବ୍ୟକ୍ତିର ତୁଳନା ମଧ୍ୟ ଅନ୍ୟାୟ ବୋଲି ମନେ କରେ । ମୁଁ—ମୁଁହିଁ । ମୋ ନିଜ ଜୀବନରେ ଯାହା ଘଟିଛି ତାହା ଆପଣଙ୍କୁ କହିଛି । କାହାରି ସହିତ ମୋ ଜୀବନର ଅଭିଜ୍ଞତା ଯଦି ନମିଳେ, ତାହେଲେ ମୁଁ ବା କ’ଣ କରିପାରେ କୁହନ୍ତୁ ନା ! ’

ମନୀଷୀ କାର୍‌ଲାଇଲଙ୍କର ‘Hero Worship’ ବହିରେ ସେ ପଢିଥିଲେ ଯେ ‘Great men are unconsciously gr at ’ ଏହା କ’ଣ ତାହାରି ଏକ ଉଦାହରଣ ? ଅବଶ୍ୟ ସେ ଏହି କଥା ମନେ ମନେ ଭାବୁଥିଲେ ।

Scanned by CamScanner

ଏହିକଥା ହେବା ପରେହିଁ ଶ୍ରୀ ଶ୍ରୀ ଠାକୁର ଶୋଇବାକୁ ଗଲେ । ସୁଶୀଲ ଚନ୍ଦ୍ର ମଧ୍ୟ ଉଠି ପଡ଼ଲେ । ତହିଁ ପରଦିନ ଖାଇ ସାରିବା ପରେ ଅପରାହ୍ନରେ ଶ୍ରୀ ଶ୍ରୀ ଠାକୁର ଓ କୀର୍ତ୍ତନ ଦଳ ସହିତ ସମସ୍ତେ କମଳାପୁର ଅଭିମୁଖେ ଗମନ କରିଲେ । ଘତୁଳପଡାରୁ କମଳାପୁର ବ୍ୟବଧାନ ପ୍ରାୟ ତିନି ମାଇଲ । ରାସ୍ତାଯାକ କୀର୍ତ୍ତନ କରି କରି ଶ୍ରୀଯୁକ୍ତ ସୁରେନ୍ଦ୍ର ଭୂଷଣ ବିଶ୍ୱାସଙ୍କ ଘରେ ଯାଇ ପହଞ୍ଚିଲେ ।

ସୁରେନ୍ଦ୍ର ଭୂଷଣ ଗ୍ରାମର ଜଣେ ପ୍ରତାପଶାଳୀ ଜମିଦାର । ତା ଛଡା ତାଙ୍କ ପିତୃଦେବ ରେଶମ, ପାଟ, ଧାନ, ଚୈତାଳୀ କାରବାର ଇତ୍ୟାଦିରେ ପ୍ରଭୂତ ଧନ ସଞ୍ଚୟ କରି ରଖି ଯାଇଛନ୍ତ । ସେ ସମୟରେ ତାଙ୍କ ପିତୃଦେବ କଲିକତାର ଜଣେ ନାମୀ ସୌଦାଗର ଥିଲେ । ଚିତ୍‌ପୁରରେ ଗଙ୍ଗା କୂଳରେ ତାଙ୍କର ଏକ ଗଦିଘର ଥିଲା । ଅଳ୍ପ ବୟସରେ ପ୍ରଭୂତ ଅର୍ଥ ଓ ପ୍ରଭୂତ ଜମିଦାରୀର ମାଲିକ ହୋଇଥିବାରୁ ସେ ବିଳାସ ବ୍ୟସନରେ ପ୍ରଭୂତ ଅର୍ଥ ବ୍ୟୟ କରୁଥାଆନ୍ତ । ଦୁର୍ଦ୍ଦାନ୍ତ ପ୍ରତାପଶାଳୀ ହିସାବରେ ସେ ଗ୍ରାମରେ ବସବାସ କରୁଥାଆନ୍ତ ଏବଂ ତାଙ୍କରି ଭୟରେ ପୋଲିସ କର୍ମଚାରୀମାନେ ସୁଦ୍ଧା ସନ୍ତ୍ରସ୍ତ ହୋଇ ରହୁଥାଆନ୍ତ ।

ସୁରେନ୍ଦ୍ର ଭୂଷଣ ଓ ଗିରିନ୍ଦ୍ର ଭୂଷଣ ଦୁଇଭାଇ । କିଛିଦିନ ପୂର୍ବେ ଶ୍ରୀ ଶ୍ରୀ ଠାକୁରଙ୍କର ସତ୍ ମନ୍ତ୍ରରେ ଦୀକ୍ଷା ଗ୍ରହଣ କରନ୍ତ । ଦୀକ୍ଷା ଗ୍ରହଣ ପରେ ସୁରେନ୍ଦ୍ର ଭୂଷଣଙ୍କ ଚରିତ୍ରର ଆମୂଳଚୂଳ ପରିବର୍ତ୍ତନ ସାଧିତ ହୋଇଥିଲା ।

କମଳାପୁରରେ ପହଞ୍ଚିଲା ପରେ ସେମାନଙ୍କ ସହିତ ପ୍ରଥମେ ଆଳାପ ଆଲୋଚନା ଓ ଚିହ୍ନା ପରିଚୟ ହୁଏ । ସେମାନଙ୍କ ସୌଜନ୍ୟରେ ଓ ବିନୟ ନମ୍ର ବ୍ୟବହାରରେ ସୁଶୀଲ ଚନ୍ଦ୍ର ମୁଗ୍ଧ ହୋଇଗଲେ । ସଙ୍ଗେ ସଙ୍ଗେ ଭବିବାକୁ ଲାଗିଲେ—ଯେଉଁ ଦାମ୍ଭିକ, ଜିଦ୍‌ଖୋର, ଉଦ୍ଧତ ପ୍ରକୃତିର ସୁରେନ୍ଦ୍ର ଭୂଷଣଙ୍କ କଥା ସେ ଶୁଣିଥିଲେ, ସେହି ବ୍ୟକ୍ତି କ'ଣ ଏହି ସୁରେନ୍ଦ୍ର ଭୂଷଣ ? ପୂର୍ବରୁ ଯେଉଁ ସୁରେନ୍ଦ୍ର ଭୂଷଣଙ୍କ କଥା ଲୋକଙ୍କ ମୁହଁରୁ ଶୁଣି ସୁଶୀଲ ଚନ୍ଦ୍ରଙ୍କ ମନ ମଧ୍ୟରେ ତାଙ୍କ ସମ୍ବନ୍ଧରେ ଏକ ଭୁଲ ଧାରଣା ବଦ୍ଧମୂଳ ହୋଇ ରହିଥିଲା; ତାଙ୍କ ସହିତ ସାକ୍ଷାତ ପରିଚୟ ହେଲା ପରେ ସେହି ଭ୍ରାନ୍ତ

Scanned by CamScanner

ଧାରଣାର ଆମୂଳଚୂଳ ପରିବର୍ତ୍ତନ ଘଟିଗଲା । ମନକୁ ମନ ଘଟିବାକୁ ଲାଗିଲେ, ଯାହାଙ୍କର ମହନୀୟ ଅମୃତ ସ୍ପର୍ଶରେ ଚରିତ୍ରରେ ଏପରି ଅଦ୍ଭୁତ ପରିବର୍ତ୍ତନ ହୋଇପାରେ, ସେ ତ ହେଲେ କେତେ ମହାନ; କେତେ ବିରାଟ ପୁରୁଷ ! ସୁରେନ୍ଦ୍ର ଭୂଷଣଙ୍କ ଚରିତ୍ରର ଏଭଳି ଅଦ୍ଭୁତ ପରିବର୍ତ୍ତନ ଦେଖି ଶ୍ରୀଶ୍ରୀ ଠାକୁରଙ୍କ ପ୍ରତି ସୁଶୀଲ ଚନ୍ଦ୍ରଙ୍କର ଶ୍ରଦ୍ଧା, ଭକ୍ତି, ପ୍ରୀତି ଆହୁରି ଦୃଢ଼ରୁ ଦୃଢ଼ତର ହେଲା ଏବଂ ତାହାହିଁ ତାଙ୍କ ଜୀବନର ଏକ ଚରମ ଉତ୍କର୍ଷତା ।

କମଳାପୁରରୁ ତା ପାର୍ଶ୍ୱବର୍ତ୍ତୀ ଗ୍ରାମ 'ଦୁଧକୁମଡା'ରେ ଅଶ୍ୱିନୀ ଦା (ବିଶ୍ୱାସ) ଓ ଅବିନାଶ ବସୁଙ୍କ ଘରକୁ ମଧ୍ୟ ସେମାନେ ଯାଇଥିଲେ । କମଳାପୁରରେ ମଧ୍ୟ କୀର୍ତ୍ତନ ହୋଇଥିଲା, କିନ୍ତୁ ସେ କୀର୍ତ୍ତନରେ ଶ୍ରୀ ଶ୍ରୀ ଠାକୁର ଯୋଗ ଦେଇ ନଥିଲେ । କମଳାପୁରରୁ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ସେ ମଧ୍ୟ କୁଷ୍ଟିଆ ଆସିଲେ । କୁଷ୍ଟିଆ ଆସି ତହିଁ ପରଦିନ ଶ୍ରୀ ଶ୍ରୀ ଠାକୁର ପାବନା ଚାଲିଗଲେ ଏବଂ ସୁଶୀଲ ଚନ୍ଦ୍ର ମଧ୍ୟ କଲିକତା ଚାଲିଗଲେ । ଏହି କେତେଦିନ ଶ୍ରୀ ଶ୍ରୀ ଠାକୁର ଓ ସତ୍‌ସଙ୍ଗୀ ଭାଇମାନଙ୍କ ସାହଚର୍ଯ୍ୟରେ ଯେମିତି ସେ ଏକ ଆନନ୍ଦାଲୋକରେ ବିଚରଣ କରୁଥିବାର ଉପଲବ୍ଧି କଲେ । ଦିନ ଗତି ଯେ କେମିତି ବିତି ଯାଉଥାଏ ତାହା ସେ ନିଜକୁ ନିଜେ ମଧ୍ୟ ବୁଝି ପାରୁ ନ ଥାଆନ୍ତି । ତାଙ୍କରି ପ୍ରୀତି ଧାରରେ ସ୍ନାତ ହୋଇ ଶରୀର ଓ ମନ ଅପୂର୍ବ ଶାନ୍ତରସରେ ଅଭିଷିକ୍ତ ହେଲା; ଯାହା ସେ ଏହା ପୂର୍ବରୁ କେବେ ଅନୁଭବ କରି ନଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ବିଦାୟ ନେଇ ଖୁବ୍‌ହିଁ କଷ୍ଟବୋଧ କରିଲେ ସେ । ଥରେ ଭାବିଲେ ତାଙ୍କ ସହିତ ପାବନାକୁ ଚାଲି-ଯାଇ ଥାଆନ୍ତେ କି ? ଅନେକ ବୁଦ୍ଧି ବିବେଚନା କରି ଅନ୍ତତଃ ସେ ଥରକ ପାଇଁ ମନକୁ ବୁଝାଇ ଶାନ୍ତ କରାଇଲେ ।

ସୁଶୀଲ ଚନ୍ଦ୍ର ସେତେବେଳେ କଲିକତାର ବାଗ୍‌ବଜାରର ନବଲାଲ ବସୁଙ୍କ ଲେନ୍‌ରେ ରହୁଥାଆନ୍ତି । ୧୯୧୭ ସାଲ ଡିସେମ୍ବର ମାସର ବଡଦିନର ସମୟ, ବୋଧହୁଏ ବଡଦିନର ଦିନେ ଦୁଇଦିନ ପୂର୍ବରୁ ହଠାତ୍ ଦିନେ ଅପରାହ୍ଣରେ ଗଙ୍ଗା କୂଳରେ ବୁଲିବାକୁ ବାହାରିଯାଇ ଦେଖନ୍ତି,ଘର ସମ୍ମୁଖରେ ଶ୍ରୀ ଅନନ୍ତ ମହାରାଜ ଓ ଗୋସାଇଁଦା ଛିଡା ହୋଇ ରହିଛନ୍ତି ।

Scanned by CamScanner

ସେମାନଙ୍କୁ ହଠାତ୍ ଦେଖି ସ୍ତମ୍ଭିତ ହୋଇଗଲେ ସୁଶୀଲ ଚନ୍ଦ୍ର । ଭାବିଲେ, ଏମାନେ ଏଠାକୁ ଆସିଲେ କେମିତି ? ପୂଜ୍ୟପାଦ ଗୋସାଇଁଦା ସୁଶୀଲ ଚନ୍ଦ୍ରଙ୍କୁ ଜାବୁଡ଼ ଧରିଲେ ଏବଂ କହିଲେ—"ଆମେ ଆପଣଙ୍କୁ ଖୋଜି ଖୋଜି ଆଜି ଏଠାରେ ପହଞ୍ଚିଛୁ । ଶ୍ରୀ ଶ୍ରୀ ଠାକୁର ମଧ୍ୟ ଆସିଛନ୍ତି । କାଲି ଆମ୍ଭେମାନେ ସମସ୍ତେ ବିରଜ ଭଇ (ଭଟ୍ଟାଚାର୍ଯ୍ୟ)ଙ୍କ ଘରକୁ ଯାଉଅଛୁଁ । ଆପଣଙ୍କୁ ଆମ ସହିତ ଯିବାକୁ ହେବ ।"

ଏକମାସ ପରେ ଯେ ପୁଣି ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ତାଙ୍କର ଦେଖା-ହେବ ଏକଥା କଳ୍ପନାରେ ସୁଦ୍ଧା ଭାବି ପାରିନଥିଲେ ସୁଶୀଲ ଚନ୍ଦ୍ର । କହିଲେ-'ଘଲନ୍ତୁ, ଆପଣମାନଙ୍କ ସହିତ ଯାଇ ଆଗେ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଖିଆସେଁ ।'

ସେମାନେ କହିଲେ—"ଆମେ ବର୍ତ୍ତମାନ ଅନ୍ୟତ୍ର ଯାଉଛୁଁ । କାଲି ଷ୍ଟେସନରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଦେଖାହେବ ।" ଅନନ୍ତ ମହାରଜ କହିଲେ "ବେଲଘାଟ ଷ୍ଟେସନରୁ (ବର୍ତ୍ତମାନ ଶିଆଲଦହ ସାଉଥ୍ ଷ୍ଟେସନ୍) ପ୍ରାୟ ଦିବା ୧୧ଟା ସମୟରେ ପହଞ୍ଚିବୁ । ସେହି ସମୟରେ ଷ୍ଟେସ୍ନରେ ଥିଲେ ଆମ ସହିତ ଦେଖାହେବ ।"

ପରେ ଯଥା ସମୟରେ ବେଲଘାଟ୍ ଷ୍ଟେସନରେ ଉପସ୍ଥିତ ହେବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ସୁଶୀଲ ଚନ୍ଦ୍ରଙ୍କୁ ଜାବୁଡ଼ ଧରି କହିଲେ—"ଆପଣ ଆସିଛନ୍ତ ଦେଖି ଭରି ଖୁସିହେଲି ।"

ସୁଶୀଲ ଚନ୍ଦ୍ର କହିଲେ— 'ଓୟେଲିଂଟନ୍-ସ୍କୋୟାରରେ ମିସେସ୍ ଏନିବେସାନ୍ତଙ୍କ ସଭାପତିତ୍ୱରେ ଏଥର କଲିକତାରେ କଂଗ୍ରେସର ଅଧିବେସନ ହେଉଛି । କଂଗ୍ରେସ ଅଧିବେସନ ଦେଖିବି ବୋଲି ଦର୍ଶକ ଟିକେଟ କିଣି-ଥିଲି । ଆପଣ ମାଜିଲପୁର ଯାଉଛନ୍ତ ଶୁଣି ମନଟା ଏ ଆଡକୁ ଟାଣିଲା, ତେଣୁ ଘଲି ଆସିଲି ।'

ଷ୍ଟେସ୍ନରେ ଆସି ଦେଖିଲେ—ଗୋସାଇଁଦା ଓ ମହାରଜତ ଅଛନ୍ତି, ତାହା ବ୍ୟତୀତ କିଶୋରୀଦା, କୃଷ୍ଣ ଦାସ, କୃଷ୍ଣ ରୟ ଚୌଧୁରୀ, ସତୀଶ

Scanned by CamScanner

ଜୋୟାରଦାର, ସତ୍ୟ ଦତ୍ତ, ଟାକୀ କୋକନ୍, ତରୁଣୀ ପ୍ରଭୃତି ସମସ୍ତେ ଶ୍ରୀଶ୍ରୀ ଠାକୁରଙ୍କ ସହିତ ଚାଲିଥାଆନ୍ତି । ସମଗ୍ର ଷ୍ଟେସନଟି ସେମାନଙ୍କର ଆନନ୍ଦ କଳରୋଳରେ ମୁଖରିତ । ବିରାଜ ଭଇ ଷ୍ଟେସନକୁ ଆସିଛନ୍ତି ସମସ୍ତଙ୍କୁ ସଙ୍ଗରେ ନେଇ ଯିବାକୁ ।

ମାଜିଲପୁର ଗ୍ରାମରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ସେମାନେ ସାତଦିନ ରହିଲେ । ଶ୍ରୀ ଶ୍ରୀ ଠାକୁରଙ୍କ ଉପସ୍ଥିତିରେ ସମଗ୍ର ଗ୍ରାମଟି ଆନନ୍ଦରେ ମୁଖରିତ ହୋଇ ଉଠିଲା । ଗ୍ରାମର ଇତର, ଭଦ୍ର, ଶିକ୍ଷିତ, ଅଶିକ୍ଷିତ ସମସ୍ତେହିଁ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଖିବା ପାଇଁ ଆସି ସମବେତ ହେଲେ । ବିରାଜ ଭଇଙ୍କ ଘରଟି ଗୋଟିଏ ତୀର୍ଥ କ୍ଷେତ୍ରରେ ପରିଣତ ହୋଇଗଲା ।

କେତେଲୋକ ବିଭିନ୍ନ ପ୍ରକାର ପ୍ରଶ୍ନନେଇ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟକୁ ଆସୁଥାଆନ୍ତି, ତାର ସମାଧାନ ପାଇବା ଉଦ୍ଦେଶ୍ୟରେ । ସେମାନେ ତାଙ୍କଠାରୁ ସମାଧାନ ମୂଳକ ଉତ୍ତର ଶୁଣି ଫେରି ଯାଉଥାଆନ୍ତି । ଗ୍ରାମବାସୀମାନେ ଦଳ ଦଳ ହୋଇ ବିଭକ୍ତ ହୋଇ ଦିନ ପରେ ଦିନ ଧରି ଆଲୋଚନାରେ ବୁଡ଼ ରହୁଥାଆନ୍ତି । ସେହି ସବୁ ଆଲୋଚନାରେ ଅନନ୍ତ ମହାରାଜ, କିଶୋରୀ ଦା, ଗୋସାଇଁ ଦା, ସତୀଶ ଦା, କୃଷ୍ଣ ଦାସ ଏବଂ ସୁଶୀଲ ଚନ୍ଦ୍ର ମଧ୍ୟ କେତେ-ବେଳେ କେତେବେଳେ ଆସି ଯୋଗ ଦେଉଥାନ୍ତି ।

କୀର୍ତ୍ତନରେ, ଭଜନ ଗାଇବାରେ, ଆଲୋଚନାରେ ଯେ ଦିନରାତି କିଭଳି ଆନନ୍ଦରେ କଟି ଯାଉଥାଏ ତାହା କହି ହେବନାହିଁ ! କେତେବେଳେ କେତେବେଳେ ଡ୍ରାମ୍ , କଂସାର ଘଣ୍ଟା ଇତ୍ୟାଦି ବାଦ୍ୟ ସମନ୍ୱିନ ତୁମୁଳ କୀର୍ତ୍ତନ ସମସ୍ତ ଗ୍ରାମବାସୀଙ୍କୁ ମତାଇ ତୋଳୁଥାଏ । ଦିନେ ମଜିଲପୁର ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଗୋଟିଏ ବକ୍ତୃତାର ଆୟୋ-ଜନ କରାଯାଇଥାଏ । ବକ୍ତବ୍ୟ ବିଷୟ ଥିଲା ଶ୍ରୀ ଶ୍ରୀ ଠାକୁରଙ୍କର ଜୀବନ ଓ ମତବାଦ । ବକ୍ତୃତା ଶୁଣି ସମସ୍ତେ ମୁଗ୍ଧ ହେଲେ ।

ଦିନେ କଥା ପ୍ରସଙ୍ଗରେ ମଜିଲପୁରର ଜମିଦାର ସତ୍ୟେନ୍ଦ୍ରନାଥ ବସୁ ଶ୍ରୀ ଶ୍ରୀ ଠାକୁରଙ୍କୁ କହିଲେ— "ଏକଦା ଗଙ୍ଗାନଦୀ ଏହି ଗ୍ରାମଦେଇ ପ୍ରବାହିତ

Scanned by CamScanner

ହେଉଥାଏ । ନଦୀଟି ମଜି (ପୋତି) ଯାଇ ଏହି ଗାଁର ସୃଷ୍ଟି ହୋଇଛି । ତେଣୁ ଏହି ଗ୍ରାମର ନାମ ମଜିଲପୁର ରଖାଯାଇଛି । ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟ ଦେବ ନୀଳାଚଳ ଯିବା ସମୟରେ ଏହି ରାସ୍ତାରେ ଯାଇଥିଲେ । ଯେଉଁ ସ୍ଥାନରେ ସେ ଅବସ୍ଥାନ କରିଥିଲେ ସେହି ସ୍ଥାନଟି ଚକ୍ରତୀର୍ଥ ନାମରେ ପରିଚିତ । ମଜିଲପୁରଠାରୁ ଏହାର ଦୂରତ୍ୱ ପ୍ରାୟ ସାତ ମାଇଲ । ଆପଣ ଆମ ଗ୍ରାମକୁ ଆସିବା ଦ୍ୱାରା ଆମ ଗ୍ରାମଟି ଯେମିତି ତୀର୍ଥ କ୍ଷେତ୍ରରେ ପରିଣତ ହୋଇଯାଇଛି । ପ୍ରାୟ ସାଢେ ଚାରିଶହ ବର୍ଷ ଆଗରୁ ଶ୍ରୀ ଚୈତନ୍ୟ ଦେବ ଯେତେବେଳେ ଆସିଥିଲେ ସେତେବେଳେ ହୁଏତ ତାଙ୍କ ଆଗମନରେ ଏହି ସ୍ଥାନ ଲୋକ ସମାଗମରେ ତୀର୍ଥକ୍ଷେତ୍ରରେ ପରିଣତ ହୋଇ ଯାଇଥିଲା । ସେହି ଦିନରୁ ଏହା ଚକ୍ରତୀର୍ଥ ନାମରେ ଖ୍ୟାତିଲାଭ କରିଛି ।''

ଶ୍ରୀ ଶ୍ରୀ ଠାକୁର ଏହି ସମସ୍ତ କଥା ଶୁଣି କହିଲେ —''ଯେତେବେଳେ ଏତେ ପାଖକୁ ଆସିଛି ସେତେବେଳେ ଥରେ ଶ୍ରୀ ଚୈତନ୍ୟ ଦେବଙ୍କର ପଦରଜପୂତ ସେହି ପବିତ୍ର ସ୍ଥାନକୁ ଦେଖି ଆସିବାକୁ ହେବ ।'' ସେହିକ୍ଷଣି ସ୍ଥିର ହେଲା ତହିଁ ପରଦିନ ସକାଳେ କୀର୍ତ୍ତନ ଦଳ ସହିତ ପଦବ୍ରଜରେ ଚକ୍ରତୀର୍ଥକୁ ଯିବାକୁ ହେବ ।

ପ୍ରଭାତ ନ ହେଉଣୁ କୀର୍ତ୍ତନର ଭେରୀ-ଜୟ ଢାକ ଇତ୍ୟାଦି ବାଜି-ଉଠିଲା । ଅନନ୍ତ ମହାରଜ, କିଶୋରୀଦା ଏମାନେ ଗୀତ ବୋଲିଲେ । ଯିଏ ଯେଉଁଠି ଥିଲେ ସମସ୍ତେ ଆସି କୀର୍ତ୍ତନରେ ଯୋଗ ଦେଲେ । ସକାଳ ହେବା ସଙ୍ଗେ ସଙ୍ଗେ ହିଁ ସମଗ୍ର ଗ୍ରାମଟି କୀର୍ତ୍ତନ ଝଙ୍କାରରେ କମ୍ପି ଉଠିଲା । ଶ୍ରୀ ଶ୍ରୀ ଠାକୁର ଆଗେ ଆଗେ ଚାଲିଲେ ତାଙ୍କ ପଛେ ପଛେ ସମସ୍ତେ କୀର୍ତ୍ତନ ଦଳ ସହିତ ଅଗ୍ରସର ହେବାକୁ ଲାଗିଲେ ।

ଶ୍ରୀ ଶ୍ରୀ ଠାକୁର ଅପୂର୍ବ ନୃତ୍ୟ ଭଙ୍ଗୀରେ ଦୁଇବାହୁ ତୋଳି ଦ୍ରୁତ ତାଳରେ ଚାଲିବାକୁ ଲାଗିଲେ । ସୁଶୀଲ ଚନ୍ଦ୍ର ତଥା ଅନ୍ୟମାନେ କୀର୍ତ୍ତନ କରୁ କରୁ ଶ୍ରୀ ଶ୍ରୀ ଠାକୁରଙ୍କ ପଛରେ ଦୌଡ଼ ଦୌଡ଼ ଯାଇ ମଧ୍ୟ ତାଙ୍କର ଦେଖା ପାଉ ନଥାଆନ୍ତି— ଏମିତି ଦ୍ରୁତ ବେଗରେ ସେ ଦୌଡୁଥାଆନ୍ତି । କୀର୍ତ୍ତନର କଳରବ ଶୁଣି ଯେଉଁସବୁ ଗ୍ରାମବାସୀମାନେ କୀର୍ତ୍ତନ ପାଖକୁ

Scanned by CamScanner

ଦୌଡ଼ ଆସୁଥାଆନ୍ତ ଶ୍ରୀ ଶ୍ରୀ ଠାକୁର ସେମାନଙ୍କ ମଧ୍ୟରୁ ଅନେକଙ୍କୁ ପ୍ରେମାଲିଙ୍ଗନ ଦେଇ ନାଚି ନାଚି ଦୌଡ଼ ଚଲିଥାଆନ୍ତ । ତାଙ୍କର ନାଚିବ ର ତାଳେ ତାଳେ ଗ୍ରାମବାସୀମାନେ ମଧ୍ୟ ଅନେକେ କୀର୍ତ୍ତନ ଦଳ ସହିତ ଚଲିଲେ । ଯେତେ ଆଗକୁ ଆଗକୁ ଅଗ୍ରସର ହେଉଥାଆନ୍ତ କ୍ରମଶଃ ସେତେଣ୍ଟି କୀର୍ତ୍ତନ ଦଳର ସଂଖ୍ୟା ବଢିବାରେ ଲାଗିଥାଏ । ଗ୍ରାମ ପାର୍ଶ୍ୱଦେଇ ଯିବା ସମୟରେ ଗ୍ରାମବାସୀ ମାନଙ୍କର ଶଙ୍ଖ ହୁଳହୁଳି ଧ୍ୱନୀ ଆଉ ହରିବୋଲ ଧ୍ୱନୀରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠୁଥାଏ । କେହି କେହି ଭୂ ଲୁଣ୍ଠିତ ହୋଇ ଶ୍ରୀ ଶ୍ରୀ ଠାକୁରଙ୍କୁ ପ୍ରଣତି ଜଣାଉ ଥାଆନ୍ତ ।

ମଝିରେ ମଝିରେ କିଶୋରୀ ଦା ଓ ଗୋସାଇଁ ଦା କୀର୍ତ୍ତନରେ ସଙ୍ଗୀତ ଗାଉ ଗାଉ ହୁଂକାର ଗର୍ଜନ ଦେଇ ନାଚି ଉଠୁ ଥାଆନ୍ତ । ସେମାନଙ୍କର ଦୀର୍ଘ କେଶରଜି ଗୁଚ୍ଛ ଗୁଚ୍ଛ ହୋଇ ମୁଣ୍ଡର ଚତୁର୍ଦ୍ଦିଗକୁ ବିଚ୍ଛାଡ ହୋଇ ପଡୁଥାଏ, ଚକ୍ଷ ଆରକ୍ତିମ, ମୁଖମଣ୍ଡଳ ବିଭରେ ସମୁଜ୍ଜଳ । ସେମାନଙ୍କର ସେହି ହୁଂକାର ଓ ଉତ୍ତେଜନାରେ ସମସ୍ତେ ଚକିତ ହୋଇ ଆହୁରି ଉତ୍ତେଜିତ ହୋଇ କୀର୍ତ୍ତନ କରୁ କରୁ ଦ୍ରୁତ ତାଳରେ ଅଗ୍ରସର ହେବାକୁ ଲାଗିଲେ । ଶ୍ରୀ ଶ୍ରୀ ଠାକୁରଙ୍କ ସହିତ କୀର୍ତ୍ତନ ଦଳ ଏପରି ଉନ୍ମାଦନା ସୃଷ୍ଟିକରି ଦୌଡ଼ ଚଲି ଥାଆନ୍ତ ଯେ ଯେଉଁମାନେ କୀର୍ତ୍ତନ ଦେଖିବାକୁ ଆସିଛନ୍ତ ସେମାନେ ମଧ୍ୟ ସେହି କୀର୍ତ୍ତନ ସ୍ରୋତରେ ନିଜକୁ ନିୟୋଜିତ ନକରି ରହିପାରି ନାହାଁନ୍ତ । କୀର୍ତ୍ତନର ସେହି ମହାସ୍ରୋତ, ବନ୍ୟାସ୍ରୋତ ଭଳି ଯେପରି ସମସ୍ତଙ୍କୁ ଭସାଇ ନେଇ ଚଲୁଥାଏ— ଆଗକୁ ଆଗକୁ । ସେ ଏକ ଅପୂର୍ବ ଦୃଶ୍ୟ ।

ଦୀର୍ଘ ସାତ ମାଇଲ ରସ୍ତା ଏହିପରି ଭବରେ ଅତିକ୍ରମ କରିବା ପରେ ସେମାନେ ସମସ୍ତେ ଆସି ଚକ୍ରତୀର୍ଥରେ ପହଞ୍ଚିଲେ । କିନ୍ତୁ କୀର୍ତ୍ତନର ଦଳ ଆସି ଚକ୍ରତୀର୍ଥରେ ପହଞ୍ଚିବା ପୂର୍ବରୁ ଶ୍ରୀ ଶ୍ରୀ ଠାକୁର ସେଠାରେ ଆସି ପହଞ୍ଚି ଯାଇ ଥାଆନ୍ତ ।

ସେହିଠାରେ କୀର୍ତ୍ତନ କରୁ କରୁ ତାଙ୍କର ଭବସମାଧି ଭଳି ଅବସ୍ଥା ହେଲା । "ସମାଧି ସଦୃଶ୍ୟ" କହିବାର ଅର୍ଥ ଏହି ଯେ ପୂର୍ବରୁ ଯେଉଁ ସମାଧି ଅବସ୍ଥା ଦେଖିବାକୁ ମିଳିଥିଲା ଏଥର କିନ୍ତୁ ସେଭଳି ନୁହେଁ । ସୁଶୀଳ

Scanned by CamScanner

ଚନ୍ଦ୍ରଙ୍କର ମନେ ହେଲା Semi Unconcious State ଅର୍ଥାତ୍ ଅର୍ଦ୍ଧ ବାହ୍ୟ ଦଶା । ସେ ଅବସ୍ଥାରେ କେବଳ ଗୋଟିଏ ମାତ୍ର ବାକ୍ୟ ଉଚ୍ଚାରିତ ହେଲା—"One is equal to various and various is equal to one !"

ଶ୍ରୀ ଶ୍ରୀ ଠାକୁର ପ୍ରକୃତିସ୍ଥ ହୋଇ କିଛି ସମୟ ବିଶ୍ରାମ ନେଲା ପରେ ସେମାନେ ସମସ୍ତେ କୀର୍ତ୍ତନ କରୁକରୁ ପୁଣି ମଜିଲପୁରରେ ଆସି ପହଞ୍ଚିଲେ । ସେଦିନ ଚକ୍ରତୀର୍ଥରୁ ଫେରି ଆସି ସୁଶୀଲ ଚନ୍ଦ୍ର ଓ ଅନ୍ୟମାନେ ସମସ୍ତେହିଁ କ୍ଲାନ୍ତ ହୋଇ ପଡ଼ିଥାଆନ୍ତି । ତେଣୁ ଆହାର ଗ୍ରହଣ କରିବାପରେ ସେଦିନ ଘଡିରେ ଖୁବ୍ ଶୀଘ୍ର ଶୋଇବାକୁ ଗଲେ ।

ତହିଁ ପରଦିନ ସକାଳେ ଶ୍ରୀ ଶ୍ରୀ ଠାକୁର ଏକାନ୍ତରେ ବସିଥିବାର ଦେଖି ସୁଶୀଲ ଚନ୍ଦ୍ର ତାଙ୍କ ପାଖରେ ଆସି ବସିଲେ ଏବଂ ଶ୍ରୀଶ୍ରୀ ଠାକୁରଙ୍କୁ କହିଲେ— "ଗୋଟିଏ କଥା ପଚାରି ପାରେ କି ?" ଶ୍ରୀ ଶ୍ରୀ ଠାକୁର କହିଲେ— "ସ୍ୱଚ୍ଛନ୍ଦରେ" ।

ସୁଶୀଲ ଚନ୍ଦ୍ର କହିଲେ— 'ଆଜି ଆପଣଙ୍କର ସମାଧିସ୍ଥ ଅବସ୍ଥାର ଗୋଟିଏ ବାଣୀ ପଢିଲି,— " ସେ ଏକ ଅବ୍ୟକ୍ତ ପରମାନନ୍ଦ । ନିତ୍ୟ ବୁଦ୍ଧ, ଶୁଦ୍ଧ, ପ୍ରାଣର ପ୍ରାଣ ଜଟତର ଜଗତ, ଅଣୁର ଅଣୁ । ସେହିଟିକୁ କୁହାଯାଏ ନା ରେ ! ଯେତେବେଳେ କିଛି ନଥିବାର ସତ୍ତା ଥିଲା, କାଳ ଆସି ନାହିଁ, ଯେତେବେଳେ ଚନ୍ଦ୍ର, ସୂର୍ଯ୍ୟ ସୃଷ୍ଟି ହୋଇ ନାହିଁ, ସେତେବେଳେ ବିରଟ ଗଗନର ମଧ୍ୟ ସୃଷ୍ଟି ହୋଇନାହିଁ; ସେତେବେଳେ ଗୋଟିଏ ବିରଟ ଧ୍ୱନୀ ସୋହଂ ପୁରୁଷ ଭେଦ କରି ସୃଷ୍ଟି କରୁ କରୁ ଚଲି ଆସିଲ" .... ଇତ୍ୟାଦି । ଏହା ବିଶ୍ୱ ସୃଷ୍ଟିର ଆଦିମ ଅବସ୍ଥା । କିପରି କିଛି ନଥାଇ ସୃଷ୍ଟି ପ୍ରସୂତ ହେଲା ତାହାହିଁ କହିଛନ୍ତି । ସମାଧିସ୍ଥ ଅବସ୍ଥାରେ ପୂର୍ଣ୍ଣ ଚୈତନ୍ୟର ବିକାଶ ନହେଲେ ଏସବୁ କୁହନ୍ତ କିପରି ? ତେଣୁ ମନେ ହୁଏ, ବାହ୍ୟତଃ ଆପଣଙ୍କର ଅଚୈତନ୍ୟ ଅବସ୍ଥା ଥିଲେ ମଧ୍ୟ ଭିତରେ ପୂର୍ଣ୍ଣ ମାତ୍ରାରେ ଚୈତନ୍ୟ ଅବସ୍ଥା ଥାଏ ବୋଧ ହୁଏ । ସେହିଟିକୁ ବୋଧହୁଏ ପୂର୍ଣ୍ଣ ଚୈତନ୍ୟମୟ ଅବସ୍ଥା କୁହାଯାଏ । ତେଣୁ ସେ ଅବସ୍ଥାରୁ ସ୍ୱାଭାବିକ ଅବସ୍ଥାକୁ

Scanned by CamScanner

ଫେରିଆସି ସେ ସମ୍ବନ୍ଧରେ କୌଣସି କଥା କହିପାରନ୍ତ ନାହିଁ କାହିଁକି, ତାହା ମୁଁ ବୁଝି ପାରୁ ନାହିଁ । ଆଉ ଏହି ବାଣୀରେ ଯାହା କହିଛନ୍ତି, ସେଥିରେ ତ କୌଣସି ସନ୍ଦେହର ଅବକାଶ ନଥାଏ । ଆପଣ ନିଜେ ସେଉଁ ଚରମତତ୍ତ୍ୱ ସାକ୍ଷାତକାର କରିଛନ୍ତ— ଯଦି ବା ଆପଣଙ୍କର କଥା ବୁଝି ପାରୁଛି, ସେ ସମ୍ବନ୍ଧରେ ଆପଣ କିଛିହିଁ କହିବାକୁ ଚାହାଁନ୍ତ ନାହିଁ । ଏ ସମ୍ବନ୍ଧରେ କୌଣସି ପ୍ରକାର ଆଲୋକପାତ କରି ମୋର ସନ୍ଦେହର ନିରସନ କରଯାଇ ପାରିବ ନାହିଁକି ? ”

ଶ୍ରୀ ଶ୍ରୀ ଠାକୁର ଉତ୍ତରରେ କହିଲେ— ‘ଏ ସମ୍ବନ୍ଧରେ ମୋ କଥା ତ ମୁଁ କହିସାରିଛି, ତାହାଠାରୁ ଆଉ ଅଧିକ। କିଛି ମୋର କହିବାର ନାହିଁ’ । ସୁଶୀଲ ଚନ୍ଦ୍ର ବୁଝିଲେ ଯେ ଏ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର ଆଉ କିଛି କହିବାକୁ ଚାହାଁନ୍ତ ନାହିଁ । ତେଣୁ ସେ ନୀରବ ରହିଲେ ।

ସାତ ଦିନ ପରେ ଗାଁ ଛାଡ଼ି ଚାଲି ଆସିବା ସମୟରେ ଘରି କରୁଣ ଦୃଶ୍ୟ ଦେଖାଗଲା । ଶ୍ରୀ ଶ୍ରୀ ଠାକୁରଙ୍କୁ ଶେଷଥର ପାଇଁ ଦେଖିବାକୁ ଗ୍ରାମର ଆବାଳ ବୃଦ୍ଧ ବନିତା ସମବେତ ହୋଇଛନ୍ତ । ସମସ୍ତଙ୍କ ଚକ୍ଷୁ ଅଶ୍ରୁସିକ୍ତ । ଶ୍ରୀଶ୍ରୀ ଠାକୁର ମଧ୍ୟ ସେହିମାନଙ୍କ ଆଡକୁ ଅନାଇ ସାଶ୍ରୁ ନୟନରେ କରଯୋଡ଼ ସେମାନଙ୍କ ନିକଟରୁ ବିଦାୟ ନେଉଛନ୍ତ । ସେହି କରୁଣ ଦୃଶ୍ୟଟି ଘରି ସର୍ମସ୍ପର୍ଶୀ ।

ଆଶ୍ରମରେ ଯୋଗଦାନ

ଜୁଲାଇ — ୧୯୧୮

ମଜିଲପୁରରୁ ସୁଶୀଲ ଚନ୍ଦ୍ର କଲିକତା ଫେରିଲେ । ଶ୍ରୀ ଶ୍ରୀ ଠାକୁର ଦଳବଳ ସହିତ ପାବନା ଅଭିମୁଖେ ଗମନ କଲେ । କଲିକତାକୁ ଆସିଲ ପରେ କିଛିଦିନ ଧରି ମାନସିକ ଚଞ୍ଚଲ୍ୟ ଏବଂ ଅସ୍ଥିରତା ମଧ୍ୟରେ ସୁଶୀଲ ଚନ୍ଦ୍ରଙ୍କ ଜୀବନ କଟିଲ । ଶ୍ରୀ ଶ୍ରୀ ଠାକୁରଙ୍କର ଅକୃତ୍ରିମ ଓ ଅପାର୍ଥିବ ଭଲ ପାଇବାର କଥା ମନେ ପଡ଼ିଲେ ଶ୍ରୀଶ୍ରୀ ଠାକୁରଙ୍କ ପାଖକୁ ଚାଲିଯିବାକୁ ଇଚ୍ଛା ହେଉଥାଏ

Scanned by CamScanner

ତାଙ୍କର । ଠାକୁରଙ୍କୁ ତ ଆଉ ପାଖରେ ପାଉ ନାହାଁନ୍ତି, ସମ୍ଭବତଃ ତାଙ୍କରି ସ୍ମରଣ-ମନନରେ ଦୀର୍ଘ ସମୟ ଅତିବାହିତ ହେବାକୁ ଲାଗିଲା ତାଙ୍କର । ନାମ ଧ୍ୟାନଟା ତାଙ୍କୁ ଯେମିତି ନିଶା ପରି ଧରି ବସିଲା । ସେ ନିଜକୁ ନିଜେ ଉପଲବଧି କଲେ । ଶ୍ରୀ ଶ୍ରୀ ଠାକୁରଙ୍କ କଥା ତାଙ୍କ ହୃଦୟରେ ଅତି ଗଭୀର ରେଖାପାତ କରିଛି । ପାଠ ପଢାରେ ତାଙ୍କର ମନ ଆଦୌ ଲାଗିଲା ନାହିଁ । ସେହି ସମୟରେ ମନର ଭବାବେଗରେ ଛରିଧାଡ଼ର ଗୋଟିଏ କବିତା ଲେଖି ପ୍ରାର୍ଥନା ଜଣାଇଲେ—

"ତୁମ ପ୍ରତି ମୋର ଯେମିତି ସମ୍ପୂର୍ଣ୍ଣ ନିର୍ଭରତା ଆସେ ତୁମରି ପ୍ରେମର ଆଲୋକରେ ମୋର ଗନ୍ତବ୍ୟ ପଥ ଯେପରି ଆଲୋକିତ ହୁଏ । ଅନ୍ୟ କୌଣସି ଲକ୍ଷ୍ୟ ଯେପରି ମୋତେ ପଥଭ୍ରଷ୍ଟ କରି ନପାରେ" ।

—ସେତେବେଳେ ଭବର ଆବେଗରେ ଯେଉଁ କବିତାଟି ଲେଖିଥିଲେ, ତାହା ସମ୍ପୂର୍ଣ୍ଣ ରୂପେ ଲେଖାଯାଇ ପାରି ନଥିଲେ ମଧ୍ୟ କବିତାଟିର ଭବାର୍ଥ ବା ମର୍ମାର୍ଥ ଏହିପରି ଥିଲା ।

ସୁଶୀଲ ଚନ୍ଦ୍ରଙ୍କର କବିତା ଲିପିଟି ପାଇ ଶ୍ରୀ ଶ୍ରୀ ଠାକୁର ତାଙ୍କୁ ଯେଉଁ ସ୍ନେହ ପୂର୍ଣ୍ଣ ଉଦ୍ଦୀପନାମୟ ପ୍ରଥମ ପତ୍ରଟି ଲେଖିଥିଲେ,— ତାହାକୁ ସେ ଅତି ସଙ୍ଗୋପନରେ ସାଇତି ରଖିଥିଲେ । କିନ୍ତୁ ଅତି ଦୁଃଖର ବିଷୟ ଯେ ପାବନାରୁ ଚଲି ଆସିବା ସମୟରେ ସେ ପତ୍ରଟିକୁ ସୁଶୀଲଚନ୍ଦ୍ର କେଉଁଠି ହଜାଇ ଦେଲେ ତାହା ଆଉ ପାଇଲେ ନାହିଁ ।

ସୁଶୀଲ ଚନ୍ଦ୍ରଙ୍କ ମନରେ ନାନା ପ୍ରକାର ସଂକଳ୍ପ ବିକଳ୍ପ ଚଲିବାକୁ ଲାଗିଲା । ମନେ ମନେ ଭବିଲେ ଆଇନ (Law) ପଢ଼ି ଆଉ କ'ଣ ହେବ ? ଓକିଲାତି ତ କରିବେ ନାହିଁ—ଏହାହିଁ ସିଦ୍ଧାନ୍ତ କରିନେଲେ । ଆଇନ (Law) ଦୁଇବର୍ଷ ଧରି ପଢ଼ିବା ପରେ ମଧ୍ୟ ଆଉ ତୃତୀୟ ବର୍ଷଟି ପଢ଼ିଲେ ନାହିଁ । ୧୯୧୮ ମସିହା ଜୁଲାଇ ମାସରେ ସ୍ଥିର କଲେ ଯେ, ଆଶ୍ରମକୁ ଯାଇ ସ୍ଥାୟୀ ଭବରେ ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ରହିଯିବେ । ଏମ. ଏ. କୋର୍ସ ସେତେ-ବେଳକୁ କଲିକତା ବିଶ୍ୱବିଦ୍ୟାଳୟରେ ଶେଷ କରି ସାରିଥିଲେ, ଆଶ୍ରମକୁ

Scanned by CamScanner

ଆସି କେବଳ ଫାଇନାଲ ପରୀକ୍ଷାଟି ଦେଇଦେବେ । ତାପରେ ଶ୍ରୀଶ୍ରୀ ଠାକୁର ଯେପରି ଭବରେ ଯାହା କରିବାକୁ କହିବେ ସେ ତାହାହିଁ କରିବେ ବୋଲି ମନରେ ସିଦ୍ଧାନ୍ତ କରିନେଲେ ।

ପ୍ରାୟ ୧୯୧୮ ମସିହାର ଜୁଲାଇ ମାସର ଅଧାଅଧି ସମୟରେ ସୁଶୀଲ ଚନ୍ଦ୍ର କଲିକତାରୁ ଯାଇ କୁଷ୍ଟିୟା ସହରରେ ପହଞ୍ଚିଲେ । ଠିକ୍ ତହିଁ ପରଦିନହିଁ ଷ୍ଟିମରରେ ପାବନା ଗଲେ ଏବଂ ସକାଳେ ଆସି ପାବନା ଷ୍ଟିମର ଷ୍ଟେସନରେ ପହଞ୍ଚିଲେ । ଷ୍ଟିମର ଷ୍ଟେସନରୁ ଆମ୍ବ-ଜାମୁ-ପଣସ ଓ ବାଉଁଶ ବଣ ଭିତର ଦେଇ ଅଙ୍କା ବଙ୍କା ରସ୍ତାରେ କିଛି ଦୂର ଆସି କିଶୋରୀ (ମୋହନ ଦାସ) ଦାଙ୍କ ଘରେ ପହଞ୍ଚିଲେ ।

କିଶୋରୀଦା ସୁଶୀଲଚନ୍ଦ୍ରଙ୍କୁ ଦେଖି ଅତି ସ୍ନେହରେ ଆଦର ଯତ୍ନ କରି ପଦ୍ମାନଦୀ କୂଳରେ ଥିବା ଆମ୍ବ ବଗିଚା ମଧ୍ୟରେ, ଯେଉଁ ଘରେ ସେ ଓ ଅନ୍ୟମାନେ ସମସ୍ତେ କୀର୍ତ୍ତନ କରୁଥାଆନ୍ତି, ସେହି ଘର ବାରଣ୍ଡାରେ ବସାଇଲେ । କିଶୋରୀଦା ଜଣଙ୍କୁ (Bugle) ତୁରୀ ବଜାଇବାକୁ କହିଲେ । ସେହି (Bugle) ତୁରୀର ଶବ୍ଦ ଶୁଣି କିଛି ସମୟ ପରେ ଆଶ୍ରମରୁ ରୋଇଂ ନୌକା ଆସି ପହଞ୍ଚିଲା । ନୌକାରେ ଚଢ଼ି ସମସ୍ତେ ଆଶ୍ରମ ଅଭିମୁଖେ ଅଗ୍ରସର ହେଲେ । କିଛି ଦୂର ଆଗେଇଲା ପରେ ଦେଖିଲେ ପଦ୍ମାନଦୀରୁ ଦକ୍ଷିଣ ଦିଗକୁ ଏକ ପ୍ରଖର ଜଳସ୍ରୋତର ଖାଲ ବହିଯାଇଛି । ସେହି ଜଳ ସ୍ରୋତର ପୂର୍ବଦିଗର ଗ୍ରାମ ହିମାୟତପୁର ଏବଂ ପଶ୍ଚିମଦିଗର ଗ୍ରାମ ପ୍ରତାପ-ପୁର— ସେହି ଗ୍ରାମରେ କିଶୋରୀଦାଙ୍କ ଘର । ଏହି ପ୍ରଖର ଜଳ ସ୍ରୋତ ଦେଖି ଅନୁମାନ କରିନେଲେ ଯେ କାହିଁକି ଏହି (Bugle) ତୁରୀ ବଜାଇବାର ବ୍ୟବସ୍ଥା ଅଛି । କାହିଁକିନା, ଛଲି ଛଲି ଏହି ଜଳସ୍ରୋତ ପାରି ହେବା ଅସମ୍ଭବ । ତାଙ୍କର ମନେ ହେଲା ସତେ ଯେମିତି ମଣିଷେ ଗଭୀର ଜଳ ।

ଜଳସ୍ରୋତ ପାର ହୋଇ କିଛି ଦୂର ଗଲାପରେ ଆଶ୍ରମ ଘାଟରେ ନୌକା ଲଗିଲା । ନୌକା ତ୍ୟାଗ କରି ଆଶ୍ରମ-ପ୍ରାଙ୍ଗଣକୁ ଉଠିବା ମାତ୍ରେହିଁ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଦେଖା ହେଲା । ସୁଶୀଲ ଚନ୍ଦ୍ର ପ୍ରଣାମ ନିବେଦନ କରିବା ମାତ୍ରେ ଶ୍ରୀ ଶ୍ରୀ ଠାକୁର ହସି ହସି ତାଙ୍କୁ ଜାବୁଡ଼ ଧରି କହିଲେ—

Scanned by CamScanner

"ଆସିଛନ୍ତ, ବେଶ ଭଲ ହୋଇଛି । ଖୁବ୍ ଆନନ୍ଦରେ ରହିବେ" । ନଫର ଭଇଙ୍କୁ ଡାକି କହିଲେ ସୁଶୀଲର ଜିନିଷପତ୍ର ସବୁ ଉଠାଇ ନେଇ ରଖ ।

ସେତେବେଳେ ଆଶ୍ରମ କହିଲେ ସୁବିସ୍ତୀର୍ଣ୍ଣ ପଦ୍ମାନଦୀ କୂଳରେ ବଉଳ ଗଛର ବଣ ମଧ୍ୟରେ, ପଦ୍ମାନଦୀ ଆଡକୁ ମୁହଁ ଥିବା ତିନୋଟି ମାତ୍ର ଛୋଟ ଛୋଟ ଘର । ଦକ୍ଷିଣମୁଖୀ ଛୋଟ ଘରଟିରେ ପ୍ରଥମେ ରହୁଥାଆନ୍ତ—ଶ୍ରୀ ଶ୍ରୀ ଠାକୁର ଓ ଅନନ୍ତ ମହାରଜ । ଘରଟିର ଚଟାଣ ମାଟିରେ, ଫଟା ବାଉଁଶର ଘର ଓ ନଡାରେ ଛାଉଣୀ । ଆଉ ପଶ୍ଚିମମୁଖୀ ଘରଟି ଥିଲା ଶ୍ରୀ ଶ୍ରୀ ଠାକୁରଙ୍କ ଡସ୍‌ପେନ୍‌ସାରୀ । ତାହାର ତଳ ଚଟାଣଟି ମଧ୍ୟ ମାଟିରେ ତିଆରି, ଉପର ଭଗଟି କିରେସିନି ଟିଣରେ ଛପର । ଆଉ ପଦ୍ମାନଦୀ କୂଳକୁ ଲାଗି ରହିଥିଲା ପଶ୍ଚିମମୁଖୀ ଘରଟି । ଘରଗୁଡକ ତୈଳଚିତ୍ର ଭଳି ଚକ୍ ଚକ୍ ହୋଇ ଝଟକୁ ଥାଏ । ଘର ଅଗଣାଟି ଗୋବର ମାଟିରେ ଲିପା; ବେଶ୍ ପରିଷ୍କାର ପରିଚ୍ଛନ୍ନ ।

ସୁଶୀଲ ଚନ୍ଦ୍ରଙ୍କ ଶୋଇବା ଲଗି ଠିକ୍ ହେଲା ପଦ୍ମାକୂଳକୁ ଲାଗିଥିବା, ପଶ୍ଚିମମୁଖୀ ଘରଟିରେ । ସେହି ଘରେ ବାଉଁଶ ମଞ୍ଚରେ ସେତେବେଳେ ଶ୍ରୀ ଶ୍ରୀ ଠାକୁର ଓ ଅନନ୍ତ ମହାରଜ ଶୋଉଥାଆନ୍ତ । ସେମାନଙ୍କ ଦୁଇଜଣଙ୍କ ମଝିରେ ସୁଶୀଲ ଚନ୍ଦ୍ରଙ୍କର ଶୋଇବାର ବ୍ୟବସ୍ଥା ହେଲା । ଶୋଇବା ସ୍ଥାନରୁ ଅସୀମ ନୀଳ ଆକାଶ ତଳେ ଗୈରିକ-ବସନା ପଦ୍ମାର ସୁନେଲୀ କିରଣରେ ଝଲ ମଲ କରୁଥିବା ରୂପଟିକୁ ଅପଲକ ନେତ୍ରରେ ଘଣ୍ଟେ ଦେଖୁ-ଥାଆନ୍ତ ସେ । ନଦୀରେ ଶହ ଶହ ଛୋଟ ନୌକା ପାଣିଠେଲି ଫେଣ ଉଠାଇ ଆଗକୁ ଆଗେଇ ଘୁଲିଛି । ସେହି ନୌକା ଗୁଡକରୁ କାହାର ପାଲ ଧଳା, କାହାର ନୀଳ, କାହାର ବା ଘୁଣି ନାଲି । ସେ ଥିଲା ଏକ ଅପୂର୍ବ ଦୃଶ୍ୟ । ଘୁଣି ତାହାରି ମଝିରେ ମଝିରେ ଗୋଟିଏ ଗୋଟିଏ ପ୍ରକାଣ୍ଡ ମାଲ ପରିବହନକାରୀ ନୌକା ଡବଲ ପାଲଟେକି ମନ୍ଥର ଗତିରେ ଘୁଲିଛି । ଦୂରରେ ଆକାଶ ମାର୍ଗରେ ଚିଲ ଗୁଡକ ଉର୍ଦ୍ଧ ବୁଲୁଛନ୍ତ । ପାଖ ନଦୀ କୂଳରେ ଖରଜଳ ମଧ୍ୟରେ ବାଉଁଶ ଉପରେ ବସିଛି ମାଛରଙ୍କା ପକ୍ଷୀ ।

ଏହି ସମସ୍ତ ଦୃଶ୍ୟ ଦେଖୁ ଦେଖୁ ସୁଶୀଲ ଚନ୍ଦ୍ରଙ୍କର ମନ ଯେମିତି

Scanned by CamScanner

କେଉଁଠି ହଜି ଯାଉଥାଏ। ପ୍ରକୃତିର ଏହି ନୟନାଭିରାମ ଶାନ୍ତ ସମାହିତ ପରିବେଶ ଓ ତା ସହିତ ଶ୍ରୀ ଶ୍ରୀ ଠାକୁରଙ୍କର ଅମୀୟ ସଙ୍ଗ, ତାଙ୍କର ପ୍ରାଣ ମତାଣିଆ କଥାବାର୍ତ୍ତା ସବୁ ମନେପଡିଲେ ସତେ ଯେମିତି ତାହାଣି ମାଦକତାରେ ସେ ଦିଗହରା ହୋଇ ଯାଉଥାଆନ୍ତି । ସେହି ମଧୁମୟ ପରିବେଶ ଓ ହଜିଲା ଦିନ ଗୁଡକ ପାଇଁ ତାଙ୍କ ମନ ଯେମିତି ସବୁବେଳେ ଆର୍ତ୍ତ ହୋଇ ଉଠୁଥାଏ ।

ସୁଶୀଲ ଚନ୍ଦ୍ର ଯେତେବେଳେ ବାହାରୁ ଆସି ପ୍ରଥମ କରି ସ୍ଥାୟୀ ଭାବରେ ଆଶ୍ରମରେ ରହିବାକୁ ଆରମ୍ଭ କଲେ, ସେତେବେଳେ ଆଉ ଦୁଇଜଣ ମଧ୍ୟ ଆଶ୍ରମରେ ରହୁଥିଲେ । ଜଣଙ୍କ ନାମ ନଫର ଚନ୍ଦ୍ର ଘୋଷ । ତାଙ୍କ ଘର ପାବନା ଜିଲ୍ଲାର ଏକଦନ୍ତ ଗ୍ରାମରେ । ପ୍ରଥମେ ସେ କିଶୋରୀଦାଙ୍କ ପାଖରେ ରହୁଥାଆନ୍ତି । ପରେ ଶ୍ରୀ ଶ୍ରୀ ଠାକୁରଙ୍କ ପାଖକୁ ଚାଲି ଆସିଲେ । ଆଉ ଜଣେ ଥିଲେ ଯତୀନ୍ଦ୍ର ନାଥ ସରକାର । ସେ ଠାକୁରଙ୍କର କମ୍ପାଉଣ୍ଡର ଥିଲେ । ସେହି ଦୁଇଜଣଯାକ ନୌକା ନେଇ କିଶୋରୀଦାଙ୍କ ଘର ପାଖରୁ ସୁଶୀଲ ଚନ୍ଦ୍ର ଙ୍କୁ ଆଣିବାକୁ ଯାଇଥିଲେ ।

ଆଶ୍ରମରେ ଯେତେବେଳେ ସୁଶୀଲ ଚନ୍ଦ୍ର ଆସି ପହଞ୍ଚିଲେ, ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ମାତା ମନମୋହିନୀ ଦେବୀ ଆଶ୍ରମରେ ଉପସ୍ଥିତ ନଥିଲେ । ଜଣେ ଗ୍ରାମବାସୀଙ୍କର ଅସୁସ୍ଥତାର ଖବର ପାଇ ତାଙ୍କୁ ଦେଖିବାକୁ ଯାଇଥିଲେ । ବେଳ ଉଠିଲା ବେଳକୁ ସେ ଆଶ୍ରମକୁ ଫେରି ଆସିଲେ । ଅନନ୍ତ ମହାରାଜ ସୁଶୀଲ ଚନ୍ଦ୍ରଙ୍କୁ ଦେଖି ମାତା ମନମୋହିନୀ ଦେବୀଙ୍କୁ କହିଲେ— "ଏଇ ଯେ ସୁଶୀଲଦା ଆସିଛନ୍ତି ।"

ମାଙ୍କୁ ପ୍ରଣାମ କରିବା ମାତ୍ରେ ମା ଯେପରି ଅତି ଚିର ପରିଚିତ ସନ୍ତାନ ଭଳି ତାଙ୍କୁ ସମ୍ବୋଧନ କରି କହିଲେ—"ବେଳ ଅନେକ ହେଲଣି, ଚାଲ— ତେଲ ମାଖି ପଦ୍ମା ନଦୀରେ ସ୍ନାନ କରି ଆସିବା ।"

ଏହାପରେ କହିଲେ—"ତୁ ପହଁରା ଜାଣୁତ ?" ତାପରେ ଜିଜ୍ଞାସିତ ହୋଇ ସୁଶୀଲ ଚନ୍ଦ୍ର ଉତ୍ତର ଦେଲେ, "ହଁ ମା, ମୁଁ ଭଲଭବରେ ପହଁରା ଜାଣେ ।"

Scanned by CamScanner

ପିଲ୍ ଦିନରୁହିଁ ମାତୃହୀନ ହୋଇଥିଲେ ସୁଶୀଲ ଚନ୍ଦ୍ର । ତାପରେ ସେତେଦିନ ପର୍ଯ୍ୟନ୍ତ କାହାରିକୁ ମା ବୋଲି ଡାକି ନାହାଁନ୍ତି । ଦୀର୍ଘ କାଳପରେ ମାତା ମନୋମୋହିନୀ ଦେବୀଙ୍କ ଘରିଚଳଣ, ଆଉର ବ୍ୟବହାରରେ, ନିଜ ଜନନୀ ସୁଲଭ ସ୍ନେହର ପ୍ରତିଚ୍ଛବି ଦେଖିବାକୁ ପାଇ ସେହିଁ ପ୍ରଥମ 'ମା' ବୋଲି ସମ୍ବୋଧନ ତାଙ୍କ ମୁହଁରୁ ବାହାର ହୋଇ ଆସିଲା ଏବଂ 'ମା' ସମ୍ବୋଧନ କରିବା ସଙ୍ଗେ ସଙ୍ଗେ ହିଁ ନିଜ ଜନନୀ ସମ୍ବନ୍ଧରେ ଯେଉଁ ଏକ ଉଚ୍ଚ ଭାବାବେଗ ହୃଦୟରେ ଠୁଳ ହୋଇ ରହିଥିଲା । ତାହାର ବହିଃ ପ୍ରକାଶ ହେଲା ଅଶ୍ରୁ ରୂପରେ ।

ଅକସ୍ମାତ୍ ତାଙ୍କ ଚକ୍ଷୁରେ ଅଶ୍ରୁ ଦେଖି ମାତା ମନମୋହିନୀ ତାଙ୍କର ହୃଦୟର ଭାବ ଅନୁଭବ କରି ତାଙ୍କର ଗଳାକୁ ଜାବୁଡ଼ଧରି କହିଲେ-"ଜାଣୁଛି ତୋର ମା ନାହିଁ ! ତେବେ ମୁଁ ତ ତୋର ମା ।"

ମାତା ମନମୋହିନୀ ଦେବୀଙ୍କର ସେହି କେତୋଟି କଥା ତାଙ୍କ ହୃଦୟ-ମନରେ ଯେପରି ଅମୃତ ପ୍ରଲେପ ବୋଳିଦେଲା । ସେହି ଦିନଠାରୁ ସେହି ମାତୃହୀନ ସନ୍ତାନର ମାତୃହରା ଦୁଃଖ ଦୂର ହୋଇଗଲା । ମା'ଙ୍କ ସହିତ ପଦ୍ମାରେ ସ୍ନାନ କରିବାରେ ଓ ପହଁରିବାରେ ଅନେକ ସମୟ ଡେରି ହୋଇଗଲା । ଶ୍ରୀ ଶ୍ରୀ ଠାକୁର ଓ ଅନନ୍ତ ମହାରାଜ ମଧ୍ୟ ସ୍ନାନ କରିବାକୁ ଆସିଲେ । ସେମାନେ ସମସ୍ତେ ଏକା ସଙ୍ଗରେ ଗାଧୋଇ ସାରି ଉଠି ଆସିଲେ ।

ସେତେବେଳେ ଆଶ୍ରମ ପ୍ରାଙ୍ଗଣରୁ ଶ୍ରୀଶ୍ରୀ ଠାକୁର ରହୁଥିବା ବସାଘରକୁ ଯିବା ପାଇଁ ସିଧା ସଳଖ କୌଣସି ରାସ୍ତା ନଥିଲା । ଆଶ୍ରମ ପ୍ରାଙ୍ଗଣର ପୂର୍ବଦିଗ ଦେଇ ପାଦଚଲା ରାସ୍ତା ଥିଲା । ସେହି ରାସ୍ତାରେ ହେମ ଚୌଧୁରୀଙ୍କ ବଗିଚା ପାଖଦେଇ ବୁଲି ବୁଲି ଯାଇ ଠାକୁରଙ୍କ ବସାଘରକୁ ଯିବାକୁ ହେଉଥାଏ । ସେହି ରାସ୍ତାରେ ଶ୍ରୀ ଶ୍ରୀ ଠାକୁର, ଅନନ୍ତ ମହାରାଜ ଓ ସୁଶୀଲ ଚନ୍ଦ୍ର ଖାଇବା ପାଇଁ ଚାଲିଲେ ।

Scanned by CamScanner

ଶ୍ରୀ ଶ୍ରୀ ଠାକୁର ରହୁଥିବା ବସାଘରର ଉତ୍ତରପାଖରେ ଗୋଟେଇ ଘର, ମଝିରେ ପ୍ରାଙ୍ଗଣ । ଦକ୍ଷିଣ ଦିଗରେ ଥିବା ଘର ଖଣ୍ଡିକ କାଠର ଦୁଇତଳ, ଉପରେ କର୍‌ଗେଟର ଛପର । ଦୁଇମହଲା ଘରଟିରେ ରହୁଥାଆନ୍ତି ଶ୍ରୀ ଶ୍ରୀ ବଡମା ଆଉ ତଳ ମହଲାରେ ରହୁଥାଆନ୍ତି କର୍ତ୍ତା ମା । ପୂର୍ବପଟେ କରଗେଟ୍ ଘରଟିରେ ରହୁଥାଆନ୍ତି ମାତା ମନମୋହିନୀ ଦେବୀ, ଉତ୍ତରରେ ବେଲଗଛ ମୂଳରେ କରଗେଟର ଯେଉଁ ଘରଟି ଥିଲା, ସେଥିରେ ରହୁ ଥାଆନ୍ତି ଶ୍ରୀ ଶ୍ରୀ ଠାକୁରଙ୍କ ପିତୃଦେବ । ପଶ୍ଚିମ ଦିଗରେ ଯେଉଁ ଘରଟି ଥିଲା, ସେଇଟି ହେଲା ରେଷେଇ ଘର । ସେଠିଠାରେ ରେଷେଇ ହେଉଥାଏ ଏବଂ ତାର ବାରଣ୍ଡାରେ ଖିଆଦିଆ ହେଉଥାଏ ।

ଶ୍ରୀ ଶ୍ରୀ ବଡମା ହିଁ ସମସ୍ତଙ୍କୁ ପରିବେଷଣ କରି ଖୁଆଉ ଥିଲେ । ସେତେବେଳେ ଘରର ଯାବତୀୟ କାମ ସେ ନିଜ ହାତରେ କରୁଥାଆନ୍ତି । ବିଶ୍ରାମ ନେବା କଥାଟି ତାଙ୍କ ଭାଗ୍ୟରେ କେବେ ହେଲେ ଜୁଟି ନଥାଏ ଏବଂ କୌଣସି ଦିନ ମଧ୍ୟ ତାଙ୍କର ବିଶ୍ରାମ ନେବା ଦେଖାଯାଇ ନାହିଁ । ସତରେ ସେ ଯେମିତି ମୂର୍ତ୍ତିମତୀ ଗୃହ ଲକ୍ଷ୍ମୀଭଳି ଥିଲେ ।

ଖାଇ ସାରିବା ପରେ ସୁଶୀଲ ଚନ୍ଦ୍ର ଆସି ମନମୋହିନୀ ଦେବୀଙ୍କ ଘରେ ବସିଲେ । କିଛି ସମୟ ପରେ ମାତା ମନମୋହିନୀ ଦେବୀ ଖିଆଦିଆ ସାରି ଆସି ତାଙ୍କ ସହିତ ଗଳ୍ପ କରିବାକୁ ଲଗିଲେ । ଟିକିନିକି କରି ତାଙ୍କ ଘରର ଆତ୍ମୀୟ ସ୍ୱଜନ ମାନଙ୍କର ସମସ୍ତ ଖବର ନେବାକୁ ଲଗିଲେ । ଅଳ୍ପ ବୟସରୁ ପିତୃ ମାତୃ ହୀନ ହୋଇଥିଲେ ବୋଲି ଗଭୀର ଦୁଃଖର ସହିତ କହିଲେ—"ପିଲା ଦିନରୁ ବାପା-ମାଙ୍କୁ ହରାଇବା ଭଳି କଷ୍ଟ ଆଉ କିଛି ନାହିଁ ।"

ପାହ୍ରା ହେଉ, ମା'ଙ୍କର କଥାବାର୍ତ୍ତା ସ୍ନେହ ଯତ୍ନ ଓ ସମସ୍ତଙ୍କର ଆଦର ଆପ୍ୟାୟନା ଭିତର ଦେଇ ସେ ମନେ କରି ପାରିଲେ ନାହିଁ ଯେ, ସେ କୌଣସି ଅପରିଚିତ ପରଲୋକ ପାଖକୁ ଆସିଛନ୍ତି । ବରଂ ସତେ ଯେମିତି ତାଙ୍କର ମନେହେଲା ସେ ନିଜ ଘରକୁ ନିଜ ମା'ଙ୍କ ପାଖକୁ

Scanned by CamScanner

ଆସିଛନ୍ତ । ସମସ୍ତଙ୍କୁ ଆତ୍ମୀୟ ବୋଲି ବୋଧ କରିବାର ପ୍ରଥମ ପର୍ଯ୍ୟାୟ ସେଦ୍ରିଠାରୁହିଁ ତାଙ୍କର ଆରମ୍ଭ ହୋଇଗଲା । ଏଇଟିକୁ ତାଙ୍କ ଜୀବନର ମଧୁର ଲଗ୍ନ ବୋଲି କୁହାଯାଇ ପାରେ ।

ରତିରେ ପଦ୍ମା କୂଳରେ ଥିବା ଘରଟିରେ ମଞ୍ଚା ଉପରେ ଶ୍ରୀ ଶ୍ରୀ ଠାକୁରଙ୍କ ଶଯ୍ୟା ପାର୍ଶ୍ୱରେ, ତାଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଶଯ୍ୟାରେ ସେ ଶୟନ କରିଲେ । କିଛି ସମୟ ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କୁ ନିଜ କୋଳକୁ ଟାଣି ନେଲେ । ପର ମୁହୂର୍ତ୍ତରେ ତାଙ୍କ ଛାତି ଉପରେ ଆସି ଶୋଇ ପଡିଲେ । କେତେବେଳେ ପ୍ରାଣପ୍ରିୟ ସଖା ଭଳି ଗାଢ ଆଲିଙ୍ଗନରେ ତାଙ୍କୁ ଆବଦ୍ଧ କରି ରଖିଲେ । କେତେବେଳେ ଆବେଗଭରା ଶତ ଚୁମ୍ବନରେ ତାଙ୍କର ପାପ ତାପ ଯେପରି ବିଧୌତ କରି ଦେବାକୁ ଲାଗିଲେ । ଶ୍ରୀ ଶ୍ରୀ ଠାକୁରଙ୍କର ସେହି ନବନୀତ କୋମଳ ସ୍ନେହ ଶୀତଳ ଅଙ୍ଗ ସ୍ପର୍ଶରେ ତାଙ୍କ ମନର ସମସ୍ତ ଗ୍ଲାନି ଯେମିତି କୁଆଡେ ଅପସରି ଗଲା । ମନେହେଲା, ସେ ଯେମିତି ଅମୃତ ସାଗରରେ ଅବଗାହନ କରି ଏକ ଅଦ୍ଭୁତ ଆନନ୍ଦଲୋକରେ ବିଚରଣ କରୁଛନ୍ତ । ଏହା ହୃଦୟ ଦେଇ ଅନୁଭବ କରିବାର ବିଷୟ, ବାକ୍ୟରେ କହି ବୁଝାଇବା ସମ୍ଭବ ନୁହେଁ । ଶେଷରେ ଶୋଇ ପଡିଲେ । ଯେତେବେଳେ ନିଦ୍ରା ଭଙ୍ଗ ଯାଏ ସେତେବେଳେ ଦେଖିଲେ ସଦ୍ୟ ଜାଗ୍ରତ ସୂର୍ଯ୍ୟଦେବ ରକ୍ତ ରଙ୍ଗା ଚକ୍ଷୁ ମେଲି ଉଙ୍କି ମାରିଛି ଧରଣୀ ବକ୍ଷକୁ । ଆଉ ତାର ସେହି ପ୍ରଥମ ଶୁଭ ଦୃଷ୍ଟିରେ ମିଳନ ଉତ୍ସବିଣୀ ବାଜି ଉଠିଛି ପକ୍ଷୀମାନଙ୍କ କାକଳୀରେ ଏବଂ ନଦୀର କଳ କଳ ନାଦରେ ।

ସୁଶୀଳ ଚନ୍ଦ୍ର ସକାଳେ ପ୍ରାତଃ କୃତ୍ୟାଦି ସମ୍ପନ୍ନ କରିସାରି ଶ୍ରୀ ଶ୍ରୀ ଠାକୁର ଓ ମହାରାଜଙ୍କ ସହିତ ଛୋଟ ଚଳ ଘରଟିରେ ବସି ଯେତେବେଳେ ଗପ୍ପ କରୁଥିଲେ ସେତିକିବେଳେ କିଶୋରୀଦା ତାଙ୍କର ଦଳ ବଳ ସହିତ ଜୟଢାକ, କାଁସର, ଘଣ୍ଟା, ବଡ କରତାଳ ନେଇ ପଦ୍ମା କୂଳରେ ଆଶ୍ରମ ପ୍ରାଙ୍ଗଣରେ ଆସି ଉପସ୍ଥିତ ହେଲେ ଶ୍ରୀ ଶ୍ରୀ ଠାକୁରଙ୍କ ରଚିତ ଏହି ଗୀତଟି ଗାଇ ଗାଇ—

Scanned by CamScanner

"ହରେକୃଷ୍ଣ ନାମେ ଉଠରେ ମାତିୟା
ବୋଲ୍ ବ୍ୟୋମ ବ୍ୟୋମ ହରେ କୃଷ୍ଣ ହରି
ଦିୟେ କରତାଳି ନାଚିୟା ନାଚିୟା ।"

କୀର୍ତ୍ତନ ଦଳ ଆସି ଉପସ୍ଥିତ ହେବା ମାତ୍ରେ ଶ୍ରୀ ଶ୍ରୀ ଠାକୁର, ମହାରାଜ ଓ ସୁଶୀଲ ଚନ୍ଦ୍ର ଘରୁ ବାହାରି ଆସି ତିନିଜଣ ଯାକ କୀର୍ତ୍ତନରେ ଯୋଗ ଦେଲେ । ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ଗଳାରେ ହାତ ଜଡାଇ ଧରି ସଂଗୀତର ତାଳେ ତାଳେ ନାଚିବାକୁ ଲାଗିଲେ । ତାଙ୍କ ଗଳାର ସ୍ୱର ସମସ୍ତଙ୍କର ସମବେତ କଣ୍ଠ ଓ ବାଜଣାକୁ ଅତିକ୍ରମ କରି ସ୍ପଷ୍ଟ ଭବରେ ଶୁଭୁଥାଏ । ଜୟଢାକ, ରଣଭେରୀ ଭଳି ଗୁରୁ ଗମ୍ଭୀର ନାଦରେ ଗର୍ଜ୍ଜନ କରି ବାଜି ଉଠିଲା । ପ୍ରକାଣ୍ଡ କରତାଳ, ଝାଞ୍ଜ, ସମାନ ତାଳରେ ବାଜି-ଚଲିଲା । ପାଳି ଧରିବା ଲୋକମାନେ ଚଢ଼ା ଗଳାରେ ସଂଗୀତର ସ୍ୱର ଧରି ଗାଇ ଚଲିଲେ । ଦୁଇ ତିନୋଟି ଜୟ ଢାକ, ଝାଁଞ୍ଜ, କରତାଳ, ବାଦ୍ୟ ଓ ସମବେତ କଣ୍ଠସ୍ୱର ଯେମିତି ସମସ୍ତଙ୍କ ହୃଦୟ କନ୍ଦରରେ ନିନାଦିତ ହେବାକୁ ଲାଗିଲା । ଉଦ୍ଦାତ୍ତ ସଙ୍ଗୀତର ମୂର୍ଚ୍ଛନା ସହିତ ଚଲିଲା ଉଦଣ୍ଡ ନୃତ୍ୟ । ସେହି ନୃତ୍ୟର ତାଳରେ ବସୁମତୀ ଯେମିତି ପ୍ରକମ୍ପିତ ହୋଇ ଉଠିବାକୁ ଲାଗିଲା ।

କିଛି ସମୟ ପରେ ଦେଖାଗଲା ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ଗଳାରୁ ହାତ ଉଠାଇ ନେଇ ଦୁଇ ବାହୁ ଉର୍ଦ୍ଧ୍ୱକୁ ତୋଳି ତ୍ରିଭଙ୍ଗୀ ଠାଣିରେ ନାଚି ନାଚି ଚଲିଛନ୍ତି । ତାଙ୍କ ମୁଖମଣ୍ଡଳରୁ ସ୍ଫୁରିତ ହେଉଛି ଏକ ଦିବ୍ୟ ଆଭା । ଆଉ ସମସ୍ତେ ତାହା ଦେଖି ସେହି ତାଳରେ ଉନ୍ମତ୍ତ ହୋଇ ନାଚିବାକୁ ଲାଗିଲେ । ହଠାତ୍ ଦେଖାଗଲା କିଶୋରୀଦା ତାଙ୍କର ଲମ୍ବା ଲମ୍ବା କେଶ ରାଶି ଯୁକ୍ତ ମସ୍ତକ ଭୂ ଲୁଣ୍ଠିତ କରି ଶ୍ରୀ ଶ୍ରୀ ଠାକୁରଙ୍କ ପାଦ ତଳେ ଆସି ଲୋଟି ପଡଲେ । ଶ୍ରୀ ଶ୍ରୀ ଠାକୁର ନାଚୁ ନାଚୁ ତାଙ୍କୁ ଛାତି ଉପରକୁ ଟାଣି ନେଇ ଗଭୀର ଆଲିଙ୍ଗନରେ ଆବଦ୍ଧ କରି ନିଶ ଦାଢି ଆବୃତ ତାଙ୍କର ସେହି ମୁଖମଣ୍ଡଳରେ ଭବାବେଗରେ ଚୁମ୍ବନ ଦେବାକୁ ଲାଗିଲେ । ଶ୍ରୀ ଶ୍ରୀ ଠାକୁରଙ୍କର ଭବାବେଗଯୁକ୍ତ ଚୁମ୍ବନରେ ବିଶାଳ ଶକ୍ତି ନେଇ କିଶୋରୀଦା ଝାମ୍ପି ପଡ଼ ସେହି କୀର୍ତ୍ତନ ସମୁଦ୍ରରେ ଗୋଟିଏ ବିରାଟ ଆଲୋଡନ ସୃଷ୍ଟି

Scanned by CamScanner

କରିଦେଲେ । କେତେବେଳେ ବା ଲମ୍ଫ ପ୍ରଦାନ କରି ହୁଙ୍କାର ଛାଡ଼ ଉର୍ଦ୍ଧ୍ୱକୁ ଉଠୁଥାଆନ୍ତି ପୁଣି କେତେବେଳେ ଲମ୍ଫ ପ୍ରଦାନ କରି ବଉଳ ଗଛ ଉପରକୁ ଉଠ ଆରକ୍ତିମ ଚକ୍ଷୁରେ ସହାସ୍ୟରେ ସମସ୍ତଙ୍କୁ ଅନାଉ ଥାଆନ୍ତି । ପୁଣି କେତେବେଳେ ବା ଲମ୍ଫଦେଇ କୋକନ୍‌ର ଜୟଢ଼ାକ ଉପରେ ଯାଇ ବସି ପଡୁଥାଆନ୍ତି ଏବଂ ନାଚର ତାଳେ ତାଳେ ଶରୀର ଦୋହଲାଉ ଥାଆନ୍ତି । କୋକନ୍ ମଧ୍ୟ କିଶୋରୀଦାଙ୍କ ସହିତ ଜୟ ଢାକ ସହ ଲମ୍ଫଦେଇ ଉଠୁ ଥାଆନ୍ତି ଏବଂ ତା ସହିତ ଖୁବ୍ ଜୋର୍‌ରେ ଜୟଢ଼ାକ ବଜାଇ ଚଲି ଥାଆନ୍ତି । ସେହି ସମସ୍ତ ବାଦ୍ୟଯନ୍ତ୍ରର ଶବ୍ଦରେ ଯେପରି ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠୁଥାଏ । ଶ୍ରୀ ଶ୍ରୀ ଠାକୁର ମଝିରେ ମଝିରେ ଜଣ ଜଣଙ୍କୁ ଧରି ଆଲିଙ୍ଗନ କରି ଛାଡ଼ ଦେଉଥାଆନ୍ତି ଆଉ ସେମାନେ ମଧ୍ୟ ଉଦ୍ଦାମ ହୋଇ କୀର୍ତ୍ତନରେ ଯୋଗ ଦେଉଥାଆନ୍ତି ଏବଂ ଅନ୍ୟମାନଙ୍କୁ ଧରି ନାଚୁ-ଥାଆନ୍ତି । ଯେମିତି ଯୋର୍‌ରେ ଚଲିଲା ନାଚ, ସେମିତି ଜୋର୍‌ରେ କୀର୍ତ୍ତନ ଏବଂ ବାଦ୍ୟ ବାଜିବାକୁ ଲଗିଲା । ନାଚିବାରେ, ଗାଇବାରେ ଓ କୀର୍ତ୍ତନରେ ସମସ୍ତେ ଯେପରି ମଜ୍‌ଗୁଲ୍ ହୋଇ ଯାଉଥାଆନ୍ତି । ମଝିରେ ମଝିରେ ଗୋସାଇଁଦା ମଧ୍ୟ ହୁଂକାର ଦେଇ ଲମ୍ଫ ପ୍ରଦାନ କରି ଉଠୁଥାଆନ୍ତି । ପଦ୍ମାନଦୀ କୂଳରୁ ପ୍ରତିଧ୍ୱନୀତ ହୋଇ ସେ ଧ୍ୱନୀ ପୁଣି ଫେରି ଆସୁଥାଏ । ନୌକାରେ ଯେଉଁମାନେ ଯାଉଥିଲେ ସେମାନେ ସ୍ଥିର ଦୃଷ୍ଟିରେ ବିସ୍ମୟ ବିସ୍ଫାରିତ ନେତ୍ରରେ ଅନାଇ ଦେଖୁଥାଆନ୍ତି କୀର୍ତ୍ତନର ସେହି ଅପୂର୍ବ ଉନ୍ମାଦନା । କୀର୍ତ୍ତନ କେତେବେଳେ ଉଦ୍ଦାତ୍ତ ଦ୍ରୁତ ତାଳରେ ବେଶ୍ ଆଗେଇ ଚଲିଥାଏ, ପୁଣି କେତେବେଳେ ବା ଧିମେଇ ପଡୁଥାଏ କୋମଳ-ତାରେ । ତାପରେ ପୁଣି ସେଥିରୁ ନୂଆକରି ବେଗ ନେଇ ଉଠୁଥାଏ ଠିକ୍ ସମୁଦ୍ରର ଢେଉ ଯେମିତି ନିରବଚ୍ଛିନ୍ନ ପଉନ ଅଭ୍ୟୁଦୟର ଭିତର ଦେଇ ଚଲିଥାଏ ।

ଏହିପରି ଭାବରେ କୀର୍ତ୍ତନ ଚଲିଥିବା ସମୟରେ ହଠାତ୍ ସୁଶୀଲ ଚନ୍ଦ୍ର ଦେଖିଲେ ଯେ କୀର୍ତ୍ତନର ମଧ୍ୟମଣି ଶ୍ରୀ ଶ୍ରୀ ଠାକୁର କେଉଁଆଡେ ଅନ୍ତର୍ଦ୍ଧାନ ହୋଇଗଲେ । କୀର୍ତ୍ତନ ଯେଭଳି ଜମି ଉଠିଥିଲା ତାହା ଦେଖି ପ୍ରତି ମୁହୂର୍ତ୍ତରେ ସେ ମନେ କରୁଥାଆନ୍ତି ଯେ ଏଥର ବୋଧହୁଏ ଶ୍ରୀ ଶ୍ରୀ ଠାକୁର

Scanned by CamScanner

ସମାଧିସ୍ଥ ହୋଇ ପଡିବେ । ଶ୍ରୀ ଶ୍ରୀ ଠାକୁର କୀର୍ତ୍ତନରୁ ଅପସରି ଆସିବା ପରେ ତାଙ୍କ ସ୍ଥାନରେ ଗୋସାଇଁଦା ଓ ମହାରାଜ ଦୁଇଜଣ ପରସ୍ପର ଜଡାଜଡି ହୋଇ ନାଚୁଥିବାର ଦୃଶ୍ୟ ଦେଖିଲେ । କିନ୍ତୁ ସେତେବେଳେ ମଧ୍ୟ କୀର୍ତ୍ତନ ବେଶ୍ ପୂର୍ଣ୍ଣ ଉଦ୍ୟମରେ ଚାଲୁ ରହିଥିଲା । ଶ୍ରୀ ଶ୍ରୀ ଠାକୁରଙ୍କର ହଠାତ୍ ଏହିପରି ଅନ୍ତର୍ଦ୍ଧାନର କାରଣ କ'ଣ ତାହା କିଛି ଠିକ୍ କରିପାରିଲେ ନାହିଁ । ପରେ ଜାଣିଲେ— କୀର୍ତ୍ତନରେ ଶ୍ରୀ ଶ୍ରୀ ଠାକୁରଙ୍କର ଭବ ସମାଧି ହେବାକୁ ଦେଖି କେତେଜଣ ଭକ୍ତଙ୍କର ମଧ୍ୟ କୀର୍ତ୍ତରେ ଭବସମାଧି ହେବାକୁ ଲାଗିଲା । ତାହା ଦେଖି ଶ୍ରୀ ଶ୍ରୀ ଠାକୁର କୀର୍ତ୍ତନରେ ଯୋଗଦେବା ପ୍ରାୟ ବନ୍ଦ କରି ଦେଇଥିଲେ ଏବଂ ଯୋଗଦେଲେ ମଧ୍ୟ ମଝିରେ ମଝିରେ ଏହି ପରି ଭବରେ ଅନ୍ତର୍ଦ୍ଧାନ ହୋଇ ଯାଉଥିଲେ । ପ୍ରକୃତ ପକ୍ଷରେ ଏ ସମୟ ପରେ ଶ୍ରୀ ଶ୍ରୀ ଠାକୁର ଆଉ ମାତ୍ର ତିନିଦିନ ଭବସମାଧି ହୋଇଥିଲେ । ତାହା ମଧ୍ୟରୁ ଦୁଇଦିନ ସମାଧି ହୁଏ, ସୁଶୀଲ ଚନ୍ଦ୍ରଙ୍କ ବାସ ଗୃହରେ— ଯଶୋହର ଜିଲ୍ଲାର ହରିଣାକୁଣ୍ଡକୁ ଯାଇ —କାର୍ତ୍ତିକ ୨ ଓ ୩ ଦିନ ୧୩୨୫ ସାଲରେ । ଶେଷ ଥରଟି ହୋଇଥିଲା କୁଷ୍ଟିଆରେ ଜ୍ୟେଷ୍ଠ ୨୪ ଦିନ, ୧୩୨୬ ସାଲରେ ।

ଦିବା ୧ ଘଟିକା ସମୟରେ କୀର୍ତ୍ତନ ସାଙ୍ଗ ହେଲା । କୀର୍ତ୍ତନ ସାଙ୍ଗ ହେବା ପୂର୍ବରୁ କେବଳ ଉଚ୍ଚ ସ୍ୱରରେ ନାମକୀର୍ତ୍ତନ ଆରମ୍ଭ ହେଲା । ତାପରେ ସେ ନାମ କୀର୍ତ୍ତନ କମଶଃ ଧିମେଇ ଆସି ବନ୍ଦ ହେଲା । ସେତେ-ବେଳେ ସମସ୍ତେ ସ୍ତବ୍ଧ ହୋଇ ଧ୍ୟାନାସନରେ ବସିଲେ । ପ୍ରାୟ କୋଡିଏ ମିନିଟ୍‌ଧରି ଧ୍ୟାନ କରିବା ପରେ କୀର୍ତ୍ତନର ଚରମ ପରିସମାପ୍ତି ଘଟିଲା । କୀର୍ତ୍ତନ ଶେଷରେ ଧ୍ୟାନ କରିବାହିଁ ବିଧି, କାରଣ କୀର୍ତ୍ତନରେ ସ୍ଫୁରତ୍ତ୍ୱ ଉଚ୍ଚ୍ରଗତି ଖୁବ୍ ଦ୍ରୁତ ଗତିରେ ହୁଏ । ସେମିତି, ହଠାତ୍ କୀର୍ତ୍ତନ ଛାଡି-ଦେଲେ ସ୍ଫୁରତ୍ ନିମ୍ନାଭିମୁଖୀ ହୋଇ କାମର ଉଦ୍ରେକ କରିପାରେ । ତେଣୁ ଯାହାଦ୍ୱାରା ତାହା ଘଟି ନପାରେ ସେଥିପାଇଁ କୀର୍ତ୍ତନ ପରେ ଧ୍ୟାନ ବିଧେୟ । ଆଉ, କୀର୍ତ୍ତନ ସମୟରେ ମଧ୍ୟ ଭ୍ରୂ ମଧ୍ୟରେ ଅର୍ଥାତ୍ ତୃତୀୟ ନୟନ ମଧ୍ୟରେ ଇଷ୍ଟଙ୍କ ଧ୍ୟାନ ସହିତ କୀର୍ତ୍ତନ କରିବା ବିଧେୟ ।

Scanned by CamScanner

ଆଶ୍ରମ ଆସିବାର କିଛି ଦିନ ପରେ ସେ ଦିନେ ନଫର ଭଇଙ୍କୁ ନେଇ ଗ୍ରାମ ପରିକ୍ରମାରେ ବାହାରିଲେ । ହିମାୟତପୁର ଗ୍ରାମର ଅଦୂରରେ ଏକ ଜଙ୍ଗଲକୀର୍ଣ୍ଣ ଜାଗାକୁ ଦେଖାଇ ନଫର ଭଇ କହିଲେ—ଏହି ସ୍ଥାନରେ ରଜା ମାନସିଂହଙ୍କର ଘରର ଭଗ୍ନାବଶେଷ ଅଛି । ଜଙ୍ଗଲ ମଧ୍ୟରେ ପ୍ରବେଶ କରି ଦେଖିଲେ ଯେ ବିସ୍ତୀର୍ଣ୍ଣ ସ୍ଥାନ ବ୍ୟାପୀ ଧ୍ୱଂସାବଶେଷର ଚିହ୍ନ ବିଦ୍ୟମାନ । ଶୁଣାପାଏ ପର୍ବରୁ ପଦ୍ମାନଦୀ ଏହି ରସ୍ତାଦେଇ ପ୍ରବାହିତ ହେଉଥାଏ । ନୌକା ପଥରେ ଆଶ୍ରମକୁ ଆସିଲ ବେଳେ ପ୍ରଥମେ ଯେଉଁ ଦକ୍ଷିଣ ମୁଖୀ ପ୍ରଖର ଜଳସ୍ରୋତ ଦେଖିଥିଲେ ପୂର୍ବରୁ ପଦ୍ମାନଦୀ ସେହି ରସ୍ତାଦେଇହିଁ ପ୍ରବାହିତ ହେଉଥାଏ । ଆଉ ତାହାରି କୂଳରେ ରଜା ମାନସିଂହଙ୍କର ସୁବୃହତ ଅଟ୍ଟାଳିକା ଓ ମାଆ କାଳୀଙ୍କ ଘର ଥିଲ । ରଜା ମାନସିଂହ ସମ୍ରାଟ ଆକବରଙ୍କର ଅଧୀନରେ ଦୀର୍ଘ ଏଗାରଶହ ବର୍ଷ ଧରି ବଙ୍ଗଳାର ଶାସନକର୍ତ୍ତା ଥିଲେ । ଶାସନ କାର୍ଯ୍ୟର ସୁବୁଧା ପାଇଁ ସେ ହୁଏତ ସେହିଠାରେ ତାଙ୍କର ବସତିର ସ୍ଥାନ ମନୋନୀତ କରିଥିଲେ । ରଜାଙ୍କ ଉଆସ ପାଖରେ ତାଙ୍କର ସୈନ୍ୟମାନଙ୍କର ଶିବିର ସମାବେଶ ବା ଛାଉଣୀ ଥିଲ । ସେହି ଗ୍ରାମଟି ବର୍ତ୍ତମାନ ଛାଉଣୀ ବା 'ଛାତନୀ' ନାମରେ ପରିଚିତ । ଛାଉଣୀ ଶବ୍ଦଟି ଅପଭ୍ରଂଶ ହୋଇ 'ଛାତ୍‌ନି' ନାମ ହୋଇ ଥାଇପାରେ । ରଜା ମାସସିଂହଙ୍କର ପିଲର ନାମ ଥିଲ ହିମ୍ମତ ସିଂ । ତାଙ୍କରି ନାମ ଅନୁସାରେ ତାର ପାର୍ଶ୍ୱବର୍ତ୍ତୀ ଗ୍ରମର ନାମ ହୁଏତ ହିମ୍ମତପୁର ବା ହିମାଇତପୁର ହୋଇଥିବ— ସେହି ଗ୍ରାମରେହିଁ ଶ୍ରୀ ଶ୍ରୀ ଠାକୁରଙ୍କର ବାସସ୍ଥାନ ।

ହିମାଇତପୁରର ଉତ୍ତର-ପଶ୍ଚିମ ଗ୍ରାମର ନାମ ନାଜିରପୁର । ଏହିଠାରେ ରଜା ମାନସିଂହଙ୍କର ନାଜିର ଓ ଉଜିର ଗଣଙ୍କର ବସତି ଥିଲ । ସେଇଥିପାଇଁ ଏହି ଗ୍ରାମଟି ନାଜିରପୁର ନାମରେ ଅଭିହିତ । ଏହି ନାଜିରପୁର ଗ୍ରାମରେ ଆମ୍ଭମାନଙ୍କର ଶ୍ରଦ୍ଧେୟ ଦୁର୍ଗାନାଥ ସାନ୍ୟାଲଙ୍କର ଘର ଥିଲ ।

ସେହିଦିନ ଉପରଓଳି ସୁଶୀଲ ଚନ୍ଦ୍ର ନୌକାରେ ହିମାଇତ୍‌ପୁର ଉତ୍ତରରେ କାଶୀପୁର ଗ୍ରାମଟିକୁ ଦେଖିବାକୁ ଗଲେ । ସେତେବେଳେ ବର୍ଷାରେ ନୌକାଦ୍ୱାର କାଶୀପୁର ଗ୍ରାମକୁ ଯିବା ଆସିବା ହେଉଥାଏ । କାଶୀପୁରରେ ଅନନ୍ତ ମହାରଜ, କୃଷ୍ଣ ଦାସ, ଶ୍ରୀ ଯୋଗେଶଗୟ ଚୌଧୁରୀଙ୍କ

Scanned by CamScanner

ଘର—ଏମାନଙ୍କର ସମସ୍ତଙ୍କର ଘରକୁ ଗଲେ । ସେମାନେ ସମସ୍ତେଙ୍କି ତାଙ୍କ ଅନ୍ତରର ଭଲ ପାଇବା, ସ୍ନେହ ଶ୍ରଦ୍ଧା ଜ୍ଞାପନ କଲେ । ଅନନ୍ତ ମହାରାଜଙ୍କ ଘରେ ଯେଉଁ ଗୃହରେ ରାତ୍ରି ପ୍ରାୟ ୨ଟା ସମୟରେ ଶ୍ରୀ ଶ୍ରୀ ଠାକୁର ବିବେକାନନ୍ଦଙ୍କର ଏହି ସଂଗୀତଟି—

"ନାହିଁ ସୂର୍ଯ୍ୟ, ନାହିଁ ଜ୍ୟୋତି ନାହିଁ ଶଶାଙ୍କ ସୁନ୍ଦର
ଭସେ ବ୍ୟୋମ ଛାୟାମୟ ବିଶ୍ୱ ଚରାଚର ।"—

ଗାଉ ଗାଉ ସମାଧିସ୍ଥ ହୋଇ ଯାଇଥିଲେ—ସେହି ସ୍ଥାନଟିକୁ ମଧ୍ୟ ଦେଖିଲେ । ସେହିଦିନଠାରୁହିଁ ଶ୍ରୀ ଶ୍ରୀ ଠାକୁରଙ୍କର ଭବ ସମାଧିସ୍ଥ ଅବସ୍ଥାର ବାଣୀ ସମୂହ ପ୍ରଥମେ ଲେଖା ଆରମ୍ଭ ହୁଏ । ସେହି ଦିନର ଲିପିବଦ୍ଧ ବାଣୀ ସମୂହର ପ୍ରଥମ ବାଣୀ ହେଲା—"ଆମି ଘଇ ଶୁଦ୍ଧାତ୍ମା ।" ତାହା ହୋଇଥିଲା ୧୩୨୮ ସାଲର ଜ୍ୟେଷ୍ଠ ୩୧ ଦିନ, ଇଂରଜୀ ଜୁନ ୧୪ ତାରିଖ ୧୯୧୪ ମସିହାରେ ।

ସୁଶୀଲଚନ୍ଦ୍ର କିଶୋରୀଦାଙ୍କ ପାଖରୁ ଶୁଣିଥିଲେ ଯେ ଏହା ପୂର୍ବରୁ ଅର୍ଥାତ୍ ପ୍ରଥମ ପ୍ରତାପପୁରରେ ତ ଙ୍କ ନିଜ ଘରେ ଦୁଇଦିନ ଓ ମାଝିପଡାର ଯଦୁପାଳଙ୍କ ଘରେ ଦିନେ ତାଙ୍କର ଭବସମାଧି ହୋଇଥିଲା । କିନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ନିଜ ଶ୍ରୀମୁଖରୁ ସେ ଶୁଣିଥିଲେ ଯେ ତାଙ୍କର ଏହି ଅବସ୍ଥା ପ୍ରଥମେ ଆରମ୍ଭ ହୋଇଥିଲା, ତାଙ୍କର ନିଜ ଘରେ କାଠ ତିଆରି ଦ୍ୱିମହଲା ଘରେ ରାତ୍ରି ପ୍ରାୟ ୧୦ଟା ସମୟରେ । ସେତେବେଳେ ସେ ଭଜନ ଆସନରେ ବସି ମୁଁହ ଓ ଦେହରେ ଚନ୍ଦନ ଘୋଡେଇ ହୋଇ ଧ୍ୟାନ କରୁଥିଲେ । ସେହି ସମୟରେ ହଠାତ୍ ଟେକା ଫିଙ୍ଗିଲା ଭଳି ତାଙ୍କର ସମସ୍ତ ଶରୀରଟି ଧ୍ୟାନାସନରୁ ଆଠ ହାତ ଦୂରକୁ ନିକ୍ଷିପ୍ତ ହୋଇ ଉଠିଗଲା । କିନ୍ତୁ ସେହି ଅବସ୍ଥାରେ ସେ କୌଣସି ବ୍ୟଥା ଅନୁଭବ କରି ନଥିଲେ । ତାହା ତାଙ୍କର ଭବ ସମାଧିର ପ୍ରଥମ ସୂଚନା । କେମିତି ଭବରେ ସେ ଯେ ଉପରକୁ ଉଠି ଚଲିଗଲେ ତାହା ସେ ନିଜେ ମଧ୍ୟ କହି ପାରନ୍ତ ନାହିଁ ।

ସୁଶୀଲ ଚନ୍ଦ୍ରଙ୍କର ସେହି ସବୁ ଦିନର ସ୍ମୃତିକୁ ରୋମନ୍ଥନ କରି କହି ଚଲିଲେ—"କି, ସୁନ୍ଦର ଥିଲା ସେହି ସବୁ ଦିନ ଗୁଡିକ । ତାଙ୍କରି ମନ

Scanned by CamScanner

ଜୀବନରେ କେତେ ଯେ ଘଟଣା ବିସ୍ମୃତିର ସାଗରରେ ବିଲୁପ୍ତ ପ୍ରାୟ । କିନ୍ତୁ ସେହି ଦିନ ଗୁଡ଼ିକର ସ୍ମୃତି ଏମିତି ଉଜ୍ଜ୍ୱଳ, ମନେହୁଏ ଯେମିତି ସେଦିନର କଥା । ମନ ମଧ୍ୟରେ ତାହା ଆଜି ମଧ୍ୟ ଯେମିତି ଅମଳିନ । ସେହି ସମସ୍ତ ଦିନ, ଘଡି ଗୁଡ଼ିକ କିପରି ଯେ ତାଙ୍କର କଟି ଯାଉଥାଏ ତାହାର କୌଣସି ହିସାବ ନଥିଲା । ଆଶ୍ରମ ପ୍ରାଙ୍ଗଣର ଓ ପଦ୍ମାନଦୀ ତଟର ଆକାଶ ବତାସରେ ଗୋଟିଏ ଉଦାସ ସୁମଧୁର ସଙ୍ଗୀତର ସ୍ୱର ଯେମିତି ଘସି ଘୁଲି-ଥାଏ । ସେହି ସ୍ୱରରେ ଆନନ୍ଦ ଅତ୍ୟନ୍ତ ସହଜ ମନେ ହେଉଥାଏ, ଜୀବନର ଦୁଃଖ-ଶୋକାଦି ତୁଚ୍ଛ ମନେ ହେଉଥାଏ । କାରଣ—ସ୍ୱତଃସ୍ଫୂର୍ତ୍ତ ଭାବେ ହୃଦୟ ଭିତରେ ସଙ୍ଗୀତ ଗୁଞ୍ଜରିତ ହେଉଥାଏ । ସମସ୍ତଙ୍କୁ ଭଲ ପାଇବାର ଆକୁଳତା ଓ ବ୍ୟଗ୍ରତା ମନରେ ସ୍ୱତଃ ଜାଗି ଉଠୁଥାଏ ।

ଘଡିରେ ଶୋଇ ନିତ୍ୟ ଶ୍ରୀ ଶ୍ରୀ ଠାକୁରଙ୍କର ସେହି ଅପୂର୍ବ ଆନନ୍ଦମୟ ସ୍ପର୍ଶ ଓ ସ୍ନେହାଲିଙ୍ଗନ, ବ୍ରାହ୍ମ ମୂହୁର୍ତ୍ତରୁ ଉଠି—କେବେ କେବେ ପୁଣି ଗଭୀର ଘଡିରୁ ନାମ ଧ୍ୟାନ, ବେଳ ହେଲେ ଶ୍ରୀ ଶ୍ରୀ ଠାକୁରଙ୍କର ସ୍ନେହ ମଧୁର ସଙ୍ଗ ଓ ଉଦ୍ଦୀପୀ ଆଲୋଚନା, ତାପରେ ଆଉ ଟିକିଏ ବେଳ ହେଲେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ପଦ୍ମାନଦୀରେ ସ୍ନାନ ଓ ପହଁରିବା । ଆହାରନ୍ତେ ବିଶ୍ରାମ ପରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଗଭୀର ତତ୍ତ୍ୱ ବିଷୟରେ ଆଳାପ, ଆଲୋଚନା, କେବେ କେବେ କୀର୍ତ୍ତନ, କେଉଁଦିନ ବା ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ପଦ୍ମା ବକ୍ଷରେ ନୌକାରେ ଭ୍ରମଣ - ଏହିପରି ଘରେ ସୁଶୀଲ ଚନ୍ଦ୍ରଙ୍କର ଦିନ ଗୁଡ଼ିକ କଟିବାକୁ ଲାଗିଲା । ଦିନ ଶେଷ ହେବା ମାତ୍ରେ ଅସ୍ତ ରବିଙ୍କର ସ୍ୱର୍ଣ୍ଣାଭ କିରଣର ଉଜ୍ଜ୍ୱଳ ଆଭାରେ ଦିଗନ୍ତ ଉଦ୍ଭାସିତ ହୋଇ ଉଠୁ-ଥାଏ । ମୃଦୁ ମନ୍ଦ ସମୀର ପଦ୍ମା ଜଳରେ ଅପୂର୍ବ ଶିହରଣ ସୃଷ୍ଟି କରୁଥାଏ । ସେହି ଆନ୍ଦୋଳିତ ଜଳରେ ରକ୍ତିମ କିରଣ ପଡ଼ ରଙ୍ଗରେ ଇନ୍ଦ୍ରଜାଲ ରଚିତ ହେଉଥାଏ । ପକ୍ଷୀ ଗୁଡ଼ିକ ଅସ୍ପଷ୍ଟ କଳ କାକଳୀରେ ଦିଗନ୍ତ ମୁଖରିତ କରି ବସାକୁ ବାହୁଡୁ ଥାଆନ୍ତି । ମନ୍ଦିରରେ ଶଙ୍ଖ ଘଣ୍ଟା ବାଜି ଉଠୁଥାଏ । କୁଳବଧୂମାନେ ତୁଳସୀ ଚଉରରେ ସନ୍ଧ୍ୟା ପ୍ରଦୀପ ଦେଉଥାଆନ୍ତି । ସବୁ ଗୁଡ଼ିକ ମିଶି ଏକ ଗମ୍ଭୀର ପରିବେଶ ସୃଷ୍ଟି ହେଉଥାଏ । ମନ ଅତ୍ୟନ୍ତ ମୁଗ୍ଧ । ବିସ୍ମୟରେ ସ୍ତବ୍ଧ ଓ ଶାନ୍ତ ହୋଇ ଆସୁଥାଏ । କୌଣସି ଏକ

Scanned by CamScanner

ଅସୀମର ଆହ୍ୱାନରେ ଦୌଡ଼ିବାକୁ ହେଉଥାଏ। ଧିରେ ଧିରେ ଦିଗନ୍ତ ଆଲୋକ ନିର୍ବାପିତ ହୋଇ ଆସୁଥାଏ। ସନ୍ଧ୍ୟାବଧୂ ତାର ଅଞ୍ଚଳାବନ୍ତ ଓଢ଼ଣା ଦେଇ ବିଶ୍ୱ ଚରାଚରକୁ ଆବୃତ କରି ରଖୁଥାଏ। ସେମାନେ ସମସ୍ତେ ଉଠି ଆସି ସେହି ଶାନ୍ତ ସମାହିତ ପରିବେଶରେ ମନନେଇ ଧ୍ୟାନରେ ବସୁ ଥାଆନ୍ତି। ପୂର୍ଣ୍ଣମୀ ଦିନ ସନ୍ଧ୍ୟାବଧୂ ଯେମିତି ଖିଲି ଖିଲି କରି ହସି ହସି ଫାଟି ପଡୁଥାଏ। ତାର ସେହି ହସର ଧମକରେ ସମସ୍ତ ନଦୀ କୂଳ, ଜଳ-ସ୍ଥଳ ଯେପରି ଉଚ୍ଛ୍ୱଳିତ ଆନନ୍ଦରେ ଡୁବି ଡୁବି ଯାଉଥାଏ। ସେମାନେ ସମସ୍ତେ ମଧ୍ୟ ସେହି ଆନନ୍ଦରେ ମଜଗୁଲ ହୋଇ ଧ୍ୟାନରେ ବସୁ ଥାଆନ୍ତି। ଧ୍ୟାନ ସହଜ ହେଉଥାଏ।

ଏହିପରି ଭାବରେ ତାଙ୍କର ଦିନ ଗୁଡ଼ିକ ବିତିବାକୁ ଲାଗିଲା। ଦିନେ ଘରୁ ହଠାତ୍ ଏକ ଚିଠି ପାଇଲେ। ସେଥିରେ ଲେଖା ହୋଇଛି ଯେ ଗୋଟିଏ ଗ୍ରାମର ପ୍ରଜାମାନେ ଖଜଣା ଦେବା ବନ୍ଦ କରି ଦେଇଛନ୍ତି। ଅନେକ ମାଲି-ମକଦ୍ଦମା ସୃଷ୍ଟି ହୋଇଛି। ସୁଶୀଲଙ୍କର ଘରକୁ ଯିବା ଏକାନ୍ତ ଦରକାର।

ଚିଠି ପାଇ ଭାବିଲେ—କ'ଣ କରିବେ, ସେ ନହେଲେ କ'ଣ ଘରର ସମସ୍ତ କାମ ଅଟକିବ ନାହିଁ ? ତାଙ୍କର ବାପା ଥିଲେ। ସେ ବହୁତ ସେଜଗାର କରୁଥିଲେ, ଅନେକ ଲୋକ ପ୍ରତିପାଳନ କରୁଥିଲେ। ସେ ଚଲିଗଲେ; ତାପରେ ତାଙ୍କର ସଂସାର ତ ଅଚଳ ହୋଇ ରହିଲା ନାହିଁ। ତାଙ୍କର ଭଉ ଥିଲେ, ସେ ମଧ୍ୟ ଚଲିଗଲେ। ତଥାପି ତ ତାଙ୍କର ସଂସାର ଅଚଳ ହୋଇ ରହିଲା ନାହିଁ। ତେଣୁ ସେ ନିଜକୁ ନିଜେ ଭାବିଲେ ଆଜି ଯଦି ସେ ଚଲି-ଯାଆନ୍ତି—ମଣିଷର ମୃତ୍ୟୁର ତ କୌଣସି ସମୟ ଅସମୟ ନାହିଁ; ତାହେଲେ କ'ଣ ସଂସାର ତାଙ୍କର ଅଚଳ ହୋଇ ରହିବ ? ନା, ତାହା କେବେ ନୁହେଁ ! ମନେ ମନେ ଭାବିଲେ— ସେ ମରି ଯାଇଛନ୍ତି— ଏହା ଭାବି ସେମାନେ ଯେମିତି କରି ଚଳାଇବାକୁ ହୁଏ ତାହା କରନ୍ତୁ ଏବଂ ସେହି କଥା ମଧ୍ୟ ଚିଠିରେ ଘରପାଖକୁ ଲେଖି ଜଣାଇ ଦେଲେ।

ଲେଖି ଦେଇ ସାରିବା ପରେ ଦିନେ ଶ୍ରୀ ଶ୍ରୀ ଠାକୁରଙ୍କୁ ନିର୍ଜନରେ କହିଲେ—"ଘରକୁ ଯିବା ପାଇଁ ମୋର ବାରମ୍ବାର ଖବର ଆସୁଛି। କ'ଣ

Scanned by CamScanner

ଜଉପିବ ?'' ସଙ୍ଗ ସଙ୍ଗେ ଏହା ମଧ୍ୟ ଜଣାଇଲେ । ''ଆପଣଙ୍କ ସହିତ କିଛିଦିନ ଆଗରୁ ଯଦି ମୋର ଦେଖା ହୋଇ ଥାଆନ୍ତା ତାହେଲେ ବେଶ ଭଲ ହୋଇ ଥାଆନ୍ତା । ବିବାହ ବନ୍ଧନରେ ଆଉ ଆବଦ୍ଧ ହୋଇ ରହିବାକୁ ହୋଇ ନ ଥାଆନ୍ତା ।''

ତାଙ୍କର ସମସ୍ତ କଥା ଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ, ''ବିବାହ କରିଛନ୍ତ, ସେଥିରେ କ'ଣ ହେଲ ? ତେବେ ହଁ—ବୋଝ ବେଶୀ ହେଲେ, ଅର୍ଥାତ୍ ପିଲ୍ ପିଲି ଇତ୍ୟାଦି ବେଶୀ ହେଲେ କାମ କରିବାରେ ଅସୁବିଧା ହୁଏ; ତେଣୁ cell division (କୋଷ ବିଭଜନ) ଯାହାଦ୍ୱାରା ନହୁଏ । ସେହିପରି ଭବରେ ବିବାହିତ ଜୀବନ ଯାପନ କରିବେ ।'' ଶ୍ରୀ ଶ୍ରୀ ଠାକୁରଙ୍କର ଏହି କଥା ଶୁଣି ସୁଶୀଲ ଚନ୍ଦ୍ର ଭଟ୍ଟିଲେ ଯେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ବିବାହିତ ଜୀବନ-ଯାପନ କରିବାର ନିର୍ଦ୍ଦେଶ ସେ ଦେଉଛନ୍ତ ପରୋକ୍ଷରେ ।

ଘର ବିଷୟରେ କହିଲେ—''ଦେଖନ୍ତୁ,ଘର ପାଖରୁ ଗୋଟିଏ ହେଲେ ମଧ୍ୟ ପଇସା ଆପଣ ଆଣିବେ ନାହିଁ, ବରଂ ପାରିଲେ ସେମାନଙ୍କୁ ଦେବେ । ସେମାନେ ବିଷୟ ସମ୍ପତ୍ତି ଯେପରି ଚଳାଇବାକୁ ହୁଏ ତାହା ତାଙ୍କର ଇଚ୍ଛା-ନୁସାରେ ସେମାନେ ଚଳାନ୍ତୁ । ସେ ଦେଖିଲେ ଯେ, ସେ ଯେମିତି ଭବରେ ଘର ପାଖକୁ ଚିଠି ଲେଖିଛନ୍ତ ଶ୍ରୀ ଶ୍ରୀ ଠାକୁର ମଧ୍ୟ ସେହିପରି ଭବରେ ଇଙ୍ଗିତ ଦେଉଛନ୍ତ ।

ତୃତୀୟ କଥା ଏହା ମଧ୍ୟ କହିଲେ—''ଆପଣ କେତେ ଆବର୍ତ୍ତନର ଭିତର ଦେଇ ଘୁରି ଘୁରି ଆସି ଆଜି ଏହି ଶରୀର ଧାରଣ କରି ଆସିଛନ୍ତ । ଆପଣଙ୍କର କେତେ ଜନ୍ମତ ଏମିତି ବିତି ଯାଇଛି— ଏ ଜୀବନଟା ନ ହେଲେ ଏ ବ୍ରାହ୍ମଣ ପାଖରେ ଦେଇଗଲେ — ଦେଖନ୍ତୁ ନା କ'ଣ ହେଉଛି ?'' ତାଙ୍କର ସମସ୍ତ ପ୍ରଶ୍ନର ସମାଧାନ ଏହି ତିନୋଟି କଥାରେ କରିଦେଲେ ।

ସେ ସମୟରେ ଛୁଟି ଦିନ ହେଲେ କୁଷ୍ଟିୟାରୁ ବିରୁଦା (ବୀରେନ୍ଦ୍ରନାଥ ଘୟ), ଅଶ୍ୱିନୀ ଦା (ଅଶ୍ୱିନୀ କୁମାର ବିଶ୍ୱାସ), ପ୍ରଫୁଲ୍ଲ ଦା (ପ୍ରଫୁଲ୍ଲ କୁମାର

Scanned by CamScanner

ରୟ), ଗୋକୁଳ ଦା (ଡାକ୍ତର ଗୋକୁଳ ଚନ୍ଦ୍ର ମଣ୍ଡଳ), ସତୀଶ ଦା, (ଡାକ୍ତର ସତୀଶ ଚନ୍ଦ୍ର ଜୋୟାରଦାର), ସତ୍ୟ ଦା (ଡାକ୍ତର ସତ୍ୟ ଚରଣ ଦତ୍ତ), ତ୍ରୈଲକ୍ୟ ଦା (ତ୍ରୈଲକ୍ୟନାଥ ଚକ୍ରବର୍ତ୍ତୀ) ପ୍ରଭୃତି ଆସୁଥାଆନ୍ତି । ସେମାନଙ୍କର ଉପସ୍ଥିତିରେ ଶ୍ରୀ ଶ୍ରୀ ଠାକୁର ଯେପରି ଆନନ୍ଦରେ ଆତ୍ମହରା ହୋଇ-ଯାଉଥାଆନ୍ତି ।

ସେମାନଙ୍କ ସହିତ ଏପରି ବହୁ ମୂଲ୍ୟବାନ ଓ ସାରଗର୍ଭ କଥାର ଆଲୋଚନା ହେଉଥାଏ ଯେ ସେସବୁକୁ ଲିପିବଦ୍ଧ କରି ରଖିବାର କୌଣସି ଚିନ୍ତା ହିଁ କାହାରି ମନରେ ଆସି ନଥିଲା । ସେତେବେଳେ ତାଙ୍କ ସଙ୍ଗ-ଲୋଭୁପତା ଓ ଅମୃତୋପମ ବାଣୀହିଁ ସମସ୍ତଙ୍କୁ ମଜ୍‌ଟୁଲ କରି ରଖୁଥାଏ । ସେସବୁ କଥା ଧରି ରଖା ଯାଇଥିଲେ ଆଜିଏତ ଅବିଶ୍ୱାସୀ ମାନଙ୍କର ମଧ୍ୟ ବିଶ୍ୱାସ କରିବା ସମ୍ଭବ ହୋଇ ଥାଆନ୍ତା, ଯାହା ଆମର ଶାସ୍ତ୍ରାଦିରେ କୁହାଯାଇଛି—"ତସ୍ମିନ୍ ଜ୍ଞାତେ ସର୍ବମ୍ ଜ୍ଞାତମ୍ ଅସ୍ତି" ବା ତତ୍ତ୍ୱ ନିରୂପିତ ଶୟଂ ସର୍ବଜ୍ଞତ୍ୱ ବୀଜମ୍ ।" ଯିଏ ଚରମ କାରଣକୁ ଜାଣିଛନ୍ତି ସେ ସବୁହିଁ ଜାଣନ୍ତି, ସେ ହିଁ ସର୍ବଜ୍ଞ ।

ଦିନେ କୁଷ୍ଟିୟାରୁ ଭଇମାନେ ସବୁ ଆସି ଥାଆନ୍ତି; ନାନା ପ୍ରକାର କଥା-ବାର୍ତ୍ତା ହେଉଥାଏ । ସେମାନଙ୍କ ମଧ୍ୟରୁ ଜଣେ, ବୋଧହୁଏ ପ୍ରଫୁଲ୍ଲ ଦା, ଶ୍ରୀ ଶ୍ରୀ ଠାକୁରଙ୍କୁ କହିଲେ—"ଖବର କାଗଜରେ ବାହାରିଛି— ସୂର୍ଯ୍ୟରୁ ପ୍ରତିନିୟତ ଯେଉଁ ପରିମାଣର ତାପ ବିକିରଣ ହେଉଛି ତାହାଦ୍ୱାରା କାଳ-କ୍ରମେ ସୂର୍ଯ୍ୟ ତାପହୀନ ହୋଇଯିବ । ଫଳରେ ଜୀବଜଗତର ଆଉ କୌଣସି ଅସ୍ତିତ୍ୱ ରହିବ ନାହିଁ ।"

ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ,"ମୋରତ ତାହା ମନେ ହୁଏନା । ସୂର୍ଯ୍ୟରୁ ଯେଉଁ ପରିମାଣ ତାପ ବିକିରଣ ହେଉଛି ଠିକ୍ ସେହି ପରିମାଣ ତାପ ସୂର୍ଯ୍ୟଙ୍କ ଭିତରେ ଉଦ୍ଭବ ହେବାର ବ୍ୟବସ୍ଥା ଅଛି । ତେଣୁ କାର୍ଯ୍ୟତଃ ସୂର୍ଯ୍ୟର ଉତ୍ତାପହୀନ ହେବାର ଆଶଙ୍କା ନାହିଁ ।"

ଏହି ପ୍ରସଙ୍ଗରେ ପୁଣି ଜଣେ କହିଲେ—"ଆଚ୍ଛା ଠାକୁର ! କୋଇଲା-ଖଣିରେ ଯେଉଁ କୋଇଲା ସବୁ ମହଜୁତ୍ ଅଛି ସେ ସମ୍ବନ୍ଧରେ ବିଶେଷଜ୍ଞମାନେ

Scanned by CamScanner

କହିଁଛନ୍ତ ନା କ'ଣ ଯେ ଶହେବର୍ଷ ପରେ ସମସ୍ତ କୋଇଲା ଶେଷ ହୋଇ-ଯିବ। ସେତେବେଳେ ରେଳ, ଷ୍ଟିମର ପ୍ରଭୃତି ଓ ଆହୁରି ଯେଉଁସବୁ କାମରେ କୋଇଲା ବ୍ୟବହାର ହୁଏ ତାହା ଚଳିବ କିପରି ?"

ଶ୍ରୀ ଶ୍ରୀ ଠାକୁର କହିଲେ—"ସେତେବେଳେ ଅନ୍ୟ ଶକ୍ତିର ଉଦ୍ଭାବନ ହେବ। ପରମାଣୁକୁ ଭଙ୍ଗି ସେଥିରୁ ଅନେକ ଶକ୍ତି ମିଳିପାରିବ।"

ଏ କଥା ପରେ ସୁଶୀଲ ଚନ୍ଦ୍ର କହିଲେ,—"ଏଟମ୍ ତ ହେଉଛି ବସ୍ତୁର କ୍ଷୁଦ୍ରତମ ଅଂଶ, ତାକୁ ଭଙ୍ଗାଯିବ କିପରି ?"

ଉତ୍ତରରେ ସେ କହିଲେ— "ବର୍ତ୍ତମାନ ଅସମ୍ଭବ ବୋଲି ମନେ-ହେଲେ ମଧ୍ୟ ଭବିଷ୍ୟତରେ ତାହା ସମ୍ଭବ ହେବାରେ ଆଶ୍ଚର୍ଯ୍ୟ କ'ଣ ?"

ଯେଉଁ ସମୟରେ ଏ କଥା ଶ୍ରୀ ଶ୍ରୀ ଠାକୁର କହିଲେ ତାର ଅନେକ ବର୍ଷ ପରେ ବୈଜ୍ଞାନିକମାନଙ୍କ ପାଖରୁ ସେ ଜାଣି ପାରିଲେ ଯେ ପ୍ରକୃତିରେ ସୂର୍ଯ୍ୟଙ୍କ ଦେହରେ ଏହିପରି ଭବରେ ପଦାର୍ଥର ରୂପାନ୍ତର ହେଉଛି। ସେମାନେ କହିଲେ ଯେ ସୂର୍ଯ୍ୟ ଦେହର ତାପମାତ୍ରା ପ୍ରାୟ ଏକ କୋଟି ଡ଼ିଗ୍ରୀ। ଆମର ଏହି ପୃଥିବୀ ସୂର୍ଯ୍ୟଙ୍କ ଦେହରୁ ବିଚ୍ଛିନ୍ନ ହୋଇ ଦୁଇଶହ କୋଟି ବର୍ଷ ଧରି ସୂର୍ଯ୍ୟଙ୍କ ଚତୁର୍ଦ୍ଦିଗରେ ଘୂରି ବୁଲୁଛି। ଆଉ ଏହି ସୁଦୀର୍ଘ କାଳ ଧରି ପୃଥିବୀ ସୂର୍ଯ୍ୟରୁ ଯେଉଁ ତାପ ପାଉଛି ତାର କୌଣସି ବ୍ୟତିକ୍ରମ ହୋଇନାହିଁ। କାହିଁକି ହୋଇନାହିଁ ତାହାର କାରଣ ନିର୍ଦ୍ଦେଶ କରି ବୈଜ୍ଞାନିକମାନେ କହିଲେ ଯେ—ହାଇଡ୍ରୋଜେନ, ନାଇଟ୍ରୋଜେନ୍ ଇତ୍ୟାଦିର ପରମାଣୁ ଚୁଡ଼କ ଇଲେକ୍‌ଟ୍ରନ୍ ବିମୁକ୍ତ ହୋଇ ପରମାଣୁର କେନ୍ଦ୍ରରେ ପରସ୍ପର ଆଘାତ ପ୍ରତିଘାତ କରନ୍ତ। ଏହି ପ୍ରତିକ୍ରିୟା ଦ୍ୱାରା ଚାରୋଟି ହାଇଡ୍ରୋଜେନ୍ କେନ୍ଦ୍ର ଗୋଟିଏ ହିଲିୟମ କେନ୍ଦ୍ରରେ ପରିଣତ ହୁଏ। ହାଇଡ୍ରୋଜେନ୍‌ରୁ ହିଲିୟମ ସୃଷ୍ଟି ହେବା ଫଳରେ ଶକ୍ତିର ଉଦ୍ଭବ ହୁଏ, ତେଣୁ ସୂର୍ଯ୍ୟ ଦେହରୁ ତାପ ବିକିରଣ ହେଲେ ମଧ୍ୟ ଉତ୍ତାପର କୌଣସି ଲାଘବ ହେଉନାହିଁ।

ଏ ଦିଗରେ-ପରମାଣୁ-ବିଭଜନର ଚେଷ୍ଟା ବୈଜ୍ଞାନିକମାନେ ଅନେକ ଦିନରୁହିଁ କରି ଆସିଥିଲେ। କିନ୍ତୁ ଦ୍ୱିତୀୟ ମହାଯୁଦ୍ଧ ଯୋଗୁଁ ପରମାଣୁ

Scanned by CamScanner

ବିଜ୍ଞଜନ ଓ ତାର ଶକ୍ତି ନିୟନ୍ତ୍ରଣ ସମ୍ବନ୍ଧରେ ସମସ୍ତ ବିଷୟ ଗୋପନ ରଖା ପାଇଥିଲା । ୧୯୪୫ ମସିହା ଅଗଷ୍ଟ ୬ ତାରିଖରେ ଜାପାନର ହିରୋସୀମା ଓ ନାଗାସାକି ଉପରେ ଯେଉଁ ପରମାଣୁ ଶକ୍ତି ଓ ତାର ପ୍ରଚଣ୍ଡ ଧ୍ୱଂସାତ୍ମକ ଷମତାର ସହିତ ପ୍ରଥମ ପରିଚୟ ଲାଭ କରି ସନ୍ତ୍ରସ୍ତ ଓ ଉତ୍କର୍ଣ୍ଠିତ ହୋଇ ଉଠନ୍ତ ।

ଏହି ପରମାଣୁ ଶକ୍ତି ଦ୍ୱାରା ନାନା ପ୍ରକାର ମାରଣାସ୍ତ୍ର ଉଦ୍ଭାବିତ ହୋଇଛି ସତ କିନ୍ତୁ ତାହା ସଙ୍ଗେ ସଙ୍ଗେ ଏହା ମଣିଷ ସମ୍ମୁଖରେ ତାର ଅଗ୍ରଗତିର ଅନନ୍ତ ସମ୍ଭାବନାର ଦ୍ୱାର ମୁକ୍ତ କରି ଦେଇଛି । ବିଜ୍ଞାନର ପ୍ରଗତିର ରଥ ସେତେବେଳେ ବାଷ୍ପୀୟ ଓ ବୈଦ୍ୟୁତିକ ଶକ୍ତି ଟାଣି ଆଣିଥିଲା କିନ୍ତୁ ପରମାଣୁ ଦେହ ଜୀର୍ଣ୍ଣକରି ଯେଉଁ ନୂତନ ଶକ୍ତି ଦେଖାଦେଲା ତାର ଗୋଟିଏ ହାତରେ ଦେଖିବାକୁ ମିଳେ ବିନାଶର ବଜ୍ର, ଅନ୍ୟ ହାତରେ ସୃଷ୍ଟିର ଶତଦଳ ।

ଶ୍ରୀ ଶ୍ରୀ ଠାକୁରଙ୍କର ଗଭୀର ଧ୍ୟାନପୂତ ଦୃଷ୍ଟିରେ ସେଦିନ ଯାହା ଧରା ଦେଇଥିଲା, ପରବର୍ତ୍ତୀ ସମୟରେ ଦେଖାଗଲା ତାଙ୍କରି ବାସ୍ତବ ରୂପ, ଯାହାର ପ୍ରୟୋଗ ବିନ୍ୟାସ ଉପରେ ଏହି ନିର୍ଭର କରୁଛି ଆଜି ସୃଷ୍ଟିର ଧ୍ୱଂସ ବା ଅଗ୍ରଗତି ।

ପିତୃଦେବ

ଶ୍ରୀ ଶ୍ରୀ ଠାକୁରଙ୍କର ପିତୃଦେବ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଭରି ଅମାର୍ଦ୍ଦିକ ପ୍ରକୃତିର ଲୋକ ଥିଲେ । ସେ ଅତିଥି ଅଭ୍ୟାଗତର ଯତ୍ନ ଓ ସେବା କରି ଖୁବ୍‌ ହିଁ ତୃପ୍ତି ଲାଭ କରୁଥାଆନ୍ତ । ବ୍ୟାବହାରିକ ଜ୍ଞାନ ଯେମିତି ପ୍ରଖର ଥିଲ ସେମିତି ଲୋକଙ୍କର ମନୋବୃତ୍ତି ବୁଝି ଚଳିବାର ଷମତା ମଧ୍ୟ ଅସାଧାରଣ ଥିଲ ।

Scanned by CamScanner

ଦିନେ ସେ ଗଲ୍ପ ଛଳରେ ସୁଶୀଲ ଚନ୍ଦ୍ରଙ୍କୁ କହିଲେ—"ଲୋକଙ୍କର ଚଷ ଦେଖିଲେ ବୁଝିହୁଏ ଯେ କିଏ କିଭଳି ପ୍ରକୃତିର ଲୋକ, ଆଉ ଯିଏ ଯେଉଁଭଳି ପ୍ରକୃତିର ଲୋକ ତାସହିତ ସେହିଭଳି ବ୍ୟବହାର କରିବାକୁ ହୁଏ।" ଏହା କହି ଜଣଙ୍କ ନାମ ଉଲ୍ଲେଖ କରି ତାଙ୍କ ପାଖରେ କହିଲେ—"ଏହି ଲୋକଟି ବଡ ଖଳ ପ୍ରକୃତିର ଲୋକ—ତାର ଆଖି ଦେଖି ବୁଝିହୁଏ। ମୁହଁରେ ସେ ଯେତେହେଁ ସତ୍ୟତାର ଛଳନା କରୁନା କାହିଁକି।" ଆଉ ଜଣଙ୍କର ନାମ ଉଲ୍ଲେଖ କରି କହିଲେ—"ସେ ଯେ ଖୁବ୍ ଓ ସରଳ ସତ୍ ପ୍ରକୃତିର ଲୋକ, ତାହା ତାର ଆଖି ଦେଖି ବେଶ୍ ବୁଝିହୁଏ। ତୁମେ ତାହା ପରୀକ୍ଷା-ନୀରିକ୍ଷା କରି ଦେଖ।"

ଏହି କଥା କହିସାରି ପୁଣି କହିଲେ—"ଦେଖ, ଲୋକଙ୍କର ଉପକାର କରିବାକୁ ହେଲେ ମଧ୍ୟ ବେଶ୍ ସତର୍କତାର ସହିତ ତାହା କରିବାକୁ ହୁଏ। ଯାହାର ଉପକାର କରୁଛ ସେ ଯେପରି ପରେ ତୁମର ଅନିଷ୍ଟ କରି ନପାରେ ସେ ସମ୍ବନ୍ଧରେ ବେଶ୍ ସତର୍କ ହୋଇ ତାର ଉପକାର କରିବାକୁ ହୁଏ।"

ସୁଶୀଲ ଚନ୍ଦ୍ର କହିଲେ— "ଉପକାର କରିଲେ ସେ ପୁଣି ଅପକାର କରିବ କାହିଁକି ?"

ସେ କହିଲେ—'ମୁଁ ବୁଝୁଛି ଯେ ତାହା ବୋଧହୁଏ ତୁମେ ଜାଣ-ନାହଁ ? ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ତୁମଠାରୁ ଉପକୃତ ହୋଇଛନ୍ତି ତାହା ଲୋକ ସମାଜରେ ପ୍ରକାଶ ପାଇଲେ ନିଜକୁ ଘରି ହୀନ-ଗଣ୍ୟ ବୋଧ କରନ୍ତି ନାହଁ। ମଣିଷ ପାଖରେ ଏମିତି ବିପରୀତ ଭବରେ ପ୍ରସ୍ତର କରନ୍ତି, ଯାହାଦ୍ୱାରା ମଣିଷ ବୁଝିପାରେ ଯେ ସେହି ଲୋକ କେବେ-ହେଲେ କୌଣସି ଉପକାର କରନ୍ତି ନାହଁ। ତେଣୁ, ମନୁଷ୍ୟର ଉପକାର କରିବାକୁ ହେଲେ ମଧ୍ୟ ସାବଧାନ ହୋଇହଁ ତାହା କରିବାକୁ ହୁଏ। ଯାହାଦ୍ୱାରା ସେ ତୁମର କୌଣସି ଅନିଷ୍ଟ କରି ନପାରନ୍ତି।"

ଦିନେ ଦ୍ୱିପ୍ରହର ସମୟରେ ଖାଇସାରି ଘର ଭିତରୁ ଆଶ୍ରମ ଆଡକୁ ଆସୁଥାଆନ୍ତି—ଏହି ସମୟରେ କର୍ତ୍ତା (ଶ୍ରୀ ଶ୍ରୀ ଠାକୁରଙ୍କ ପିତୃଦେବଙ୍କୁ ସମସ୍ତେ କର୍ତ୍ତା ବୋଲି ଡାକୁ ଥାଆନ୍ତି) ସୁଶୀଲ ଚନ୍ଦ୍ରଙ୍କୁ ତାଙ୍କ ଘର ଭିତରକୁ ଡାକିଲେ।

Scanned by CamScanner

ତାଙ୍କ ନିକଟକୁ ଯିବାପରେ ସେ ତାଙ୍କୁ ବସିବାକୁ କହିଲେ ଏବଂ ପଚାରିଲେ— "କ'ଣ ଦେଇ ଖାଇଲ ? ଖାଇବା ପିଇବା ଓ ରହିବାର କୌଣସି କଷ୍ଟ ହେଉ ନାହିଁ ତ ?" ସୁଶୀଲ ଚନ୍ଦ୍ର କହିଲେ— କୌଣସିଠିରେ କିଛି କଷ୍ଟ ନାହିଁ ତ ନାହିଁ ବରଂ ଏଠାରେ ଖୁବ୍ ଆନନ୍ଦରେ ଅଛି ।

ସେ ପୁଣି କହିଲେ— "ତୁମେମାନେ ଭଦ୍ରଲୋକଙ୍କ ପୁତ୍ର— ତୁମେତ ଏ କଥା କହିବନାହିଁ । ମୁଁ ଅନୁକୂଳକୁ କୁହେ—ତଘରେ ଏତେ ଭଦ୍ରଲୋକଙ୍କର ପାଦଧୂଳି ପଡେ, ସମସ୍ତଙ୍କ ଘରେତ ପଡେନାହିଁ । ଏହା ମଧ୍ୟ ଗୋଟିଏ ଭଗ୍ୟ ବୋଲି କହିବାକୁ ହେବ । ତୁ ଡାକ୍ତରୀ କର, ଭଲ ଭବରେ ରୋଜଗାର କର, ଲୋକମାନେ ଯେଉଁମାନେ ଆସନ୍ତ ସେମାନଙ୍କୁ ଭଲ ଭବରେ ଖାଇବାକୁ ଦେ । ସେସବୁ କିଛିନାହିଁ, ଡାକ୍ତରୀ ଛାଡ଼ ଦେଇ ଧେଇ ଧେଇ କରି କୀର୍ତ୍ତନ ନେଇ ମାତିଛି । ଏଥିରେ କ'ଣ ହେବ ? ମଣିଷର ସେବାହିଁ ତ ଧର୍ମ" ।

ଏହି ସବୁ କହିସାରି ପରେ ପୁଣି କହିଲେ— " ତୁମେମାନେ ଏହାର ଅର୍ଥାତ୍ ତୁମ ଠାକୁରଙ୍କ ମଧ୍ୟରେ ଏମିତି କ'ଣ ଦେଖିଲ ଯେ ଏତେ କଷ୍ଟ କରି ଏଠାରେ ପଡ଼ରହିଛ ? ଭଗବାନ କ'ଣ ଆଜ କେଉଁଠି ଜାଗା ନପାଇ ଶେଷରେ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଘରେ ଜନ୍ମହେଲେ ? ମୁଁ ତ କିଛି ବୁଝି ପାରୁ ନାହିଁ । ତୁମ୍ଭମାନଙ୍କର ମା (ମନମୋହିନୀ ଦେବୀ) ମଧ୍ୟ ତ ଏହା ସହିତ ତାଳ ଦେଇ ଚଲନ୍ତି । ତାଙ୍କର ମଧ୍ୟ କିଛିବୁଦ୍ଧି ସୁଦ୍ଧି ନାହିଁ । ତାହାଥିଲେ ଏମିତି ହୁଅନ୍ତେ ନାହିଁ" ।

ଉତ୍ତରରେ ସୁଶୀଲ ଚନ୍ଦ୍ର କହିଲେ— " ଦେଖନ୍ତୁ ଆପଣଙ୍କ ପିଲକୁ ଆପଣ ପିଲ ହିସାବରେ ଜ୍ଞାନ କରନ୍ତି, ଏହା ଖୁବହିଁ ସ୍ୱାଭବିକ୍ । କିନ୍ତୁ ଆପଣଙ୍କ ପିଲଙ୍କ ଭିତରେ କୌଣସି ବିଶେଷ ଗୁଣ ନଥିଲେ ଦେଶ ବିଦେଶରୁ ଏତେ-ଲୋକ ତାଙ୍କ ଆକର୍ଷଣରେ ଏଠାକୁ ଆସି ଭିଡ କରିବେ କାହିଁକି ? ସର୍ବଭୂତରେ ଭଗବାନ ଅଛନ୍ତି ଏକଥା ଠିକ୍ । ଭଗବାନଙ୍କଠାରେ ଆମେ ଯେଉଁ ସବୁଗୁଣ ଆରେପ କରିଥାଉଁ ସେ ସବୁ ଗୁଣ ଯଦି କୌଣସି ମଣିଷ ପାଖରେ ଦେଖାଯାଏ ସେତେବେଳେ ମଣିଷ ତାଙ୍କୁହିଁ ଭଗବାନ ବୋଲି କହିଥାଆନ୍ତି । ସେ ସବୁ

Scanned by CamScanner

ଗୁଣର ପ୍ରକାଶ ଆପଣଙ୍କ ପିଲା ମଧ୍ୟରେ ଦେଖି ମଣିଷମାନେ ତାଙ୍କୁ ଭଗବାନ ବୋଲି କୁହନ୍ତ । ଏଥିରେ ଆଉ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଯୁଗେ ଯୁଗେ ଭଗବାନତ ଏହିପରି କରିଛନ୍ତି କେତେବେଳେ ଦେବକୀ ଗର୍ଭରେ, କେତେ-ବେଳେ ଶଚୀମାତା ଗର୍ଭରେ, ପୁଣି କେତେବେଳେ ଚନ୍ଦ୍ରମଣି ଗର୍ଭରେ ଜନ୍ମ ନେଇଛନ୍ତ । ସେମିତି ଆପଣଙ୍କ ଘରକୁ ଯଦି ଆସିଥାଆନ୍ତ ତେବେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଆପଣ ମହାଭାଗ୍ୟବାନ୍ ।''

ସୁଶୀଲ ଚନ୍ଦ୍ରଙ୍କ ଏହି କଥାରେ ସେ ଆଉ କିଛି ଉତ୍ତର ଦେଲେନାହିଁ ।

ସୁଶୀଲଚନ୍ଦ୍ରଙ୍କ ପାରିବାରିକ ଜୀବନ

ସୁଶୀଲ ଚନ୍ଦ୍ର ଆଶ୍ରମକୁ ଆସିବାର ଦୁଇ ତିନିଦିନ ପରେହିଁ ଦିନେ ମାତା ମନମୋହିନୀ ଦେବୀ ତାଙ୍କୁ କହିଲେ— ''ତୁ ବିହାହ କରିଛୁ, ତୁ ସବୁଦିନ ପାଇଁ ଏଠାରେ ରହିବୁ ଆଉ ସ୍ତ୍ରୀକୁ ବାପଘରେ ରଖିଦେଇ ଆସିବୁ, ତାହା କ'ଣ କେବେ ହୁଏ ? ସ୍ତ୍ରୀକୁ ଏଠାକୁ ଶୀଘ୍ର ନେଇ ଆସିବାର ବ୍ୟବସ୍ଥା କର ।''

ସୁଶୀଲ ଚନ୍ଦ୍ର କହିଲେ, ''ସେତ ଆମଘରର ପିଉସୀଙ୍କ ପାଖରେ ମଧ୍ୟ ଯାଇ ରହିପାରେ ।''

ମା କହିଲେ—''ତୁ ଏଠାରେ ରହିବୁ ଆଉ ତୋର ସ୍ତ୍ରୀ ତା' ବାପଘରେ ବା ତୋର ନିଜଘରେ ଚିରଦିନ ଏକାକୀ ରହିବ—ସେଟା ଭଲ ଦେଖା-ଯାଉନାହିଁ । ତୁ ତାକୁ ଏଠାକୁ ନେଇଆ । ମଝିଆଁ ବୋହୂ (କ୍ଷେପଦାଙ୍କ ସ୍ତ୍ରୀ) ସହିତ ଏକା ସଙ୍ଗରେ ରହିବ । ତୋତେ କୌଣସି ଜଞ୍ଜାଳରେ ପଡ଼ବାକୁ ହେବନାହିଁ ।''

ସୁଶୀଲ ଚନ୍ଦ୍ର କହିଲେ—''କିନ୍ତୁ ତାର ବାପା-ମା ସେମାନଙ୍କ ଝିଅକୁ ଆଶ୍ରମକୁ ପଠାଇବାକୁ ରାଜି ହେବେ କି ? କୌଶଳ କରି ଆଣିବାକୁ ହେବ ।''

Scanned by CamScanner

ଉତ୍ତରରେ ମା' କହିଲେ—"ସେମିତି କରି ହେଉ ତାକୁ ଏଠାକୁ ନେଇ ଆସିବାହିଁ ଭଲ ।" ଏତା କହିସାରି ପୁଣି କହିଲେ— " ଏ ବିଷୟରେ ମୁଁ ତୋ ଠାକୁରଙ୍କୁ କହିବି ।"

ଶ୍ରୀ ଶ୍ରୀ ଠାକୁର ମଧ୍ୟ ମା'ଙ୍କ କଥାକୁ ସମର୍ଥନ କରିଲେ । ତାପରେ ସୁଶୀଲ ଚନ୍ଦ୍ର ଠିକ୍‌କଲେ ଯେ ଥରେ କଲିକତା ଯାଇ ତାଙ୍କ ସ୍ତ୍ରୀଙ୍କୁ ଏଠାକୁ ନେଇ ଆସିବେ । ସେତେବେଳେ ଅଗଷ୍ଟ ମାସ, ୧୯୧୮ ମସିହା । କୁଷ୍ଟିୟାରେ ଶ୍ରୀ ଶ୍ରୀ ଠାକୁରଙ୍କ ଜନ୍ମୋତ୍ସବ ବିଗତ ଆକାରରେ ମହା ସମାରୋହ ସହକାରେ ଅନୁଷ୍ଠିତ ହେବ । ତାହାରି କଳ୍ପନା ଜଳ୍ପନା ଚାଲିଛି । ସେହି ବର୍ଷହିଁ ଶ୍ରୀ ଶ୍ରୀ ଠାକୁରଙ୍କ ଆବିର୍ଭାବ ତିଥି "ବିଶ୍ୱଚୁରୁ" ଆବିର୍ଭାବ ମହାମହୋତ୍ସବ ନାମରେ ବିଗତ ଆକାରରେ କୁଷ୍ଟିୟାରେ ଅନୁଷ୍ଠିତ ହୁଏ । କୁଷ୍ଟିୟାରୁ କଲିକତା ଯାଇ ତାଙ୍କ ଶ୍ୱଶୁର ମହାଶୟଙ୍କୁ କହିଲେ— "ମୋ ସାନଭଉଣୀ କୁଷ୍ଟିୟାରେ ରହେ । ମୋ ବାହାଘର ସମୟରେ ସେ ଅସୁସ୍ଥ ଥିବାରୁ ବାହାଘରକୁ ଆସି ପାରିନଥିଲା, ତେଣୁ ମୋ ସ୍ତ୍ରୀଙ୍କୁ ମଧ୍ୟ ସେ ଦେଖି ପାରିନାହିଁ । ମୋ ସ୍ତ୍ରୀଙ୍କୁ ଦେଖିବା ପାଇଁ ତା'ର ଭରିଇଚ୍ଛା । ସପ୍ତାହକ ପାଇଁ ତାଙ୍କୁ ନେଇଯିବାକୁ ଚାହୁଁଛି ।" ଏହିକଥା ଶୁଣି ତାଙ୍କ ଶ୍ୱଶୁର ମହାଶୟ କୌଣସି ଆପତ୍ତି କରି ନଥିଲେ ।

ସୁଶୀଲ ଚନ୍ଦ୍ରଙ୍କ ବିବାହ ହୋଇଥିଲା ୧୯୧୬ ମସିହା ଡିସେମ୍ବର ମାସରେ, କଲିକତାର ଏକ ବର୍ଦ୍ଧିଷ୍ଣୁ ପରିବାରରେ । ସେତେବେଳେ ତାଙ୍କ ସ୍ତ୍ରୀଙ୍କ ବୟସ ଥିଲା ୧୧ ବର୍ଷ । ତାଙ୍କର ନାମଥିଲା 'ନିରୁପମା' । ଶ୍ରୀ ଶ୍ରୀ ଠାକୁର ତାଙ୍କୁ 'ଗଣୀମା' ବୋଲି ଡାକୁ ଥାଆନ୍ତି । ତେଣୁ ଆଶ୍ରମ ଆସିବା ପରଠୁଁ ଏହି ନାମରେ ସେ ପରିଚିତ ହୋଇ ଆସିଥିଲେ ।

ତାଙ୍କର ଶ୍ୱଶୁର ମହାଶୟ ସେତେବେଳେ ବେଙ୍ଗଲ ଗଭର୍ଣ୍ଣମେଣ୍ଟର ବିତ୍ତର ବିଭାଗର ବିତ୍ତରପତି ପଦରେ ଅଧିଷ୍ଠିତ ଏବଂ ଖୁଡୁତାସୁର ମହାଶୟ ମଧ୍ୟ ବିଲାତରୁ ଏଫ୍. ଆର୍. ସି. ଏସ୍. ପାଶ୍ କରି ଲଣ୍ଡନରେ ସ୍ୱାଧୀନ ଭାବରେ ଡାକ୍ତରୀ ଆରମ୍ଭ କରିଥାଆନ୍ତି ।

Scanned by CamScanner

ତାଙ୍କର ମଳାଣ୍ଟୁର ହରିନାଥ ଦେ ମହାଶୟ ଥିଲେ ବହୁଭାଷାବିତ୍, Imperial Libraryର ଅଧ୍ୟକ୍ଷ । କଲିକତାରେ ଥିବା ସମୟରେ ସମ୍ଭବତଃ ତାଙ୍କରି ସଂସର୍ଗରେ ବେଙ୍ଗଲ ଗଭର୍ଣ୍ଣମେଣ୍ଟର ଚିଫ୍ ସେକ୍ରେଟାରୀଙ୍କ ସହିତ ସୁଶୀଲ ଚନ୍ଦ୍ରଙ୍କ ଶ୍ୱଶୁରଙ୍କର ବେଶ୍ ପରିଚୟ ଥିଲା । ତେଣୁ ସେତେବେଳେ ତାଙ୍କ କଥା ଉଲ୍ଲେଖ କରି ସୁଶୀଲ ଚନ୍ଦ୍ରଙ୍କୁ କହିଲେ, "ମୁଁ ତୁମକୁ Executive Serviceରେ ପ୍ରବେଶ କରାଇ ନେବାକୁ ତାଙ୍କୁ ଅନୁରୋଧ କରିଛି ଏବଂ ସେ ଆଗାମୀ ଜାନୁୟାରୀ ମାସରେ ତୁମକୁ ତାଙ୍କ ସହିତ ଦେଖା କରିବାକୁ କହିଛନ୍ତି । ସେ ମୋ ନିକଟରେ ସ୍ୱୀକାର କରିଛନ୍ତି ଯେ ଡେପୁଟି ମାଜିଷ୍ଟ୍ରେଟ୍‌ର nomination ତୁମକୁ ଦେବେ । ସେତେବେଳେ ଡେପୁଟି ମାଜିଷ୍ଟ୍ରେଟ୍ ଚାକିରୀ nomination ଦ୍ୱାରାହିଁ ହେଉଥାଏ ।

ତାଙ୍କ ଆଗରେ ମୁହାଁ ମୁହିଁ କିଛି କହିବାକୁ ସାହସ କରିଲେ ନାହିଁ ସୁଶୀଲ ଚନ୍ଦ୍ର—କହିଲେ, ଜାନୁୟାରୀ ମାସ ତ, ଆହୁରି ଅନେକ ଡେରି ଅଛି,—ସେତେବେଳକୁ ଦେଖାଯିବ । ଏହି କଥା କହି ସେ ପ୍ରସଙ୍ଗକୁ ସେତେବେଳ ପାଇଁ ଚାପି ଦେଲେ ।

ଯାହାହେଉ, ତାଙ୍କ ସ୍ତ୍ରୀଙ୍କୁ ନେଇ କୌଣସି ପ୍ରକାରେ କୁଣ୍ଠିୟାରେ ଆସି ପହଞ୍ଚିଲେ । ତାଙ୍କ ଭଉଣୀ କହିଲେ,—"ଉତ୍ସବକୁ ମାତ୍ର ଏକ ମାସ ବାକି ଅଛି, ଏହି କେତେଦିନ ଭଉଜ ଏଠାରେ ଥାଆନ୍ତୁ । ଉତ୍ସବ ସରିଗଲେ ଆଶ୍ରମ ହୋଇ ତାଙ୍କୁ ଘରକୁ ନେଇଯିବ ।"

ସୁଶୀଲ ଚନ୍ଦ୍ରଙ୍କ ମନକୁ ମଧ୍ୟ ସେ ପ୍ରସ୍ତାବ ବେଶ ପାଇଲା । ତେଣୁ ତାଙ୍କ ଶ୍ୱଶୁର ମହାଶୟଙ୍କ ନିକଟକୁ ଚିଠି ଲେଖି ଜଣାଇ ଦେଲେ ଯେ ତାଙ୍କ ଭଉଣୀ ତାଙ୍କ ସ୍ତ୍ରୀଙ୍କୁ ଶୀଘ୍ର ଛାଡ଼ିବାକୁ ରାଜି ହେଉ ନାହାନ୍ତି । ତେଣୁ ବର୍ତ୍ତମାନ ତାଙ୍କର ଯିବା ହୋଇ ପାରିବ ନାହିଁ । ତାହା ସଙ୍ଗେ ସଙ୍ଗେ ଏହା ମଧ୍ୟ ଜଣାଇ ଦେଲେ ଯେ ତାଙ୍କର ଆଉ ଚାକିରୀ କରିବାର ଆକାଂକ୍ଷା ମୋଟେ ନାହିଁ ।

Scanned by CamScanner

ସୁଶୀଲ ଚନ୍ଦ୍ରଙ୍କର ଏହି ଚିଠିଟି ପାଇ ତାଙ୍କର ଶ୍ୱଶୁର ମହାଶୟ ଅତ୍ୟନ୍ତ ବିଚଳିତ ହୋଇ ଆବେଗପୂର୍ଣ୍ଣ ଭାଷାରେ ତାଙ୍କୁ ଏକ ଚିଠି ଲେଖି ଜଣାଇ ଦେଲେ ଯେ, ତୁମେ ହଠାତ୍ ଭବାତିଶଯ୍ୟାରେ ଏପରି କରିବାକୁ ଉଦ୍ୟତ ହେଉଛ, କିନ୍ତୁ ଏ ଭବାବେଗ ତୁଏତ ବେଶୀ ଦିନ ସ୍ଥାୟୀ ହୋଇ ରହିବ ନାହିଁ । ଭବାବେଗ ଚଲିଗଲେ ସେଥିପାଇଁ ତୁମକୁ ଦୁଃଖ କରିବାକୁ ହେବ । ତେଣୁ ସୁଶୀଲ ଚନ୍ଦ୍ରଙ୍କ ଭବିଷ୍ୟତ ସମ୍ବନ୍ଧରେ ଧୀର ଭବରେ ବିବେଚନା କରି ଯେମିତି ଶିଘ୍ର ତାଙ୍କ ଚିଠିର ଉତ୍ତର ଦିଅନ୍ତୁ । ଏହିଭଳି ଭବରେ ସେ ବୁଝାଇ ଚିଠିଟି ଦେଲେ ।

ଉତ୍ତରରେ ସୁଶୀଲ ଚନ୍ଦ୍ର ତାଙ୍କ ଶ୍ୱଶୁରଙ୍କ ପାଖକୁ ଲେଖିଲେ—"ମୁଁ ମୋର ଜୀବନକୁ କେମିତି ଭବରେ ଅତିବାହିତ କରିବି ତାହା ମୁଁ ସବୁଦିନ ପାଇଁ ସ୍ଥିର କରି ସାରିଛି । ତେଣୁ ଏ ବିଷୟରେ ମୋତେ ଆପଣଙ୍କର ଉପଦେଶ ଦେବା ବୃଥା । ଏହାଦ୍ୱାରା ତୁଏତ ତିକ୍ତତାହିଁ ସୃଷ୍ଟି ହେବ । ତେବେ କନ୍ୟା ପିତା ହିସାବରେ ଆପଣଙ୍କର ଦୁଃଖ କରିବା ସ୍ୱାଭବିକ, କାରଣ ଆପଣ କେବେହେଲେ ଚାହାଁନ୍ତୁ ନାହିଁ ଯେ ଏଭଳି ଜଣେ ଖାମ ଖିଆଲି ଲୋକ ସହିତ ଆପଣଙ୍କ କନ୍ୟାର ଭଗ୍ୟ ଜଡ଼ିତ ହେବାଟା । ଅବଶ୍ୟ ଆପଣଙ୍କ କନ୍ୟା ଯଦି ଆପଣଙ୍କ ପାଖରେ ରହିବାକୁ ଚାହାଁନ୍ତୁ ତେବେ ସେ ଚିରଦିନ ଧରି ଆପଣଙ୍କ ପାଖରେ ରହି ପାରନ୍ତୁ, ନହେଲେ ମୋ ପାଖରେ ରହିବାକୁ ହେଲେ ଦୁଃଖ କଷ୍ଟକୁ ବରଣ କରିନେଇ ରହିବାକୁ ହେବ ।

ଶ୍ୱଶୁର ମହାଶୟଙ୍କ ସହିତ ସୁଶୀଲ ଚନ୍ଦ୍ରଙ୍କର ଏହି ସମସ୍ତ ପତ୍ରାଳାପର କଥା ସେ କେବେ କାହାରିକୁ କହି ନଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କୁ ମଧ୍ୟ ଜଣାଇ ନଥିଲେ । କାରଣ ଶ୍ରୀ ଶ୍ରୀ ଠାକୁର ପୂର୍ବରୁ ତାଙ୍କୁ କହି ଦେଇଥିଲେ ଯେ କିପରି ଭବରେ ତାଙ୍କର ଜୀବନ ଅତିବାହିତ କରିବାକୁ ହେବ । ଆଉ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବଙ୍କୁ ମଧ୍ୟ ଏକଥା କହି ନଥିଲେ ଏଇଥି ପାଇଁ ଯେ; ସେମାନେ ତ ତାଙ୍କର ଭବଧାରାକୁ କେବେ ସମର୍ଥନ କରିବେ ନାହିଁ ବରଂ ତାଙ୍କୁ ନାନା ପ୍ରକାର ଆଲୋଚନା କରି ବ୍ୟତିବ୍ୟସ୍ତ କରି ତୋଳିବେ । ତେଣୁ କାହାରିକୁ ନ ଜଣାଇ ନିଜକୁ ନିଜେ ନୀରବ ହୋଇ ଯାଇଥିଲେ ।

Scanned by CamScanner

ବହିର୍ବିଶ୍ୱେ ପ୍ରଚାର

ଶ୍ରୀ ଶ୍ରୀ ଠାକୁରଙ୍କର ପ୍ରଚାର ଆନ୍ଦୋଳନ ପ୍ରଥମେ ତାଙ୍କର ସ୍ୱଗ୍ରାମ ଓ ଚତୁପାର୍ଶ୍ୱବର୍ତ୍ତୀ ଗ୍ରାମ ମଧ୍ୟରେହିଁ ସୀମାବଦ୍ଧ ଥିଲା । ସଙ୍ଗୀ ଓ ସହକର୍ମୀ-ମାନେ ମଧ୍ୟ ଗ୍ରାମର ଲୋକ ଥିଲେ । —ଅନନ୍ତ ମହାରଜ, କିଶୋରୀ ଦା, ଦୁର୍ଗାନାଥ ଦା, କୋକନ, ତରଣୀ ପ୍ରଭୃତି । ପାବନା ସହରର ପାର୍ଶ୍ୱବର୍ତ୍ତୀ ଗ୍ରାମ ଶାଳବେଡ଼ୟାରୁ ଅଦୈତ ବଂଶର ପୂଜ୍ୟପାଦ ଗୋସାଇଁଦା ଆସି ଶ୍ରୀ ଶ୍ରୀ ଠାକୁରଙ୍କର ଶରଣାପନ୍ନ ହେଲେ । ସେ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ଆଶ୍ରୟ ନେବା ପରେ ତାଙ୍କ ନିଜର ଯେଉଁ ଶିଷ୍ୟ ସେବକ ଥିଲେ ସେମାନଙ୍କୁ ଏହି ସତ୍ ମନ୍ତ୍ରରେ ଦୀକ୍ଷା ଦେବା ପାଇଁ ଅନୁମତି ପ୍ରାର୍ଥନା କରିଲେ । ଶ୍ରୀ ଶ୍ରୀ ଠାକୁର ଆନନ୍ଦର ସହିତ ଅନୁମତି ପ୍ରଦାନ କରିଲେ । ପ୍ରକୃତ ପକ୍ଷରେ ସେହି ଦିନରୁହିଁ ଶ୍ରୀ ଶ୍ରୀ ଠାକୁରଙ୍କର ବହିର୍ବିଶ୍ୱେ ପ୍ରଚାରର ରସ୍ତା ଖୋଲିଗଲା । ଶ୍ରୀ ଅଦୈତ୍ୟ ମହାପ୍ରଭୁ ଯେମିତି ଶ୍ରୀମନ୍ ମହାପ୍ରଭୁ ଶ୍ରୀକୃଷ୍ଣ ଚୈତନ୍ୟଙ୍କ ପ୍ରଚାରର ପ୍ରଧାନ ସହାୟକ ଥିଲେ, ସେହି ବଂଶର ସନ୍ତାନ ପୂଜ୍ୟପାଦ ଗୋସାଇଁଦାଙ୍କୁ ମଧ୍ୟ ସେମିତି ଶ୍ରୀ ଶ୍ରୀ ଠାକୁରଙ୍କର ବହିର୍ବିଶ୍ୱେ ପ୍ରଚାରର ପ୍ରଥମ ପଥିକୃତ କୁହାଯାଇ ପାରେ । କୁଷ୍ଟିୟାରେ ଶ୍ରୀ ଶ୍ରୀ ଠାକୁରଙ୍କର ପ୍ରଚାରର ମୂଳରେହିଁ ସେ ଥିଲେ ।

କୁଷ୍ଟିୟା ଓ ତାହା ପାର୍ଶ୍ୱବର୍ତ୍ତୀ ଗ୍ରାମ ବାଡାଦି, ବାରଖୋଦା, ତାଲବେଡେ ପ୍ରଭୃତି ଗ୍ରାମରେ ଗୋସାଇଁଦାଙ୍କର ବହୁତ ଶିଷ୍ୟ ଥିଲେ । ସେ ଶ୍ରୀ ଶ୍ରୀ ଠାକୁରଙ୍କର ଅନୁମତି ନେଇ ତାଙ୍କର ସେହି ସମସ୍ତ ଶିଷ୍ୟବୃନ୍ଦଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କ ସତ୍ ମନ୍ତ୍ରରେ ଦୀକ୍ଷିତ କରିବାକୁ ଲାଗିଲେ । ବାଡାଦିର ଖୋକା-ଡାକ୍ତର (ଗୋପେନ୍ଦ୍ର ନାଥ ସାହା) ଗୋସାଇଁଦାଙ୍କ ଠାରୁ ପ୍ରଥମେ ଏହି ସତ୍ ମନ୍ତ୍ରରେ ଦୀକ୍ଷିତ ହୁଅନ୍ତି । ଶ୍ରୀ ଶ୍ରୀ ଠାକୁର ପ୍ରଥମେ କୁଷ୍ଟିୟା ଆସି ଖୋକା ଡାକ୍ତରଙ୍କ ଘରେ ପହଞ୍ଚନ୍ତି । ଖୋକା ଡାକ୍ତରଙ୍କ ସଙ୍ଗରେ କୁଷ୍ଟିୟାର ଡାକ୍ତର ଗୋକୁଳ ଚନ୍ଦ୍ର ମଣ୍ଡଳଙ୍କର ବେଶ୍ ସୌହାର୍ଦ୍ଦ୍ୟତା ଥିଲା । ଖୋକା ଡାକ୍ତରଙ୍କ ଘରେ ଡାକ୍ତର ଗୋକୁଳ ମଣ୍ଡଳଙ୍କ ସହିତ ଶ୍ରୀ ଶ୍ରୀ ଠାକୁରଙ୍କର ସାକ୍ଷାତ ଓ

Scanned by CamScanner

ପରିଚୟ ହୁଏ ଏବଂ ଦୀକ୍ଷା ଲାଭ ଘଟେ । କ୍ରମେ ଡା. ସତୀଶ ଜୋୟାର୍-ଦାର୍, ଡା. ସତ୍ୟ ଦତ୍ତ, ଡା. ଯତୀନ ରାୟ ଓ ପୂର୍ଣ୍ଣଚନ୍ଦ୍ର ସାହା ପ୍ରଭୃତି ଦୀକ୍ଷା ନିଅନ୍ତି ।

ପୁଣି ଏହି ସମୟରେ କୁଷ୍ଟିୟାର ଅନେକେ ସ୍ୱପ୍ନରେ ମଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କଠାରୁ ଦୀକ୍ଷାଲାଭ କରନ୍ତି । ତା ମଧ୍ୟରେ ଅଶ୍ୱିନୀ ଦା (ମୋକ୍ତାର), ତ୍ରୈଲକ୍ୟଦା (ଓକିଲ) ପ୍ରଭୃତି ଥିଲେ । କୁଷ୍ଟିୟାରେ ଏହି ସମୟରେ ସତ୍ ମନ୍ତ୍ରରେ ଦୀକ୍ଷା ନେବାର ଯେମିତି ଗୋଟିଏ ଭିଡ ଜମି ଯାଇଥିଲା । ଅନେକ ସରକାରୀ କର୍ମଚାରୀ ମଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ମହାଭାବାବସ୍ଥା ଦେଖି ତାଙ୍କ ପ୍ରେମରେ ଆକୃଷ୍ଟ ହୋଇ ଦୀକ୍ଷା ନିଅନ୍ତି ।

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ଆସି ଯେତେବେଳେ ଖୋକା ଡାକ୍ତରଙ୍କ ଘରେ ପହଞ୍ଚିଲେ, ସେତେବେଳେ ଯେଉଁ ଘରେ ତାଙ୍କର ରହିବାର ବ୍ୟବସ୍ଥା ହୋଇଥିଲା ସେହି ଘରେ ସେ ଗୋଟିଏ ମରି ଯାଇଥିବା ତେଲୁଣୀ ପୋକ ଦେଖିବାକୁ ପାଇଲେ । ଓଲଟ ପାଲଟ କରି ନାନା ରକମର ପରୀକ୍ଷା କରି ସେ ନିଶ୍ଚିତ ହେଲେ ଯେ ତେଲୁଣୀ ପୋକଟି ସମ୍ପୂର୍ଣ୍ଣ ମୃତ । ସେତିକିବେଳେ ସେ କୌତୁହଳ ବଶତଃ ମୃତ ତେଲୁଣୀ ପୋକ ଆଡକୁ ଏକ ଲୟରେ ଚାହିଁ ରହି ମନେ ମନେ ନାମଜପ କରିବାକୁ ଲାଗିଲେ । ଏହିପରି କ୍ରମାନ୍ୱୟରେ ତିନି ଘଣ୍ଟା ଧରି ନାମ ଜପ କରିବା ପରେ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଦେଖିଲେ ଯେ ମୃତ ତେଲୁଣୀପୋକଟି ଚିତ୍ ହୋଇ ହାତ ଗୋଡ (ଡେଣା) ହଲାଇଲା । କିଛି ସମୟ ପରେ ତାହା ଉଠି ପଡ଼ ଚାଲିଗଲା । ସେ ଏକ-ଲୟରେ ଅନାଇ ରହି ଯେଉଁ ନାମ କରୁଥିଲେ ସେ ନାମର କମ୍ପନ ଫଳରେ ମୃତ ତେଲୁଣୀ ପୋକଟି ବଞ୍ଚି ଉଠିବାର ଦେଖି ସେ ସମସ୍ତଙ୍କୁ ଡାକି କହିଲେ— ଆପଣମାନେ ଯଦି କଠିନ ରୋଗଗ୍ରସ୍ତ ମଣିଷକୁ ବା ମୃତକଳ୍प ବ୍ୟକ୍ତିଙ୍କୁ ସ୍ପର୍ଶ କରି ଅନବରତ ନାମର କମ୍ପନ ତା ମଧ୍ୟକୁ ସଞ୍ଚରିତ କରି ପାରିବେ ତେବେ ରୋଗ ନିରାମୟ ହୋଇପାରେ, ମୃତକଳ୍प ବ୍ୟକ୍ତି ମଧ୍ୟ ଜୀବନ ଫେରି ପାଇପାରେ ।

Scanned by CamScanner

ଶ୍ରୀ ଶ୍ରୀ ଠାକୁରଙ୍କର ସେହି କଥା ଶୁଣି କୁଷ୍ଟିୟାର ସତ୍‌ସଙ୍ଗୀମାନେ Life Research Society (ଜୀବନ ଗବେଷଣା ସମିତି, ନାମକ ଏକ ଦଳ ଗଠନ କରିଲେ । ସେମାନେ ଡାକ୍ତରଙ୍କ ଦ୍ୱାରା ପରିତ୍ୟକ୍ତ ମୃତକଳ୍ପ ରୋଗୀମାନଙ୍କର ଅଙ୍ଗ ସ୍ପର୍ଶ କରି "ନାମ କମ୍ପନ" ଦ୍ୱାରା ବଞ୍ଚାଇ ଦେବାକୁ ଲାଗିଲେ ଏବଂ ବହୁତ ଲୋକଙ୍କ ଘରୁ ସେଥିପାଇଁ ମଧ୍ୟ ତାଙ୍କର ଡାକରା ଆସିବାକୁ ଲାଗିଲା । ସୁଶୀଲ ଚନ୍ଦ୍ର ବସୁ ନିଜେ ମଧ୍ୟ ଏହିପରି ଏକ ରୋଗୀକୁ ନାମ ଦ୍ୱାରା ବଞ୍ଚାଇବାବିଷୟ ଘଟଣା ଆଶ୍ଚର୍ଯ୍ୟଜନକ । ସେ ବ୍ୟକ୍ତିଙ୍କ ନାମ ଶ୍ରୀକାନ୍ତ ସରକାର । ବୟସ ପ୍ରାୟ ୨୭/୨୮ । ସେ ମ୍ୟାନେନଜାଇଟିସ୍ ରୋଗରେ ପିଡୀତ ଥିଲେ । ସେତେବେଳେ ଏହି ରୋଗର ବିଶେଷ କୌଣସି ଚିକିତ୍ସା ଜଣା ନଥିଲା । ତାଙ୍କ ଜୀବନ ଆଉ କୌଣସି ଆଶା ନାହିଁ ଦେଖି ଡାକ୍ତରମାନେ ତାଙ୍କୁ ପରିତ୍ୟାଗ କରି ଚାଲିଗଲେ । ସେତେବେଳେ ରାତ୍ରି ପ୍ରାୟ ୧୧ଟା ହେବ । ରୋଗୀର ନାଡୀ ଓ ହୃତପିଣ୍ଡର କ୍ରିୟା କ୍ରମେ ସ୍ତବ୍ଧ ହୋଇଗଲା । ସେହି ଅବସ୍ଥାରେ ମଧ୍ୟ ତାଙ୍କୁ ସ୍ପର୍ଶ କରି ସୁଶୀଲ ଚନ୍ଦ୍ର ଓ ଆଉ ପାଞ୍ଚଜଣ ଅନବରତ ନାମଜପ କରିବାକୁ ଲାଗିଲେ । ସାରା ରାତ୍ରିଯାକ ଏମିତି ନାମ କରିବା ପରେ ସକାଳେ ରୋଗୀର ହୃତପିଣ୍ଡର କାର୍ଯ୍ୟ ଟିକିଏ ଆରମ୍ଭ ହୋଇଛି ବୋଲି ଇଙ୍ଗିତ ପାଇଲେ । ସେତେବେଳେ ମଧ୍ୟ ରୋଗୀ ସମ୍ପୂର୍ଣ୍ଣ ଅଜ୍ଞାନ । ସେମାନେ ଛଅଜଣ ଯେତେବେଳେ ପ୍ରାତଃ କୃତ୍ୟାଦି ପାଇଁ ବିଦାଦ୍ଧ ନେଲେ, ସେତେବେଳେ ଆଉ ଛଅଜଣ ଆସି ରୋଗୀକୁ ସ୍ପର୍ଶ କରି ନାମ କରିବାକୁ ଲାଗିଲେ । ଏହିପରି ଦିବାରାତ୍ର ନାମଜପ ଚାଲିଲା, ତିନିଦିନ ପରେ ରୋଗୀର ପୂର୍ଣ୍ଣଜ୍ଞାନ ଫେରି ଆସିଲା । ମୃତ୍ୟୁ କବଳରୁ ଏହିପରି ଭାବରେ ସୁସ୍ଥ ହେବାର ଦେଖି ସେମାନଙ୍କର ଯେଉଁ ଅପୂର୍ବ ଆନନ୍ଦ ହେଲା ତାହା ଆଉ ଭାଷାରେ ବ୍ୟକ୍ତ କରିହେବ ନାହିଁ । ଶ୍ରୀକାନ୍ତର ବିଧବା ମା ଓ ସ୍ତ୍ରୀ ଶ୍ରୀକାନ୍ତର ପୁନର୍ଜୀବନ ପ୍ରାପ୍ତି ପାଇଁ ସେମାନଙ୍କ ପାଖକୁ ଆସି ହାତଯୋଡ଼ ଶ୍ରୀ ଶ୍ରୀ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ବାରମ୍ବାର କୃତଜ୍ଞତା ପ୍ରକାଶ କରିବାକୁ ଲାଗିଲେ ।

Scanned by CamScanner

ହରିଣାକୁଣ୍ଡ ଗ୍ରାମରେ

ଶ୍ରୀ ଶ୍ରୀ ଠାକୁର —

କୁଷ୍ଟିୟା ଉତ୍ସବର ତିନି ସପ୍ତାହ ପରେ କଲିକତାରୁ ଶ୍ରୀଯୁକ୍ତ ଶାକ୍ୟସିଂହ ସେନଙ୍କର ପିତା 'ଭୂ-ପ୍ରଦକ୍ଷିଣ' ପ୍ରଣେତା ସୁପ୍ରସିଦ୍ଧ ବାରିଷ୍ଟର ଚନ୍ଦ୍ରଶେଖର ସେଣ ମହାଶୟ ହିମ ଇତପୁର ଆଶ୍ରମକୁ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଖିବାକୁ ଆସିଲେ। ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଆଳାପ ଆଲୋଚନା କରି ସନ୍ତୁଷ୍ଟ ହେଲା ପରେ ସେ ଦୀକ୍ଷାଗ୍ରହଣ କଲେ ଏବଂ ଯିବା ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କୁ କଲିକତା ଯିବା-ପାଇଁ ସେ ଅନୁରୋଧ କଲେ। କହିଲେ, ଆପଣଙ୍କୁ ଆଉ ସଂଗୋପନରେ ଲୁଚ୍ଛଇ ରଖିଲେ ଚଳିବ ନାହିଁ। ବହିର୍ବିଶ୍ୱରେ ଆପଣଙ୍କର ଭାବଧାରା ପ୍ରଚାର କରିବାର ସମୟ ଆସିଯାଇଛି। ତାର ପ୍ରକୃଷ୍ଟ କ୍ଷେତ୍ର ହେଉଛି କଲିକତା, ତେଣୁ ଆପଣଙ୍କର ଶୀଘ୍ର କଲିକତା ଯିବା ଦରକାର। ମୁଁ କଲିକତା ଯାଇ ମୋର ବନ୍ଧୁବାନ୍ଧବମାନଙ୍କୁ ଖବର ଦେଇ ରଖିବି, ଯାହାଦ୍ୱାରା ଆପଣ କଲିକତା ଗଲେ ସେମାନେ ଆପଣଙ୍କ ସହିତ ସାକ୍ଷାତ କରି ଧନ୍ୟ ହୋଇ ପାରିବେ।

ବାରିଷ୍ଟର ଚନ୍ଦ୍ରଶେଖର ସେଣ ଚଲିଯିବା ପରେ ଦିନେ ଶ୍ରୀ ଶ୍ରୀ ଠାକୁର ସୁଶୀଲ ଚନ୍ଦ୍ରଙ୍କୁ ଡାକି କହିଲେ, ଚଲନ୍ତୁ ଆପଣଙ୍କ ଘରକୁ ଯାଇ ଥରେ ବୁଲି ଆସିବା। ଏହାପରେ ହୁଏତ ଆଉ ମୋର ଯିବା ହୋଇପାରିବ ନାହିଁ।

ଶ୍ରୀ ଶ୍ରୀ ଠାକୁର ନିଜ ତରଫରୁ ତାଙ୍କ ଘରକୁ ଯିବାର ଇଚ୍ଛା ପ୍ରକାଶ କରିବାରୁ ସେ ଆହ୍ଲାଦରେ (ଆନନ୍ଦରେ) ଆତ୍ମହରା ହୋଇ ଉଠିଲେ। ମନେ ମନେ ଭାବିଲେ, ସେ ଏମିତି କ'ଣ ପୂଣ୍ୟକର୍ମ କରିଛନ୍ତି ଯେ ଶ୍ରୀ ଶ୍ରୀ ଠାକୁର ନିଜ ତରଫରୁ ତାଙ୍କ ଘରକୁ ଯିବାକୁ ଚାହୁଁଛନ୍ତି। କେତେ ଲୋକ କେତେ ସ୍ଥାନକୁ ଶ୍ରୀ ଶ୍ରୀ ଠାକୁରଙ୍କୁ ନେଇ ଯିବା ପାଇଁ ସନିର୍ବନ୍ଧ ଅନୁରୋଧ ଜଣାଇଛନ୍ତି, ଶ୍ରୀ ଶ୍ରୀ ଠାକୁର ତାହା ବିନୟର ସହିତ ପ୍ରତ୍ୟାଖ୍ୟାନ କରି ଦେଇଥିବାର ଦେଖା ଯାଇଛି; ଅଥଚ ଶ୍ରୀ ଶ୍ରୀ ଠାକୁର ନିଜେ ନିଜେ ଆଜି ତାଙ୍କ ଘରକୁ ଯିବାକୁ ଚାହୁଁଛନ୍ତି। ତେଣୁ ସୁଶୀଲଚନ୍ଦ୍ର ନିଜକୁ ନିଜେ ମହା ଭାଗ୍ୟବାନ ବୋଲି ମନେ କଲେ।

Scanned by CamScanner

ସେହିଦିନଠାରୁ ଟଙ୍କା ସଂଗ୍ରହ କରି ଶ୍ରୀ ଶ୍ରୀ ଠାକୁରଙ୍କର ବାଲ୍ୟବନ୍ଧୁ ନନୀଘଙ୍କି (ପ୍ରମଥ ନାଥ ମାହାତା ଚୌଧୁରୀ)ଙ୍କ ନିକଟରେ ସମସ୍ତଙ୍କର ଯିବାର ଭଡା ଦେଇ ଶ୍ରୀଶ୍ରୀ ଠାକୁରଙ୍କ ସହିତ ସମସ୍ତଙ୍କୁ ତାଙ୍କ ନିଜ ଗ୍ରାମ ହରିଣାକୁଣ୍ଡକୁ (ଯଶୋହର ଜିଲ୍ଲାର) ନେଇ ଯିବାକୁ କହିଲେ ।

ସେମାନେ ଶ୍ରୀଶ୍ରୀ ଠାକୁରଙ୍କୁ ନେଇ ୧୯୧୮ ସାଲ, ଅକ୍ଟୋବର ୧୮ରେ ସେଠାରୁ ବାହାରି ଆଲମଡଙ୍ଗା ରେଳ ଷ୍ଟେସନରେ ଯାଇ ପହଞ୍ଚିବାର ସିଦ୍ଧାନ୍ତ ହେଲା । ହରିଣାକୁଣ୍ଡ ଗ୍ରାମ ସେଠାରୁ ପ୍ରାୟ ଏଗାର ମାଇଲ ଦୂର । ତାଙ୍କ ଗ୍ରାମର ଶ୍ରୀ ରଘାବିନୋଦ ବସୁ ସେତେବେଳେ ଆଲମଡଙ୍ଗାରେ ବ୍ୟବସାୟ ଉପଲକ୍ଷେ ସ୍ଥାୟୀଭବରେ ରହୁଥାଆନ୍ତି । କୁଷ୍ଟିୟାରେ ବିଶ୍ୱଗୁରୁ ଉତ୍ସବର କିଛିଦିନ ପୂର୍ବରୁ ସେ ସତ୍‌ମନ୍ତ୍ରରେ ଦୀକ୍ଷା ଗ୍ରହଣ କରିଥିଲେ । ସୁଶୀଲଚନ୍ଦ୍ର ଆଶ୍ରମରୁ ଗ୍ରାମ ଅଭିମୁଖେ ବାହାରିଲେ । ରସ୍ତାରେ ଆଲମଡଙ୍ଗାରେ ରଘା-ବିନୋଦ ସହିତ ଦେଖା କରି ତାଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କ ଦଳବଳ ସହିତ ଆଗମନର ଶୁଭ ସମ୍ବାଦ ଜଣାଇଦେଲେ ଏବଂ କହିଲେ ସେ ଯେପରି ସେହି ଦିନ ଷ୍ଟେସନରେ ରହି ସମସ୍ତଙ୍କୁ ନେଇ ଯିବା ଓ ଅନ୍ୟାନ୍ୟ ବ୍ୟବସ୍ଥାଦି ଯାହା କରିବାର ଦରକାର ତାହା ଯେପରି କରନ୍ତି । ଏହି ସମସ୍ତ କଥା ତାଙ୍କୁ କହି ସେ ଘରକୁ ଚାଲିଗଲେ ।

ଷ୍ଟେସନରୁ ଗ୍ରାମକୁ ଯିବା ପାଇଁ ଦୁଇଟି ପାଲିଙ୍କି ଓ ଅନେକ ଗୁଡ଼ଏ ବଳଦଗାଡ଼ିର ବ୍ୟବସ୍ଥା କରାଯାଇଥିଲା । କାରଣ ଆଲମଡଙ୍ଗାରୁ ହରିଣାକୁଣ୍ଡ ଯିବାର ରସ୍ତା ସେତେବେଳେ ଅନ୍ୟ କୌଣସି ଯାନବାହନର ଉପଯୋଗୀ ନଥିଲା । ଯଥା ସମୟରେ ଶ୍ରୀ ଶ୍ରୀ ଠାକୁର, ଅନନ୍ତ ମହାରାଜ, ଗୋସାଇଁଦା, କିଶୋରୀଦା, ବିରୁଦା, ଅଶ୍ୱିନୀଦା, ସତ୍ୟ ଦତ୍ତ, ସତୀଶ ଜୋୟାରଦାର ପ୍ରଭୃତି କୀର୍ତ୍ତନର ଦଳବଳ ସହିତ ଆସି ଆଲମଡଙ୍ଗାରେ ପହଞ୍ଚିଲେ । ରଘାବିନୋଦ ସେତେବେଳେ ଷ୍ଟେସନରେ ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ ଜଣାଇଲେ । ସେଠାରେ କିଛି ଜଳଯୋଗ କରି ସମସ୍ତେ ଚାଲିବାକୁ ଆରମ୍ଭ କରିଲେ ଚାଲିବା ରସ୍ତାରେ । କାରଣ ଶ୍ରୀଶ୍ରୀ ଠାକୁର ପାଲିଙ୍କିରେ ଉଠିବାକୁ ଅସ୍ୱୀକାର କଲେ । ସେ କହିଲେ— ତାଙ୍କର ଚାଲିବାର ଅଭ୍ୟାସ ଅଛି, ତେଣୁ ସେ ଚାଲି ଚାଲି ଯିବେ ।

Scanned by CamScanner

ତାପରେ ସମସ୍ତେହିଁ ତାଙ୍କ ସହିତ ପାଦଚଲ ରସ୍ତାରେ ଚଲି ଚଲି ଯିବାକୁ ଲଗିଲେ । କେତୋଟି ଗୋରୁଗାଡରେ ସେମାନଙ୍କର ମାଲପତ୍ର ସବୁ ବୋଝେଇ କରି ଦିଆଗଲା । ଶ୍ରୀଶ୍ରୀ ଠାକୁରଙ୍କ ସହିତ ସମସ୍ତେ କୀର୍ତ୍ତନ କରି କରି ଆସି ସୁଶୀଲ ଚନ୍ଦ୍ରଙ୍କ ଘରେ ପହଞ୍ଚିଲେ । ଜୟ ଢାକ କଂସାର ତିଆରି ଘଣ୍ଟା, ଇତ୍ୟାଦି ବାଦ୍ୟ ସହିତ ସମସ୍ତ ଗ୍ରାମଯାକ ମୁଖରିତ ହୋଇଉଠିଲା, ସନ୍ଧ୍ୟାରେ ଶାନ୍ତ ସମାହିତ ଗ୍ରାମ୍ୟ ଜୀବନରେ ଗୋଟିଏ ପ୍ରବଳ ଆଲୋଡନର ସୃଷ୍ଟି ହେଲା । ଗ୍ରାମବାସୀମାନେ ସମସ୍ତେ ଉଚ୍ଚଣ୍ଡାର ସହିତ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଖିବା ପାଇଁ ଦୌଡ଼ ଆସିଲେ । ସେମାନେ ସମସ୍ତେ ପୂର୍ବରୁ ଶୁଣିଥିଲେ ଯେ ଶ୍ରୀଶ୍ରୀ ଠାକୁର ତାଙ୍କ ଗ୍ରାମକୁ ଆସୁଛନ୍ତି । ଅଳ୍ପ ସମୟ ମଧ୍ୟରେ ଘର-ଖଣ୍ଡିକ ଜନାରଣ୍ୟରେ ପରିଣତ ହୋଇଗଲା । ଶ୍ରୀଶ୍ରୀ ଠାକୁରଙ୍କର ସୌମ୍ୟକାନ୍ତ ଅପୂର୍ବ ବଦନମଣ୍ଡଳ, ସୁଠାମ ଦେହ, ଆଜାନୁଲମ୍ବିତ ବାହୁ ଓ ପ୍ରେମମୟ ଭବଦର୍ଶନ କରି କେହିହେଲେ ଯିବାକୁ ଗୁହୁଁ ନଥାଆନ୍ତି । ସୁଶୀଲ ଚନ୍ଦ୍ର କରଯୋଡ ସେମାନଙ୍କୁ ନିବେଦନ କରି କହିଲେ — ଅନେକ ରସ୍ତା ଅତିକ୍ରମ କରି ଆସି ଶ୍ରୀଶ୍ରୀ ଠାକୁର ବର୍ତ୍ତମାନ ଭରି ଶ୍ରାନ୍ତକ୍ଲାନ୍ତ ତାଙ୍କୁ ଟିକିଏ ବିଶ୍ରାମ କରିବାକୁ ଦିଅନ୍ତୁ । ଆସନ୍ତା କାଲି ସକାଳେ ଆସିଲେ ତାଙ୍କ ସହିତ ଦେଖା ହେବ ।

ତହିଁ ପରଦିନ ଶନିବାର, କୋଜାଗରୀ ପୂର୍ଣ୍ଣିମା, କାର୍ତ୍ତିକ ୨ ଦିନ ଇଂରଜୀ ୧୯୧୮ ମସିହା ଅକ୍ଟୋବର ୧୯ ତାରିଖ । ଦଳ ଦଳ ଲୋକ ସକାଳୁ ଆସି ସମବେତ ହେବାକୁ ଲଗିଲେ । ସେମାନଙ୍କ ମଧ୍ୟରୁ ଦୁଣି ଚିଟ୍ଠି କିଟ୍ଠି ଏଣେ ତେଣେ ବସି ଦଳ ଦଳ ହୋଇ ଆଲୋଚନା କରିବାକୁ ଲଗିଲେ । ମହାଗଜ, କିଶୋରୀଦା, ସତ୍ୟ ଦତ୍ତ, କେଷ୍ଟ ଦାସ୍ ପ୍ରଭୃତି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଲେ । ମଧ୍ୟାହ୍ନ ଅତୀତ ହୋଇ-ଯିବାକୁ ବସିଲା ତଥାପି ଆଲୋଚନା, ବାଦାନୁବାଦ, ତର୍କର ଝଡ ଯେମିତି ଆଉ ବନ୍ଦ ହେବାକୁ ଗୁହୁଁ ନାହିଁ ।

ଉପରଓଳି କିଶୋରୀ ଦା, ଗୋସାଇଁ ଦା ପ୍ରଭୃତି କୀର୍ତ୍ତନର ଦଳବଳ ସହ ଗ୍ରାମ ପରିକ୍ରମାରେ ବାହାରିଲେ । ସନ୍ଧ୍ୟା ବଧୂ ରୂପେଲି ଓଢଣାରେ ତାର ସମସ୍ତ ଅଙ୍ଗ ଆବୃତ କରି ଧୀର ପଦକ୍ଷେପରେ ଧରଣୀ ବୁକୁ ମଧ୍ୟକୁ

Scanned by CamScanner

ଓହ୍ଲାଇ ଆସିବାକୁ ଲାଗିଲା । କୋଜାଗରୀ ପୂର୍ଣ୍ଣିମାରେ ଘରେ ଘରେ ଲକ୍ଷ୍ମୀ ପୂଜାର ଶଙ୍ଖ ଘଣ୍ଟା ବାଜି ଉଠିଲା । ପୂର୍ଣ୍ଣଚନ୍ଦ୍ରଙ୍କର ରୂପେଲୀ ଝରଣାର ପ୍ଲାବନ ବହ୍ନି ଯାଇଥାଏ—ଆମ୍ବ, ପଣସ, ନଡ଼ଆ ଗଛର ଶାଖା ପ୍ରଶାଖାରେ । ସେମାନଙ୍କର ପତ୍ରର ମଡ ମଡ ଧ୍ୱନିରେ କଣ ଯେମିତି ଗୋପନ ଭାଷାରେ ଆଲୋଚନା ଯାଇଥାଏ । ଘର ସମ୍ମୁଖରେ ପୋଖରୀ ଜଳରେ ରୂପେଲୀ କିରଣ ପଡ଼ ଚକ୍ ଚକ୍ କରୁଥାଏ । ଆଉ ଘର ପାଖ ଦେଇ ଗୋଟିଏ ଛୋଟ ଖାଲ ଅଙ୍କାବଙ୍କା ପଥରେ ଅତି କ୍ଷୀପ୍ର ଗତିରେ ବହ୍ନି ଯାଇଥାଏ ତରଳୀକୃତ ରୂପାର ସ୍ରୋତ ଭଳି । ଠିକ ଏତିକିବେଳେ ଗ୍ରାମ ପରିକ୍ରମା ଶେଷକରି ଖାଲ ପାଖ ଦେଇ କୀର୍ତ୍ତନର ଦଳ ଘରେ ଆସି ପହଞ୍ଚିଲେ ।

ବାହାରେ ଏବଂ ଘର ମଧ୍ୟରେ କୀର୍ତ୍ତନ ଆରମ୍ଭ ହେଲା, ଜୟଢ଼ାକ, ଘଣ୍ଟାଧ୍ୱନୀ, କୀର୍ତ୍ତନ ଉଲ୍ଲାସ ହରିଧ୍ୱନୀରେ ଓ ମା' ମାନଙ୍କର ହୁଳହୁଳି ଧ୍ୱନିରେ ମନେ ହେଉଥାଏ ସତେ ଯେମିତି ଘରର ଛାତ ଉଡ଼ିଯିବ । ଚତୁର୍ଦ୍ଦିଗରେ ଅସଂଖ୍ୟ ଜନତା ଘରେ ପ୍ରବେଶ କରି ନପାରି ସୋତ୍ସୁକ ନୟନରେ ଅପେକ୍ଷମାନ । କିଛି ସମୟ ପରେ ଶ୍ରୀ ଶ୍ରୀ ଠାକୁର ଆସି କୀର୍ତ୍ତନରେ ଯୋଗ ଦେଲେ । ଭବର ଅତିଶଯ୍ୟରେ ସମସ୍ତଙ୍କୁ ହୃଦୟରେ ଜାବୁଡ଼ ଧରିବାକୁ ଲାଗିଲେ । ଅପୂର୍ବ ଶିହରଣରେ ସେମାନଙ୍କର ଦେହ ମନ ପୁଲକିତ ହୋଇ ଉଠିବାକୁ ଲାଗିଲା । ଭଗଯୌବନର ଅପରୂପ ରୂପ ନେଇ ଅନୁକରଣୀୟ ରୂପ ନେଇ ମୋହନ ଭଙ୍ଗୀରେ ପ୍ରାଣର ଉଚ୍ଛ୍ୱଳ ପ୍ରାଚୁର୍ଯ୍ୟରେ ସେ ଦୁଇବାହୁ ତୋଳି ନାଚି ନାଚି ସମସ୍ତଙ୍କୁ ଆପଣାର କରିବାକୁ ଲାଗିଲେ । ତାପରେ ମହାରଜଙ୍କ କାନ୍ଧରେ ଗୋଟିଏ ହାତ ରଖି ଆଉ ଗୋଟିଏ ହାତ ଉର୍ଦ୍ଧ୍ୱକୁ ଟେକି କୀର୍ତ୍ତନ କରି ଯାଇଲେ । ପରେ ପୁଣି ମହାରଜଙ୍କୁ ଛାଡ଼ିଦେଇ ଦୁଇବାହୁ ଟେକି ନୃତ୍ୟ କରୁ କରୁ ତାଙ୍କର ଦେହଟି ବାହ୍ୟ ଚୈତନ୍ୟହୀନ ଓ ବିବଶ ହୋଇ ଶବ ଭଳି ଝୁଲି ପଡ଼ଲେ । ମହାରଜ ଧୀରେ ଧୀରେ ତାଙ୍କ ଦେହକୁ ଧରି ମାଟିରେ ଶୁଆଇ ଦେଲେ । ସେତେବେଳେ ତାଙ୍କର ମୁଖମଣ୍ଡଳ ଭାଷାତୀତ ସ୍ୱର୍ଗୀୟ ବିଭବରେ ମଣ୍ଡିତ, କପାଳଟି ଦର୍ପଣ ଭଳି ଚକ୍ ଚକ୍ କରୁଥାଏ । ଶରୀର ନିଷ୍ଚଳ, ଡାହାଣ ପାଦର ବୃଦ୍ଧାଙ୍ଗୁଳିଟି କେବଳ ଥର ଥର ହୋଇ କମ୍ପି ଉଠୁଥାଏ । ଏହି ଅବସ୍ଥାରେ ଧୀର ଉଦାତ୍ତ

ସ୍ୱରରେ ନିର୍ଗତ ହେଲ ବାଣୀ—"ଯା, ଦେଖ ! ତୁମେ ଛୁଡ । ତୁମେ ଯାଅ ନାହିଁ, ତୁମେ ଛଲି ଯାଅନାହିଁ, ଏହାକୁ ଧର ନାହିଁ, ଧରନାହିଁ ଏହାକୁ, ମୁଁ କହୁଛି ଏହାକୁ ଛାଡଦିଅ" ।

ବାପ୍‌ରେ ବାପ୍ କି ଭୀଷଣ ଅନ୍ଧକାର । ଦୁର୍ଭେଦ୍ୟ ! ଆଉ ପଶି-ପାରୁନାହିଁ । କିଏ ଅଛ ? ବିଗଡ଼ ଅନ୍ଧକାର । କାହାରି ଇଙ୍ଗିତ ନାହିଁ, କାହାରି ଶବ୍ଦ ନାହିଁ, କେବଳ ଘୋର ଅନ୍ଧକାରର ସ୍ତୂପ । ଏ କ'ଣ । ଏ କ'ଣ । ଆଉତ କିଛି ଦେଖି ପାରୁନି । ସବୁ ଯେମିତି କୁଆଡେ ଉଭେଇ ଗଲ୍ । ଯାହା କିଛି ସବୁ ଯିବା ଉପରେ । ଆଉ କିଛି ରହିବ ନାହିଁ । ଏ ଯେ ସବୁ ସତ୍ତା ଲୁଚି ଯାଉଛି । ନିଦ୍ରା, ଏ ନିଦ୍ରାରେ ଜାଗି ରହିବା କଷ୍ଟକର । ସବୁ ନିଦ୍ରିତ । ଏ ନିଦ୍ରା ମଧୁର ବରଂ "..... .... ଇତ୍ୟାଦି ।

ପ୍ରଥମ ଅଂଶଟି କାହାକୁ ଲକ୍ଷ୍ୟ କରି କହିଛନ୍ତି ତାହା ବୁଝି ହେଲ ନାହିଁ । ସାଧକର ସାଧନ ..... ସହାୟରେ ଉର୍ଦ୍ଧ୍ୱର ଲୋକକୁ ଅଗ୍ରସର ହେବା ସମୟରେ । ପ୍ରତ୍ୟେକଟି ମଣ୍ଡଳର ଶେଷସୀମାରେ ଗୋଟିଏ ତମସାର ସ୍ତର ଅତିକ୍ରମ କରିବାକୁ ହୁଏ । ଏହିପରି ଆହୁରି ଉର୍ଦ୍ଧ୍ୱର ଲୋକକୁ ଅଗ୍ରସର ହେବା ସମୟରେ ସତ୍ୟଲୋକର ରଂ ରଂ କାର ଶବ୍ଦ ଶ୍ରୁତ ହୁଏ, ତାପରେ ଏକ ବଂଶୀ ଶବ୍ଦ ଶୁଣିବା ଆଗରୁ ଗଭୀର ତୀବ୍ର ତମସାଚ୍ଛନ୍ନ ସ୍ତର ପାର ହେବାକୁ ହୁଏ । ତାକୁ ସନ୍ତର ତିମିରଖଣ୍ଡ ବୋଲି ବର୍ଣ୍ଣନା କରିଛନ୍ତି । ଶ୍ରୀ ଶ୍ରୀ ଠାକୁର ଅନ୍ୟତ୍ର ଏହି ବିଷୟ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି— "ଅନ୍ଧାର ବୋଧ ମଧ୍ୟ ସେତେବେଳେ ଯେମିତି ଆହୁରି ଅନ୍ଧକାରଚ୍ଛନ ହୋଇଉଠେ ।" ଉବବାଣୀର ଶେଷୋକ୍ତ ବର୍ଣ୍ଣନାଟି ସେହି ତିମିରଖଣ୍ଡର ବର୍ଣ୍ଣନା । ଉବାବସ୍ଥାରେ ସେହି ସ୍ତର ପାରି ହୋଇ ଛଲିଛନ୍ତି ଓ ତାହାରି ବିଷୟରେ କହିଥାନ୍ତି ।

ତହିଁ ପରଦିନ ସକାଳଠାରୁ ସେହି ସଂକୀର୍ତ୍ତନ ଘରେ ଅନେକ ଲୋକ ସମବେତ ହେବାକୁ ଲାଗିଲେ । ନାନା ପ୍ରକାର ଆଲୋଚନା ମଧ୍ୟ ଛଲିଲା । ଅନେକ ମଧ୍ୟ ଦୀକ୍ଷା ଗ୍ରହଣ କଲେ । ଗାଁର ନଡାଇଲ ଜମିଦାରୀ— କାଛାରୀର ନାଏବ ସୁଶିକ୍ଷିତ ଯତୀନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟ ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ

Scanned by CamScanner

କରିବାକୁ ଆସିଲେ । ଗୋଟିଏ ଦୁଇଟି ପ୍ରଶ୍ନ ମଧ୍ୟ ସେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ । ଉପସ୍ଥିତ ଭଦ୍ରଲୋକଙ୍କ ମଧ୍ୟରେ ଜଣେ ନାଏବ ମହାଶୟଙ୍କୁ ଦେଖି କହିଲେ— ଏ ବେଶ୍ ଭଲ ଗୀତ ଗାଇପାରନ୍ତି ।

ଶ୍ରୀ ଶ୍ରୀ ଠାକୁର ସେତେବେଳେ ନାଏବ ମହାଶୟଙ୍କ କୋଳରେ ମୁଣ୍ଡ ରଖି ଶୋଇଥିଲେ । ନାଏବ ମହାଶୟଙ୍କ ଆଡକୁ ଅନାଇ କହିଲେ—ଗୋଟିଏ ଗୀତ ଶୁଣାଇବକି ଘଇ ?

"ହଁ ! ନିଶ୍ଚୟ ! ଏହି କଥା କହି କିଛି ସମୟ ପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ସେ ଗୀତ ଗାଇ ଶୁଣାଇଲେ । ଗୀତଟି ଥିଲ ଭଗବଦ ବିଷୟକ ଚିନ୍ତାଧାରା ଉପରେ ଆଧାରିତ । ଶ୍ରୀ ଶ୍ରୀ ଠାକୁର ସେତେବେଳେ ତାଙ୍କ କୋଳରୁ ଉଠି ଗୋଟିଏ ତକିଆରେ ମୁଣ୍ଡ ରଖି ଗୀତ ଶୁଣିବାକୁ ଲାଗିଲେ । ଗାୟକର ସୁମଧୁର ସ୍ୱର ଓ ଭଗବତ୍ ବିଷୟରେ ତଦ୍‌ଗତ ଚିତ୍ତ ସମସ୍ତଙ୍କୁ ମୋହିତ କରି ତୋଳିଲ । ପ୍ରଥମେ ମୁଣ୍ଡଟି ଏପାଖ ସେପାଖ ହେବାକୁ ଲାଗିଲ, ତାପରେ ତାହା ସ୍ଥିର ହୋଇଗଲ । ଦେହ କ୍ରମଶଃ ସ୍ଥିର ଅଚଞ୍ଚଳ ହୋଇ ଆସିଲ । ମହାରଜ ଶୀଘ୍ର ଆସି ମୁଣ୍ଡତଳୁ ତକିଆଟିକୁ ଘୁଞ୍ଚାଇ ଦେଲେ । ତାପରେ ଶ୍ରୀ ଶ୍ରୀ ଠାକୁର ଧୀରେ ଧୀରେ ସମାଧିସ୍ଥ ହୋଇ ପଡଲେ । ଡାହାଣ ପାଦର ବୃଦ୍ଧାଙ୍ଗୁଳିଟି ଥର ଥର ହୋଇ କମ୍ପିବାକୁ ଲାଗିଲ । ତାପରେ ଜଳଦ ଗମ୍ଭୀର ସ୍ୱରରେ ବାଣୀ ନିର୍ଗତ ହୋଇ ଚାଲିଲ—

"ସେ ଏକ ସ୍ୱ-ଅସ୍ତିତ୍ୱର ଅନନ୍ତତ୍ୱ । ଆତ୍ମା ହେବାକୁ ଇଚ୍ଛା— Existance—'ସ୍ୱ'ର କ୍ରମନିଦ୍ରା କ୍ରମ ଜାଗରଣ ସୋହହଂ ପୁରୁଷ । ଅବିଦ୍ୟୁର ବ୍ୟାପ୍ତିର ବିରୋଧ ହୁଏନାହିଁ ... . ଯେତେବେଳେହିଁ ମୋର ଜୀବ ବୋଧ ହୁଏ, ମୁଁ ମୁକ୍ତ, ମୁଁ ବଦ୍ଧ । ଯରି ଖେଳା ଭୁଲିଯିବାକୁ ଘହେଁ, ମୁକ୍ତ ବଦ୍ଧ ଅତିକ୍ରମ କରିଯାଅ । ଆଉ ଯଦି ଜୀବନ୍ମୋକ୍ତ ହେବାକୁ ଘହେଁ ତେବେ ସ୍ମରଣ କର ତୁମେ ଚୈତନ୍ୟ, ମୁକ୍ତ ଚୈତନ୍ୟ ତୁମ ଭିତରେ ।" .... ଇତ୍ୟାଦି ।

ସମାଧି ଭଙ୍ଗ ହେବାର ପୂର୍ବରୁ କହି ଉଠିଲେ "ମୁଁ ପାଣି ପିଇବିରେ, ପାଣି ପିଇବି ।"

Scanned by CamScanner

ମହାରଜ ଏକ ତମ୍ବା ଲୋଟାରେ ପାଣି ଆଣି ପିଇବାକୁ ଦେଲେ। ସେତେବେଳକୁ ଅନେକ ବେଳ ହୋଇ ଯାଇଥିଲା। ଜଣ ଜଣ କରି ସମସ୍ତେ ବିଦାୟ ନେଲେ।

ଲିପିବଦ୍ଧ ଭବବ'ଣୀ ସମ୍ପ୍ରତ୍ର ପ୍ରଥମ ବାଣୀ ୧୩୬୧ ସାଲର ଜ୍ୟେଷ୍ଠ ୩୧ ଦିନ, ରାତ୍ରି ୨ଟା ସମୟରେ ହୁଏ। ସେ ସମୟରେ ଶ୍ରୀ ଶ୍ରୀ ଠାକୁର ଅନନ୍ତ ମହାରଜଙ୍କ ଘରେ ଚେୟାରରେ ଉପବିଷ୍ଟ ଅବସ୍ଥାରେ ନିଜେ ଗୀତ ଗାଉ ଗାଉ ସମାଧିସ୍ଥ ହୋଇ ପଡନ୍ତ। ଏହା ପୂର୍ବରୁ ଯେଉଁ କେତେଦିନ ଶ୍ରୀ ଶ୍ରୀ ଠାକୁରଙ୍କର ଭବ ସମାଧି ହେବାର ସେ ଦେଖିଥିଲେ ତାହା କୀର୍ତ୍ତନ ଅବସ୍ଥା'ରେ ହିଁ ହୋଇଥିବାର ସେ ଦେଖିଥିଲେ, ଅନ୍ୟର ଗୀତ ଶୁଣୁ ଶୁଣୁ ସମାଧିସ୍ଥ ହୋଇଛନ୍ତି କି ନା ତାହା ତାଙ୍କର ଜଣା ନଥିଲା।

ଶ୍ରୀ ଶ୍ରୀ ଠାକୁର ସୁଶୀଲ ଚନ୍ଦ୍ରଙ୍କ ଗ୍ରାମ ହରିଣାକୁଣ୍ଡରୁ ଚୁଲି ଆସିବାର ଠିକ୍ ଆଗଦିନ ଗ୍ରାମର କେତେଜଣ ପ୍ରାଚୀନ ଅଭିଜ୍ଞ ଲୋକ ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ଗୋଟିଏ ନିବେଦନ ନେଇ ଆସି ଉପସ୍ଥିତ ହେଲେ, ସେମାନଙ୍କ ସହିତ ନାଏବ ଯତୀନ୍ଦ୍ର ନାଥ ଭଟ୍ଟାଚାର୍ଯ୍ୟ ମହାଶୟ ମଧ୍ୟ ଉପସ୍ଥିତ ଥିଲେ।

ସେମାନେ କହିଲେ—"ଏହି ଗ୍ରାମର ପାର୍ଶ୍ୱବର୍ତ୍ତୀ ଗ୍ରାମ ଜୋଡାଦହରେ ଏକ ହାଇସ୍କୁଲ ଥିଲା, ତାହା ଉଠି ଯାଇଥିଲା, କେବଳ ସ୍କୁଲ ଘରଟି ବ୍ୟତୀତ ଆଉ କିଛି ନଥିଲା। ନା ଥିଲା ଶିକ୍ଷକ, ନା ଥିଲା ଛାତ୍ର। ସେହି ସ୍କୁଲର ପୁନଃ ପ୍ରତିଷ୍ଠା ପାଇଁ ସୁଶୀଲ ବି. ଏ. ପାଶ କରି ଗ୍ରାମକୁ ଆସି ପ୍ରଥମେ ତାର ଦାୟୀତ୍ୱଭର ଗ୍ରହଣ କରିଥିଲେ। ଗ୍ରାମ ଗ୍ରାମ ବୁଲି ମିଟିଂ କରି ଛାତ୍ର ଯୋଗାଡ କଲେ। କିଛି ବର୍ଷ ଧରି ସ୍କୁଲର କୌଣସି ଛାତ୍ର ପାଶ୍ କରିପାରୁ ନଥିଲେ। ତେଣୁ ସ୍କୁଲଟି ବିଶ୍ୱବିଦ୍ୟାଳୟ ଅନୁଦାନ ଲାଭରୁ ବଞ୍ଚିତ ହେଲା। ସ୍କୁଲର ଘର ବନ୍ଧନ କରି ସେ ନିଜେ ହେଡ୍‌ମାଷ୍ଟର ହୋଇ ଛାତ୍ର-ଛାତ୍ରୀ ମାନଙ୍କୁ ଭଲ ଭବରେ ପଢାଇ ସେ ବର୍ଷର ପରୀକ୍ଷାର୍ଥୀ ସହ କେତୋଟି ଛାତ୍ରଙ୍କୁ ମଧ୍ୟ ପ୍ରବେଶିକା ପରୀକ୍ଷାରେ ଭଲ ଭବରେ ଉତ୍ତୀର୍ଣ୍ଣ କରାଇଲେ। ତାପରେ ବିଶ୍ୱବିଦ୍ୟାଳୟକୁ ଯାଇ ହାଇକୋର୍ଟ କରି ପୁଣି ବିଶ୍ୱବିଦ୍ୟାଳୟ

Scanned by CamScanner

ଅନୁମୋଦନ ନେଇ ଆସିଲେ । ସଙ୍ଗେ ସଙ୍ଗେ ଇନ୍‌ସପେକ୍‌ଟର ଅଫ୍-ସ୍କୁଲକୁ ଧରି "ଗ୍ରାଣ୍ଟ-ଇନ୍- ଏଡ୍"ର ବ୍ୟବସ୍ଥା କରିଲେ ଏବଂ ଭବିଷ୍ୟତରେ ମ୍ୟାନେଜିଂ କମିଟିରେ ଯେପରି କୌଣସି ଗୋଳମାଳ ନହୁଏ, ସେଥିପାଇଁ ମହକୁମା ହାକିମ ବି. କେ. ବସୁ, ଆଇ. ସି. ଏସ୍.ଙ୍କୁ ଧରି ତାଙ୍କୁ ସଭାପତି କରି ମ୍ୟାନେଜିଂ କମିଟିର ପୁନର୍ଗଠନ କରି ସ୍କୁଲଟିକୁ ସ୍ଥାୟୀ ଭବରେ ଛିଡା କରାଇ ଦେଇଥିଲେ ।

ଗୋଟିଏ ବର୍ଷ ମଧ୍ୟରେହିଁ ସବୁ କାମ ଶେଷ କରିଦେଇ ଏମ୍. ଏ. (M. A.) ଏବଂ ଲ. (Law) ପଢିବା ପାଇଁ ସେ ପୁଣି କଲିକତା ଚାଲିଗଲେ । ସେହି ସ୍କୁଲଟି ବର୍ତ୍ତମାନ ବେଶ ଭଲ ଭବରେ ଚାଲିଛି । ତାଙ୍କର ଏହି ସମସ୍ତ କାମ ଦେଖି ଆମ୍ଭେମାନେ ଆଶାନ୍ୱିତ ଯେ, ସୁଶୀଲ ଗ୍ରାମରେ ରହିଲେ ତାଙ୍କ ଦ୍ୱାରା ଗ୍ରାମର ବହୁ ଉନ୍ନତିକର କାର୍ଯ୍ୟ ସାଧିତ ହୋଇ ପାରିବ । ତାହାଛଡା ତାଙ୍କ ବାପା ଏହି ଗ୍ରାମ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମ ସମୂହର ଲୋକ-ମାନଙ୍କର ଆପଦ ବିପଦରେ ଆଶ୍ରୟସ୍ଥଳ ଥିଲେ । ଗରୀବ ଛାତ୍ରଛାତ୍ରୀଙ୍କର ଲେଖା ପଢାରେ ସୁବିଧା ସୁଯୋଗ କରିଦେବା; କନ୍ୟାଦାୟଗ୍ରସ୍ତ ଲୋକଙ୍କୁ କନ୍ୟା ଦାୟରୁ ଉଦ୍ଧାର କରିବା, ବେକାର ଯୁବକ ମାନଙ୍କର କର୍ମ-ସଂସ୍ଥାନ କରିଦେବା, କ୍ଷୁଧାର୍ତ୍ତମାନଙ୍କୁ ଅନ୍ନଦାନ ପ୍ରଭୃତି ସତ୍‌କର୍ମହିଁ ତାଙ୍କ ବାପାଙ୍କର ଜୀବନର ବ୍ରତଥିଲା । ତାଙ୍କରି ପିଲା ପାଖରୁ ମଧ୍ୟ ଆମେ ସମସ୍ତେ ଗ୍ରାମବାସୀ ଅନେକ କିଛି ଆଶାକରୁ । ଏବେ ସେ ଗାଁ ଛାଡ଼ି ଆପଣଙ୍କ ପାଖକୁ ଚାଲି-ଯାଇଛନ୍ତି, ତାଙ୍କୁ ଫେରିପାଇବା ପାଇଁ ଆପଣଙ୍କ ପାଖକୁ ଆବେଦନ ଜଣାଇବାକୁ ଆସିଛୁଁ ।

ସେମାନଙ୍କର ବକ୍ତବ୍ୟ ଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ—ଏ ବିଷୟରେ ମୋର ଆଉ କ'ଣ କହିବାର ଅଛି । ସୁଶୀଲଦା ନିଜେ ହିଁ ଏ ବିଷୟରେ ଯାହାକିଛି ସ୍ଥିରକରି ଆପଣଙ୍କୁ କହିବେ ।

ସେମାନେ ଚାଲିଯିବା ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କୁ କହିଲେ— ତା-ହେଲେ ସେମାନଙ୍କୁ କହିଦେବେ—ବାବା ଯେଉଁ ସମସ୍ତ କାର୍ଯ୍ୟ କରି ଯାଇ-

Scanned by CamScanner

ଛନ୍ତ ତାହାର ପୁନରାବୃତ୍ତି ନକରି ତାହା ପରର କାର୍ଯ୍ୟ ତ ପୁଣ୍ଡର ଆରମ୍ଭ କରିବା କର୍ତ୍ତବ୍ୟ । (ଶାସ୍ତ୍ରରେ ଅଛି- ''ଅଥାତୋ ବ୍ରହ୍ମଜିଜ୍ଞାସା'' ଅର୍ଥାତ୍ ସର୍ବ କର୍ମାଦିପରେ ବ୍ରହ୍ମ ଜିଜ୍ଞାସା ଆସେ) ।

ଯେଉଁ କେତେଦିନ ଶ୍ରୀ ଶ୍ରୀ ଠାକୁର ସୁଶୀଲଦାଙ୍କ ଗାଁରେ ଥିଲେ, ସବୁ ସମୟରେ ଲୋକମାନଙ୍କର ସମାରେହ ଲଗି ରହିଥାଏ । ଗ୍ରାମଟି ସର୍ବଦା କୀର୍ତ୍ତନ କଳରବରେ ମୁଖରିତ ହେଉଥାଏ । ଶ୍ରୀ ଶ୍ରୀ ଠାକୁର ଅକ୍ଟୋବର ୧୮ ତାରିଖରେ ଦଳବଳ ସହିତ ଆସିଥିଲେ ଆଉ ଅକ୍ଟୋବର ୨୬ ତାରିଖ ସକାଳେ ଖିଆପିଆ ସାରି ସମସ୍ତେ ଚଲି ଚଲି ଆଳାମଡାଙ୍ଗା ଷ୍ଟେସନ ଅଭିମୁଖେ ଅଗ୍ରସର ହେଲେ ।

ହରିଣାକୁଣ୍ଡ ଗ୍ରାମଟି ବହୁ ପ୍ରାଚୀନ ଗୋଟିଏ ଖଣ୍ଡଗ୍ରାମ, ବ୍ରାହ୍ମଣ, କାୟସ୍ଥ, ବୈଦ୍ୟ ପ୍ରଭୃତି ବିଭିନ୍ନ ପ୍ରକାର ଲୋକ ଏହି ଗ୍ରାମରେ ବାସ କରନ୍ତି । ପଦବୀ ଅନୁସାରେ ଗ୍ରାମଟି ସାହି ସାହିରେ ବିଭକ୍ତ । ଯେପରି ବେଷ୍ ସାହି, ଗୟ ସାହି, ଜୋୟାରଦାର ସାହି, ବାଁଡୁଜ୍ୟା ସାହି ଇତ୍ୟାଦି । ଶ୍ରୀ ଶ୍ରୀ ଠାକୁର ପହଞ୍ଚିବା ପୂର୍ବରୁ ସମସ୍ତ ସାହିର ଆବାଳ-ବୃଦ୍ଧ ବନୀତା ଆତ୍ମ-ମାନଙ୍କର ଘରେ ସମବେତ ହେଲେ । ଏହି କେତେଦିନ ଗ୍ରାମରେ ଥିବା ସମୟରେ ସମସ୍ତେ ଯେମିତି ତାଙ୍କର ଅତି ଆପଣାର ଲୋକପରି ହୋଇ ଉଠିଥିଲେ । ସମସ୍ତଙ୍କ ପାଖରୁ ସେ ଛଳ ଛଳ ନେତ୍ରରେ କରଯୋଡ ବିଦାୟ ନେଲେ । ସମବେତ ସମସ୍ତଙ୍କ ଚକ୍ଷୁ ଅଶ୍ରୁଘଗକ୍ରାନ୍ତ ହୋଇଉଠିଲ- ଯେପରି ସେମାନଙ୍କର ଅତି ଏକାନ୍ତ ଆପଣାର ଲୋକ ସୁଦୂର କୌଣସି ଦେଶକୁ ଚଲି ଯାଉଛନ୍ତି । ଯିବା ସମୟରେ ସୁଶୀଲ ଚନ୍ଦ୍ରଙ୍କ ସ୍ତ୍ରୀ ଗଣୀଙ୍କୁ ଡାକି କହିଲେ— ଶୀଘ୍ର ଆସିବୁତ ?

ସେ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ ।

Scanned by CamScanner

କର୍ମଯୋଗୀ ସୁଶୀଲ ଚନ୍ଦ୍ର

୧୩୫୨ ସାଲ ପର୍ଯ୍ୟନ୍ତ ସଂଗଠନର କାର୍ଯ୍ୟ ଏକପ୍ରକାର ସେମିତି ଗଲେ । ଏ ଯୁଗର ପ୍ରଧାନ ନାୟକ, ଦୟାଳ ଠାକୁରଙ୍କର ଦକ୍ଷିଣ ହସ୍ତ ସ୍ୱରୂପ ସଂଗଠନର ସର୍ବଶ୍ରେଷ୍ଠ କର୍ମୀଥିଲେ ଶ୍ରୀ ସୁଶୀଲ ଚନ୍ଦ୍ର ବସୁ । ୧୩୨୪ ସାଲରେ କୁଷ୍ଟିୟାରେ ଭଗ୍ନିପତି ଅଶ୍ୱିନୀ କୁମାର ବିଶ୍ୱାସଙ୍କ ଘରେ ଦୀକ୍ଷା ନେବା ପରଠାରୁ ସବୁଦିନ ପାଇଁ ସୁଶୀଲ ଚନ୍ଦ୍ର ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଅଛନ୍ତ । ଠାକୁର ଯେତେବେଳେ ଯେଉଁଠାକୁ ଯାଉଥାଆନ୍ତ-ସେ ସର୍ବଦା ସହଚର ରୂପେ ରହୁଥାଆନ୍ତ । ନାମ ଧ୍ୟାନରେ ପ୍ରାୟ ସର୍ବଦାହିଁ ଡୁବି ଯାଉଥାଆନ୍ତ ସେ । ଦର୍ଶନ ଅନୁଭୂତି ମଧ୍ୟ ତାଙ୍କର ଯଥେଷ୍ଟ ହୋଇଛି । ସେହିଦିନ ପାଖରୁହିଁ ସ୍ୱପାକୀ ବ୍ରହ୍ମଚର୍ଯ୍ୟ ପରୟଣ ସୁଶୀଲ ଚନ୍ଦ୍ର ବସୁ ।

ଏହି ସମୟରେ ତାଙ୍କର କାମ ଆହୁରି ବଢ଼ଗଲ । ସେ ମୁହୂର୍ତ୍ତମାତ୍ର ବିଶ୍ରାମ ମଧ୍ୟ ପାଆନ୍ତ ନାହିଁ । କେବଳ ଆସି ପହଞ୍ଚାଇ ଦିଅନ୍ତ ଆଶ୍ରମର ବିଭିନ୍ନ ବିଭାଗର ପ୍ରୟୋଜନୀୟ ଯନ୍ତ୍ରପାତି ଓ ଦ୍ରବ୍ୟାଦି ସଂଗ୍ରହ କରି, ପୁଣି ସଙ୍ଗେ ସଙ୍ଗେ ଯାଆନ୍ତ ବାହାରକୁ ଆଉ କେତେଗୁଡ଼ଏ ନୂତନ ଦ୍ରବ୍ୟ ସମ୍ଭାରର ବ୍ୟବସ୍ଥା କରିବା ପାଇଁ । ଚରଖା ଭଳି ଘୁରିବାକୁ ଲାଗିଲେ କର୍ମଯୋଗୀ ସୁଶୀଲ ଚନ୍ଦ୍ର । କେତେବେଳେ ବା ସତ୍‌ସଙ୍ଗୀ ମାନଙ୍କ ଘରେ ଘରେ ବିଭିନ୍ନ ସହରରେ ବା ଗ୍ରାମରେ ଅର୍ଥ ସଂଗ୍ରହ ପ୍ରଚେଷ୍ଟାରେ, ପୁଣି କେତେବେଳେ ବା କଲିକତାରେ ଯନ୍ତ୍ରପାତୀ ଆମ୍‌ଦାନୀ ଚେଷ୍ଟାରେ । ସେତେବେଳେ ପାବନା ସତ୍‌ସଙ୍ଗରେ ଟ୍ରଷ୍ଟି କରଯାଇଥାଏ । ଶ୍ରୀ ଶ୍ରୀ ମା ସତ୍‌ସଙ୍ଗର ସଭାପତି, ମହାରାଜ୍ ସହକାରୀ ସଭାପତି, ସୁଶୀଲ ଚନ୍ଦ୍ର ସଂପାଦକ । ମହାରାଜଙ୍କ ଉଦ୍ୟୋଗରେ ପ୍ରତିବର୍ଷ ଶ୍ରୀଶ୍ରୀ ଠାକୁରଙ୍କ ଜନ୍ମୋତ୍ସବ ବିରାଟ ଆକାରରେ ପାଳିତ ହେଉଥାଏ । କେଉଁଥର ପାଞ୍ଚଦିନ, କେବେ ସାତଦିନ, ପୁଣି କେବେ ବା ପନ୍ଦର ଦିନ ପର୍ଯ୍ୟନ୍ତ ଉତ୍ସବ ଚାଲୁଥାଏ । ଥରେ ଏମିତି ସତର ଦିନ ପର୍ଯ୍ୟନ୍ତ ଉତ୍ସବ ଚାଲିଥିଲ । ଏହି ଉତ୍ସବ ଉପଲକ୍ଷେ ଭାରତର ବିଭିନ୍ନ ପ୍ରାନ୍ତରୁ ଗଣ୍ଯ ପ୍ରଧାନ ଗଣ ଓ ବିଖ୍ୟାତ ଜନଗଣ ଆସୁଥାଆନ୍ତି ଆଶ୍ରମକୁ । ପ୍ରତି ଉତ୍ସବରେ ସେମାନେ

Scanned by CamScanner

ନୂଆ ନୂଆ କର୍ମ ପ୍ରତିଷ୍ଠାନ କେନ୍ଦ୍ରର ଦ୍ୱାର ଉଦ୍‌ଘାଟନ କରୁଥାନ୍ତି । ଦୁଇ ଦୁଇ ଥର ବିରଟ ପ୍ରଦର୍ଶନୀ ମଧ୍ୟ ହୋଇଛି । ସମଗ୍ର ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ବହୁ ଶିଳ୍ପ ଓ କୃଷିଜାତ ଦ୍ରବ୍ୟ ଆଦି ପ୍ରଦର୍ଶନୀକୁ ଆସିଛି । ଉତ୍ସବରେ ହରିନାମ କୀର୍ତ୍ତନ ତ ହୋଇଛି । ସତ୍‌ସଙ୍ଗର ଭକ୍ତୀ ମାନଙ୍କର ପରିଚାଳନାରେ ଜୌନପୁରର ପୟଗମ୍ବର ସାହେବଙ୍କ ପରିଚାଳନାରେ ମୁସଲମାନ ମାନଙ୍କର ଓୟାଦ, ଖ୍ରୀଷ୍ଟଧର୍ମ ଯାଜକର ଅଧିନାୟକତାରେ ଖ୍ରୀଷ୍ଟିୟାନମାନଙ୍କ ପ୍ରାର୍ଥନା ସଭାର ମଧ୍ୟ ଅନୁଷ୍ଠିତ ହୋଇଛି, ନରନାରୟଣ ସେବା ବିରଟ, ବିପୁଳ ଓ ବ୍ୟାପକ ଭାବରେ ହୋଇଛି । ପ୍ରଥମେ ଘୋଷଣା କରାଯାଇଥିଲା ଦରିଦ୍ର-ନାରୟଣ ସେବା ବୋଲି । ଶ୍ରୀ ଶ୍ରୀ ଠାକୁର କହିଲେ "ନାରୟଣ କେବେ ଦରିଦ୍ର ହୁଏ ନାହିଁ, ଏହି ଅନ୍ନ ମହୋତ୍ସବର ନାମ ହେବ ନରନାରୟଣ ସେବା ।" ଶ୍ରୀ ଶ୍ରୀ ଠାକୁର ନିଜେ ଦରିଦ୍ର ଜନଗଣଙ୍କ ସହିତ ମଧ୍ୟ ବସି ଆହାର କରିଛନ୍ତି । ମ୍ୟାଜିକ୍ ଲଣ୍ଠନରେ ସତ୍‌ସଙ୍ଗର କାର୍ଯ୍ୟାବଳୀର ଫଟୋ ଉଠାଇ ବାହାରେ ପ୍ରଚାରର ବ୍ୟବସ୍ଥା ମଧ୍ୟ ଏହି ସମୟରେ ହୋଇଛି । ବ୍ରଜଗୋପାଲ ଦତ୍ତରାୟ, ଯତୀନ୍ଦ୍ର ନାରୟଣ ରାୟ, ପଞ୍ଚାନନ ସରକାର, ତାରକ ଦାସ ବନ୍ଦ୍ୟୋପାଧ୍ୟାୟ, ରହସ୍ୱର ଦାସଶର୍ମା ପ୍ରମୁଖ ବିଶିଷ୍ଟ କର୍ମୀଗଣ ଏହି ମ୍ୟାଜିକ୍ ଲଣ୍ଠନ ନେଇ ଦେଶ ଦେଶରେ ପ୍ରଚାର କରି କରି ବୁଲୁଥାଆନ୍ତି । ତ୍ରୈଲକ୍ୟ ନାଥ ଚକ୍ରବର୍ତ୍ତୀଙ୍କ ପ୍ରଚେଷ୍ଟାରେ ବ୍ରହ୍ମଦେଶକୁ ମଧ୍ୟ ବହୁତ ସତ୍‌ସଙ୍ଗୀ ଯାଇଛନ୍ତି । ବ୍ରହ୍ମଦେଶକୁ ମଧ୍ୟ ମ୍ୟାଜିକ ଲଣ୍ଠନ ନେଇ ଏମାନେ ପ୍ରଚାର ପାଇଁ ଯାଇଛନ୍ତି । ଥରେ ଅଗ୍ରେଜ ଫିଲ୍ମ କୋମ୍ପାନୀ ଦ୍ୱାରା ଆଶ୍ରମର ଚଳଚ୍ଚିତ୍ର ଉଠାଯାଏ । କୀର୍ତ୍ତନର ତାଣ୍ଡବ ନୃତ୍ୟର ଫଟୋ ଉଠାଯାଏ । କର୍ମୀମାନଙ୍କର କର୍ମ ପରୟଣ ସର୍ବୋପରି ଦୟାଳ ଠାକୁରଙ୍କର ବିଭିନ୍ନ ଅବସ୍ଥାର ଫଟୋ । ସତ୍‌ସଙ୍ଗର ଦୁର୍ଭାଗ୍ୟ ଅଗ୍ରେଜ କୋମ୍ପାନୀର ଗୋଦାମ ଘରେ ନିଆଁ ଲାଗିଯିବାରୁ ସତ୍‌ସଙ୍ଗର ଏହି ମହା-ମୂଲ୍ୟବାନ ତଥ୍ୟ ସବୁ ଭସ୍ମୀଭୂତ ହୋଇଗଲା ।

ଆଶ୍ରମରେ ଥରେ ଦୀର୍ଘ ୧୭ (ସତର) ଦିନ ଧରି ଉତ୍ସବର ଆୟୋଜନ ହୋଇଥାଏ । କ୍ୟାମିକାଲ ଓ୍ୱାର୍କସ ସମ୍ମୁଖରେ ଗ୍ୟାଲେରୀ କରି ବିଶାଳ ଜନ ସମୁଦ୍ରର ବସିବାର ବ୍ୟବସ୍ଥା କରାଯାଇଥାଏ । ଉତ୍ସବର କିଛିଦିନ ପୂର୍ବରୁ ଶ୍ରୀଶ୍ରୀ ଠାକୁର କହିଲେ ନିଜର ସ୍ଥାୟୀ ପ୍ୟାଣ୍ଡେଲ ଓ ଷ୍ଟେଜ ତିଆରି କରିବାକୁ ।

Scanned by CamScanner

ସୁଶୀଲ ଚନ୍ଦ୍ର ଗଲେ କଲିକତାର ପ୍ରୟୋଜନୀୟ ଦ୍ରବ୍ୟାଦି ପାଇଁ । ପାଖରେ ଗୋଟିଏ ହେଲେ ଟଙ୍କା ସୁଦ୍ଧା ନାହିଁ । ବିଖ୍ୟାତ ବ୍ୟବସାୟୀ ଭବତୋଷ ଘଟକଙ୍କୁ ସେ ପାଖରେ ଲୁହାର ଷ୍ଟକଚର ଓ କଗେଗେଟ ଟିଣ ଧାରସୂତ୍ରରେ ଦେବାକୁ ଅନୁରୋଧ କଲେ । ଅଚିହ୍ନା ଲୋକଙ୍କୁ ଦଶ ହଜାର ଟଙ୍କାର ଜିନିଷ ଧାର ଦେବାକୁ ବ୍ୟବସାୟୀ ଜଣକ ରାଜି ହେଲେ ନାହିଁ ।

ସୁଶୀଲ ଚନ୍ଦ୍ରଙ୍କ ସମ୍ମୁଖରେ ଭସି ଉଠିଲା ଦୟାଳ ଠାକୁରଙ୍କ ସେହି ସୁନ୍ଦର ମୁଖମଣ୍ଡଳ, ମନେ ପଡ଼ିଗଲା ତାଙ୍କର ଆଦେଶ—"ଉତ୍ସବ ଆଗରୁ ପ୍ୟାଣ୍ଡେଲ ହେବା ଦରକାର ।" ଖୁବ୍ ଜୋର ଦେଇ ସେ ଘଟକ ମହାଶୟଙ୍କୁ କହିଲେ—"ଦେଶର କାମରେ ନରନାରାୟଣଙ୍କ ଇଚ୍ଛା ପୂରଣ ଆଶାରେ ମୁଁ ଆପଣଙ୍କ ନିକଟକୁ ଆସିଛି । ହୁଏତ ଆପଣ ଜିନିଷ ଧାରରେ ଦେବେ, ନହେଲେ ଆପଣଙ୍କୁ ମୋ ସହିତ କାମରେ ଓହ୍ଲାଇବାକୁ ପଡ଼ିବ ।" ସୁଶୀଲ ଚନ୍ଦ୍ରଙ୍କ ଚେହେରା ଓ ଆଖି ମୁଖମଣ୍ଡଳର ଅଭିବ୍ୟକ୍ତି ଦେଖି ଘଟକ କହିଲେ - "ପାଞ୍ଚଶହ ଟଙ୍କା ଯଦି ଗୋଟିଏ ଘଣ୍ଟା ମଧ୍ୟରେ ଆଣିଦେଇ ପାରିବେ- ତେବେ ସବୁ ଜିନିଷ ଦେବି । ସୁଶୀଲ ଚନ୍ଦ୍ର ଗଲେ ମ୍ୟାକ୍‌ଲିଓଡ୍ କମ୍ପାନୀର ପ୍ରାଣକୃଷ୍ଣ ମଲ୍ଲିକଙ୍କ ନିକଟକୁ । ତାଙ୍କୁ ଜୋର କରି ଇଂରେଜ ମାଲିକଙ୍କ ନିକଟକୁ ପଠାଇ ପାଞ୍ଚଶହ ଟଙ୍କା ଆଣି ଘଟକକୁ ଦେଇ ସମସ୍ତ ଜିନିଷ ଆଶ୍ରମକୁ ନେଇ ଆସିଲେ । କାମ ଆରମ୍ଭ ହୋଇ ଦିନଘଡି ହବୁ ସମୟରେ ଚାଲିଲା । ସତ୍‌ସଙ୍ଗୀମାନେ ଅନବରତଃ ପଦ୍ମା କୂଳରୁ ମୁଣ୍ଡରେ ଇଟା ବୋହି ନେଇ ଅଧମାଇଲ ପର୍ଯ୍ୟନ୍ତ ଚାଲି ଚାଲି ଆସି ଯଥା ସ୍ଥାନରେ ସ୍ତୂପାକାର କରି ରଖିଲେ । ଲୁହାର ଷ୍ଟ୍ରାକ୍‌ଚର ଉପରୁ କଗେଗେଟ୍ ଟିଣର ଛପର ନେଇ ପାଞ୍ଚହଜାର ଲୋକଙ୍କ ବସିବା ଭଳି ସ୍ଥାୟୀ ପ୍ୟାଣ୍ଡେଲ ତିଆରି ହେଲା । କଲିକତାର ସାଧାରଣ ରଙ୍ଗମଞ୍ଚ ଭଳି ତିଆରି ହେଲା ଝୁଲନ୍ତ ଓ କଟା ଦୃଶ୍ୟପଟ ଦେଇ ବିଶାଳ ଅଥଚ ମନୋରମ ସୁଦର୍ଶନ ନାଟ୍ୟମଞ୍ଚ । କିନ୍ତୁ ସେତେବେଳେ ସୁଦ୍ଧା ପାଟାତନର ତକ୍ତାର ଯୋଗାଡ ହୋଇ ନାହିଁ, ଇଟା ମଧ୍ୟ ଶେଷ ହୋଇଯାଇଛି । କର୍ମୀମାନେ ଆଉ ପାରିଉଠୁ ନାହାଁନ୍ତି ଇଟା ବୋହିବାକୁ । ଆସିଲେ ଶ୍ରୀ ଶ୍ରୀ ଠାକୁର ସ୍ୱୟଂ । ଏକାଥରକେ ପଦ୍ମା-କୂଳରୁ ଶ୍ରୀ ଶ୍ରୀ ଠାକୁର ୧୦ଖଣ୍ଡ ଇଟା ନିଜେ ବୋହି ନେଇ ଆଣିଲେ ।

Scanned by CamScanner

ମୁହୂର୍ତ୍ତକ ମଧ୍ୟରେ ସମସ୍ତେ ପୁଣି ଆସି ଲାଗିପଡ଼ିଲେ— ସଙ୍ଗେ ସଙ୍ଗେ ଆବଶ୍ୟକ ମୁତାବକ ଇଟା ଅପେକ୍ଷା ଆହୁରି ଅଧିକ ଇଟା ଅସିଗଲା— ଗାଛିବା କାମ ମଧ୍ୟ ଶେଷ ହୋଇଗଲା । ତକ୍ତା ପାଇଁ ଶ୍ରୀ ଶ୍ରୀ ଠାକୁର ବାହାରିଲେ ଭିକ୍ଷା କରିବାକୁ—ଅର୍ଥ ମଧ୍ୟ ସଂଗ୍ରହ କରି ଆଣିଲେ ସେ । ତକ୍ତା— ପ୍ୟାଣ୍ଡେଲ ଓ ଷ୍ଟେଜ୍ କାମ ସମ୍ପୂର୍ଣ୍ଣ ହେଲା । ସଫଳତାର ସହିତ ଦୀର୍ଘ ୧୬ ଦିନ ଧରି ଉତ୍ସବ ଅନୁଷ୍ଠିତ ହେଲା । କୋଡ଼ିଏ ହଜାର ଲୋକଙ୍କର ସମାଗମ ହୋଇଥିଲା ।

ବିଭିନ୍ନ ଉତ୍ସବରେ କଲିକତାର ବିଖ୍ୟାତ ଦଳର ଯାତ୍ରା ମଧ୍ୟ ହେଉଥାଏ—ଶ୍ରୀ ଶ୍ରୀ ଠାକୁରଙ୍କର ଦ୍ୱିତୀୟ ପୁତ୍ର ବିବେକ ରଞ୍ଜନଙ୍କର ନେତୃତ୍ୱରେ ନିଜର ଯେଉଁ ମଞ୍ଚାଭିନୟ ହେଉଥାଏ—ତାହାମଧ୍ୟ କଲି-କତାର ସାଧାରଣ ରଙ୍ଗମଞ୍ଚଠାରୁ କୌଣସି ଗୁଣରେ ଖରାପ ନୁହେଁ । ଏହା ବ୍ୟତୀତ ମ୍ୟାଜିକ୍ , କୁସ୍ତି, ଲାଠିଗୁଳନା Physical fites, ହାସ୍ୟ-କୌତୁକ, ଏକକ ଅଭିନୟ ପ୍ରଭୃତି ମଧ୍ୟ ଅନୁଷ୍ଠାନ କରୁଥାଆନ୍ତି ବିଖ୍ୟାତ ଶିଳ୍ପୀ ବୃନ୍ଦ । ସେ ସମୟରେ ସାଧାରଣ ସଭାରେ ଇଂରାଜୀ, ବଙ୍ଗଳା, ହିନ୍ଦୀ ଓ ଓଡ଼ିଆ ଭାଷାରେ ବିଭିନ୍ନ ବିଷୟରେ ବକ୍ତୃତା ହେଉଥାଏ ! ବିଖ୍ୟାତ ଶିଳ୍ପୀଗଣ କର୍ତ୍ତୃକ ସଙ୍ଗୀତାନୁଷ୍ଠାନ ମଧ୍ୟ ହେଉଥାଏ ।

ଏହି ସଂଗଠନର ପ୍ରଧାନ କର୍ମକର୍ତ୍ତା ସୁଶୀଲ ଚନ୍ଦ୍ରଙ୍କର ଲୋକପ୍ରୀତି ମଧ୍ୟ ଥିଲା ଅସାଧାରଣ । ତାଙ୍କୁ ସମସ୍ତେ ଯେମିତି ଭଲ ପାଉଥାଆନ୍ତି ସେମିତି ଭକ୍ତି ମଧ୍ୟ କରୁଥାଆନ୍ତି । ଶ୍ରୀ ଶ୍ରୀ ଠାକୁରଙ୍କର ଲୀଳାପାର୍ଶଦ ତିନିଜଣଙ୍କ ପରେହିଁ ସତ୍‌ସଙ୍ଗୀ ଜନଗଣଙ୍କ ନିକଟରେ ସେ ଥିଲେ ଭକ୍ତିର ଉଚ୍ଚ ଆସନରେ ସମାରୁଢ଼ । ସୁଶୀଲ ଚନ୍ଦ୍ର କୌଣସି ଦିନ କାହାରିକୁ ଯେ କୌଣସି କାମପାଇଁ କେବେହେଲେ ଆଦେଶ କରୁନଥାନ୍ତି । ନିଜେ ନିଜେ ଆଗେ କାମ ଆରମ୍ଭ କରୁଥାଆନ୍ତି—ତାହାପରେ ଲୋକମାନେ ଆପେ ଆପେ ଦୌଡ଼ିଆସି ତାଙ୍କ ହାତରୁ କାମ ଛଡାଇ ନେଇ ସୁସମ୍ପନ୍ନ କରୁଥାଆନ୍ତି । ଥରେ ଆଶ୍ରମକୁ ଡ଼ିରେକ୍ଟର ଅଫ୍ ଇଣ୍ଡଷ୍ଟ୍ରିଜ ଙ୍କ ଆସିବାର ଅଛି । ସମସ୍ତ ଆଶ୍ରମ ପରିଷ୍କାର କରିବା ଦରକାର । ହାତରେ ଝାଡୁଧରି ଝାଡୁ ଦେବାକୁ

Scanned by CamScanner

ଆରମ୍ଭ କଲେ ସୁଶୀଲଚନ୍ଦ୍ର । ସଙ୍ଗେ ସଙ୍ଗେ ଦଳ ଦଳ ହୋଇ ଲୋକେ ଦୌଡ଼ ଆସିଲେ—ଜଣେ ତାଙ୍କ ହାତରୁ ଝାଡୁ ଧରିନେଇ କାମ ଆରମ୍ଭ କଲେ । ସଙ୍ଗେ ସଙ୍ଗେ ସେ ଆଉ ଗୋଟିଏ ଝାଡୁ ଆଣି ଝାଡ଼ ଦେବାକୁ ଲାଗିଗଲେ । ସେ ଝାଡୁଟିକୁ ମଧ୍ୟ ଆଉଜଣେ ଆସି ତାଙ୍କଠୁଁ ଛଡାଇ ନେଲେ । ଏହିପରି ଉବରେ ପର୍ ପର୍ କୋଡ଼ଏ ଗୋଟି ଝାଡୁ ବାହାର କରି କୋଡ଼ଏ ଜଣଙ୍କୁ କାମରେ ସେ ନିଯୁକ୍ତ କରିଦେଲେ । ସେ ଏଥିପାଇଁ କାହାରିକୁ ମୁହଁରେ ମଧ୍ୟ ଥରେ ହେଲେ .କାମ କରିବାକୁ କହି ନାହାଁନ୍ତ । ଏହା ପରଠାରୁ ଶ୍ରୀ ଗୁରୁଚନ୍ଦ୍ର ସରକାର ଆଜୀବନ ପ୍ରତ୍ୟହ ଆଶ୍ରମର ସମ୍ମୁଖ ଉଗ ସ୍ୱେଚ୍ଛାରେ ପରିଷ୍କାର ରଖୁଥାଆନ୍ତ । ସେହିପରି ଥରେ ମଧ୍ୟରାତ୍ରରେ କଲିକତା ସତ୍‌ସଙ୍ଗ ବସାରେ ପହଞ୍ଚି କାହାରି ନିଦ୍ରା ନଭଙ୍ଗି ଶିଡ଼ ପାହାଚ ସମ୍ମୁଖରେ ବସି ସୁଶୀଲ ଚନ୍ଦ୍ର ନିଦ୍ରା ଯାଇଛନ୍ତ । ହଠାତ୍ ଜଣଙ୍କର ନିଦ୍ରା ଭଙ୍ଗି ଯିବାରୁ ତାଙ୍କୁ ସେଠାରେ ଶୋଇଥିବାର ଦେଖି ନିଃଶବ୍ଦରେ ସମସ୍ତଙ୍କୁ ଉଠାଇଦେଲେ । ଆଉ କାହାରି ନିଦ ହେଲନାହିଁ—ସୁଶୀଲ ଚନ୍ଦ୍ରଙ୍କର ନିଦ୍ରା କେହି ଭଙ୍ଗିଲେ ନାହିଁ । କେହି କେହି ବରଂ ଧିରେ ଧିରେ ତାଙ୍କୁ ପଙ୍ଖା କରିବାକୁ ଲାଗିଲେ- ଅଚ୍ୟୁତ ଇଷ୍ଟନିଷ୍ଠ ଲୋକ ଦରଦୀ ସୁଶୀଲ ଚନ୍ଦ୍ରଙ୍କୁ ସମସ୍ତେ ଏହିପରି ଭଲ ପାଉଥାଆନ୍ତ ।

ଆଶ୍ରମରେ କର୍ମପ୍ରବାହ

ଆଶ୍ରମର ପ୍ରତିଷ୍ଠାନ ଗୁଡ଼କରେ ସେତେବେଳେ ଅବିଶ୍ରାନ୍ତ ଗତିରେ କାର୍ଯ୍ୟ ଚାଲିଥାଏ । ପ୍ରତିଟି ଆଶ୍ରମବାସୀଙ୍କ ଆଖିରେ ମୁହଁରେ କର୍ମଚଞ୍ଚଳ ଉଦ୍‌ବେଗତା । ସେମାନଙ୍କର ଏହି ଯେଉଁ ଦିବାରାତ୍ର ବିପୁଳ କର୍ମ ବ୍ୟସ୍ତତା- ଏହା ସେମାନଙ୍କର ନିଜର ଉଦର ପୂର୍ତ୍ତି ପାଇଁ ନୁହେଁ, ପ୍ରାଣପ୍ରିୟ ଦଦ୍ଦାଲ ଠାକୁରଙ୍କ ତୃପ୍ତି ପାଇଁ । ଦିନେ ଲୌହ ନଗରୀ ଜାମ୍‌ସେଦପୁରରେ ଏକ ବିପୁଳ ଜନସଭାରେ ବକ୍ତୃତାର ପ୍ରାରମ୍ଭରେ କୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ କହିଥିଲେ, "କର୍ମବ୍ୟସ୍ତ ହାଟ। ନଗର । ପୃଥିବୀର ସବୁ :ଦେଶର, ସବୁ

ଶ୍ରେଣୀର, ସବୁ ଜାତୀୟ ଲୋକଙ୍କର ଏକ ମହାସଙ୍ଗମ ଷ୍ଟେତ୍ର । କିନ୍ତୁ ଏଠାରେ ସମବେତ ହୋଇଥିବା ଏହି ବିଶାଳ ଜନସମୁଦ୍ର କେବଳ ମାତ୍ର ଉଦର ଝିକକ ପାଇଁ । ଏମାନଙ୍କର ଯାହାକିଛି କର୍ମର ମୂଳଉତ୍ସ ଉଦର ପୂର୍ତ୍ତିର ଚିନ୍ତା । କିନ୍ତୁ ଏହିଭଳି ଏକ କ୍ଷୁଦ୍ରଶୀଲ୍ପ ନଗରୀକୁ ମୁଁ ଦେଖିଛି— ଯେଉଁଠି ସବୁ ଦେଶର, ସବୁ ଧର୍ମମତର, ସବୁ ଜାତିର, ସବୁ ଶ୍ରେଣୀର ଲୋକଙ୍କର ସମାଗମ ହୋଇଛି, ତାହା ମଧ୍ୟ ବହୁ ମାନବର ଗୋଷ୍ଠିଏ ମିଳନ ତୀର୍ଥ । ସେଠାରେ ମଧ୍ୟ ସମସ୍ତେ ନିୟତଃ କର୍ମବ୍ୟସ୍ତ । କିନ୍ତୁ ସେମାନଙ୍କର ଝିଦ୍ରିଦା ଉଦର ପୂର୍ତ୍ତିପାଇଁ ନୁହେଁ — ମସ୍ତିଷ୍କର ପ୍ରସାର, ସେମାନଙ୍କର ଏ ସମାବେଶ ଖାଦ୍ୟପାଇଁ ନୁହେଁ — ହୃଦୟ ପାଇଁ, ସେହି ପବିତ୍ର ତୀର୍ଥହିଁ ଶ୍ରୀ ଶ୍ରୀ ଠାକୁରଙ୍କର ପୂଣ୍ୟପାଦପୀଠ ହିମାୟତପୁର ସତ୍‌ସଙ୍ଗ ଆଶ୍ରମ ।"

ପ୍ରତ୍ୟହ ସକାଳେ ଓ ସଂଧ୍ୟାରେ ମା'ଙ୍କ କୁଡ଼ଆ ବାରଦ.ରେ ଏକ ଚୌକି ଉପରେ ଶ୍ରୀ ଶ୍ରୀ ମାତା ମନମୋହିନୀଙ୍କ ପାଖରେ ବସନ୍ତ ଶ୍ରୀ ଶ୍ରୀ ଠାକୁର—ଭକ୍ତମାନେ ମଧ୍ୟ ସେଠାକୁ ଆସୁଥାଆନ୍ତ—ସମ୍ମିଳିତଭବେ ବିନତୀ ପ୍ରାର୍ଥନା ହେଉଥାଏ । ତାପରେ ଠାକୁରଙ୍କୁ ପ୍ରଣାମ କରି ସମସ୍ତେ ଫେରି ଯାଉଥାଆନ୍ତ ନିଜ ନିଜର କ ର୍ମ କ୍ଷେ ତ୍ର କୁ । ଦିନେ ଏହି ପ୍ରାର୍ଥନା ସଭାରେ ଶ୍ରୀ ଶ୍ରୀ ଠାକୁର କହିଲେ, "ସୁଶୀଲଦା ବର୍ତ୍ତମାନ ଏପରି ହୋଇ ଉଠିଛନ୍ତ ଯେ ଆଜି ଯଦି ସେ ଗଭୀର ବଣ ମଧ୍ୟକୁ, ପାହାଡ ଗୁମ୍ଫା ବା ଗହ୍ୱର ମଧ୍ୟକୁ ଅଥବା ମହାସମୁଦ୍ରର ଅଜଣା ଦ୍ୱୀପପୁଞ୍ଜକୁ ମଧ୍ୟ ଚାଲି-ଯାଆନ୍ତ—ତେବେ ମୋତେ ତାଙ୍କରି ସହିତ ଯାଇ ସେହିଠାରେହିଁ ରହିବାକୁ ହେବ ।" ସଂଗଠନ—ଯୁଗରେ ଆଶ୍ରମର ପ୍ରାଣସ୍ୱରୂପ ସୁଶୀଲ ଚନ୍ଦ୍ର ସର୍ବ କାରଣର-କାରଣ ଦୟାଲ ଠାକୁରଙ୍କ ପାର୍ଥସଖା-ନବ କୁରୁକ୍ଷେତ୍ରର ସମର ନାୟକ । ସତ୍‌ସଙ୍ଗର ଏହି ପ୍ରତିଷ୍ଠାନ ଗୁଡ଼ିକ କିନ୍ତୁ କୌଣସି ପରିକଳ୍ପନା ନେଇ ତିଆରି କରଯାଇ ନଥିଲା । ପ୍ରୟୋଜନ ଅନୁପାତରେ ଆପେ ଆପେ ସ୍ୱଭବତଃହିଁ ଗଢ଼ ଉଠିଥିଲା । ବହୁତ ଲୋକଙ୍କର ସମାଗମରେ ଯେପରି ଆନନ୍ଦ ବଜାରର ସୃଷ୍ଟି ହୋଇଛି, ସେମାନଙ୍କର ଚିକିତ୍ସା ପାଇଁ ସୃଷ୍ଟି ହୋଇଥିଲା ଦାତବ୍ୟ ଚିକିତ୍ସାଳୟର ଏଲୋପ୍ୟାଥିକ୍, ହୋମିଓପ୍ୟାଥିକ୍

Scanned by CamScanner

ଓ ଚିତ୍ରଜି ବିଭାଗ । ଭେଷଜ କୁଟୀର, ଭେଷଜ ଉଦ୍ୟାନ— ସେହିପରି ଆଶ୍ରମର ବାଳକ ବାଳିକା ମାନଙ୍କର ଶିକ୍ଷାପାଇଁ ଗଢ଼ଉଠିଲ ତପୋବନ ବିଦ୍ୟାଳୟ, ବାଳିକା ବିଦ୍ୟାଳୟ, ମାତୃ ଓ ଧାତ୍ରୀ ବିଦ୍ୟାଳୟ, ଶିଳ୍ପ ଶିକ୍ଷା-କ୍ଷେତ୍ର, ବିଜ୍ଞାନ କଲେଜ, ଅନେକ ଚୌକି, ବେଞ୍ଚ, ଚେୟାର, ଆଲମାରୀ, ଟେବୁଲ ପ୍ରଭୃତି ତିଆରି ପାଇଁ ଦାରୁ ଶିଳ୍ପର ଉଦ୍ଭବ । ଲୋକମାନେ ସମସ୍ତେ ଠାକୁରଙ୍କର ଫଟୋ ଘେନିଲେ । କେତେଜଣ ଶିଳ୍ପୀ ମଧ୍ୟ ଆସି ସ୍ଥାୟୀ ଭାବରେ ଆସି ଆଶ୍ରମବାସୀ ହୋଇ ରହିଲେ—ଗଢ଼ ଉଠିଲ କଳାକେନ୍ଦ୍ର । ଶ୍ରୀ ଶ୍ରୀ ଠାକୁରଙ୍କର ବାଣୀ ସମସ୍ତେହିଁ ପାଇବାକୁ ଘେନିଲେ । ସେଗୁଡ଼ିକ ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ତିଆରି ହେଲ ପ୍ରେସ୍, ପବ୍ଲିଶିଂ ହାଉସ୍, ବାଇଣ୍ଡିଂ ସେକ୍‌ସନ୍ । ବହୁ ଚିକିତ୍ସାରେ ବ୍ୟର୍ଥକାମ ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ ଜନଗଣ ଆସି ଘେଟରୁ ମୁକ୍ତିଲଭ ଆଶାରେ ଠାକୁରଙ୍କ ପାଖରେ କନାକଟା କରିବାକୁ ଲାଗିଲେ । ଶ୍ରୀ ଶ୍ରୀ ଠାକୁର ସେମାନଙ୍କୁ ଅବ୍ୟର୍ଥ ବ୍ୟବସ୍ଥା ପତ୍ରଦେଇ ତଦନୁଯାୟୀ ଔଷଧ ତିଆରି କରିବା ପାଇଁ ସୃଷ୍ଟି ହେଲ କ୍ୟାମିକାଲ ୱାର୍କସ୍ । ଏହି ସମୟରେ ନାମ ଚିକିତ୍ସା ବନ୍ଦକରି ଦିଆ ଯାଇଥିଲ । ନାମମୟ ପୁରୁଷଙ୍କର ଅଭାବ ଦେଖାଦେଲେ ଆଉ ନାମ ଚିକିତ୍ସା କରିବା ସମ୍ଭବ ହୁଏନାହିଁ । ତେଣୁ ଲୌକିକ ଉପାୟରେ ଔଷଧର ଫର୍ମୁଲ ଦେଇ ଠାକୁର ଘେଗ ନିରାମୟର ବ୍ୟବସ୍ଥା କରିଦେଲେ—ଯାହା ସର୍ବ-କାଳର ସବୁ ଦେଶର ମନୁଷ୍ୟ ମାନଙ୍କର ଉପକାରରେ ଆସିବ, ବୀରେନ୍ଦ୍ର ନାଥ ଭଟ୍ଟାଚାର୍ଯ୍ୟ ଶ୍ୟାମାଚରଣ ମୁଖୋପାଧ୍ୟାୟ ପ୍ରମୁଖ କର୍ମୀଗଣ ଗବେଷ-ଣାନିକ ଗବେଷଣାରେ ବ୍ରତୀହେଲେ । ବହୁ ବୈଜ୍ଞାନିକଙ୍କୁ ଗବେଷଣାର ସଙ୍କେତ ଦେଇଛନ୍ତି ଦୟାଳ ଠାକୁର, ଗବେଷଣାର ପଦ୍ଧତି ମଧ୍ୟ ନିର୍ଦ୍ଦେଶ କରିଅଛନ୍ତି—ବୈଜ୍ଞାନିକ ମାନଙ୍କ ମଧ୍ୟରୁ ବହୁତ ଆଶ୍ରମବାସୀ ହୋଇଛନ୍ତି— ଗଢ଼ଉଠିଲ ବିଶ୍ୱ ବିଜ୍ଞାନ କେନ୍ଦ୍ର । କୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଶ୍ୟାମ ଦାସ୍ ବଦୋପାଧ୍ୟାୟ, ଧିରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ପ୍ରଭୃତି ବୈଜ୍ଞାନିକ ଗବେଷଣାରେ ଆତ୍ମନିୟୋଗ କଲେ । ଏହିପରି ଭାବରେ ପ୍ରୟୋଜନ ଅନୁସାରେ ଆପେ ଆପେ ଦିନକୁଦିନ ଆଶ୍ରମରେ ବିଭିନ୍ନ ବିଭାଗ ଗୋଟିଏ ପରେ ଗୋଟିଏ ସୃଷ୍ଟି ହେବାକୁ ଲାଗିଲ ।

Scanned by CamScanner

ରାଣୀମା

ପ୍ରତ୍ୟକ୍ଷ ଭବରେ ସତ୍‌ସଙ୍ଗ ଆନ୍ଦୋଳନର ପୁଗେଭଗରେ ଆସି ଛିଡା ନହେଲେ ମଧ୍ୟ ଅନ୍ତରଳରେ ରହି ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାରେ ଓ ତାଙ୍କରି ଆଦର୍ଶ ପରିପୂରଣରେ ମହିମାନ୍ୱିତ ହୋଇ ଉଠିଛନ୍ତ ଦୁଇଜଣ ବିଶେଷ ମହିଳା ନିଜ ନିଜର ତ୍ୟାଗ, ତିତିକ୍ଷା, ସହିଷ୍ଣୁତା ଓ ଲୋକ ସେବାରେ । ସେମାନଙ୍କ ମଧ୍ୟରୁ ଜଣେ ସୁଶୀଲ ଚନ୍ଦ୍ର ବସୁଙ୍କର ପତ୍ନୀ ଶ୍ରଦ୍ଧଷ୍ପାଦା ରଣୀମା। ଅନ୍ୟଜଣକ ହେଲେ କୃଷ୍ଣ ପ୍ରସନ୍ନଙ୍କ ସହଧର୍ମ୍ମିଣୀ ସୁଷମାଦେବୀ—ଯିଏକି ତତ୍କାଳୀନ ସତ୍‌ସଙ୍ଗୀ ସମାଜରେ ବିଜଲୀ ମା ନାମରେ ପରିଚିତା ଥିଲେ। ଧନୀ ପିତାଙ୍କର ଆଦରର ଦୁଲଳୀ, ବହୁଭଷାବିଦ୍, ବିଶ୍ୱବିଖ୍ୟାତ ଜ୍ଞାନ ତପସ୍ୱୀ ହରିନାଥ ଦେଙ୍କର ଭଉଣୀ ରଣୀମା । ସୁଶୀଲ ଚନ୍ଦ୍ର ଯେତେବେଳେ ଡେପୁଟି ମାଜିଷ୍ଟ୍ରେଟ୍ ଚାକିରୀ ପ୍ରତ୍ୟାଖ୍ୟାନ କରି ଜଷ୍ଟ ସେବାର ଆକୁତିରେ ଚରମତମ ଦାରିଦ୍ର୍ୟକୁ ବରଣ କରିନେଲେ—ସେତେ-ବେଳେ ରଣୀମା ଅତି ଅନାୟସରେ ଭେଗବିଳାସ ଛାଡ଼ଆସି ଜାଗତିକ ଦୁଃଖ ସମୁଦ୍ରରେ ନିଜକୁ ନିମଜ୍ଜିତା କରିବାକୁ ଟିକିଏ ହେଲେ ମଧ୍ୟ ଦ୍ୱିକ୍ଷେପ କରିନାହାଁନ୍ତ । ଜୀବନରେ ସେ କେବେହେଲେ ନିଜ ସ୍ୱାମୀ ନିକଟରୁ ଖଣ୍ଡିଏ ବସ୍ତ୍ରସୁଦ୍ଧା ଗ୍ରହଁନାହାଁନ୍ତ । ଖାଇବାକୁ ଖାଦ୍ୟ ମିଳିନାହିଁ, ଚିର ଶାଢ଼ୀରେ ନିଜର ଆବରଣ ରକ୍ଷା କରିବାକୁ ହୋଇଛି—ରଣୀମାଙ୍କର ଖୁସି । ସେଥିରେ ମଧ୍ୟ ଆଦୌ ଉଣା ହୋଇନାହିଁ । ସ୍ୱାମୀଙ୍କୁ ବ ଅନ୍ୟ କାହାରିକୁ କେବେହେଲେ ନିଜର ଆବଶ୍ୟକ ସାମଗ୍ରୀ କଥା ଜଣାଇ ନାହାଁନ୍ତ । ମାସ ପରେ ମାସ ସୁଶୀଲ ଚନ୍ଦ୍ର ଦେଶ ବିଦେଶରେ ଘୂରି ବୁଲିଛନ୍ତ—ଆଶ୍ରମକୁ ଆସି ହୁଏତ ଗୋଟିଏଓଳି ରହି ପୁଣି ବାହାରି ଚାଲି ଯାଇଛନ୍ତ କାର୍ଯ୍ୟରେ—ସେଥିପାଇଁ ରଣୀମା କେବେହେଲେ ଅଭିଯୋଗ କରି ନାହାଁନ୍ତ । ବରଂ ସବୁବେଳେ ସ୍ୱାମୀଙ୍କୁ ଇଷ୍ଟ କର୍ମରେ ସେବାର ସମ୍ବର୍ଦ୍ଧନାରେ ଆଗେଇ ଯିବାକୁ ପ୍ରେରଣା ଦେଇଛନ୍ତ । ସୁଶୀଲ ଚନ୍ଦ୍ର ଯେତେବେଳେ ବହୁତ ଲୋକଙ୍କୁ ସଙ୍ଗରେ ନେଇ ଆସୁଥାଆନ୍ତ—ସେତେବେଳେ ରଣୀମା ସେମାନଙ୍କର ସେବା ପରିଚର୍ଯ୍ୟା ନୀରବରେ ହସ ହସ ବ ଦ ନ ରେ କରିପାଇଛନ୍ତ ।

Scanned by CamScanner

ବୁଦ୍ଧାନୁସାରିଣୀ ସ୍ତ୍ରୀଙ୍କର ସଜୀବ ମୂର୍ତ୍ତି ଥିଲେ ସେ। ତାଙ୍କର ପୂର୍ଣ୍ଣ ସହଯୋଗୀତା, ସାହାଯ୍ୟ ଓ ସମର୍ଥନ ପାଇ ନଥିଲେ ସୁଶୀଲ ଚନ୍ଦ୍ରଙ୍କର ଜୀବନ ଦୁର୍ବିସହ ହୋଇ ଉଠିବାର ସମ୍ଭାବନା ଥିଲା। ସବୁଠାରୁ ବଡକଥା— ବିବାହିତ ହୋଇ ମଧ୍ୟ ଆଶ୍ରମକୁ ଆସିବା ପରଠାରୁ ସୁଶୀଲ ଚନ୍ଦ୍ର ଚିରକାଳ ବ୍ରହ୍ମଚର୍ଯ୍ୟ ପରାୟଣ ହୋଇ ରୁଲିଛନ୍ତ— ଗଣୀମା ମଧ୍ୟ ତାଙ୍କ ସହିତ ବ୍ରହ୍ମ-ଚାରିଣୀ ହୋଇ ରହିଛନ୍ତ।

ଲକ୍ଷ୍ମୀଙ୍କୁ ବାଦ୍ ଦେଇ ନାରାୟଣ, ଶକ୍ତିହୀନ ଶିବ ଯେପରି ଅବାସ୍ତବ କଳ୍ପନା—ଗଣୀମାଙ୍କୁ ବାଦ୍ ଦେଇ ସୁଶୀଲ ଚନ୍ଦ୍ର ମଧ୍ୟ ସେମିତି ଅକଳ୍ପନୀୟ। "ସ୍ତ୍ରୀ ସ୍ୱାମୀର ଶକ୍ତି" ଏହାହିଁ ପ୍ରମାଣିତ ହୋଇଛି ଏମାନଙ୍କ ଜୀବନ ଚଳଣୀରେ।

ପ୍ରତିକୂଳ ଅବସ୍ଥା ଓ ସଂଗଠନ

ଦେଶବନ୍ଧୁ ଚିତ୍ତରଞ୍ଜନ ଆଶ୍ରମ ଆସିବା ଆଗରୁ ସତ୍‌ସଙ୍ଗକୁ Registered Society କରାଯିବ କି ନାହିଁ ଏଇ ନେଇ କଳ୍ପନା-ଜଳ୍ପନା ଚାଲିଥିଲା। ଦେଶବନ୍ଧୁ ଆଶ୍ରମକୁ ଆସିଲେ ଶ୍ରୀ ଶ୍ରୀ ଠାକୁର ଏହି ବିଷୟରେ ଦେଶବନ୍ଧୁଙ୍କର ମତାମତ ଜାଣିବାକୁ ଚାହୁଁଥାଆନ୍ତ। ଦେଶବନ୍ଧୁ କହିଲେ— Society Act ଅନୁସାରେ ସତ୍‌ସଙ୍ଗକୁ ରେଜିଷ୍ଟ୍ରି କରିବାହିଁ ଭଲ ମନେ-ହେଉଛି।

ଦେଶବନ୍ଧୁ ଚାଲିଯିବା ପରେ ଶ୍ରୀ ଶ୍ରୀ ଠାକୁରଙ୍କର ମତ ଅନୁସାରେ ୧୯୨୫ ମସିହାରେ ସତ୍‌ସଙ୍ଗକୁ ୧୮୬୦ ମସିହାର ଭାରତୀୟ ଆଇନର ୨୧ ଧାରା ଅନୁସାରେ ରେଜେଷ୍ଟ୍ରି କରାଯାଏ। ଏହିପରି ଭାବରେ ସତ୍‌ସଙ୍ଗକୁ Registered Societyରେ ପରିଣତ କରାଯାଇଲା। ସତ୍‌ସଙ୍ଗ-ପ୍ରତିଷ୍ଠାନ ପରିଚାଳନା ପାଇଁ ଶ୍ରୀ ଶ୍ରୀ ଠାକୁର ନିମ୍ନଲିଖିତ ସଭ୍ୟମାନଙ୍କୁ ମନୋନୀତ କରନ୍ତ।

Scanned by CamScanner

ସଭାପତି—ଶ୍ରୀଯୁକ୍ତା ମନମୋହିନୀ ଦେବୀ
ସହ-ସଭାପତି—ଶ୍ରୀ ଅନନ୍ତ ନାଥ ରାୟ
ସଂପାଦକ—ଶ୍ରୀ ସୁଶୀଲ ଚନ୍ଦ୍ର ବସୁ
ସହ ସଂପାଦକ—ଶ୍ରୀ ବ୍ରଜଗୋପାଲ ଦତ୍ତରାୟ

ସଭ୍ୟଗଣ—ଶ୍ରୀ କୃଷ୍ଣପ୍ରସନ୍ନ ଭଟ୍ଟାଚାର୍ଯ୍ୟ, ଶ୍ରୀ ପ୍ରଭାସ ଚନ୍ଦ୍ର ଚକ୍ରବର୍ତ୍ତୀ, ଶ୍ରୀ ଅବିନାଶ ଅଧିକାରୀ, ଶ୍ରୀ କିଶୋରୀ ମୋହନ ଦାସ, ଡ. ଯତୀନ ରାୟ ।

ଶ୍ରୀ ଶ୍ରୀ ଠାକୁର ଯେତେବେଳେ ସୁଶୀଲଚନ୍ଦ୍ରଙ୍କୁ ସଂପାଦକ ରୂପେ ମନୋନୀତ କରନ୍ତି, ସେତେବେଳେ ସେ ଆପତ୍ତି ଜଣାଇଥିଲେ ଏବଂ କହି-ଥିଲେ ଯେ—"ପରିଷଦର ବାହାରେ ରହି ଆପଣଙ୍କ କାମ କରିବାହିଁ ସୁବିଧା-ଜନକ ବୋଲି ମୁଁ ମନେକରେ । ପରିଷଦ ଭିତରେ ରହି କାମ କରିବାକୁ ଗଲେ ଅନେକ ଝାମେଲାରେ ପଡ଼ିବାକୁ ହେବ ।" ଶ୍ରୀ ଶ୍ରୀ ଠାକୁର ସୁଶୀଲ ଚନ୍ଦ୍ରଙ୍କର ସେ-କଥା ନଶୁଣି ତାଙ୍କୁ ସଂପାଦକ ହେବାପାଇଁ କହିଲେ । ତେଣୁ ସତ୍‌ସଙ୍ଗର ପ୍ରଥମ ସଂପାଦକ ଦାୟୀତ୍ୱ ତାଙ୍କୁହିଁ ନେବାକୁ ପଡ଼ିଲା ।

ତାପରେ ଶ୍ରୀ ଶ୍ରୀ ଠାକୁରଙ୍କର ଆଦେଶ କ୍ରମେ ତାଙ୍କରି ନିର୍ଦ୍ଦେଶିତ କାମରେ ସୁଶୀଲ ଚନ୍ଦ୍ରଙ୍କୁ ଭାରତ-ଭ୍ରମଣରେ ଯିବାକୁ ହେଲା; ସେତେବେଳେ ତାଙ୍କରି ନିର୍ଦ୍ଦେଶ ଅନୁସାରେ ସୁଶୀଲଚନ୍ଦ୍ର ହେଲେ ସଭାପତି, ଶ୍ୟାମା ଚରଣ ମୁଖାର୍ଜ୍ଜୀ ହେଲେ ସଂପାଦକ, ଶ୍ରୀ ପ୍ରସନ୍ନ କୁମାର ଦତ୍ତ ହେଲେ ସହ-ସଂପାଦକ ଏବଂ ଶ୍ରୀ କୃଷ୍ଣ ପ୍ରସନ୍ନ ଭଟ୍ଟାଚାର୍ଯ୍ୟ ହେଲେ ସହ-ସଭାପତି ।

ଏହିପରି ସତ୍‌ସଙ୍ଗ ପରିଷଦର ଅନେକ ପଦ ଅଦଳ ବଦଳ ହୁଏ ଏବଂ ସୁଶୀଲ ଚନ୍ଦ୍ର ସେହିଦିନରୁହିଁ ପରିଷଦ ସହିତ ଯୁକ୍ତ ରହି ଆସିଥିଲେ ।

ସୁଶୀଲ ଚନ୍ଦ୍ରଙ୍କର କନିଷ୍ଠା ଭଉଣୀ ଶ୍ରୀମତୀ ହେମାଙ୍ଗିନୀ ବିଶ୍ୱାସଙ୍କ ରୋଗପାଇଁ ଶ୍ରୀ ଶ୍ରୀ ଠାକୁର 'ଫ୍ରିଭେର୍ଣ୍ଡିନା' ନାମକ ଔଷଧର ଫର୍ମୂଳ ଦିଅନ୍ତି ଏବଂ ସେତେବେଳେ ବଙ୍କିମ ଚନ୍ଦ୍ର ରାୟ ଶ୍ରୀଶ୍ରୀ ଠାକୁରଙ୍କ ନିର୍ଦ୍ଦେଶ ଅନୁସାରେ

Scanned by CamScanner

'ପ୍ରିଭେର୍ଣ୍ଣା' ନାମକ ମଲମ ପ୍ରଥମ କରି ତିଆରି କରନ୍ତି । ସେହି 'ପ୍ରିଭେର୍ଣ୍ଣା'ହିଁ ସତ୍‌ସଙ୍ଗ କେମିକ୍ୟାଲ୍ ଓ୍ୱାର୍କସ୍‌ର ପ୍ରଥମ ପ୍ରସ୍ତୁତ ଔଷଧ ।

ଅନ୍ୟାନ୍ୟ ପ୍ରଦେଶରେ ପ୍ରଚାର

ରେଙ୍ଗୁନ୍‌ରେ ଶ୍ରୀ ବ୍ରଜେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କଠାରୁ ଦୀକ୍ଷିତ ହୁଅନ୍ତ ବମ୍ବେର ଶ୍ରୀ ଚନ୍ଦ୍ରକାନ୍ତ ପିମେଣ୍ଟା । ପ୍ରଥମେ ସେହିଁ ବମ୍ବେ ସହରରେ ପ୍ରଚାର ଆରମ୍ଭ କରନ୍ତି । ଦୟାଳ ଠାକୁର ତାଙ୍କୁ ଦୀକ୍ଷାଦାନର ଅଧିକାର ମଧ୍ୟ ଦିଅନ୍ତି । କେନ୍ଦ୍ର ସତ୍‌ସଙ୍ଗରୁ ଶ୍ରୀଯୁକ୍ତ ମେଣ୍ଟାଙ୍କ ଆମନ୍ତ୍ରଣରେ ଥରେ ଅଧ୍ୟାପକ ଶରତଚନ୍ଦ୍ର ହାଲଦାର ବମ୍ବେ ଯାଆନ୍ତି । ଶ୍ରୀ ଶୈଳେନ୍ଦ୍ର ଭଟ୍ଟାଚାର୍ଯ୍ୟ ମଧ୍ୟ କେତେଥର ଯାଇ ଯଥେଷ୍ଟ କାମ କରି ଆସିଛନ୍ତି । ଶ୍ରୀ ଜନାର୍ଦ୍ଦନ ମୁଖୋପାଧ୍ୟାୟ, "ରେ ଆର୍ଟ୍ସ ହାଉଜାର ମ୍ୟାନ୍" ପ୍ରଭୃତି ମଧ୍ୟ ସେଠାକୁ ଯାଇଛନ୍ତି ଇଷ୍ଟପ୍ରଚାର କରିବାକୁ । ଶ୍ରୀ ମେଣ୍ଟା ସମଗ୍ର ପ୍ରଦେଶକୁ ମତାଇ ତୋଳନ୍ତି, ଡ଼. ଶାନ୍ତଲାଲ ଓ ଆହୁରି ଅନେକ ମଧ୍ୟ ଦୀକ୍ଷାନେଇ ଦେଓଘର ଆସି ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ କରିଯାଆନ୍ତି । ଡ଼. ଶାନ୍ତଲାଲ ଟେପ୍‌ରେକର୍ଡରେ ଶ୍ରୀ ଶ୍ରୀ ଠାକୁରଙ୍କ ବାଣୀ ଏବଂ ଆହ୍ୱାନୀ, ବିନତି, ପ୍ରାର୍ଥନା ଇତ୍ୟାଦି ରେକର୍ଡ କରି ନେଇଯାଇ ସେଠାରେ ବିଭିନ୍ନ ଅଧିବେଶନରେ ଶୁଣାଇ ଯଥେଷ୍ଟ ଉଦ୍ଦୀପନାର ସଞ୍ଚାର କରନ୍ତି । କେନ୍ଦ୍ରୀୟ କର୍ମୀମାନେ ବମ୍ବେଯାଇ ବିଶିଷ୍ଟ ବ୍ୟକ୍ତି ବର୍ଗଙ୍କର ଏବଂ ଶ୍ରେଷ୍ଠ ରାଜପୁରୁଷ ଗଣଙ୍କ ସହିତ ଆଳାପ ଆଲୋଚନା କରନ୍ତି-ବଡ ବଡ ଜନସଭାର ମଧ୍ୟ ଆୟୋଜନ ହୁଏ । ସ୍ଥିକର ଶ୍ରୀ କୁନ୍ତେ ଆସି ଶ୍ରୀ ଶ୍ରୀ ଠାକୁରଙ୍କୁ ଦର୍ଶନ କରିଯାଆନ୍ତି ।

ଶ୍ରୀ ଶଶାଙ୍କ ଗୁହ ପୂର୍ବ ଆଫ୍ରିକାରେ କର୍ମ ଜୀବନରେ କେନିୟା, ନାଇରୋବି, ଟାଙ୍ଗାନିକା, ପ୍ରଭୃତି ଅଞ୍ଚଳରେ ଶ୍ରୀ ଶ୍ରୀ ଠାକୁରଙ୍କର ପ୍ରଚାର

Scanned by CamScanner

କରନ୍ତ ଏବଂ ସେଠାରେ ଅନେକ ଦୀକ୍ଷିତ ହୁଅନ୍ତ । ଶ୍ରୀ ଗୁରୁ ଗୀତାରୁ ଅବସର ଗ୍ରହଣ କରି ଦେଓଘର ଆଶ୍ରମରେ ଆସି ନିୟତ କର୍ମୀ ହୋଇ ପ୍ରଚାର କାର୍ଯ୍ୟରେ ବ୍ରତୀ ହୁଅନ୍ତ ।

ପ୍ରଥମ କୀର୍ତ୍ତନ ଯୁଗରେ ଗୋସାଇଁ ଓ କିଶୋରୀ ମୋହନ କୀର୍ତ୍ତନର ଦଳନେଇ ବୈଦ୍ୟନାଥଧାମ ହୋଇ ଯେତେବେଳେ ବାଗଣସୀଧାମ ପର୍ଯ୍ୟନ୍ତ ଯାଆନ୍ତ-ବିହାରରେ ଓ ଉତ୍ତର ପ୍ରଦେଶରେ ସେତେବେଳେହିଁ ପ୍ରଚାରର ସୂତ୍ରପାତ ହୁଏ । ତାପରେ କାଶୀରେ ଶ୍ରୀ ସୁରେନ୍ଦ୍ର କୁମାର ଶୂର ଏବଂ କାନପୁରରେ ଶ୍ରୀ ମଣିଲାଲ ବନ୍ଦୋପାଧ୍ୟାୟ ବ୍ୟାପକଭାବେ ପ୍ରଚାର କରନ୍ତ । କାନପୁରରେ ପ୍ରଥମେ ପ୍ରଚାର କରନ୍ତ ଶ୍ରୀ ସୁଶୀଲଚନ୍ଦ୍ର ବସୁ । ଉତ୍ତରପ୍ରଦେଶ, ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ ଏବଂ ଦକ୍ଷିଣ ଭାରତରେ ମଧ୍ୟ ବହୁତ ସ୍ଥାନ ଭ୍ରମଣ ସମୟରେ ସେ ଶ୍ରୀ ଶ୍ରୀ ଠାକୁରଙ୍କର ଜୀବନ ଓ ବାଣୀ ପ୍ରଚାର କରି ବହୁ ଲୋକଙ୍କୁ ଦୀକ୍ଷିତ କରିଥିଲେ । ଦିଲ୍ଲୀରୁ ଯେଉଁ ସମସ୍ତ ନେତୃବୃନ୍ଦ, ମନ୍ତ୍ରୀମଣ୍ଡଳୀ ଏବଂ ଶ୍ରେଷ୍ଠ ରାଜପୁରୁଷଗଣ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଉଦ୍ଦେଶ୍ୟରେ ଆଶ୍ରମକୁ ଆସିଛନ୍ତ—ସେମାନେ ପ୍ରାୟ ସମସ୍ତେହିଁ ସୁଶୀଲ ଚନ୍ଦ୍ରଙ୍କ ଆଳାପ-ଆଲୋଚନାରେ, ବ୍ୟବହାରରେ, ଚରିତ୍ରରେ ମୁଗ୍ଧ ହୋଇହିଁ ଆସିଛନ୍ତ । ସର୍ବତ୍ରତରେ ଶ୍ରୀ ଶ୍ରୀ ଠାକୁରଙ୍କର ଭାବଧାରା ପ୍ରଚାରର ଗୌରବ ସୁଶୀଲଚନ୍ଦ୍ରଙ୍କରହିଁ ବହୁଳାଂଶରେ ପ୍ରାପ୍ୟ । ଏଇ ପରମଭକ୍ତ ତାଙ୍କର ମଧୁର ବ୍ୟବହାରରେ ଓ ସଂଯତ ଚରିତ୍ରରେ ଚୁମ୍ବକ ସଦୃଶ ଆକର୍ଷଣ କରି ଆଣିଛନ୍ତ ପ୍ରଖ୍ୟାତ ନେତୃ ମଣ୍ଡଳୀଙ୍କୁ । ସୁଶୀଲ ଚନ୍ଦ୍ରଙ୍କର ବିଶେଷତ୍ୱ ଏହି ଯେ ସେ କେବଳ ଭାରତ ରାଷ୍ଟ୍ରର କର୍ଣ୍ଣଧାର ଗଣଙ୍କ ଏବଂ ତତ୍କାଳୀନ ଦେଶୀୟ ରାଜନ୍ୟ ବର୍ଗଙ୍କର ପ୍ରୀତିଲଭହିଁ କରି ନାହାନ୍ତ—ଅନେକ ଶ୍ରଦ୍ଧା ମଧ୍ୟ ଲାଭ କରିଛନ୍ତ ତାଙ୍କର ଗରିମାମୟ ଚରିତ୍ର ଗୁଣ ଦ୍ୱାରା । ତାଙ୍କର ନିଖୁଣ ସଦାଚାରୀ, ନିୟତ ସ୍ୱପାକୀ ଓ ତପଶ୍ଚର୍ଯ୍ୟାପରାୟଣ ବ୍ୟକ୍ତିତ୍ୱ ପ୍ରଭାବାନ୍ୱିତ କରିଛି ପ୍ରତି ପ୍ରତ୍ୟେକଙ୍କୁ ।

Scanned by CamScanner

ବୈଦ୍ୟନାଥ ଧାମରେ

୧୯୪୬ ମସିହା— ଶ୍ରୀ ଶ୍ରୀ ଠାକୁର ଦେଓଘର ଆସିବା ପୂର୍ବ ମୁହୂର୍ତ୍ତ ପର୍ଯ୍ୟନ୍ତ ଆଶ୍ରମର କର୍ମପ୍ରବାହ ଅବ୍ୟାହତ ଗତିରେ ଆଗେଇ ଚଲିଥାଏ, ଏପରିକି ଆସିବାର ଅବ୍ୟବହିତ ପୂର୍ବରୁ ମାତା ମନମୋହିନୀ ଦେବୀଙ୍କ ନାମରେ ଗୋଟିଏ କଲେଜ ମଧ୍ୟ ସ୍ଥାପିତ ହୁଏ । କେହି କଳ୍ପନା ମଧ୍ୟ କରି ପାରନ୍ତି ନାହିଁ ଯେ, ଶ୍ରୀ ଶ୍ରୀ ଠାକୁର ଏହି ବିଘଟ କର୍ମ୍ମ ଚଞ୍ଚଳ ହିମାଇତପୁର ଆଶ୍ରମ ତ୍ୟାଗ କରି ଅନ୍ୟ କେଉଁଠାକୁ ଚଲିଯିବେ ।

୧୯୪୬ ମସିହା ଅଗଷ୍ଟ ୩୦ ତାରିଖ ଉପରଓଳି ହଠାତ୍ ଶ୍ରୀ ଶ୍ରୀ ଠାକୁର ସୁଶୀଲଚନ୍ଦ୍ରଙ୍କୁ ଡାକି କହିଲେ—"ମୁଁ ଦେଓଘର ଯିବି । ଆଜିହିଁ ଆପଣ କଲିକତା ଯାଇ ଗାଡ ରିଜର୍ଭର ବ୍ୟବସ୍ଥା କରିଦେଇ ଦେଓଘର ଯାଆନ୍ତୁ ଘର ଠିକ୍ କରିବା ପାଇଁ ।"

ସେତେବେଳେ ତାଙ୍କର ଏହି କଥାରେ ସୁଶୀଲ-ଚନ୍ଦ୍ର ବୁଝିପାରିଲେ ନାହିଁ ଯେ, ଶ୍ରୀ ଶ୍ରୀ ଠାକୁର ତାଙ୍କର ପ୍ରିୟତମ ଜନ୍ମଭୂମି ଏବଂ ତାଙ୍କର ସୃଷ୍ଟ ଆଶ୍ରମ ତ୍ୟାଗକରି ସବୁଦିନ ପାଇଁ ଚଲିଯିବାର ଉଦ୍ୟୋଗ କରୁଛନ୍ତି । ତାଙ୍କୁ ପ୍ରଶ୍ନ କଲେ—ଗାଡ ରିଜର୍ଭ କରିବାକୁ ହେବ କେଉଁ ଶ୍ରେଣୀରେ ଏବଂ କେତେ ଲୋକଙ୍କ ପାଇଁ, ଆଉ ଦେଓଘରରେ ଯେଉଁ ଘର ଠିକ୍ କରିବା କଥା କହିଲେ ସେହି ଘରଟି କିଭଳି ହେବ ଏବଂ କେତେ ଲୋକଙ୍କର ବାସୋପଯୋଗୀ ହେବା ଦରକାର ?

ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ—"ଯେତେ ବଡ ଘର ପାଆନ୍ତୁ,— ଯାହାଦ୍ୱାରା ଅନେକ ଲୋକଙ୍କର ରହିବାଭଳି ହୋଇପାରେ ଏହିପରି ଘର ଭଡା କରିବେ । କାରଣ, ମୋ ସହିତ ସମସ୍ତେ ଯିବେ । ଆଉ ଟ୍ରେନ୍‌ରେ Upper classର ଏବଂ Third classର ଗୋଟିଏ ଗୋଟିଏ ବଗୀ ରିଜର୍ଭ କରନ୍ତୁ ।"

Scanned by CamScanner

ସେହି ଘଟିରେ ବିରେନ୍ ମିତ୍ର ଓ ଗଜେନ୍ ମଜୁମଦାରଙ୍କୁ ସଙ୍ଗରେ ନେଇ ସୁଶୀଲଚନ୍ଦ୍ର କଲିକତା ଗଲେ । ତହିଁ ପରଦିନ E. I. Railway General Managerଙ୍କ ସହିତ ଦେଖାକରି ତାଙ୍କର ପ୍ରୟୋଜନର କଥା ତାଙ୍କୁ କହିଲେ । ସେ କହିଲେ—Upper class reserve ହୋଇପାରେ କିନ୍ତୁ Third classର ବଗୀ ରିଜର୍ଭେସନ ହୋଇ ପାରିବ ନାହିଁ ।

ସୁଶୀଲଚନ୍ଦ୍ର କହିଲେ—କାହିଁକି ହେବନାହିଁ ? ମହାତ୍ମାଜୀଙ୍କ ଥାର୍ଡ-କ୍ଲାସ୍ ବଗୀ ରିଜର୍ଭ କରି ସାରା ଭାରତ ପରିଭ୍ରମଣ କରିଥିଲେ—ତାହା କିଭଳି ହେଲା ?

ସେତେବେଳେ ସେ କହିଲେ—Exception has been made in case of Mahatma Gandhi.

ତାପରେ ସୁଶୀଲ ଚନ୍ଦ୍ର କହିଲେ—If exception has been made in one case, why it should not be done in Shree Shree Thakur's case also ? କଥାବାର୍ତ୍ତା ଏବଂ ଆଲୋଚନା ପରେ ସେ ଦରଖାସ୍ତ ଭଳି ହେଲେ ।

ଶ୍ରୀ ଭୋଳାନାଥ ସରକାର ଏବଂ ଗଜେନ୍ଦ୍ର ନାଥଙ୍କ ଉପରେ ଏହି ଦାୟୀତ୍ୱ ଦେଇ ସୁଶୀଲଚନ୍ଦ୍ର ଓ ବୀରେନ୍ଦ୍ରଲାଲ ମିତ୍ର ଅଗଷ୍ଟ ୩୧ ତାରିଖ ରାତ୍ରି ଟ୍ରେନ୍‌ରେ ଯାଇ ତହିଁ ପରଦିନ ସକାଳେ ଦେଓଘରରେ ପହଞ୍ଚି ଇଷ୍ଟ-ପ୍ରାଣ ସତ୍‌ସଙ୍ଗୀ ଭ୍ରାତା ସୁରେନ୍ଦ୍ରନାଥ ସେନ୍‌ଙ୍କୁ ନେଇ ଘର ଅନୁସନ୍ଧାନରେ ବାହାରିଲେ ।

ତାଙ୍କ ନିକଟରୁ ସନ୍ଧାନ ପାଇଲେ—ସହରର ଗୋଟିଏ ପ୍ରାନ୍ତରେ 'ବଡାଲ ବାଂଲା' ନାମରେ ଗୋଟିଏ ପ୍ରକାଣ୍ଡ ଘର ଅଛି । ସେଥିରେ ଏକଦା ମୟମନ୍‌ସିଂହଙ୍କ ମହାରାଜା ଆଶୁର୍ଯ୍ୟ ଶଶୀକାନ୍ତ ଚୌଧୁରୀ ବସବାସ କରୁଥାଆନ୍ତି । ବିଶ୍ୱକବି ରବୀନ୍ଦ୍ରନାଥ ସେଠାରେ କିଛିଦିନ ବସବାସ କରିଥିଲେ । ସେହି ସୁବୃହତ ଅଟ୍ଟାଳିକା ଓ ତତ୍ ସଂଲଗ୍ନ ବିସ୍ତୀର୍ଣ୍ଣ ପ୍ରାଙ୍ଗଣ ଦେଖି ପସନ୍ଦଯୋଗ୍ୟ ହେବାରୁ ତତ୍ତ୍ୱାବଧାୟକ ଯତୀନ୍ ବାବୁଙ୍କୁ ଭଡା-ସ୍ୱରୂପ

ଅଗ୍ରୀମ ଶହେଟଙ୍କା ଦେଲେ ଏବଂ ତାଙ୍କୁ ଅନୁରୋଧ କଲେ ଯେ, ବର୍ତ୍ତମାନ ଲୋକ ଲଗାଇ ଗୋଟିଏ ଦିନ ମଧ୍ୟରେ ସମଗ୍ର ଘରଟିକୁ ଚୂନକାମ କରି-ଦେବାକୁ ହେବ, ଦରକାର ହେଲେ ରାତ୍ରିରେ ମଧ୍ୟ ଡେ-ଲାଇଟ୍ ଜ୍ୱଳାଇ କାମ ଶେଷ କରିଦେବାକୁ ହେବ ।

ଏତେଜଣ ଲୋକ ଆସିବେ । ସେମାନଙ୍କର ଖାଇବା ପିଇବା ବ୍ୟବସ୍ଥା କ'ଣ ହେବ ଏହି ଚିନ୍ତାକରି ସ୍ଥାନୀୟ 'ଘମକୃଷ୍ଣ ଭଣ୍ଡାର'ରୁ ସବୁ ଜିନିଷ — ଝୁଲୁଳ, ଡାଲି, ମସଲା ଏବଂ କୋଇଲା ଦୋକାନରୁ କୋଇଲା ଇତ୍ୟାଦି ସଂଗ୍ରହ କରି ଆଣି ରଖିଲେ । ସେହିପରି ଘରେ ଚୂଡା, ଗୁଡ ଏବଂ ଦହି ମଧ୍ୟ ସଂଗ୍ରହ କରି ରଖାଗଲା । କାହିଁକିନା କ୍ଷୁଧାର୍ତ୍ତ ଯାତ୍ରୀଦଳ ଆସି ପହଞ୍ଚିବା ମାତ୍ରେହିଁ କିଛି ଆହାର୍ଯ୍ୟର ପ୍ରୟୋଜନ ହେବ, ଗେଣ୍ଡେଇ କରି ଖାଇବାକୁ ଅନେକ ଡେରି ହୋଇଯିବ ।

ସେପଟେମ୍ବର ପହିଲା ୧୯୪୬ ମସିହା । ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କୁ ନେଇ ଆଶ୍ରମର ବିଶିଷ୍ଟ କର୍ମୀଗଣଙ୍କ ସହିତ ଈଶ୍ୱରଦିରୁ ନିର୍ଦ୍ଦିଷ୍ଟ ସମୟରେ ରିଜର୍ଭ ବଗୀରେ ଉଠିଲେ । ବଗୀଟିରେ ଏତେ ଭିଡ ହୋଇଥିଲା ଯେ ଗୋଟିଏ ତିଳ ଧାରଣ କରିବାର ଜାଗା ମଧ୍ୟ ନଥିଲା । ନୈହାଟିର ସତ୍‌ସଙ୍ଗୀମାନେ ଶ୍ରୀ ଶ୍ରୀ ଠାକୁର ଆସୁଛନ୍ତି ଜାଣିପାରି ସେମାନଙ୍କର ଖାଇବା ପିଇବା ପାଇଁ ଯଥେଷ୍ଟ ଆୟୋଜନ କରିଥିଲେ ଏବଂ ସମସ୍ତଙ୍କୁ ଆହାର୍ଯ୍ୟ ଦାନରେ ପରିତୃପ୍ତ କରିଥିଲେ । ବ୍ୟାଣ୍ଡେଲ ଷ୍ଟେସ୍‌ନରେ ଏହି ରିଜର୍ଭ ବଗୀଟିକୁ ମୋଗଲସରାଇ ପାସେଞ୍ଜର ସହିତ ଯୋଡ ଦିଆଗଲା ଏବଂ ପରଦିନ ସକାଳ ୯ଟାରେ ଦେଓଘର ଷ୍ଟେସ୍‌ନରେ ଆସି ପହଞ୍ଚିଲା । ସୁଶୀଲ ଚନ୍ଦ୍ର ଷ୍ଟେସନରୁ ଶ୍ରୀ ଶ୍ରୀ ଠାକୁର ଓ ସମସ୍ତଙ୍କୁ ନେଇ ବଡାଲ ବାଂଲାରେ ଆସି ପହଞ୍ଚିଲେ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବଙ୍ଗ ବିଭାଗ ହୁଏ । ତାର ଏକବର୍ଷ ପୂର୍ବରୁ ଯେତେବେଳେ କେହି କଳ୍ପନା କରି ନଥିଲେ ଯେ, ଦେଶ ଏହିପରି ଅପ୍ରତ୍ୟାଶିତ ଭାବରେ ବିଭକ୍ତ ହୋଇଯିବ, ସେତେବେଳେ ଶ୍ରୀ ଶ୍ରୀ

Scanned by CamScanner

ଠାକୁରଙ୍କ ଧ୍ୟାନ ଦୃଷ୍ଟିରେ ତାହା ବୋଧହୁଏ ଧରା ପଡ଼ିଥିଲା । ତେଣୁ ସେ ଏହିପରି ବିଭଜନ ହେବା ପୂର୍ବରୁହିଁ ତାଙ୍କର ପ୍ରିୟ ଜନ୍ମଭୂମି ଏବଂ ବହୁ ବାଧାବିଘ୍ନ ଭିତରେ ଗଢି ଉଠିଥିବା ଆଶ୍ରମ ହଠାତ୍ ତ୍ୟାଗକରି ଚଲି ଆସିଲେ ସୁଦୂର ଦେଓଘରକୁ ।

କପର୍ଦ୍ଦକ ଶୂନ୍ୟ ଅବସ୍ଥାରୁ ଯେଉଁ ବିରାଟ ଆଶ୍ରମ ସେ ଗଢ଼ି ତୋଳିଥିଲେ —ଯାହାର ମୂଲ୍ୟ ସେତେବେଳେ ହେବ ଦେଢ଼କୋଟି ଟଙ୍କା—ତାଙ୍କର ସେହି ଅତି ଆପଣାର ଆଶ୍ରମକୁ ସେ କିପରି ଭବରେ ତ୍ୟାଗକରି ଚଲି ଆସିବାରେ ତାଙ୍କ ମନରେ ଏତେ ଟିକିଏବି ବିକାର ମଧ୍ୟ ଦେଖାଯାଇ ନଥିଲା । ଶ୍ରୀ ଶ୍ରୀ ଠାକୁରଙ୍କର ଏହି ବିରାଟ ତ୍ୟାଗର ମୂର୍ତ୍ତି ଦେଖି ସେଦିନ ଅତ୍ୟନ୍ତ ବିସ୍ମିତ ହୋଇ ଯାଇଥିଲେ ସୁଶୀଲ ଚନ୍ଦ୍ର ତାହାପରେ ମଧ୍ୟ ଏଥିପାଇଁ କୌଣସି ଦିନ ବିନ୍ଦୁମାତ୍ର ଆକ୍ଷେପ କରିବା ତାଙ୍କଠାରୁ ଶୁଣାଯାଇ ନାହିଁ । ଏହା ଯେପରି ଅତି ତୁଚ୍ଛ ବିଷୟ । ଏଭଳି ନିଃସ୍ପୃହତା ଏବଂ ଅନାସକ୍ତତା କେବଳ ତାଙ୍କଠାରେହିଁ ସମ୍ଭବ ।

ଆଉ ଗୋଟିଏ କଥା । ଶ୍ରୀ ଶ୍ରୀ ଠାକୁର ସେତେବେଳେ ଅତର୍କିତ ଓ ଅପ୍ରତ୍ୟାଶିତ ଭବରେ ଯଦି ଚଲି ନଆସି ଥାଆନ୍ତେ ତେବେ ପରେ ତାଙ୍କର ଆସିବା ଅତ୍ୟନ୍ତ କଷ୍ଟକର ହୋଇ ଥାଆନ୍ତା । ସ୍ଥାନୀୟ ଓ ପାର୍ଶ୍ୱ-ବର୍ତ୍ତୀ ଗ୍ରାମର ମୁସଲମାନ ଗଣଙ୍କର ସନିର୍ବନ୍ଧ ଅନୁରୋଧ ଓ ମିନତି ଅଗ୍ରାହ୍ୟ କରିବା ତାଙ୍କ ପକ୍ଷରେ କୁଏତ ସମ୍ଭବ ହୋଇ ନଥାଆନ୍ତା । ଦେଓଘର ଚଲି ଆସିବା ପରେ ମଧ୍ୟ ପାବନାରୁ ବହୁ ମୁସଲମାନ ଏଠାକୁ ଆସି, ଶ୍ରୀ ଶ୍ରୀ ଠାକୁରଙ୍କୁ ବାରମ୍ବାର ଆବେଦନ ଜଣାଇଥିଲେ, ହିମାଇତପୁର ଫେରି ଯିବାକୁ ।

ଦେଓଘର ଆସି ବଡାଲ୍ ବାଂଲାକୁ କେନ୍ଦ୍ରକରି ଆଶ୍ରମ ସ୍ଥାପିତ ହେଲା । ସମସ୍ତେ ଆସି ବଡାଲ୍ ବାଂଲାରେ ପହଞ୍ଚିଲେ ଏବଂ ସେହି-ଠାରେ ମଧ୍ୟ 'ଆନନ୍ଦ ବଜାର' ଚଲିବାକୁ ଲାଗିଲା । କ୍ରମଶଃ ସତ୍‌ସଙ୍ଗୀମାନଙ୍କ ପାଇଁ ଆଖପାଖରେ ଅନେକ ଘରଭଡା ନିଆଗଲା ।

Scanned by CamScanner

ଦେଓଘର ଆସି ପୁଣି ଆଶ୍ରମ ସ୍ଥାପନ ଉଦ୍ଦେଶ୍ୟରେ ଜମି ସଂଗ୍ରହର ଚେଷ୍ଟା ଆରମ୍ଭ ହେଲା । ଶ୍ରୀ ଶ୍ରୀ ଠାକୁର କହିଲେ— "ମୋର ସମସ୍ତ ପରିକଳ୍ପନା ରୂପାୟନ ପାଇଁ ଏକସଙ୍ଗେ ଅନ୍ତତଃ ଛଅ ହଜାର ଏକର ଜମି ଆବଶ୍ୟକ । ଏହିପରି ବିସ୍ତୀର୍ଣ୍ଣ ଜମି ଯଦି ବେଙ୍ଗଲରେ କେଉଁଠି ମିଳେ ତେବେ ଭଲ ।" ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଦେଶ ପାଳନ କରି ସୁଶୀଲ ଚନ୍ଦ୍ର ବଙ୍ଗଳା ଓ ବିହାରର ବିଭିନ୍ନ ସ୍ଥାନକୁ ଯାଇ ଜମିକିଣା ବ୍ୟାପାରରେ ନିଜକୁ ନ୍ୟସ୍ତ କରିଥିଲେ ।

ସୁଶୀଲ ଚନ୍ଦ୍ରଙ୍କ ଶେଷ ଜୀବନ

ସତ୍‌ସଙ୍ଗର ପଞ୍ଚପୂରୀମାନଙ୍କ ମଧ୍ୟରୁ ପ୍ରଥମେ ମହାରଜ ଅନନ୍ତନାଥ ରାୟ, ତାପରେ ଭକ୍ତବୀର କିଶୋରୀ ମୋହନ ଆଚାର୍ଯ୍ୟ, ସତୀଶ ଚନ୍ଦ୍ର ଗୋସାଇଁ ଓ ଋତ୍ୱିଗାଚାର୍ଯ୍ୟ କୃଷ୍ଣ ପ୍ରସନ୍ନ ଭଟ୍ଟାଚାର୍ଯ୍ୟ ଜଣ ଜଣ କରି ଚାରିଜଣ ଶ୍ରୀ ଶ୍ରୀ ଠାକୁରଙ୍କୁ ଏକାକି କରି ଇହଧାମରୁ ବିଦାୟ ନେଇଗଲେ । ଶ୍ରୀ ଶ୍ରୀ ଠାକୁରଙ୍କ ଶେଷ ଜୀବନରେ କେବଳ ମାତ୍ର ସୁଶୀଲ ଚନ୍ଦ୍ରହିଁ ରହିଥିଲେ ।

ସୁଶୀଲ ଚନ୍ଦ୍ରଙ୍କର ଶରୀର ମଧ୍ୟ ଏହି ସମୟରେ କ୍ରମଶଃ ଅସୁସ୍ଥ ହୋଇ ପଡ଼ିବାକୁ ଆରମ୍ଭ କରେ । ଡାଇବେଟିସ୍ ରୋଗ ତାଙ୍କୁ ଆକ୍ରମଣ କରେ । ଖୁବ୍ ବେଶୀ ପରିମାଣରେ ବ୍ଲଡ୍‌ସୁଗାର ଦେଖାଦେଲା । ଅତ୍ୟନ୍ତ ସଂଯମୀ ଓ ସାବଧାନୀ ସୁଶୀଲ ଚନ୍ଦ୍ର—ନିୟନ୍ତ୍ରିତ ପରିଚଳନ ଚିରଦିନହିଁ ତାଙ୍କର ରହିଥିଲା, ଠିକ୍ ଭବରେ ଚିକିତ୍ସା ମଧ୍ୟ ଚାଲିଲା—ତେଣୁ ତାଙ୍କର ରୋଗ ଚୂଡ଼ାନ୍ତର ଆକାର ଧାରଣ କରିପାରିଲା ନାହିଁ । ତେବେ ତାଙ୍କର ଦୃଷ୍ଟିଶକ୍ତି କ୍ରମଶଃ କମି ଆସିବାକୁ ଲାଗିଲା । କିନ୍ତୁ କଲିକତା, ଦିଲ୍ଲୀ ପରିକ୍ରମା ଏବଂ ପୁସ୍ତକ ରଚନାର କାମ ସେ ବନ୍ଦ କରିଲେ ନାହିଁ । ଋତ୍ୱିଗାଚାର୍ଯ୍ୟ ଦେବ ଅପାରଗ ହୋଇ ପଡ଼ିବା ପରଠୁ ଋତ୍ୱିକ୍ ଅଧିବେସନ ଗୁଡ଼ିକ ପ୍ରାୟଃ ସୁଶୀଲ ଚନ୍ଦ୍ରହିଁ ପରିଚାଳନା କରୁଥାଆନ୍ତି । କୌଣସି

Scanned by CamScanner

ସମୟରେ ସେ ଉପସ୍ଥିତ ରହି ନପାରିଲେ ଶ୍ରୀ ଶରତ ଚନ୍ଦ୍ର ହାଲଦାର ମଧ୍ୟ ପରିସ୍ଥଳନା କାର୍ଯ୍ୟ ତୁଲାଉ ଥାଆନ୍ତି । କ୍ରମଶଃ ସୁଶୀଲ ଚନ୍ଦ୍ରଙ୍କର ସ୍ୱାସ୍ଥ୍ୟ ଭଙ୍ଗି ପଡେ, ବସିବା ଉଠିବାରେ ବିଶେଷ କଷ୍ଟ ଅନୁଭବ କରନ୍ତି । ଏହା ପର୍ବରୁ ଥରେ କଲିକତାରେ ଟ୍ରାମ୍ ରୁ ପଡ଼ଯାଇ ଅତ୍ୟନ୍ତ ଆହତ ହୋଇ ପଡନ୍ତି ଏବଂ ଦୀର୍ଘଦିନ ଧରି ରୋଗ ଶଯ୍ୟାରେ ରୁହନ୍ତି । ଅଥଚ ତାଙ୍କ ବ୍ୟତୀତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲୋକନାୟକ ମଣ୍ଡଳୀ ସହିତ ସଂଯୋଗ ରକ୍ଷା କରିବା ଭଳି ଆଉ ଦ୍ୱିତୀୟ ବ୍ୟକ୍ତି କେହି ନଥିବାରୁ ତାଙ୍କୁହିଁ କେବଳ ବିଭିନ୍ନ ସ୍ଥାନ ଘୁରଘୁରି କରିବାକୁ ହେଉଥାଏ । କ୍ରମଶଃ ଏଭଳି ଅବସ୍ଥା ହୁଏ ଯେ ବସିଲେ କିଛି ନଧରି ଉଠିପାରନ୍ତି ନାହିଁ, ଗଣ୍ଠିରେ ବାତ ରୋଗର ଅସହ୍ୟ ଯନ୍ତ୍ରଣା । ତଥାପି ସେ ଦୟାଳ ଠାକୁରଙ୍କର ବିଚିତ୍ର ଲୀଳା କାହାଣୀ 'ମାନସ ତୀର୍ଥ ପରିକ୍ରମା' ନିୟମିତ ଲେଖି ଚାଲିଥାଆନ୍ତି । ଏହି ଗ୍ରନ୍ଥରେ ଛୟାଳିଶ ବର୍ଷର ଦର୍ଶନ ତାଙ୍କର ପ୍ରକାଶିତ ହୋଇଛି ।

ଶ୍ରୀ ଶ୍ରୀ ଠାକୁରଙ୍କ ବିଶିଷ୍ଟ ପାର୍ଷଦ ଓ ସ୍ୱନାମଧନ୍ୟ କର୍ମୀ ସତ୍‌ସଙ୍ଗର ସଭାପତି ଶ୍ରୀଯୁକ୍ତ ସୁଶୀଲ ଚନ୍ଦ୍ର ବସୁ ଇଂରାଜୀ ୧୯୬୯ ମସିହା ମାର୍ଚ୍ଚ ୯ ତାରିଖ ଅପରାହ୍ନ ୩ଟା ୩୦ ମିନିଟ୍‌ରେ ତାଙ୍କର ଦେଓଘର ଆଶ୍ରମସ୍ଥ ବାସଭବନରେ ଅଣାଅଶୀ ବର୍ଷ ବୟସରେ ସଜ୍ଞାନରେ ଦେହତ୍ୟାଗ କରନ୍ତି । ପ୍ରଥମ ଅବସ୍ଥାରେ ପାବନାରୁ ପ୍ରକାଶିତ ସତ୍‌ସଙ୍ଗର ମୁଖପତ୍ର 'ଋତ୍ୱିକ୍' ପତ୍ରିକା ସମ୍ପାଦନା ତଥା ସତ୍‌ସଙ୍ଗର ପ୍ରଥମ ସମ୍ପାଦକ ହିସାବରେ, ପରବର୍ତ୍ତୀ କାଳରେ ଦେଓଘର ସତ୍‌ସଙ୍ଗର ସଭାପତି ହିସାବରେ ଶ୍ରୀଯୁକ୍ତ ବସୁଙ୍କ ଭୂମିକା ଅତ୍ୟନ୍ତ ଗୌରବମୟ ।

ଜାତିସ୍ମର ଓ ଭୃଗୁ

ଶ୍ରୀ ଶ୍ରୀ ଠାକୁର—ସୁଶୀଲ ଚନ୍ଦ୍ର ବସୁଙ୍କ ଉପରେ ବିଶେଷ କରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱଭର ଅର୍ପଣ କରିଥିଲେ—ଗୋଟିଏ ଜାତିସ୍ମର-ସମ୍ବନ୍ଧରେ ତଥ୍ୟ ଅନୁସନ୍ଧାନ କରିବା ଏବଂ ପ୍ରସିଦ୍ଧ ଜ୍ୟୋତିଷ ଗ୍ରନ୍ଥ 'ଭୃଗୁ ସଂହିତା' ସଂଗ୍ରହ କରିବା । ପରବର୍ତ୍ତୀ ଦୁଇବର୍ଷ ଏଥିପାଇଁ ତାଙ୍କୁ ଭାରତର ଗୋଟିଏ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ଘୁରି ବୁଲିବାକୁ ହୋଇଛି । ଜାତିସ୍ମର ସମ୍ବନ୍ଧରେ ତଥ୍ୟାଦି ସୁଶୀଲଚନ୍ଦ୍ରଙ୍କ ଦ୍ୱାରା ଲିଖିତ 'ଜାତିସ୍ମର କଥା' ଗ୍ରନ୍ଥରେ ବିସ୍ତୃତ ଭାବରେ ଆଲୋଚିତ ହୋଇଛି ।

Scanned by CamScanner

ଭୃଗୁଙ୍କ କୋଷ୍ଠୀ ସମ୍ବନ୍ଧରେ ତାଙ୍କର ବିଶେଷ କୌଣସି ଧାରଣା ନଥିଲା—କେଉଁଠୁ ଯେ ମିଳିପାରିବ ସେ ସମ୍ବନ୍ଧରେ ସେ କିଛି ଜାଣି ନଥିଲେ। ବନାବପରେ ଜଣେ ଦୁଇଜଣ ଜ୍ୟୋତିଷୀ ଯେଉଁମାନେ କି ଏ ବ୍ୟବସାୟ କରୁଥାଆନ୍ତି ସେମାନଙ୍କ ପାଖକୁ ଯାଇ ମଧ୍ୟ ବିଶେଷ କୌଣସି ତଥ୍ୟ ଯୋଗାଡ କରି ପାରିଲେ ନାହିଁ ଏବଂ ସେମାନଙ୍କ ପାଖରେ ଯେତିକି ଅଂଶ ଥିଲା, ବହୁତ ଅର୍ଥ ବିନିମୟ ଦ୍ୱାରା ମଧ୍ୟ ତାର ନକଲ ପ୍ରଦାନ କରିବାରେ ସେମାନେ ଅସ୍ୱୀକାର କଲେ।

'ଭୃଗୁ ସଂହିତା' ସଂଗ୍ରହ କରିବାକୁ ହେଲେ ଜ୍ୟୋତିଷଶାସ୍ତ୍ର ସମ୍ବନ୍ଧରେ କୌଣସି ଜ୍ଞାନ ରହିବା ଦରକାର। ସେଥିପାଇଁ କିଛିଦିନ ଗଭୀର ଭବରେ ତାଙ୍କୁ ଜ୍ୟୋତିଷ ଶାସ୍ତ୍ରର ମଧ୍ୟ ଚର୍ଚ୍ଚା କରିବାକୁ ହୋଇଥିଲା। ସେହି ସମୟରେ ଏମିତି ଅବସ୍ଥା ହୋଇଥିଲା ଯେ, ସ୍ୱପ୍ନରେ ମଧ୍ୟ ବିଭିନ୍ନ ରାଶିଚକ୍ର ଦେଖି ପାରୁଥିଲେ। ତାଙ୍କ ମନରେ ଧାରଣା ଜନ୍ମିଲା ଯେ ଶେଷରେ ଇଷ୍ଟଚିନ୍ତା ବଦଳରେ ଜ୍ୟୋତିଷ୍ ଚିନ୍ତା କ'ଣ ତାଙ୍କୁ ଘାରି ବସିଲା! ତେଣୁ ଥରେ ଏହି 'ଭୃଗୁ ସଂହିତା' ସଂଗ୍ରହ ସମୟରେ ଆଶ୍ରମକୁ ଆସି ଶ୍ରୀ ଶ୍ରୀ ଠାକୁରଙ୍କୁ ତାଙ୍କର ସେହି ଅବସ୍ଥାର ସମସ୍ତ କଥା କହିଲେ ଏବଂ ତାଙ୍କ ପାଖରେ ନିବେଦନ କଲେ ଯେ, ସେ ଆଉ ଜ୍ୟୋତିଷ ଚର୍ଚ୍ଚା କରିବାକୁ ଚାହାଁନ୍ତି ନାହିଁ। ତେବେ ସାରା ଭାରତରେ ଘୁରି ଘୁରି ପ୍ରାଚୀନ ଜ୍ୟୋତିଷ୍ ଶାସ୍ତ୍ର ସମ୍ବନ୍ଧରେ ପାଣ୍ଡୁଲିପି କେଉଁଠି କେଉଁଠି ଅଛି ତାହା ସେ ଦେଖି ଆସିଛନ୍ତି ଏବଂ ଜ୍ୟୋତିଷ୍-ଶିକ୍ଷା ପାଇଁ କେହି ଯଦି ଆଗ୍ରହୀ ହୁଅନ୍ତି—ତେବେ ସମୁଦାୟ ତଥ୍ୟାଦି ସଂଗ୍ରହ କରି-ଦେବାକୁ ସେ ପ୍ରସ୍ତୁତ ଅଛନ୍ତି।

ସୁଶୀଲଚନ୍ଦ୍ରଙ୍କଠାରୁ ଏହି କଥା ଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ—"ଜ୍ୟୋତିଷ୍ ଚର୍ଚ୍ଚା କରି ଆପଣଙ୍କର ଯେଉଁ ଅବସ୍ଥା ହୋଇଛି—ଠିକ୍ ଏହି-ଭଳି ହେଲେ ଯାଇ ପ୍ରକୃତ ଜ୍ୟୋତୀଷ୍ ହୋଇ ହୁଏ।"

ତାପରେ ସେ କହିଲେ—ଏ ବିଷୟରେ ତାଙ୍କର ଆଉ ଆଗ୍ରହ ନାହିଁ; କାରଣ ଏଥିରେ ଲାଗି ରହିଲେ ତାଙ୍କର ହୁଏତ ଇଷ୍ଟଚିନ୍ତାରେ ବାଧା ହୋଇ ପାରେ।

Scanned by CamScanner

ଏହାପରେ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ମିନତୀ ଜଣାଇ ଜ୍ୟୋତିଷ୍ ଚର୍ଚ୍ଚାରୁ ସେହିଦିନ ଠାରୁ ଇସ୍ତଫା ଦେଲେ ।

.....ଗୋଟିଏ ମଜାର ବିଷୟ ଏହି ଯେ, ସର୍ବଘରତ ପରିଭ୍ରମଣର ବ୍ୟୟ ହିସାବରେ ଶ୍ରୀ ଶ୍ରୀ ଠାକୁର ତାଙ୍କୁ ନଅଟି ଟଙ୍କା ଦେଇଥିଲେ । ସେହି ନଅଟି ଟଙ୍କା ପରିଭ୍ରମଣ ଶେଷରେ ଫେରାଇ ଆଣିବାକୁ ସମର୍ଥ ହୋଇଥିଲେ ।

ଏହି ଦୀର୍ଘଦିନର ଯାତ୍ରାପଥରେ ବିଭିନ୍ନ ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କର ଅଶେଷ କୃପାଲାଭ ଦ୍ୱାରା ସୁଶୀଲଚନ୍ଦ୍ର ଧନ୍ୟ ହୋଇଥିଲେ । ମନେ ହେଉଥାଏ, ଶ୍ରୀ ଶ୍ରୀ ଠାକୁର ଯେମିତି ତାଙ୍କ ସହିତ ସବୁ ସମୟରେ ରହିଛନ୍ତି । ଯେତେବେଳେ ସଂପୂର୍ଣ୍ଣ ବିକ୍ତ ହୋଇ ତାଙ୍କୁ ଡାକିଛନ୍ତି—ସେତେବେଳେ ସେ ଏଭଳି ଲୋକଙ୍କ ସହିତ ଯୋଗାଯୋଗ କରି ଦେଇଛନ୍ତି ଯେ, ସେମାନେ ସାନନ୍ଦ ଚିତ୍ତରେ ତାଙ୍କର ସମସ୍ତ ବ୍ୟୟଭର ବହନ କରିଛନ୍ତି, କେତେ ଆଦର ଯତ୍ନ କରିଛନ୍ତି ନିଜର ଜଣେ ଏକାନ୍ତ ଆପଣାର ଲୋକ ଭଳି । ଗଭୀର ସଂକଟ ମୂହୁର୍ତ୍ତରେ ମଧ୍ୟ ତାଙ୍କର କୃପାଲାଭ କରି ସେ ଧନ୍ୟ ହୋଇଛନ୍ତି, ଆଉ ସେ ମଧ୍ୟ ଯେ ତାଙ୍କ ସହିତ ସବୁବେଳେ ରହିଛନ୍ତି—ତାହା ଆଶ୍ରମକୁ ଫେରିବା ପରେ ଆଶ୍ରମବାସୀଙ୍କ ମୁହଁରୁ ଶୁଣି ତାହା ପରେ ଜାଣି ପାରିଥିଲେ । ପ୍ରତ୍ୟହ ସକାଳେ ଓ ସଂଧ୍ୟାରେ ମାଆଙ୍କର କଟେଜ ବାରଦାରେ ଗୋଟିଏ ଚୌକୀ ଉପରେ ଶ୍ରୀ ଶ୍ରୀ ମାଆଙ୍କ ପାଖରେ ବସୁଥିଲେ ଶ୍ରୀ ଶ୍ରୀ ଠାକୁର । ଭକ୍ତମାନେ ସମସ୍ତେ ସେଠାକୁ ଆସୁଥିଲେ, ସମ୍ମିଳିତ ଭାବରେ ବିନତୀ ପ୍ରାର୍ଥନା ହେଉଥାଏ । ତାପରେ ଠାକୁର-ପ୍ରଣାମ କରିସାରି ସମସ୍ତେ ନିଜ ନିଜ କାମରେ ଫେରି ଯାଉଥିଲେ । ଦିନେ ଏହି ପ୍ରାର୍ଥନା ସଭାରେ ଶ୍ରୀ ଶ୍ରୀ ଠାକୁର କହିଲେ—"ସୁଶୀଲଦା ଆଜିକାଲି ଏମିତି ହୋଇ ଉଠିଛନ୍ତି ଯେ, ଆଜି ଯଦି ସେ ଗଭୀର ବଣ ମଧ୍ୟରେ, ପାହାଡର ଗହ୍ୱର ମଧ୍ୟରେ, ଅଥବା ମହା ସମୁଦ୍ରର ଅଜଣା ଦ୍ୱୀପପୁଞ୍ଜକୁ ମଧ୍ୟ ଚାଲିଯାଆନ୍ତ—ମୋତେ ତାଙ୍କ ସଙ୍ଗେ ଯାଇ ସେହିଠାରେହିଁ ରହିବାକୁ ହେବ ।

ଭୃଗୁ ସଂହିତା ସଂଗ୍ରହ କରିବାକୁ ଯେ କିଭଳି କଠୋର ପରିଶ୍ରମ କରିବାକୁ ହୋଇଥିଲ—ତାହାର କିଛିଟା ଅଭାସ ତାଙ୍କର 'ଗଜସ୍ଥାନେର

ପଥେ' ଗଚ୍ଛରେ ଦିଆଯାଇଛି । ସଂଗ୍ରହ କାର୍ଯ୍ୟରେ ପ୍ରଥମେ ବ୍ୟାପୃତ ହେବା ସମୟରେ, କଲିକତାର ଜଣେ ଅଧ୍ୟାପକଙ୍କ ନିକଟରୁ ଶୁଣିଲେ ଯେ, କାଶ୍ମୀରରେ 'ଭୃଗୁ ସଂହିତା'ର ପାଣ୍ଡୁଲିପି ଅଛି । ତାଙ୍କରି ଶୁଣିବା କଥା ଉପରେ ନିର୍ଭର କରି ଅନେକ କଷ୍ଟ ସ୍ୱୀକାର କରି କାଶ୍ମୀରର ଶ୍ରୀନଗରରେ ଯାଇ ଉପସ୍ଥିତ ହେଲେ । କିନ୍ତୁ ମହାରାଜଙ୍କ ନିଜସ୍ୱ ଲାଇବ୍ରେରୀ ଓ ପାବ୍‌ଲିକ ଲାଇବ୍ରେରୀ ଅନୁସନ୍ଧାନ କରି ମଧ୍ୟ କୌଣସି କିଛି ପାଇଲେ ନାହିଁ । ସାଧାରଣ ପାଠାଗାରର Librarian, Mr. Kaul ତାଙ୍କୁ କହିଲେ ଯେ, "ଆପଣ ଭୁଲ ସମ୍ବାଦ ପାଇ ଏଠାକୁ ଆସିଛନ୍ତି; ଏଠାରେ ଯଦି ଥାଆନ୍ତା, ତାହେଲେ କ'ଣ ଆମେ ତାହା ଜାଣି ନଥାଆନ୍ତୁ" ।

ଲାଇବ୍ରେରୀଆନଙ୍କ ଏହିପରି କଥା ଶୁଣି ବଡ ହତାଶ ହୋଇ ପଡ଼ିଲେ ସୁଶୀଲ ଚନ୍ଦ୍ର ଏବଂ ଶ୍ରୀ ଶ୍ରୀ ଠାକୁରଙ୍କୁ ମନେ ମନେ ସ୍ମରଣ କରି ପ୍ରାର୍ଥନା କରିବାକୁ ଲାଗିଲେ । ମନର ଦୁଃଖ ଅପନୋଦନ କରିବା ପାଇଁ ଶ୍ରୀନଗର ମିଉଜିୟମ ଓ ଚିତ୍ରାଳୟରେ ଯାଇ ପ୍ରବେଶ କଲେ । ସେଠାରେ ଅପ୍ରତ୍ୟାଶିତ ଭାବରେ ଜଣେ ଭଦ୍ରଲୋକଙ୍କ ସହିତ ଆଳାପ ଆଲୋଚନା ହେଲା । ସେ ଭଦ୍ରଲୋକ ଜଣକ କାଶ୍ମୀରବାସୀ— ତାଙ୍କୁ ତାଙ୍କ ମନର ଦୁଃଖ କାହାଣୀ ଶୁଣାଇଲେ ।

ତୃଷାର୍ତ୍ତ ପଥିକ ଯେପରି ଶୀତଳ ବାରି ପାଇଲେ ତୃପ୍ତିର ଅନ୍ତ ନଥାଏ, ସେହିପରି ସେହି ଭଦ୍ରଲୋକ ତାଙ୍କୁ ଆଶ୍ୱାସନା ଦେଇ କହିଲେ—"ହଁ, କାଶ୍ମୀରରେ 'ଭୃଗୁ ସଂହିତା' ଅଛି; ତାର ସନ୍ଧାନ ମୁଁ ଆପଣଙ୍କୁ ଦେଇ-ପାରେ !"

ସୁଶୀଲଚନ୍ଦ୍ର କହିଲେ—ଏଠାରେ ଯେତେ ଲାଇବ୍ରେରୀ ଅଛି, ସବୁ ତନ୍ନ ତନ୍ନ କରି ଖୋଜି ମଧ୍ୟ ସନ୍ଧାନ ମିଳିଲା ନାହିଁ,—ଆପଣ କ'ଣ କରନ୍ତି ?

ସେ କହିଲେ—"ମୁଁ ଗଚ୍ଛାଗାରିକ ମି. କାଉଲଙ୍କ ସହକାରୀ ।"

ତାପରେ ସୁଶୀଲ ଚନ୍ଦ୍ର କହିଲେ—ମୁଁ ତ ସ୍ୱୟଂ ମି. କାଉଲଙ୍କ ସହିତ ଏ ବିଷୟରେ ଆଳାପ ଆଲୋଚନା କରିଛି । ସେ କେଟ୍‌ଲଗ୍ ବାହାର କରି ମୋତେ ଦେଖାଇ କହିଲେ—'ଭୃଗୁ ସଂହିତା' ଏଠାରେ ନାହିଁ ।

Scanned by CamScanner

ସେହି ଭଦ୍ରଲୋକ ଜଣକ କହିଲେ—ମୁଁ ଅଫିସ ଯାଉଛି – ଆପଣ ମଧ୍ୟ କାଉଲଙ୍କ ପାଖକୁ ଚାଲନ୍ତୁ । ମି. କାଉଲ ମୋତେ ଡାକି ପଠାଇଲେ ତାଙ୍କ ପାଖରେ ପ୍ରକାଶ କରିବି ।

ସୁଶୀଲ ଚନ୍ଦ୍ର ମି. କାଉଲଙ୍କ ପାଖରେ ଏ ବିଷୟରେ କହିଲା ପରେ ସେ ତାଙ୍କର ସହକାରୀଙ୍କୁ ଡାକି ପଠାଇଲେ । ତାଙ୍କରି ଆଦେଶରେ ସେହି ସହକାରୀ ଏକ ଅତି ପୁରୁଣା କୀଟଦଷ୍ଟ ପୁସ୍ତକ ତାଲିକା ବାହାର କରି ଦେଖାଇଲେ । ଜମ୍ମୁର ଶ୍ରୀ ରଘୁନାଥଜୀଙ୍କ ମନ୍ଦିର ଲାଇବ୍ରେରୀରେ ମହାରାଜ ରଣବୀର ସିଂହ କର୍ତ୍ତୃକ ସଂଗୃହୀତ 'ଭୃଗୁ ସଂହିତା' ଅଛି, କିନ୍ତୁ ତାର ନକଲ କରିବାକୁ ଆଜି ପର୍ଯ୍ୟନ୍ତ କାହାରିକୁ ଦିଆ ଯାଇନାହିଁ ।

ଯଦିବା ସନ୍ଧାନ ପାଇଲେ—କିନ୍ତୁ ତାର କୌଣସି ନକଲ ଦିଆଯିବ ନାହିଁ ଶୁଣି ମ୍ରିୟମାଣ ହୋଇ ପଡ଼ିଲେ । ମି. କାଉଲ ମଧ୍ୟ କହିଲେ—ପ୍ରକୃତରେ, ଏ ସମସ୍ତ ପ୍ରାଚୀନ ପୋଥିର ପାଣ୍ଡୁଲିପିର ନକଲ କରିବାର ଅନୁମତି ଷ୍ଟେଟ୍‌ରୁ ମଧ୍ୟ କାହାରିକୁ ଦିଆଯାଏ ନାହିଁ ।

ସୁଶୀଲଚନ୍ଦ୍ର କିନ୍ତୁ ଆଶା ଛାଡ଼ିଲେ ନାହିଁ । ତାଙ୍କର ମନେହେଲା, ନିରାଶା ମଧ୍ୟରେ ଶ୍ରୀ ଶ୍ରୀ ଠାକୁରଙ୍କ କୃପାରୁ ଯେତେବେଳେ କ୍ଷୀଣ ଆଲୋକ ବର୍ତ୍ତିକା ପାଇଛନ୍ତି—ସେତେବେଳେ ନିଶ୍ଚୟ ତାଙ୍କରି କୃପାରୁ ଏହାର ନକଲ ନେବାକୁ ସମର୍ଥ ହୋଇପାରିବେ ।

ସେତେବେଳେ କାଶ୍ମୀରର ପ୍ରଧାନମନ୍ତ୍ରୀ ଥିଲେ ସାର୍ ଗୋପାଳ ସ୍ୱାମୀ ଆୟେଙ୍ଗାର, ଯିଏକି ପରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇ-ଥିଲେ । ତାଙ୍କ ସହିତ ସାକ୍ଷାତ କରି, କିଛିଦିନ ଆଳାପ ଆଲୋଚନା କରି—ତାପରେ ତାଙ୍କଠୁଁ ହୁକୁମ ପାଇବା ପାଇଁ ତାଙ୍କୁ ବେଶ୍ କିଛିଦିନ କଷ୍ଟ ପାଇବାକୁ ହୋଇଥିଲା ।

ତାଙ୍କରି ନିର୍ଦ୍ଦେଶନାମା ନେଇ ଜମ୍ମୁରେ ଆସି ସଜପଣ୍ଡିତ ମାନଙ୍କ ପାଖରେ ଦାଦା ଦେଲେ । ସେ ସେହି ନିର୍ଦ୍ଦେଶନାମା ପାଇ ନକଲ କରିବାକୁ କେତେ କ'ଣ ଖର୍ଚ୍ଚ ଲାଗିବ, ସେ ସବୁ ହିସାବ କରି ଜଣାଇଦେଲେ ।

Scanned by CamScanner

ତାହା ଶୁଣି ସୁଶୀଲଚନ୍ଦ୍ର ଆଶ୍ରମ ଫେରିଆସିଲେ । ଶ୍ରୀ ଶ୍ରୀ ଠାକୁର ତାଙ୍କଠୁଁ ସବୁ ଜାଣିସାରି, ଉତ୍ସାହର ସହିତ କହିଲେ—"ପୁଣି ଆପଣ ଜମ୍ମୁକୁ ଯାଆନ୍ତୁ; ବର୍ତ୍ତମାନ କିଛି ଟଙ୍କା ନେଇଯାଆନ୍ତୁ—ପରେ ଏମାନେ (ଷେପୁଦାଙ୍କୁ ଲକ୍ଷ୍ୟ କରି) ଦେଇ ପଠାଇବେ । ଷେପୁଦା ସେତେବେଳେ ପ୍ରତିନିଧି-ନାୟକ ଏବଂ ଆଶ୍ରମର କର୍ତ୍ତୃତ୍ୱଭର ତାଙ୍କରି ଉପରେହିଁ ନ୍ୟସ୍ତ ।

ସୁଶୀଲଚନ୍ଦ୍ର ଜମ୍ମୁକୁ ଫେରିଯାଇ ଜଣେ ତେଜଣ ସଂସ୍କୃତଜ୍ଞ ଜ୍ୟୋତିଷୀଙ୍କୁ 'ଭୃଗୁ ସଂହିତା'ର ପାଣ୍ଡୁଲିପି ନକଲ କରିବାକୁ ନିଯୁକ୍ତ କରିଲେ । ଜମ୍ମୁର ସାଧାରଣ ଭାଷା ଉର୍ଦ୍ଦୁ—ତେଣୁ ଏହି ସମସ୍ତ ପଣ୍ଡିତଙ୍କୁ ଅନେକ କଷ୍ଟ ସ୍ୱୀକାର କରି, ବାହାରୁ ଯାଇ ଆଣିବାକୁ ହୋଇଥିଲା ।

ଶ୍ରଦ୍ଧେୟ ଷେପୁଦା ଦୁଇଥର ମାତ୍ର କିଛି କିଛି ଟଙ୍କା ପଠାଇଦେଇ—ଯେତେବେଳେ 'ଭୃଗୁ ସଂହିତା'ର ପାଣ୍ଡୁଲିପିର ନକଲ ପ୍ରାୟ ଶେଷ ହୋଇ ଆସିଲା ଏବଂ ପଣ୍ଡିତମାନେ ସେମାନଙ୍କର ପାରିଶ୍ରମିକ ପାଇଁ ବାରମ୍ବାର ତାଙ୍କୁ ତାଗିଦ୍ କଲେ, ସେତେବେଳେ ପରିଷ୍କାର ଜବାବ ଦେଇ ଦେଲେ—ଆଉ ଟଙ୍କା ପଠାଇବା ସମ୍ଭବ ନୁହେଁ !

ସୁଶୀଲଚନ୍ଦ୍ର ତାଙ୍କଠାରୁ ଏହିଭଳି ଚିଠି ପାଇ ମୁଣ୍ଡରେ ହାତ ଦେଇ ବସିଲେ । ଜମ୍ମୁକୁ ଯାଇ ଏହି କାମନେଇ ବ୍ୟସ୍ତରହି, ସେଠାକାର କୌଣସି ଲୋକଙ୍କ ସହିତ ପରିଚୟ କରିବାର ସୁଯୋଗ ତାଙ୍କର ହେଲନାହିଁ । ସେତିକି-ବେଳେ ସେହି ପଣ୍ଡିତମାନଙ୍କର ପ୍ରାପ୍ୟ ଟଙ୍କା ପରିଶୋଧ କରି ନପାରିଲେ, ସୁଶୀଲଚନ୍ଦ୍ରଙ୍କୁ ସେମାନେ ହୁଏତ ମାରି ଦେଇ ପାରନ୍ତି ! ସେହି ଘଡିରେ ଦୁଶ୍ଚିନ୍ତାରେ ତାଙ୍କର ଆଦୌ ନିଦ ହେଲନାହିଁ । ପ୍ରାଣପଣେ ଶ୍ରୀ ଶ୍ରୀ ଠାକୁରଙ୍କୁ ଡାକିବାକୁ ଲାଗିଲେ ଏବଂ କହିବାକୁ ଲାଗିଲେ—"ପ୍ରଭୁ ଆପଣ ବୁଦ୍ଧି ବତାଇ ଦିଅନ୍ତୁ; ଯେପରି ଏ ଦାୟୀତ୍ୱରୁ ଉଦ୍ଧାର ହୋଇପାରେ ।"

ଏହିପରି ଭବରେ ବିନିଦ୍ର ରଜନୀ ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ପ୍ରାର୍ଥନା କରୁ କରୁ ତାଙ୍କ ମନରେ ହଠାତ୍ ଉସି ଉଠିଲା, ଏଠାରେ ଯଦି ଟଙ୍କା ସଂଗ୍ରହ କରିବାକୁ ହୁଏ—ତେବେ ଏଠାକାର ସର୍ବାପେକ୍ଷା ପ୍ରଭାବଶାଳୀ ବ୍ୟକ୍ତିଙ୍କର

Scanned by CamScanner

ଶରଣାପନ୍ନ ହେବାକୁ ହେବ, ସେ ହେଉଛନ୍ତି ପ୍ରଧାନମନ୍ତ୍ରୀ । କାଶ୍ମୀର-ରାଜା ହରିସିଂ ଅଛନ୍ତି । ଯଦିବା ସେ ଷ୍ଟେଟର କୌଣସି କିଛି ଦେଖନ୍ତି ନାହିଁ ।

ଯେତେବେଳେ ଏହିକଥା ମନରେ ଆସିଲା —ତତ୍‌କ୍ଷଣାତ୍ ପ୍ରଧାନମନ୍ତ୍ରୀଙ୍କର ଦର୍ଶନାର୍ଥୀ ହୋଇ ତାଙ୍କ ପାଖକୁ ଗଲେ । ପନ୍ଦର ମିନିଟ୍ ଧରି ତାଙ୍କ ସହିତ ଆଳାପ ଆଲୋଚନା କରି—କଥାବାର୍ତ୍ତା ସମ୍ପୂର୍ଣ୍ଣ ନହେବା ଆଗରୁ ଅନ୍ୟତ୍ର କାମ ଅଛି ବୋଲି କହି ସେଦିନ ସେଠାରୁ ବିଦାୟ ନେଲେ । ଯେମିତି ସେହି ସୂତ୍ର ଧରି ପୁଣି ଦେଖାକରି ସେହି ଆଳାପ ଆଲୋଚନା ପୁଣି ଆରମ୍ଭ କରି ପାରିବେ ।

ତାର ଦୁଇଦିନ ପରେ ପୁଣି ତାଙ୍କ ସହିତ ଦେଖାକରି ସେହି ପୂର୍ବକଥିତ ଆଲୋଚନାର ସୂତ୍ର ଧରି କଥାବାର୍ତ୍ତା ଆରମ୍ଭ କଲେ ଏବଂ ପ୍ରାୟ କୋଡିଏ ମିନିଟ୍ ପର୍ଯ୍ୟନ୍ତ ଆଳାପ ଆଲୋଚନା କରିବା ପରେ କଥା ଶେଷ ନକରି ଚାଲି ଆସିଲେ । କାହିଁକିନା ସେ ବୁଝିଲେ ଯେ—ସେତେବେଳେ ସେ ଏତେଟା interested ହୋଇନାହାଁନ୍ତି, ଯାହାଦ୍ୱାରା ସେ ତାଙ୍କର ଅନୁରୋଧ ରକ୍ଷା ନକରି ପାରନ୍ତି ।

ପୁଣି ଦୁଇଦିନ ପରେ ତାଙ୍କ ସହିତ ଦେଖା କରିବାକୁ ଗଲେ,— ପୂର୍ବ ସୂତ୍ର ଧରି ଆଲୋଚନା ଚାଲିବାକୁ ଲାଗିଲା । ଆଲୋଚନାର ବିଷୟବସ୍ତୁ ଥିଲା 'ଅହିଂସା',— ଗାନ୍ଧିଜୀଙ୍କ ଅହିଂସା, ବୁଦ୍ଧଙ୍କ ଅହିଂସା ଏବଂ ଶ୍ରୀକୃଷ୍ଣଙ୍କ ଅହିଂସା,— ଏମାନଙ୍କ ମଧ୍ୟରେ ପାର୍ଥକ୍ୟ କେଉଁଠି ଏବଂ କେଉଁଟି ଅନୁ-ସରଣୀୟ ସେଦିନ କିନ୍ତୁ ପ୍ରାୟ ଏକାଥରକେ ଦୁଇ ଘଣ୍ଟା ଧରି ଆଲୋଚନା ଚାଲିଲା, ପ୍ରଥମେ ବସି ବସି ତାପରେ ବୁଲି ବୁଲି । ଏପଟେ ପାଖ ଘରେ ଅନ୍ୟ ମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ସହିତ ଦେଖା କରିବା ପାଇଁ ଅପେକ୍ଷା କରିଛନ୍ତି ।

ସୁଶୀଲଚନ୍ଦ୍ରଙ୍କ ମନେ ହେଲା,— Now is the time to strike ! ତେଣୁ ତାଙ୍କୁ ତାଙ୍କ ପାଖକୁ ଆସିବାର ଉଦ୍ଦେଶ୍ୟ କଥା କହିଲେ ।

Scanned by CamScanner

ସେ ତାଙ୍କର କଥା ଶୁଣି ହସି ହସି କହିଲେ ଏହି ପରମିଶନ ପାଇଁ ଆସିଥିଲେ— ପୁଣି ବର୍ତ୍ତମାନ ଅର୍ଥ ସାହାଯ୍ୟ ପାଇଁ ଆସିଛନ୍ତ । ଆପଣ କ'ଣ ଜାଣନ୍ତ ନାହିଁ ଯେ— ଗଜ୍ୟର ଅର୍ଥ ଗଜ୍ୟର ସ୍ୱାର୍ଥ ବ୍ୟତୀତ ଅନ୍ୟ ବିଷୟରେ ଖର୍ଚ୍ଚ ହୁଏ ନାହିଁ ।

ସୁଶୀଲ ଚନ୍ଦ୍ର କହିଲେ— " ଆମ ଆଶ୍ରମର ସବୁ କାମତ ଦଶଜଣଙ୍କ ପାଖରୁ ନେଇହିଁ ଚଳେ । ଯାହା ଆଣିଥିଲି, ତାହା ସବୁ ଖର୍ଚ୍ଚ ହୋଇଯାଇଛି— କାର୍ଯତଃ ଆପଣଙ୍କ ଭଳି ବିଦ୍ୟୋତ୍ସାହୀ ସ୍ୱଧର୍ମନିଷ୍ଠ ବ୍ୟକ୍ତିଙ୍କର ଶରଣାପନ୍ନ ହେବା ବ୍ୟତୀତ ମୋର ଆଉ କ'ଣ ଉପାୟ ଅଛି ?"

ସେ କହିଲେ—Mr. Bose, you embrass me ! ତାପରେ ସୁଶୀଲ ଚନ୍ଦ୍ର କହିଲେ—"ଆପଣଙ୍କୁ ଏ ବିଷୟରେ ବ୍ୟତିବ୍ୟସ୍ତ କରିବାକୁ ଆଦୌ ଚାହୁଁନାହିଁ । ଯଦି ଆପଣଙ୍କର ପଦମର୍ଯାଦା ଅକ୍ଷୁର୍ଣ୍ଣ ରଖି ମୋତେ ସାହାଯ୍ୟ କରିବା ସମ୍ଭବ ହୁଏ, ତେବେ ତାହା କରିବେ, ନହେଲେ ସାହାଯ୍ୟ ଚାହେଁନାହିଁ ।" ଯଦିବା ସୁଶୀଲ ଚନ୍ଦ୍ର ଏକଥା କହିଲେ—କିନ୍ତୁ ତାଙ୍କର ମାନସିକ ଅବସ୍ଥା ସହଜରେ ଅନୁମେୟ । ଉଠି ଆସିବା ସମୟରେ ତାଙ୍କୁ କହିଲେ—"ଆପଣ ସାହାଯ୍ୟ କରି ପାରିବେ କି ନାହିଁ ତାର ଉତ୍ତର ମୁଁ ବର୍ତ୍ତମାନ ଚାହୁଁନାହିଁ— ଦୁଇଦିନ ପରେ ପୁଣି ମୁଁ ଆପଣଙ୍କସହ ସାକ୍ଷାତ କରିବି" ।

ଦୁଇଦିନ ପରେ ପୁଣି ତାଙ୍କ ପାଖକୁ ଗଲେ । ସେତେବେଳେ ସେ ହସି କହିଲେ— ଆପଣଙ୍କ କଥା ଚିନ୍ତା କରି ମୋ ମୁଣ୍ଡକୁ ଗୋଟିଏ ବୁଦ୍ଧି ଆସିଛି— ତାହାଦ୍ୱାରା ହୁଏତ ଆପଣଙ୍କ କାମ ହୋଇ ଯାଇପାରେ । ଅପଣଙ୍କୁ ପୂର୍ବରୁ କହିଛି ଯେ ଷ୍ଟେଟର ଟଙ୍କା ବାହାରର କୌଣସି ବିଷୟରେ ଖର୍ଚ୍ଚ କରିବାର ନିୟମ ନାହିଁ । କିନ୍ତୁ 'ଗଜମାତା ଫଣ୍ଡ' ବୋଲି ଗୋଟିଏ ଫଣ୍ଡ (ପାର୍ଟି) ଅଛି । ତାର ଅର୍ଥ ଧର୍ମକାର୍ଯରେ ବ୍ୟୟିତ ହୁଏ ଏବଂ ତାହା ନିୟନ୍ତ୍ରିତ ହୁଏ, ଦେଓ୍ୱାନ ବାହାଦୂରଙ୍କ ଦ୍ୱାରା । କିନ୍ତୁ ପ୍ରଧାନମନ୍ତ୍ରୀ ହୋଇ ଦେଓ୍ୱାନ ବାହାଦୂରଙ୍କୁ ଏ ବିଷୟରେ ଅନୁରୋଧ କରିବା ମୋର ପଦମର୍ଯାଦାରେ ବାଧେ ।

Scanned by CamScanner

ସୁଶୀଲ ଚନ୍ଦ୍ର କହିଲେ— ଆପଣ କାହିଁକି ମୋ ପାଇଁ ଦେଓ୍ୱାନ୍-ବାହାଦୁରଙ୍କୁ ଅନୁରୋଧ କରିବାକୁ ଯିବେ ? ଆପଣ ଆପଣଙ୍କର ଚିଫ୍ ସେକ୍ରେଟାରୀଙ୍କୁ କୁହନ୍ତୁ ...

He will manage it for you !

ସେ ସ୍ୱସ୍ତିରେ ନିଶ୍ୱାସ ମାରି କହିଲେ—ହଁ ଠିକ୍‌ହିଁ କହିଛନ୍ତି । ସେତେବେଳେ ସେ ଚିଫ୍ ସେକ୍ରେଟାରୀଙ୍କୁ ଫୋନ କରି ସୁଶୀଲଚନ୍ଦ୍ରଙ୍କ ବିଷୟରେ କହିଲେ । ଦେଓ୍ୱାନ୍ ବାହାଦୁରଙ୍କଠାରୁ ସେ ଯେପରି ସାହାଯ୍ୟ ପାଇ ପାରନ୍ତି ସେ ସମ୍ବନ୍ଧରେ ବ୍ୟବସ୍ଥା କରିବାକୁ କହିଦେଲେ । 'ବୋସ୍ ତୁମ ସହିତ ଦେଖା କରିବେ'—ଏହାକହି ସୁଶୀଲଚନ୍ଦ୍ରଙ୍କୁ ତାଙ୍କ ପାଖକୁ ପଠାଇଲେ ।

ସେତେବେଳେ ରମଚନ୍ଦ୍ର ବାଗ୍ ଚିଫ୍ ସେକ୍ରେଟାରୀ ଥିଲେ—ପରେ ସେ କାଶ୍ମୀରର ପ୍ରଧାନମନ୍ତ୍ରୀ ହେଲେ । ଚିଫ୍ ସେକ୍ରେଟାରୀ ଦେଓ୍ୱାନ ବାହାଦୁରଙ୍କୁ ଫୋନ କରି ସୁଶୀଲଚନ୍ଦ୍ରଙ୍କ ସମ୍ବନ୍ଧରେ କହିଲେ ଏବଂ ଜଣାଇଲେ, ଯେ ସୁଶୀଲଚନ୍ଦ୍ରଙ୍କୁ ସେ ସାହାଯ୍ୟ କରିଲେ ପ୍ରଧାନମନ୍ତ୍ରୀ ଖୁସୀ ହେବେ ।

ଦେଓ୍ୱାନ୍ ବାହାଦୁରଙ୍କ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ପାଖରେ ଗୋଟିଏ କାମ ଥିଲା— ସେ ମଧ୍ୟ ଚିଫ୍ ସେକ୍ରେଟାରୀଙ୍କୁ କହିଲେ— ତାଙ୍କ କାମଟିକୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ କହି ସେ କରାଇ ଦେବାକୁ ।

ଚିଫ୍ ସେକ୍ରେଟାରୀ କହିଲେ—ହଁ, ସେ ତାହା ଆନନ୍ଦର ସହିତ କରିଦେବେ ।

ଦେଓ୍ୱାନ ବାହାବକୁ ବାହାରି ଆସିବାରୁ ସୁଶୀଲଚନ୍ଦ୍ର କହିଲେ ଯେ, ଟଙ୍କା ସେ ନିଜେ ନେବାକୁ ଯାଉଁନ୍ତ ନାହିଁ, ମହା ମହୋପାଧ୍ୟାୟ ଗଜ ପଣ୍ଡିତଙ୍କ ପାଖରୁ ହିସାବ ନେଇ, ପଣ୍ଡିତମାନଙ୍କର ପ୍ରାପ୍ୟ ଟଙ୍କା ତାଙ୍କରି ହାତରେହିଁ ଦେଇଦେବାକୁ ତାଙ୍କୁ କହିଲେ ।

Scanned by CamScanner

ତାହାପରେ ଦେଓ୍ବାନ ବାହାଦୁର ପଣ୍ଡିତ ମାନଙ୍କ ପାଖରୁ ଦିପାବ ନେଇ ଝଙ୍କା ପରିଶୋଧ କରି ସୁଶୀଲ ଚନ୍ଦ୍ରଙ୍କୁ ଏତେ ବଡ ବିପଦ ଦାୟୀତ୍ୱରୁ ମୁକ୍ତ କଲେ । ଏହିପରି ଉତ୍ତରେ କାଶ୍ମୀରରେ 'ଭୃଗୁ ସଂହିତା' ସଂଗ୍ରହର ପରିସମାପ୍ତି ଘଟିଲା ।

କାଶ୍ମୀରରୁ ଭୃଗୁ ସଂହିତାର ପାଣ୍ଡୁଲିପି ନେଇ ସେ ଆସି ଆଶ୍ରମରେ ପହଞ୍ଚିଲେ ।

"ଜାତିସ୍ମର କଥା" ସମ୍ବନ୍ଧରେ

କର୍ମଯୋଗୀ ସୁଶୀଲ ଚନ୍ଦ୍ର ବସୁ ପୁର୍ନଜନ୍ମ ସଂକ୍ରାନ୍ତୀୟ ନିଗୂଢ ତତ୍ତ୍ୱକୁ ନାନା ଉକ୍ଷ୍ ଦୃଷ୍ଟାନ୍ତ ଓ ଅକାଟ୍ୟ ତଥ୍ୟ ଦ୍ୱାରା ତାଙ୍କ "ଜାତିସ୍ମର କଥା" ପୁସ୍ତକରେ ସାବ୍ୟସ୍ତ କରିଛନ୍ତି ତାହା ଜୀବନ-ବର୍ଦ୍ଧନ-ପ୍ରୟାସୀ ପ୍ରତ୍ୟେକ ନରନାରୀଙ୍କ ଅବଶ୍ୟ ଜ୍ଞାତବ୍ୟ ।

ଜନ୍ମାନ୍ତର ରୂପକ ସାରଣୀର ଆଶ୍ରୟ ଅବଲମ୍ବନ କରି ମନୁଷ୍ୟକୁ ପାହାଚ ପାହାଚ କରି ଅଗ୍ରସର ହେବାକୁ ପଡେ । ଏ ଜନ୍ମରେ ମନୁଷ୍ୟ କ୍ରମବିକାଶର ଯେଉଁ ସ୍ତରରେ ପହଞ୍ଚେ, ସେହି ଉନ୍ନତ ସଂସ୍କାର ରୂପେ ତା ମଧ୍ୟରେ ରକ୍ଷିତ ହୁଏ ଏବଂ ପରଜନ୍ମରେ ସେ ସେହି ସଂସ୍କାରର ଅଧିକାରୀ ହୋଇ ଜନ୍ମଗ୍ରହଣ କରେ—ଏହି ପ୍ରକାରରେ ଜୀବ ଜନ୍ମ ପରେ ଜନ୍ମଗ୍ରହଣ କରି ଉନ୍ନତି ପଥରେ ଅଗ୍ରସର ହେଉଥାଏ ।

ସାଧନା ଦ୍ୱାରାହିଁ ଜାତିସ୍ମରତ୍ୱ ଲାଭ କରଯାଇଥାଏ । ଜାତିସ୍ମରତା—(ମନୁଷ୍ୟର ମୃତ୍ୟୁଭେଦୀ ସ୍ମରଣ ଶକ୍ତି) ଲାଭର ଉପାୟ ସମ୍ବନ୍ଧରେ ମଧ୍ୟ ଶ୍ରୀ ଶ୍ରୀ ଠାକୁର ବିଭିନ୍ନ ସ୍ଥାନରେ ଉପଦେଶମାନ ଦେଇଛନ୍ତି । ଜାତିସ୍ମରତ୍ୱ ଦେଶ ଓ କାଳଦ୍ୱାରା ସୀମିତ ନୁହେଁ । ସୁଶୀଲଚନ୍ଦ୍ର ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ଭାରତର ବିଭିନ୍ନ ପ୍ରଦେଶରେ ଏହିଭଳି ଜାତିସ୍ମର ଶିଶୁଙ୍କ

Scanned by CamScanner

ସଂସ୍ପର୍ଶରେ ଆସିଛନ୍ତି ଏବଂ ସେମାନଙ୍କ ପ୍ରଦତ୍ତ ବିବରଣୀର ସତ୍ୟତା ପରୀକ୍ଷା କରିଛନ୍ତି । ଜନ୍ମାନ୍ତରର ପ୍ରତ୍ୟକ୍ଷ ପ୍ରମାଣ ସ୍ୱରୂପ କେତୋଟି ଜାତିସ୍ମର ଶିଶୁଙ୍କର ପ୍ରକୃତ ବିବରଣ "ଜାତିସ୍ମର କଥା" ପୁସ୍ତକରେ ପ୍ରକାଶ ପାଇଛି । ସେହି ପୁସ୍ତକଟିକୁ ଯଦି ପାଠକବର୍ଗ ପାଠ କରିବେ ତେବେ ସେ ସମ୍ବନ୍ଧରେ ସମସ୍ତ କଥା ଜାଣିପାରିବେ । ପାଠକ ପାଠିକାଙ୍କ ଅବଗତି ନିମନ୍ତେ ଏଠାରେ ଉକ୍ତ ପୁସ୍ତକରୁ କେବଳ ଗୋଟିଏ ବିବରଣୀ ଉଦ୍ଧୃତ କରଯାଉଛି ।

ଅନେକଦିନ ତଳର କଥା । ଆଜିଠାରୁ ପ୍ରାୟ ୨୯ ବର୍ଷ ପୂର୍ବେ ୧୯୩୯ ମସିହାରେ ପାବନା ସତ୍‌ସଙ୍ଗ ଆଶ୍ରମରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ମୃତ୍ୟୁ, ପରଲୋକ—ଅର୍ଥାତ୍ ମୃତ୍ୟୁପରେ ମଣିଷ କେଉଁଠାକୁ ଯାଏ, ପୁନରୟ ଧରା-ଧାମକୁ ଫେରିଆସେ କି ନା; ଜନ୍ମାନ୍ତର କ'ଣ ସତ୍ୟ ? ଯଦି ସତ୍ୟହୁଏ, ତାର ପ୍ରତ୍ୟକ୍ଷ ପ୍ରମାଣ ବା କଅଣ—ଇତ୍ୟାଦି ବିଷୟରେ ଆଲୋଚନା ହେଉଥାଏ । କଥା ପ୍ରସଙ୍ଗରେ ଦିନେ ସେ କହିଲେ ଯେ, ମଝିରେ ମଝିରେ ସମ୍ବାଦପତ୍ରରେ ଯେଉଁମାନଙ୍କର ପୂର୍ବ ଜୀବନର ଘଟଣାବଳୀ ସ୍ମରଣ ଅଛି ଏଭଳି ଜାତିସ୍ମର ଶିଶୁଙ୍କ କଥା ପ୍ରକାଶିତ ହୁଏ । ସେମାନଙ୍କ ପ୍ରଦତ୍ତ ବିବରଣ ଯଥାର୍ଥ କି ନୁହେଁ ତାହା ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ନେଇ ପୁଙ୍ଖାନୁପୁଙ୍ଖ ରୂପେ ଅନୁସନ୍ଧାନ କରି ଦେଖିବା ଆବଶ୍ୟକ । ଯଦି ସେମାନଙ୍କ ପ୍ରଦତ୍ତ ବିବରଣ ସତ୍ୟ ହୁଏ ତାହା ହେଲେ ତାହାହିଁ ହେବ ଜନ୍ମାନ୍ତରର ପ୍ରତ୍ୟକ୍ଷ ପ୍ରମାଣ ।

ସେଦିନ ଥିଲା ଜୁନ୍ ମାସର ସାତ ତାରିଖ । ସେହିଦିନ ସେ ମୋ ଉପରେ ଏ ସମ୍ବନ୍ଧରେ ତଥ୍ୟାଦି ଅନୁସନ୍ଧାନ କରି ଦେଖିବାର ଦାୟୀତ୍ୱ ଅର୍ପଣ କଲେ ଏବଂ ନିମ୍ନଲିଖିତ ବାଣୀଟି ସ୍ୱହସ୍ତରେ ଗୋଟିଏ ଖାତାରେ ଲେଖି ମୋତେ ଖାତାଟି ଦେଲେ ।

"ଅନବିଚ୍ଛିନ୍ନ ସ୍ମୃତିବାହୀ ଚେତନା ଯାହା ଅମରଣକୁ ପ୍ରତିଷ୍ଠା କରି ମଣିଷକୁ ବାସ୍ତବ ଭବରେ ଅମର କରି ତୋଳିପାରେ—ତାହାରି ଅନିସନ୍ଧିତ୍ସୁ ହେଉଛୁ ଏଇ ଆମ୍ଭେମାନେ, ଏହି ଆର୍ଯ୍ୟଜାତି— ଏହାରି ଭିତର ଦେଇ ଆମ୍ଭେମାନେ ଅନନ୍ତକୁ ସ୍ପର୍ଶ କରି ଉପଭୋଗ କରିବ କୁ ଯୁଝୁଁ" ।

Scanned by CamScanner

ମନେ ପଡୁଛି, ପର ଲୋକଗତ : ଭୂଦେବ ମୁଖୋପାଧ୍ୟାୟ ମହାଶୟଙ୍କର ଗୋଟିଏ ପ୍ରବନ୍ଧରେ ପଢିଥିଲି, "ଏଇ ଗୋଟିକ ଏକମାତ୍ର ଦେଶ ଯେଉଁଠି ମଣିଷ କପର୍ଦ୍ଦକ ମାତ୍ର ନନେଇ ସାଗ ଭରତ ପରିଭ୍ରମଣ କରି ଆସି-ପାରେ" । ଜାତିସ୍ମର ସନ୍ଧାନ ଉପଲକ୍ଷରେ ମୋର ଭରତ-ଭ୍ରମଣର ଅଭିଜ୍ଞତା ତାଙ୍କର ଉକ୍ତିକୁ ନିଶ୍ଚୟ ସମର୍ଥନ କରେ ।

ତାଙ୍କରି ଆଦେଶ ସାନନ୍ଦଚିତ୍ତରେ ଶିରୋଧାର୍ଯ୍ୟ କରି ୧୯୫୯ ମସିହା ଜୁନ ୧୧ ତାରିଖରେ ପାବନା ଆଶ୍ରମରୁ ବାହାରି ପଡିଲି । ଯାତ୍ରା ପୂର୍ବରୁ ଲୋକଙ୍କ ମୁଖରୁ ଜାଣି ପାରିଲି ଯେ ଦିଲ୍ଲୀରେ ସେହିଭଳି ଜାତିସ୍ମର ବାଳିକା ଅଛି । ତେଣୁ ଦିଲ୍ଲୀ ଅଭିମୁଖେ ଯାତ୍ରା କଲି ଏବଂ ଜୁନ ୧୬ ତାରିଖରେ ଦିଲ୍ଲୀର ଟିମାରପୁର ଅଞ୍ଚଳରେ ମୋର ଜଣେ ପରିଚିତ ବନ୍ଧୁଙ୍କ ଗୃହରେ ଅତିଥି ହେଲି ।

କିନ୍ତୁ ବାଳିକାଟିର ନାମ କ'ଣ ତାର ବାସସ୍ଥାନ କେଉଁଠି ଇତ୍ୟାଦି କୌଣସି କଥା ମୋତେ ଜଣା ନଥିଲା । ପରଦିନଠାରୁ ଅନୁସନ୍ଧାନରେ ବ୍ୟାପୃତ ହେଲି । ବୁଲୁ ବୁଲୁ ସୀତାରମ ବଜାରର ପ୍ରସିଦ୍ଧ କବିରାଜ ପଣ୍ଡିତ ଘନାନନ୍ଦ ପନ୍ତଜୀଙ୍କ ସହିତ ପରିଚିତ ହେଲି । ତାଙ୍କ ନିକଟରୁ ଜାଣିପାରିଲି ଯେ, ସେ ପତିରମ ଗଳିର ବାରିଷ୍ଟର ବାବୁ ଶ୍ରୀରମଙ୍କ ନିକଟରୁ ଗୋଟିଏ ଜାତିସ୍ମର ବାଳିକାର ବିଷୟ ଶୁଣିଛନ୍ତି ଏବଂ ବାରିଷ୍ଟର ମହୋଦୟ ସ୍ୱୟଂ ଏହି ବାଳିକା ସମ୍ବନ୍ଧରେ ବିଶେଷ ଭାବରେ ସନ୍ଧାନ ନେଇଛନ୍ତି । ପନ୍ତଜୀଙ୍କ ନିକଟରୁ ଏହି ସମ୍ବାଦ ପାଇ ବାବୁ ଶ୍ରୀରମଙ୍କ ନିକଟରେ ଉପସ୍ଥିତ ହେଲି । ତାଙ୍କଠାରୁ ଝିଅଟିର ସମସ୍ତ ତଥ୍ୟ ସଂଗ୍ରହ କରି ତାହାର ଜନ୍ମସ୍ଥାନ ଉତ୍ତର-ପ୍ରଦେଶର ହରଦୋଇ ଜିଲ୍ଲାନ୍ତର୍ଗତ ଭଦୂର ସାପାହା ଗ୍ରାମକୁ ଯିବା ପାଇଁ ପ୍ରସ୍ତୁତ ହେଲି ।

ପରଦିନ ହରଦୋଇ ଅଭିମୁଖରେ ଯାତ୍ରା କରିବା ପୂର୍ବରୁ ପ୍ରାତଃକାଳରେ କବିରାଜ ଘନାନନ୍ଦ ପନ୍ତଜୀଙ୍କ ସହିତ ଦେଖା କରିବାକୁ ଯାଇ ଶୁଣିଲି ଯେ ସେହି ବାଳିକାଟି ତାର ପିତାସହ ଦିଲ୍ଲୀ ଆସି ପତିରମ ଗଳିରେ ବେରୀଓ୍ୱାଲୀ ଧର୍ମଶାଳାରେ ଅବସ୍ଥାନ କରୁଅଛି, ଶୀଘ୍ର ଦିଲ୍ଲୀରୁ ଅନ୍ୟତ୍ର ଚାଲିଯିବ ।

Scanned by CamScanner

ତାଙ୍କ କଥା ଶୁଣି ତତ୍‌କ୍ଷଣାତ ତାଙ୍କୁ ସଙ୍ଗରେ ନେଇ ବେରୀଓ୍ୟାଲୀ ଧର୍ମଶାଳାରେ ଉପସ୍ଥିତ ହେଲି । ଧର୍ମଶାଳାର ଦ୍ୱିତଳସ୍ଥ ଏକ କକ୍ଷରେ ଝିଅଟି ସହିତ ଦେଖା ହେଲା । ଝିଅଟି ଦେଖିବାକୁ ବେଶ୍ ସୁଶ୍ରୀ ଓ ଖୁବ୍ ବୁଦ୍ଧିମତୀ ବୋଲି ମନେ ହେଲା । ବୟସ ଅନୁମାନ ୮/୯ ବର୍ଷ ହେବ । ବାଳିକାଟିର ପିତା ଶ୍ୟାମଳ ସିଂହଜୀଙ୍କ ସହିତ ମଧ୍ୟ ପରିଚୟ ହେଲା, ମୁଁ କେଉଁଠାରୁ ଆସିଛି ଏବଂ କି ଉଦ୍ଦେଶ୍ୟରେ ତାଙ୍କ ସହିତ ସାକ୍ଷାତ କରିବାକୁ ଆସିଛି ତାହା ତାଙ୍କୁ ସବିସ୍ତାରରେ ଜଣାଇଲି । ତହୁଁ ସିଂହଜୀ ଝିଅଟିକୁ ଡାକି ପାଖରେ ବସାଇଲେ ଏବଂ ମୋର ଆଗମନର ଉଦ୍ଦେଶ୍ୟ ତାକୁ ଜଣାଇ କହିଲେ "ବାବୁଜୀ ତୁମକୁ କେତୋଟି ପ୍ରଶ୍ନ କରିବାକୁ ଚାହାଁନ୍ତି, ତୁମେ ସେଗୁଡିକର ଯଥାଯଥ ଉତ୍ତର ଦେବ" ।

ତା'ପରେ ଝିଅଟି ସହିତ ନିମ୍ନଲିଖିତ ବାକ୍ୟାଳାପ ହେଲା—

ପ୍ର— ତୁନର ନାମ କ'ଣ ?

ଉ— ଶ୍ରୀମତୀ ରମାଦେବୀ ।

ପ୍ର— ତୁମର କୁଆଡେ ପୂର୍ବ ଜନ୍ମର କଥା ସ୍ମରଣ ଅଛି ?

ଉ— ହଁ, କିଛି କିଛି ମନେ ଅଛି ।

ପ୍ର— କି କି ବିଷୟ ସ୍ମରଣ ଅଛି ?

ଉ— ପୂର୍ବ ଜୀବନରେ ମୋର ନାମ ଥିଲା ରୂପକୁମାରୀ । ମୋର ପିତାଙ୍କ ନାମ ଥିଲା ବାବୁ ବେଣୀ ମାଧବ ଗୋପୀନାଥ ମିଶ୍ର । ଲକ୍ଷ୍ମୀପୁର ଜିଲ୍ଲାର ସୈଦାପୁର ସରଇ ଗ୍ରାମରେ ଆମର ବାସସ୍ଥାନ ଥିଲା । ମୁଁ ଗତ ଜୀବନରେ କଲେରା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପତିତ ହୋଇଥିଲି ।

ପ୍ର—ପୂର୍ବ ଜୀବନରେ ତୁମେ କେଉଁ କେଉଁ ଧର୍ମଗ୍ରନ୍ଥ ପାଠ କରିଥିଲା ତାହା ତୁମର ମନେଅଛି କି ?

ଉ—ବେଦ, ଉପନିଷଦାବଳୀ, ଗୀତା, ରାମାୟଣ, ମନୁ ସଂହିତା ବିଶେଷ ଭାବରେ ପଢିଥିଲି ।

ପ୍ର—ତୁମେ ଯାହା ପଢିଥିଲ ସେ ସବୁ ତୁମର ମନେଅଛି କି ?

Scanned by CamScanner

ଉ—ବିଶେଷ ଭବରେ ଯାହା ପଢିଥିଲି ସେସବୁ ମନେଅଛି । ଆଉ ଅନ୍ୟାନ୍ୟ ଅଂଶ ବା ବିଷୟ ସବୁ ମନେ ନଥିଲେ ମଧ୍ୟ ଟିକିଏ ସ୍ମରଣ କଘଇ ଦେଲେ ସବୁ ମନେ ପଡିଯାଏ ।

ପ୍ର—ପୂର୍ବ ଜୀବନରେ ତୁମକୁ କିଏ ଏ ସବୁ ଧର୍ମଗ୍ରନ୍ଥ ପଢାଇ ଥିଲେ ?

ଉ— ମୋର ପିତାମହ ବିଖ୍ୟାତ ପଣ୍ଡିତ ଥିଲେ, ସେ ମୋତେ ପଢାଇଥିଲେ ।

ପ୍ର— ଆଚ୍ଛା' ତୁମେତ ପୂର୍ବ ଜୀବନରେ ଧର୍ମଗ୍ରନ୍ଥାଦି ଖୁବ୍ ଅଧ୍ୟାୟନ କରୁଥିଲ ପୂଜା-ଅର୍ଚ୍ଚନା ବା ସାଧନା କରୁଥିଲ କି ?

ଉ— ତୁଳସୀ ଜୀଙ୍କର ପୂଜା କରୁଥିଲି ।

ଏଥି ଉତ୍ତାରୁ ଝିଅଟି ସହିତ—କେବଳ ଅଧ୍ୟୟନରେ କିଛି ହୁଏନା, ଜୀବନରେ ସାଧନାର ପ୍ରୟୋଜନ ଅଛି; ସଦ୍‌ଗୁରୁ ଦରକାର, ଏଇସବୁ ବିଷୟରେ ଆଲୋଚନା ହେଲା । ଝିଅଟିକୁ ପୁଣି ଜିଜ୍ଞାସା କଲି—

ପ୍ର— ପୂର୍ବ ଜୀବନରେ ତୁମେ ତ ବ୍ରାହ୍ମଣ ବଂଶରେ ଜନ୍ମଗ୍ରହଣ କରିଥିଲ । ଏ ଜୀବନରେ ଛତ୍ରୀ ବଂଶରେ ଜନ୍ମ ହେଲ କାହିଁକି ?

ଉ— ବୋଧହୁଏ କୌଣସି ଦୋଷ କରିଥିବି । ମୋର ତ ସ୍ମରଣ ହୁଏନା ଯେ ମୁଁ କୌଣସି ଦୋଷ କରିଥିଲି ।

ପ୍ର— ଜାତିସ୍ମରତ୍ୱ ବା ପୂର୍ବ ଜୀବନର କଥା ସାଧାରଣତଃ କାହାରି ମନେ ରହେନା, ତୁମର ପୂର୍ବ ଜୀବନର କଥା କିପରି ମନେ ରହିଲ କହି ପାରିବ କି ?

ଉ— କାହିଁକି ମୋର ମନେ ରହିଲ ତାହା କହିପାରିବି ନାହିଁ ।

ତାପରେ ଝିଅଟିର ପିତା ଶ୍ରୀଯୁକ୍ତ ଶ୍ୟାମଳ ସଂଘଜୀଙ୍କ ସହିତ ତା' ସମ୍ବନ୍ଧରେ ଆଳାପ ହେଲା । ସେ କହିଲେ, ଝିଅଟିର ବୟସ ଯେତେବେଳେ ଛଅ ମାସ, ସେତେବେଳେ ସେ କାନ୍ଦଲେ ରମାୟଣର ଶ୍ଲୋକ ଆବୃତି କଲ୍ ମାତ୍ରକେ ଚୁପ୍ ହୋଇ ଯାଉଥିଲା— ଏହା ଲକ୍ଷ୍ୟ କରୁଥିଲି । ଅଢେଇ ବର୍ଷ ବେଳେ ଯେତେବେଳେ ସେ କଥା କହିବାକୁ ଆରମ୍ଭ କଲ, ସେତେବେଳେ ସେ କ୍ରମଶଃ ପ୍ରକାଶ କରିବାକୁ ଲାଗିଲା, ଅମୁକ ଗ୍ରାମରେ ମୋର ଘର, ମୋର

ପିତାଙ୍କ ନାମ ଅମୁକ ଇତ୍ୟାଦି । ଆମେ ତାକୁ ଏସବୁ କଥା କହିବାକୁ ନିଷେଧ କରୁଥାଉଁ ଏବଂ କହୁଥାଉ ଯେ, ସେଭଳି କଥା କହିବା ଖୁବ୍ ଦୋଷର କଥା ଏବଂ ମଝିରେ ମଝିରେ ଖୁବ୍ ଶାସନ ମଧ୍ୟ କରୁଥିଲୁ, କିନ୍ତୁ ସେ ତାର ଇଚ୍ଛାନୁଯାୟୀ ସମୟ ସମୟରେ ପୂର୍ବ ଜୀବନର କଥା କହି ଯାଉଥିଲା । ପିତାଙ୍କୁ ପୁନରୁଦ୍ଧ ପ୍ରଶ୍ନ କଲି—

ପ୍ର— ବାଳିକା ରମାଦେବୀ ତାର ପୂର୍ବ ଜୀବନ ସମ୍ବନ୍ଧରେ ଯାହା କହିଛି, ଆପଣ ନିଜେ ବା ଅପର କେହି ତାହାର ସତ୍ୟତା ସମ୍ବନ୍ଧରେ ପରୀକ୍ଷା କରିଛନ୍ତି କି ?

ଉ— ଲକ୍ଷ୍ନୌର ଖେରୀର ଓୟେଲ୍‌ରଜ ରାଜା ସାହେବ ଭୁବନଲାଲ (ଏ ମହାଶୟ Govt. of Indiaର Council of Stateର ମେମ୍ବର) ଏବଂ ଉକ୍ତ ସହରର ବିଖ୍ୟାତ ସେଠ ବାବୁ ରମସ୍ୱରୂପ ଲକ୍ଷ୍ନୌର ସହରରେ ଗୋଟିଏ କୀର୍ତ୍ତନ ସଭାର ଆୟୋଜନ କରି ରମଦେବୀଙ୍କୁ କୀର୍ତ୍ତନ କରିବାକୁ ନିମନ୍ତ୍ରଣ କରିଥିଲେ । ସଭାରେ ବହୁଲୋକ—ସ୍ତ୍ରୀ ଓ ପୁରୁଷ ସମବେତ ହୋଇଥିଲେ । ରମଦେବୀର ପୂର୍ବଜୀବନର ପିତା, ମାତା, କକା, ଭଇ ପ୍ରଭୃତିଙ୍କୁ ରାଜାସାହେବ ଖବର ଦେଇ ଗୋପନରେ ଉକ୍ତ ସଭାକୁ ଅଣାଇଥିଲେ । କୀର୍ତ୍ତନ ଶେଷ ହେବା ପରେ ରମଦେବୀକୁ କୁହାଗଲା,—'ସମବେତ ସ୍ତ୍ରୀଲୋକମାନଙ୍କ ମଧ୍ୟରେ ତୁମର ପୂର୍ବଜୀବନର ମାତା, ଅଛନ୍ତି କି ନା ବାଛି ଚିହ୍ନଟ କର । ରମଦେବୀ ସମବେତ ମହିଳାମାନଙ୍କ ମଧ୍ୟରୁ ତା'ର ପୂର୍ବଜୀବନର ଜନନୀଙ୍କୁ ଚିହ୍ନଟ କଲା ଏବଂ ତାଙ୍କୁ ପ୍ରଣାମ କରି ତାଙ୍କ କ୍ରୋଡରେ ଉପବେଶନ କଲା-- ସମବେତ ଜନତା ଆନନ୍ଦରେ ହର୍ଷଧ୍ୱନି କରି ଉଠିଲେ । ତା'ପରେ ସେହି ସଭାରେହିଁ ଉକ୍ତ ପ୍ରକାରେ ସେ ତାହାର ପୂର୍ବଜୀବନର ପିତା, ଖୁଲ୍ଲତାତ ଏବଂ ଭ୍ରାତୃଦ୍ୱୟଙ୍କୁ ଚିହ୍ନି ବାହାର କଲା ।

ବାବୁ ଶ୍ୟାମଳ ସିଂହଜୀ କହିଲେ, ଝିଅଟିର ଶିକ୍ଷା ପାଇଁ ମୁଁ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରିପାରି ନାହିଁ । ଆଜିକୁ ମାତ୍ର କେଇଦିନ ହେଲା ଏହାକୁ ପଢାଇବା ପାଇଁ ଜଣେ ପଣ୍ଡିତଜୀଙ୍କୁ ନିଯୁକ୍ତି କରିଅଛି । ବର୍ଣ୍ଣ ପରିଚୟ (ହିନ୍ଦୀ) ହେବା ପୂର୍ବରୁ ସେ ହିନ୍ଦୀ ଓ ସଂସ୍କୃତରେ ଶୁଦ୍ଧ ଉଚ୍ଚାରଣ ସହ ରମାୟଣ ପ୍ରଭୃତି ପଢ ପାରୁଥିଲା । ଏହାପରେ ସିଂହଜୀ ରମଦେବୀର ଫଟୋ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ଦୈନିକ "ନ୍ୟାଶନାଲ ହେରଲ୍ଡ" ଓ

Scanned by CamScanner

ଦିଲ୍ଲୀରୁ ପ୍ରକାଶିତ ଦୈନିକ "ନ୍ୟାଶନାଲ କଲ୍" ପତ୍ରିକାରେ ବାଳିକାର ଯେ ବିବରଣ ପ୍ରକାଶିତ ହୋଇଥିଲା ତାହା ଦେଖାଇଲେ ।

ଚାଲିଆସିବା ପୂର୍ବରୁ ଝିଅଟିକୁ ପୁନରୟ କହିଲି, ତୁମକୁ ଆଉରି ଗୋଟିଏ ଦୁଇଟି ପ୍ରଶ୍ନ କରିବିକି ? ଝିଅଟି କହିଲା--ଅନାୟାସରେ କରିପାରନ୍ତି । ତହୁଁ ମୁଁ କହିଲି—ପୂର୍ବ ଜୀବନରେ ତୁମେ ତ ଉପନିଷଦ ସମୂହ ଭଲ ରୂପେ ପଢିଥିଲ; ଜନ୍ମାନ୍ତର-ବିଦ୍ୟା ସମ୍ବନ୍ଧରେ କେଉଁ କେଉଁ ପ୍ରାଚୀନ ଉପନିଷଦରେ ଉଲ୍ଲେଖ ଅଛି ସ୍ମରଣ କରି କହି ପାରିବ କି ?

ଉ— (ଟିକିଏ ରହିବା ପରେ) ହଁ, କହି ପାରିବି । ଛାନ୍ଦୋଗ୍ୟ ଓ ବୃହଦା-ରଣ୍ୟକ ଉପନିଷଦରେ ଏହାର ଉଲ୍ଲେଖ ଅଛି । ଜନ୍ମାନ୍ତର ବିଦ୍ୟାକୁ ପଞ୍ଚାଗ୍ନି ବିଦ୍ୟା କୁହାଯାଉଥିଲା । ଛାନ୍ଦୋଗ୍ୟ ଉପନିଷଦରେ ଉକ୍ତ ହୋଇଛି ଯେ, କ୍ଷତ୍ରିୟ ରଜା ପ୍ରବାହଣ ଜୈବଳିଙ୍କ ନିକଟକୁ ବ୍ରାହ୍ମଣ ଶ୍ୱେତକେତୁ ଏବଂ ତାଙ୍କ ପିତା ଆରୁଣି ଏହି ବିଦ୍ୟାଲାଭ ଉଦ୍ଦେଶ୍ୟରେ ଗମନ କରିବାରେ ରଜା ଆରୁଣିଙ୍କୁ କହିଥିଲେ—"ହେ ଗୌତମ, ଆପଣ ଯେଉଁ ବିଦ୍ୟା ମୋ ନିକଟରେ ପ୍ରାର୍ଥନା କଲେ ଆପଣଙ୍କ ପୂର୍ବେ କୌଣସି ବ୍ରାହ୍ମଣ ସେହି ବିଦ୍ୟାଲାଭ କରି ନାହାନ୍ତି ।" ପରେ ସେ ତାଙ୍କୁ ଏହି ପଞ୍ଚାଗ୍ନି ବିଦ୍ୟାର ଉପଦେଶ ଦାନ କରିଥିଲେ । ବୃହଦାରଣ୍ୟକର ଷଷ୍ଠ ଅଧ୍ୟାୟରେ ରଜର୍ଷି କହୁଛନ୍ତି— "ଇୟଂ ବିଦ୍ୟତେ ପୂର୍ବଂ ନ କସ୍ମିନ ବ୍ରାହ୍ମଣ ଉବାସ ତାଂ ତ୍ୱହଂ ତୁଭ୍ୟଂ ବକ୍ଷ୍ୟାମି ।" ମୁଁ କହିଲି, ତୁମର ଉତ୍ତର ଶୁଣି ବିଶେଷ ପ୍ରୀତ ହେଲି । ତୁମେ ଠିକ୍ କହିଛ, ସେକଥା ବୃହଦାରଣ୍ୟକର ଷଷ୍ଠ ଅଧ୍ୟାୟରେ ଅଛି । ପୁନରୟ ପ୍ରଶ୍ନ କଲି—

ପ୍ର—ତୁମର ମୃତ୍ୟୁ ମୁହୂର୍ତ୍ତର କୌଣସି ଘଟଣା ତୁମର କ'ଣ ମନେ ନାହିଁ ?

ଉ—(ଟିକିଏ ଚିନ୍ତାକରି) ମୁଁ ଯେ ସବୁ ଗ୍ରନ୍ଥ ଅଧ୍ୟୟନ କରୁଥିଲି । ସେଥିମଧ୍ୟରୁ କେତୋଟି ମୋ ଶଯ୍ୟା ପାର୍ଶ୍ୱରେ ରଖାଯାଇଥିଲା ।

ପ୍ର—ଆଚ୍ଛା, ମୃତ୍ୟୁର ଅବ୍ୟବହିତ ପରେ ତୁମର କ'ଣ ହେଲା ତାହା ତୁମର ମନେଅଛି କି ?

ଉ—ଏତିକି ମନେଅଛି ଯେ, ମୁଁ ଧଆଁ ପରି ଉପରକୁ ଉଠି ଯାଇଥିଲି ଏବଂ ପ୍ରାୟ ଛଅ ମାସ ପର୍ଯ୍ୟନ୍ତ ଖୁବ୍ ବୁଲିଥିଲି ।

Scanned by CamScanner

ଗେଟରେ 'ଫଟୋ ସର୍ଭିସ' ଦୋକାନକୁ ଚଲି । ରମଦେବୀ ଫଟୋ ନିଆଗଲା— ଦୋକାନୀ କହିଲା ଆସନ୍ତା କାଲି ଅପରାହ୍ନ ୪ଟାରେ ଆସି ଫଟୋ ନେଇଯିବେ । ପରଦିନ ଅପରାହ୍ନରେ ଦୋକାନରୁ ଫଟୋ ନେଇ ଖଣ୍ଡିଏ ଫଟୋ ରମ ଦେବୀକୁ ଦେଇ ଆସିଲି ଏବଂ କନ୍ୟା ଓ କନ୍ୟାର ପିତାଙ୍କଠାରୁ ସେଥର ପାଇଁ ବିଦାୟ ନେଇ ଆସିଲି । ସେମାନେ ମଧ୍ୟ ସେହିଦିନ ରାତିରେ ଦିଲ୍ଲୀ ତ୍ୟାଗ କରି ଅନ୍ୟତ୍ର ଚଲିଗଲେ ।

ରମଦେବୀର ପିତା ରମଦେବୀ ସମ୍ବନ୍ଧରେ ଯାହା ଯାହା କହିଥିଲେ ତାର ଯଥାର୍ଥତା ସମ୍ବନ୍ଧରେ ଜିଜ୍ଞାସା କରି ଓୟେଲ ରାଜର ରାଜା ଭୁବନଲାଲ ଏବଂ ଶେଠ ରମସ୍ୱରୂପଙ୍କୁ ଯେଉଁ ପତ୍ର ଲେଖିଥିଲି, ତାହାର ଉତ୍ତରରେ ରାଜା ଭୁବନଲାଲଙ୍କ ପୁତ୍ର ଯୁବରାଜ ଦତ୍ତ ସିଂ ଏବଂ ଶେଠ ରାମ ସ୍ୱରୂପଙ୍କ ପତ୍ର କିଛିଦିନ ପରେ ପାଇଥିଲି । ପତ୍ରରେ ସେମାନେ ରମଦେବୀଙ୍କ ପିତା ସମ୍ବନ୍ଧରେ ଯାହା କହିଥିଲେ ତାହା ସତ୍ୟ ବୋଲି ଜଣାଇଥିଲେ ।

ତଳେ ପତ୍ର ଦୁଇଖଣ୍ଡିର ଅବିକଳ ନକଲ ଦିଆଗଲା ଏହାର କିଛିଦିନ ପରେ ଲକ୍ଷ୍ମୀପୁର ଖେରୀକୁ ଯାଇ ସ୍ଥାନୀୟ ଲୋକଙ୍କଠାରୁ ବାଳିକାର ବିବୃତ୍ତିର ସତ୍ୟତା ସମ୍ବନ୍ଧରେ ପ୍ରକୃଷ୍ଟ ପ୍ରମାଣ ପାଇଛି ।

Oel & Kaimarch Raj
Oel, Dist. Kheri, Oudh

Qadim Kothi
P.O. Oel
R. K. R. (Oudh)
Dated : 29-7-39

Dear Sir,

Many thanks for your letter of 27th instant. I know the family members of Ram Devi, daughter of Babu Shyamal Singhji of Hardoi. Saidapur is a village in the Estate The account given by the girl is absolutely correct In her past life she was a resident of saidpur village, belonging to the family of

Scanned by CamScanner

Pandit Benimadhab Gopinath Mishra. I can assure you that tl e facts are quite correct.

I have personally met the girl and ascertained the facts and I am fully satisfied. She has great knowledge specially of the Ramayan and Gita and knows them by heart. She is devoted to God and in my opinion she is a wonderful girl that I have come accross. With best wishes.

Yours sincerly
Yuvaraj Dutta Singh
Laksmipur Kheri
29-7-39

Dear Sir,

Received your post card. Rama Devi Daughter of Sj Syamal Shinghji visited my place three months ago. Her previous father and mother were called from the village. She recognised them at my place and narrated the stories of her previous life which were accepted by the parents. I do appreciate the intelligence of the girl.

Your sincerely
Rama Sorup Sett.

Scanned by CamScanner

ମାନସତୀର୍ଥ ପରିକ୍ରମା ସମ୍ବନ୍ଧରେ

କର୍ମଯୋଗୀ ସୁଶୀଲ ଚନ୍ଦ୍ର ବସୁଙ୍କର ଲିଖିତ ସ୍ମୃତି କଥା ସମ୍ବଳିତ "ମାନସ ତୀର୍ଥ ପରିକ୍ରମା" ପୁସ୍ତକଟିରେ ଯାହା ଲେଖି ଯାଇଛନ୍ତି ତାହା ଅନେକାଂଶରେ ତାଙ୍କର ନିଜରହିଁ ପ୍ରତ୍ୟକ୍ଷ ଓ ବ୍ୟକ୍ତିଗତ ଅଭିଜ୍ଞତାର ଧାଗ ବିବରଣୀ, ଅନ୍ୟମାନଙ୍କଠାରୁ ସଂଗ୍ରହ କରିଥିବା ତଥ୍ୟର ସଂକଳନ ନୁହେଁ। ଆଉ ଗୋଟିଏ ବୈଶିଷ୍ଟ୍ୟ ଲକ୍ଷଣୀୟ ଯେ ଏଥିରେ ଶ୍ରୀ ଶ୍ରୀ ଠାକୁରଙ୍କର ମତବାଦ, ବାଣୀ ବା ଶିକ୍ଷା ପ୍ରସଙ୍ଗରେ ଆଦୌ ଆଲୋଚିତ ହୋଇନାହିଁ, କିନ୍ତୁ ଯେଉଁ ଗୁଣରେ ଆକୃଷ୍ଟ ହୋଇ ବିଭ୍ରାନ୍ତ ମନୁଷ୍ୟ ତାଙ୍କୁ ଏକାନ୍ତ ନିର୍ଭର-ଯୋଗ୍ୟ ଆଶ୍ରୟ ବୋଲି ଗ୍ରହଣ କରିଛି, ଶ୍ରୀ ଶ୍ରୀ ଠାକୁରଙ୍କର ସେହି ଅପାର କରୁଣା, କ୍ଷମା ଓ ଧୈର୍ଯ୍ୟର ଚିତ୍ରହିଁ ସେ ଏଥିରେ ଅଙ୍କିତ କରିଛନ୍ତି। 'ପରମ କାରୁଣିକ ଯିଏ, ତାଙ୍କୁହିଁ ହୃଦୟରେ ପ୍ରତିଷ୍ଠିତ କର, ତୁମର ନିଶ୍ଚଳା ବୁଦ୍ଧି ତାଙ୍କ ମତବାଦକୁ ଆଲିଙ୍ଗନ କରି ଧନ୍ୟ ହେବ— ଏହି ଇଙ୍ଗିତହିଁ ଯେପରି ତାଙ୍କରି ଏହି ଲେଖା ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି।

ରାଜସ୍ଥାନେର ପଥେ ଓ କଥା ପ୍ରସଙ୍ଗେ

ପୁସ୍ତକ ସମ୍ବନ୍ଧରେ ପଦେ—

କୈଶୋର ଅବସ୍ଥାରୁହିଁ ସୁଶୀଲ ଚନ୍ଦ୍ରଙ୍କର ଭ୍ରମଣ ଆରମ୍ଭ ହୁଏ। କିନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ଚରଣରେ ଶରଣ ନେବା ପରଠାରୁ ଭ୍ରମଣ ପରିଧି ଆହୁରି ବିସ୍ତାରଲାଭ କରେ। ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଦେଶିତ କାର୍ଯ୍ୟ ସମାପନ

Scanned by CamScanner

ଉଦ୍ଦେଶ୍ୟରେ ଭାରତର ଏକ ପ୍ରାନ୍ତରୁ ଅନ୍ୟ ଏକ ପ୍ରାନ୍ତ ପର୍ଯ୍ୟନ୍ତ—କାଶ୍ମୀରଠାରୁ କନ୍ୟାକୁମାରୀ, ଆଫଗାନ୍ ପ୍ରାନ୍ତରୁ ଆସାମର ପୂର୍ବ ପାର୍ବତ୍ୟ ପ୍ରାନ୍ତଭାଗ ପର୍ଯ୍ୟନ୍ତ ଏକାଧିକ ଥର ଘୂରି ଆସିବାକୁ ହୋଇଛି ।

ରାଜପୁତ ବୀର ପୁରୁଷ ଓ ବୀର ରମଣୀଙ୍କ କୀର୍ତ୍ତି-ବିଜଡିତ ରାଜସ୍ଥାନକୁ ପ୍ରତ୍ୟକ୍ଷ ଅନୁଭବ କରିବାର ବ୍ୟଗ୍ରତା ସୁଶୀଲଚନ୍ଦ୍ରଙ୍କୁ ଆହୁରି ଚଞ୍ଚଳ କରି ତୋଳିଲା; ତାହାଥିଲା ତାଙ୍କର କିଶୋର ସ୍ୱପ୍ନ, ଯୌବନରେ ବିସ୍ମୟ । ନିଜ ଆଖିରେ ସେହି ସ୍ୱପ୍ନଭୂମି ଦେଖିବେ, ନିଜର ମନ ଦେଇ ତାର ସ୍ୱର୍ଶ ସୁଖ ଅନୁଭବ କରିବେ, ତାହାହିଁ ଥିଲା ତାଙ୍କର ଅନ୍ତରର ଆକୂଳ ଆଗ୍ରହ—ତେଣୁ ପ୍ରାଣମଧ୍ୟରେ ଆନନ୍ଦର ଶିହରଣ ଅନୁଭବ କରିଥିଲେ । ଯେଉଁଦିନ ବୃନ୍ଦାବନରେ ଜୟପୁର-ନିବାସୀ ଜାୟଗୀରଦାର ଓ ଜୟପୁର ମହାରାଜଙ୍କର ଆତ୍ମୀୟ ଠାକୁର ହରି ସିଂ ତାଙ୍କୁ ନିଜର ଜନ୍ମଭୂମି ଜୟପୁର ଓ ରାଜସ୍ଥାନ ଦେଖିବାପାଇଁ ସାଦର ଆମନ୍ତ୍ରଣ ଜଣାଇଥିଲେ । ତାଙ୍କଠାରୁ ଆହୁରି ମଧ୍ୟ ଶୁଣିଥିଲେ ଯେ ଜୟପୁରର ମହକୁମା ଖାସ୍‌ର ସିନିୟର କ୍ଲାର୍କ ବାବୁ ଲକ୍ଷ୍ମୀନାରାୟଣ ଭର୍ଗବଙ୍କ ଜଣେ ପିଲା ଜାତିସ୍ମର । ତେଣୁ ଏହି ଉପଲକ୍ଷେ ଆହୁରି ମଧ୍ୟ ଶୁଣିଥିଲେ ଯେ ଜୟପୁର ମହାରାଜଙ୍କର ନିଜର ବ୍ୟକ୍ତିଗତ ଲାଇବ୍ରେରୀରେ ଅନେକ ପ୍ରାଚୀନ ହସ୍ତଲିଖିତ ପୋଥି ଅଛି । ସେ ସମୟରେ ସେ "ଭୃଗୁ ସଂହିତା" ନାମରେ ପ୍ରାଚୀନ ଜ୍ୟୋତିସ-ଶାସ୍ତ୍ର ହସ୍ତଲିଖିତ ପୋଥି ସଂଗ୍ରହ ପାଇଁ ବ୍ୟାପୃତ ଥିଲେ । ମନରେ ଭାବିଲେ; ଏହି ଉପଲକ୍ଷେ ହୁଏତ ତାହାର ସଂଗ୍ରହର ସୁଯୋଗ ମଧ୍ୟ ମିଳିଯିବ । ତେଣୁ ଠାକୁର-ସାହେବଙ୍କ ଆମନ୍ତ୍ରଣ ଆନନ୍ଦର ସହିତ ସ୍ୱୀକାର କରିନେଲେ । ରାଜସ୍ଥାନର ବିଭିନ୍ନ ସ୍ଥାନରେ ପରି-ଭ୍ରମଣ କରିବା ସଙ୍ଗେ ସଙ୍ଗେ ଶ୍ରୀ ଶ୍ରୀ ଠାକୁରଙ୍କ ନିର୍ଦ୍ଦେଶିତ କାର୍ଯ୍ୟ ମଧ୍ୟ ସୁସମ୍ପନ୍ନ କରିଲେ । ସେହି ସମସ୍ତ ଭ୍ରମଣ କାହାଣୀ ଲେଖିବାର କୌଣସି ଆଗ୍ରହ ନଥିଲେ ମଧ୍ୟ 'ଆଲୋଚନା' ସମ୍ପାଦକଙ୍କ ହାତରୁ ପରିତ୍ରାଣ ନପାଇ ଲେଖିବାକୁ ଆରମ୍ଭ କରିଲେ ଏବଂ ତାହା ପରେ 'ରାଜସ୍ଥାନେର ପଥେ'

Scanned by CamScanner

ନାମରେ ଏକ ବିଗତ ପୁସ୍ତକ ଆକାରରେ ପ୍ରକାଶିତ ହେଲା ୧୩୭୨ ସାଲ ଆଶ୍ୱିନ ମାସରେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀମୁଖ ନିଃସୃତ ନିଜ ଜୀବନରେ ଅନୁଭୂତ ଆଧ୍ୟାତ୍ମିକ ରଜ୍ୟର ନିଗୁଣ ଦର୍ଶନ ସମୂହର ଅପୂର୍ବ ଓ ବିଶଦ ବର୍ଣ୍ଣନା ପ୍ରକାଶିତ ହୋଇଥିବା ପୁସ୍ତକ 'କଥା ପ୍ରସଙ୍ଗେ' ୧ମ ଖଣ୍ଡ, ୨ୟ ଖଣ୍ଡ ଓ ୩ୟ ଖଣ୍ଡର ପ୍ରଶ୍ନକର୍ତ୍ତା ଓ ପାଦଟୀକା ସଂଯୋଜକ ମଧ୍ୟଥିଲେ ଏହି ଜର୍ମ-ଯୋଗୀ ସୁଶୀଲ ଚନ୍ଦ୍ର ବସୁ । ୧୩୪୨ ସାଲ ମାର୍ଗଶୀର ସଂକ୍ରାନ୍ତ ପାଖରୁ ୧୩୪୨ସାଲ ମାଘ ମାସ ୩ଦିନ ଶୁକ୍ରବାର ପର୍ଯ୍ୟନ୍ତ ଯେଉଁ ସମସ୍ତ ପ୍ରଶ୍ନ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଥିଲେ ତାହା ୧ମ ଖଣ୍ଡରେ ପ୍ରକାଶିତ ହୋଇଛି । ଏଥିରେ ଭକ୍ତି, ଭକ୍ତ, ବୃତ୍ତି, ଷଡରିପୁ, ସୁରତ (Libido) ବୀଜମନ୍ତ୍ର କଣ ? ଇତ୍ୟାଦି । ଦ୍ୱିତୀୟ ଖଣ୍ଡଟିରେ ୧୩୪୨ ସାଲ ମାଘ ୧୩ ଦିନ ସୋମବାରଠାରୁ ୧୩୪୨ ସାଲ ମାଘ ମାସ ୨୧ ଦିନ ମଙ୍ଗଳବାର ମଧ୍ୟରେ ପଚାରିଥିବା ବିଭିନ୍ନ ପ୍ରଶ୍ନ ଯଥା— ଅବତାରବାଦ, ସନ୍ନ୍ୟାସ, ପୁନର୍ଜନ୍ମବାଦ, ଜ୍ଞାନ-କର୍ମ ଭକ୍ତିର ସମନ୍ୱୟବାଦ, ବୈଦିକ ଧର୍ମ, ପ୍ରତିମା ପୂଜା, ଦୀକ୍ଷା ଗ୍ରହଣର ପ୍ରୟୋଜନୀ-ୟତା ପ୍ରଭୃତି ଭାରତୀୟ ଆର୍ଯ୍ୟ-ଧର୍ମର ବିଶେଷ ବିଶେଷ ପ୍ରଶ୍ନର ସମାଧାନମାନ ଦିଆଯାଇଛି । ତୃତୀୟଖଣ୍ଡଟି ୧୩୪୨ ସାଲ ମାଘ ୨୬ ଦିନ ରବିବାରଠାରୁ ଫାଲ୍ଗୁନ ୧୬ ଦିନ ଶନିବାର ପର୍ଯ୍ୟନ୍ତ ଯେଉଁ ସମସ୍ତ ପ୍ରଶ୍ନ ପଚାରିଥିଲେ ତାହା ଏହିଥିରେ ପ୍ରକାଶ ପାଇଛି ।

Scanned by CamScanner